ମାୟାକୋଭସ୍କି
କବିତା-ସଂଗ୍ରହ

ଅନୁବାଦକ :

ସଚ୍ଚିଦାନଂଦ ରାଉତରାୟ

Digitized by srujanika@gmail.com

ଅନୁବାଦକ :

ପଦ୍ମଶ୍ରୀ ସଚ୍ଚିଦାନଂଦ ରାଉତରାୟ

*

* *

MAYAKOVSKY KAVITA-SANGRAHA

(ORIYA TRANSLATION OF THE REPRESENTATIVE VERSES OF MAYAKOVSKY AND OF HIS AUTOBIOGRAPHY WITH A CRITICAL ESTIMATION OF HIS LIFE AND POETRY)

By

Padma-Shri Sachi Raut Roy

*

* *

॥ ପ୍ରକାଶକ : ଦାସ ବ୍ରଦର୍ସ ॥
ବ୍ରହ୍ମପୁର : କଟକ

•

॥ ଅଗଷ୍ଟ, ୧୯୬୫ ॥

•

॥ ମୂଲ୍ୟ : ଛଅ ଟଂକା ॥

•

Publisher : **DAS BROTHERS**
Berhampur : Cuttack-2

•

August, 1965

•

Price : Rs. 6.00

•
• •

ମୁଦ୍ରାକର : ଶ୍ରୀ ଉପେନ୍ଦ୍ରନାଥ ଷଡ଼ଂଗୀ
ସତ୍ୟବାଦୀ ପ୍ରେସ
କଟକ-୧

Digitized by srujanika@gmail.com

'୨୦ ବର୍ଷ' ପ୍ରଦର୍ଶନୀରେ ମାୟାକୋଭସ୍କି, ୧୯୩୦ ।

Digitized by srujanika@gmail.com

ମାୟାକୋଭସ୍କି
କବିତା-ସଂଗ୍ରହ

●

■ ॥ ଉ ପ ହା ର

Digitized by srujanika@gmail.com

ମୁଖବଂଧ

ନୂତନ ରୁଷିଆର ପ୍ରଧାନ ଗୀତିକାର ଭ୍ଲାଡିମିର ମାୟାକୋଭସ୍କିଂକ କାବ୍ୟକୃତି ଖାଲି ସୋଭିଏତ ରୁଷିଆ ନୁହେଁ, ସମଗ୍ର ପୃଥିବୀର ପ୍ରଗତିଶୀଳ ପାଠକ-ସମାଜରେ ଆଦୃତ । ମାତ୍ର ପରିତାପର ବିଷୟ, ତାଂକ କବିତାଗୁଡ଼ିକର ଅନୁବାଦ ଓଡ଼ିଆ ଭାଷା ତ ଦୂରର କଥା, ଇଂରାଜି ସମେତ ୟୁରୋପୀୟ ଭାଷାମାନଂକରେ ମଧ୍ୟ ସଂପୂର୍ଣ୍ଣରୂପେ ହୋଇପାରି ନାହିଁ । ୧୯୪୨ ଖ୍ରୀଷ୍ଟାବ୍ଦରେ ସର୍ବପ୍ରଥମେ ହାର୍ବାର୍ଟ ମାର୍ଶାଲ ମାୟାକୋଭସ୍କିଂକର କେତେକ ଗୁରୁତ୍ୱପୂର୍ଣ୍ଣ କବିତାର ଇଂରାଜି ଅନୁବାଦ "Mayakovsky and His Poetry" ନାମକ ଏକ ପୁସ୍ତକରେ ପ୍ରକାଶ କରଂତି । ତାଂକ ନିଜକୃତ ଅନୁବାଦ ଛଡ଼ା ଅନ୍ୟମାନେ କରିଥିବା ଇଂରାଜି ଅନୁବାଦଗୁଡ଼ିକୁ ମଧ୍ୟ ସେ ଏହି ପୁସ୍ତକରେ ସଂକଳନ କରଂତି । ଏହାହିଁ ଇଂରାଜିଭାଷୀ ଜଗତରେ ମାୟାକୋଭସ୍କିଂକର ପ୍ରଥମ ଆତ୍ମପ୍ରକାଶ । ୧୯୬୫ ଖ୍ରୀଷ୍ଟାବ୍ଦରେ ଉକ୍ତ ସଂକଳନର ଏକ ପରିବର୍ଦ୍ଧିତ ସଂସ୍କରଣ ପ୍ରକାଶ ପାଏ ।

ହାର୍ବାର୍ଟ ମାର୍ଶାଲଂକ ଦ୍ୱାରା ସଂକଳିତ ପୁସ୍ତକରୁ ମାୟାକୋଭସ୍କିଂକର ଅଧିକାଂଶ କବିତାଗୁଡ଼ିକର ମୁକ୍ତ ଓଡ଼ିଆ ଅନୁବାଦ କରି ମୁଁ "ମାୟାକୋଭସ୍କି କବିତା-ସଂଗ୍ରହ" ନାମରେ ପ୍ରକାଶ କରୁଛି । ମାୟାକୋଭସ୍କିଂକର ଅଧିକାଂଶ ବିଖ୍ୟାତ ତଥା ପ୍ରବନ୍ଧଧର୍ମୂଳକ କବିତାର ଓଡ଼ିଆ ଅନୁବାଦ ଶଂସିତ ପୁସ୍ତକରେ ଅଂତର୍ଭୁକ୍ତ କରାଯାଇଛି ।

ମାୟାକୋଭସ୍କିଂକ ଜୀବନଦର୍ଶନ ତଥା କବିପ୍ରତିଭାର ଏକ ମୂଲ୍ୟାଂକନ ମଧ୍ୟ ଏହି ପୁସ୍ତକରେ ସନ୍ନିବିଷ୍ଟ ହୋଇଛି । ତାଂକର ବୈପ୍ଳବିକ ଜୀବନର ପ୍ରଧାନ ପ୍ରଧାନ ଘଟନା ଏବଂ ତାଂକର ଆଭିମୁଖ୍ୟ ତଥା ପୂର୍ବଦୃଷ୍ଟି ଉପରେ ଆଲୋକପାତ କରିବା ହିଁ ଏହି ସମୀକ୍ଷାର ଲକ୍ଷ୍ୟ । ଏ କ୍ଷେତ୍ରରେ ହାର୍ବାର୍ଟ ମାର୍ଶାଲଂକଦ୍ୱାରା ଲିଖିତ ମାୟାକୋଭସ୍କିଂକ ଜୀବନବୃତ୍ତାଂତ ଏବଂ ସେମିୟନ୍ ଟ୍ରିଗୁବ୍‌ଂକଦ୍ୱାରା ଲିଖିତ "Mayakovsky Emerges" ପ୍ରଭୃତି ଲେଖା ଉପରେ ପ୍ରଧାନତଃ ନିର୍ଭର କରିବାକୁ ପଡ଼ିଛି ।

ମାୟାକୋଭସ୍କିଂକ କବିତାର ମୂଳ ଛଂଦ ତଥା ଆଂଗିକ ସଂଗେ ସମତା ରକ୍ଷା କରିବା ପାଇଁ ଓଡ଼ିଆ ଅନୁବାଦରେ ଯଥାସଂଭବ ଚେଷ୍ଟା କରାଯାଇଛି । କିଂତୁ ପଦ ଓ ଅକ୍ଷରର ସମତା ରକ୍ଷା କରିବା ସଂପୂର୍ଣ୍ଣ ଅସଂଭବ, ବିଶେଷତଃ ଓଡ଼ିଆ ଭାଷାଂତରରେ ।

Digitized by srujanika@gmail.com

ମାୟାକୋଭସ୍କିଙ୍କ 'ଆତ୍ମକଥା' ତାଙ୍କର ଆଉ ଏକ ଅନବଦ୍ୟ ସୃଷ୍ଟି । ତାଙ୍କ ଆତ୍ମଜୀବନୀର ଓଡ଼ିଆ ରୂପାନ୍ତର ହାବାର୍ଟ ମାର୍ଶାଲ-କୃତ ଇଂରାଜୀ ସଂକଳନରୁ କରାଯାଇ ଶଂସିତ ପୁସ୍ତକରେ ପ୍ରକାଶ କରାଯାଉଛି । ଆଶା, ଏହା ପାଠକମାନଙ୍କୁ ମାୟାକୋଭସ୍କିଙ୍କ କବିତାର ମର୍ମ ଉପଲବ୍ଧି କରିବା ଦିଗରେ ଏବଂ ତାଙ୍କର କର୍ମଚଂଚଳ ବହୁମୁଖୀ ପ୍ରତିଭାର ଦିଗ୍‌ଦର୍ଶନ ତଥା କ୍ରମପରିଣତି ସଂପର୍କରେ ଏକ ସ୍ପଷ୍ଟ ଧାରଣା ଦେବ ।

ନାନା କାରଣରୁ ଓଡ଼ିଆ ଭାଷାରେ ମାୟାକୋଭସ୍କିଙ୍କ କବିତାବଳୀର ଅନୁବାଦ ବହୁ ଦିନରୁ ପ୍ରକାଶ ପାଇବା ଅତ୍ୟାବଶ୍ୟକ ଥିଲା । ଆଧୁନିକ ଓଡ଼ିଆ କବିତାର ବହୁ ସମସ୍ୟା ସମାଧାନ କରିବା ଦିଗରେ ମାୟାକୋଭସ୍କି ନିଶ୍ଚୟ ପଥପ୍ରଦର୍ଶକ ରୂପେ ସାହାଯ୍ୟ କରିବେ ।

ମାୟାକୋଭସ୍କି ଜଣେ ଭବିଷ୍ୟତବାଦୀ । ସେ ଆଗାମୀ ଯୁଗର ନିର୍ମଳ ଚିତ୍ରପଟକୁ ଆଖି ଆଗରେ ରଖି ନୂତନ କବିତା ରଚନା ଦିଗରେ ଅଗ୍ରସର ହୋଇଛନ୍ତି । ତେଣୁ ତାଙ୍କର କବିତାର ମାନଦଣ୍ଡ ତଥା ଦିକ୍‌ମଣ୍ଡଳକୁ 'ବର୍ତ୍ତମାନ'ର ସଂକୀର୍ଣ୍ଣ ପରିପ୍ରେକ୍ଷିତରେ ବିଚାର ନ କରି ଅନାଗତ କାଳର ଦିକ୍‌ବାରେଣୀ ଉପରୁ ନିରୀକ୍ଷଣ କରିବାକୁ ହେବ । ତା' ନ ହେଲେ ତାର ସଂପୂର୍ଣ୍ଣ ଚେହେରା ଏବଂ ତାତ୍ପର୍ଯ୍ୟ ଧରାପଡ଼ିବ ନାହିଁ । ତାଙ୍କ କବିତାକୁ ପ୍ରଚାରଧର୍ମୀ କହି ଯେଉଁମାନେ ଉଡ଼ାଇଦେବାକୁ ଚାହାନ୍ତି, ସେମାନଙ୍କୁ ମନେରଖିବାକୁ ହେବ ଯେ ଆଜି ଯାହା ପ୍ରଚାରର ବସ୍ତୁ, କାଲି ତାହା ନିରାଟ ବାସ୍ତବତା ଏବଂ ଏକ ସାର୍ବଜନୀନ ସତ୍ୟ । କବିଙ୍କର ବାସ୍ତବମୁଖୀ (Objective) ଦୃଷ୍ଟିକୋଣ, ଯେ କୌଣସି ବିଷୟବସ୍ତୁ ହେଉ ନା କାହିଁକି ତାହିର କାବ୍ୟିକ ରୂପାୟନ ପାଇଁ ତାଙ୍କର ଆନ୍ତରିକ ନିଷ୍ଠା, କାବ୍ୟିକ ଶଠ ଏବଂ ସାହିତ୍ୟିକ ଶୈଳୀ ତ୍ୟାଗ କରି ଏକ ଜୀବନ୍ତ ପ୍ରକାଶଭଂଗୀର ପ୍ରବର୍ତ୍ତନ ଏବଂ ସର୍ବୋପରି ସାହିତ୍ୟକୁ ନୂତନ ଚେତନା ଏବଂ ନୂତନ ଜୀବନର ଚମତ୍କାର ତଥା ବାଙ୍ମୟ ପ୍ରତିନିଧି ରୂପେ ଛିଡ଼ା କରାଇବା ଲାଗି ତାଙ୍କର ସଫଳ ପ୍ରଚେଷ୍ଟା ଓ ପଦକ୍ଷେପ ସମଗ୍ର ସାହିତ୍ୟଜଗତରେ ତାଙ୍କୁ ଏକ ଅବିସ୍ମରଣୀୟ ଆଲୋକ ରୂପେ ପ୍ରତିଷ୍ଠା କରି ରଖିବ ।

ସୋଭିଏତ-ଭାରତ ମୈତ୍ରୀ ଦିନକୁ ଦିନ ଦୃଢ଼ତର ହେଉଛି । ଏ ମୈତ୍ରୀ କେବଳ କେତେକ ସାଂସ୍କୃତିକ ବିନିମୟ କିଂବା ବାଣିଜ୍ୟିକ ଦେଣନେଣର ଗଣ୍ଡିକରଣ ଭିତରେ ସୀମାବଦ୍ଧ ନୁହେଁ । ଏ ମୈତ୍ରୀବନ୍ଧନ ଦୁଇ ମହାନ ଦେଶର ଜନସାଧାରଣଙ୍କର ସମସାମୟିକ ଚେତନାର ସ୍ପଷ୍ଟ ସାକ୍ଷର ବହନ କରି ନ ପାରିଲେ ସୀମିତ ଓ ସଂକୀର୍ଣ୍ଣ ହେବାକୁ ବାଧ୍ୟ । ତେଣୁ ଏଇ ଦୁଇ ଦେଶ ଏବଂ ଦୁଇ ଜାତି

Digitized by srujanika@gmail.com

ମଧ୍ୟରେ ଚେତନାର ସେତୁବନ୍ଧ ନିର୍ମାଣ କରିବା ଏବଂ ମୈତ୍ରୀବର୍ଦ୍ଧନ ପକ୍ଷରେ ଅପରିହାର୍ଯ୍ୟ ପ୍ରଥମ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଉଭୟ ଦେଶର ସାହିତ୍ୟ ଏବଂ ଶିଳ୍ପକର୍ମ ଉଭୟ ଦେଶର ଜନସାଧାରଣ ତଥା ପାଠକ-ଜଗତ ନିକଟରେ ସେମାନଙ୍କ ନିଜ ଭାଷାରେ ରୂପାନ୍ତରିତ ହୋଇ ପହଞ୍ଚିବା ଦରକାର, ଯେଉଁଥିରୁ କି ସେମାନେ ସୁହୃଦ୍ ଦେଶର ଚେତନା, ଅନ୍ତର୍ବାଣୀ ଏବଂ ସେମାନଙ୍କର ସମସ୍ୟା ଓ ପରିସ୍ଥିତି ସମ୍ବନ୍ଧରେ ସମ୍ୟକ୍ ପରିଚୟ ଲାଭ କରିପାରିବେ । ମାୟାକୋଭସ୍କି ଏଭଳି ଜଣେ କବି ଯାହାଙ୍କ କାବ୍ୟକବିତାରେ ପ୍ରାକ୍‌ବିପ୍ଳବ ତଥା ବିପ୍ଳବୋତ୍ତର ରୁଷିଆର ସମସ୍ତ ଚେତନାର ମାନସରୂପ ନିର୍ଭୁଲ ଭାବରେ ପ୍ରତିବିମ୍ବିତ ହୋଇପାରିଛି । ଶୋଭିଏତ ରୁଷିକୁ ଭାରତବାସୀଙ୍କ ନିକଟରେ ପରିଚିତ କରାଇବା ଦିଗରେ ମାୟାକୋଭସ୍କିଙ୍କ କାବ୍ୟକବିତା ଅପେକ୍ଷା ଅଧିକତର ଫଳପ୍ରଦ ମାଧ୍ୟମର କଳ୍ପନା କରିବା କଷ୍ଟ । ଉଭୟ ଦେଶ ମଧ୍ୟରେ ପାରସ୍ପରିକ ଶୁଭକାମନା ଏବଂ ସେହି ଶୁଭକାମନା ଓ ମୂଲ୍ୟବୋଧର ଭିତ୍ତି ଉପରେ ନିର୍ଭରଶୀଳ ମୈତ୍ରୀବନ୍ଧନ ଦୃଢ଼ କରିବା ନିମନ୍ତେ ମାୟାକୋଭସ୍କି କବିତାର ଭାରତୀୟ ଭାଷାନ୍ତର ଏକ ସର୍ବପ୍ରଥମ ପଦକ୍ଷେପ ବୋଲି ମୋର ଦୃଢ଼ ବିଶ୍ୱାସ ।

ମୋର ଆଶା, ମାୟାକୋଭସ୍କି କବିତା-ସଂଗ୍ରହ ଭାରତ-ଶୋଭିଏତ ମୈତ୍ରୀବନ୍ଧନ ଦୃଢ଼ତର କରିବା ସଙ୍ଗେ ସଙ୍ଗେ ଓଡ଼ିଆ ପାଠକ ମହଲରେ ବିଶେଷ ଭାବରେ ଆଦୃତ ହେବ । ନୂତନ ସମାଜବାଦୀ ଜଗତର ଏହି ମୂର୍ଦ୍ଧନ୍ୟ କବିଙ୍କୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉପସ୍ଥାପିତ କରାଇ ଲେଖକ ବ୍ୟକ୍ତିଗତ ଭାବରେ ଆନନ୍ଦ ଓ ଗର୍ବ ଅନୁଭବ କରୁଛି ।

ସଚ୍ଚିଦାନନ୍ଦ ରାଉତରାୟ

। ଅଗଷ୍ଟ, ୧୯୬୬ ।
। କଟକ—୧ ।

● ଋଣ-ସ୍ୱୀକାର ●

ମାୟାକୋଭସ୍କି କବିତାବଳୀର ମୂଳ ଉତ୍ସ ରୂପେ ନିମ୍ନଲିଖିତ ଇଂରାଜି ଅନୁବାଦମାନଙ୍କ ନିକଟରେ ମୁଁ ବିଶେଷଭାବରେ ଋଣୀ । ନିମ୍ନୋକ୍ତ ଲେଖକମାନଙ୍କର ଇଂରାଜି ଅନୁବାଦରୁ ମାୟାକୋଭସ୍କିଙ୍କ କବିତାଗୁଡ଼ିକର ଓଡ଼ିଆ ଅନୁବାଦ କରାଯାଇଛି ।

୧ । ମୁଁ ନିଜେ ('I Myself') — ହ୍ୱାର୍ବାଟ ମାର୍ଶାଲ
୨ । ଟ୍ରାଉଜର-ପିନ୍ଧା ମେଘ ('A Cloud in Trousers') — ,,
୩ । ମୁଁ ("I") — Geo Reavey
୪ । ସାଥୀ ଲେଖକମାନଙ୍କୁ ('Brother Writers') — Geo Reavey
୫ । ଆମର ଅଭିଯାନ ('Our March') — ଜୋସେଫ୍ ଫ୍ରିମ୍ୟାନ୍
୬ । କଳାର ଫୌଜଙ୍କୁ ନିର୍ଦ୍ଦେଶନାମା-ଜୋସେଫ୍ ଫ୍ରିମ୍ୟାନ ଓ ଲିଓନ୍ ଟାଲମି ।
('Decree to the Army of Art')
୭ । ଲେଫ୍ଟ ମାର୍ଚ୍ଚ ('Left March') — ହ୍ୱାର୍ବାଟ ମାର୍ଶାଲ
୮ । ରହସ୍ୟ-ବୈଫେ ('Mystery-Bouffe') ଜି. ଆର. ନୋଏସ ଓ ଆଲେକ୍ସ-କାଉନ ।
୯ । ଘରବାହୁଡ଼ା ('Homeward') — ହ୍ୱାର୍ବାଟ ମାର୍ଶାଲ
୧୦ । ବିଦେଶରେ ମାୟାକୋଭସ୍କି : ପ୍ୟାରିସ ('Paris') — ,,
୧୧ । ମୋର ସୋଭିଏତ ପାସପୋର୍ଟ (My Soviet Passport) — ,,
୧୨ । କନଫରେନ୍ସରେ ('In Re Conferences') — ,,
୧୩ । ରୁଚିଭେଦ ସଂପର୍କରେ — ଅଲନ୍ ମୋରେ ଉଇଲିଆମସ
୧୪ । ଜୁବିଲି, ୧୯୨୪ — ହ୍ୱାର୍ବାଟ ମାର୍ଶାଲ
୧୫ । ଏକ ଅତି ଅସାଧାରଣ ପଦକ୍ଷେପ—ବାବେଟ ଡ୍ୟୁସ ଏବଂ ଏ. ୟାର୍ମଲିନ୍ସ୍କି
୧୬ । ଭ୍ୟାଡ଼ିମିର ଇଲିଚ ଲେନିନ୍ — ହ୍ୱାର୍ବାଟ ମାର୍ଶାଲ
୧୭ । ବହୁତ ଅଚ୍ଛା ('Very Good') — ,,
୧୮ । କମ୍ରେଡ୍ ନେଟ୍ଟେଙ୍କୁ : ମଣିଷ ଓ ଜାହାଜ — ,,
(To Comrade Nette : Man and Ship)
୧୯ । ପରିଶିଷ୍ଟ—୧ ।
"ସପ୍ତମ ସ୍ୱରେ" ଏବଂ କବିଙ୍କ ଜୀବନ ଓ କାର୍ଯ୍ୟାବଳୀ
ସଂବନ୍ଧୀୟ ପ୍ରଦର୍ଶନୀ ଏବଂ ବିବରଣୀ ଓ ଭାଷଣ — ,,

Digitized by srujanika@gmail.com

୨୦ । ପରିଶିଷ୍ଟ—୨ ।
ଫ୍ୟାସିବାଦ ବିରୋଧରେ ମାୟାକୋଭସ୍କି ।

ଏ ପୁସ୍ତକରେ ସନ୍ନିବିଷ୍ଟ ଚିତ୍ରଗୁଡ଼ିକ ଲାଗି ମୁଁ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନିକଟରେ ଋଣୀ ।

୧ । ମାୟାକୋଭସ୍କି, ୧୯୩୦ (ଫଟୋଗ୍ରାଫ୍)—ଷ୍ଟେରନ୍‌ବର୍ଗ
୨ । ବିଦେଶରେ ମାୟାକୋଭସ୍କି (ବ୍ୟଙ୍ଗଚିତ୍ର)—Kukryniksi
୩ । ମେକ୍ସିକାନ ସ୍କେଚ୍-ବୁକ୍‌ରୁ ଅଂକନ—ମାୟାକୋଭସ୍କିଙ୍କ ନିଜ ଅଂକିତ ଚିତ୍ର ।
୪ । G. F. Gnesin (ବ୍ୟଂଗଚିତ୍ର) " "
୫ । ମାୟାକୋଭସ୍କିଙ୍କ ଆବକ୍ଷ ମୂର୍ତ୍ତି—ମିସ୍ ଫ୍ରେଡ଼ା ବ୍ରିଲିଆଂଟ୍ ।

ପୂର୍ବରୁ ମାୟାକୋଭସ୍କିଙ୍କ ରଚନାର କେତେକ ଇଂରାଜୀ ଅନୁବାଦ ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକମାନଙ୍କରେ ପ୍ରକାଶିତ ହୋଇଥିଲା । ଜର୍ଜ ରିଭେ ଓ ଓ ମାର୍କ ସ୍ଲୋନିମ ସଂପାଦିତ 'ସୋଭିଏତ ଲିଟରେଚର', ଜୋଶୁଆ କୁନିତ୍ସ ଓ ଲୁଇ ଲୁଜୋଭିକନ୍‌ଙ୍କ "Voices of October", ଜି. ଆର୍. ନୋଏସ ସଂକଳିତ "ରସିଆନ୍ ଡ୍ରାମା" ବାବେଟ ଡ୍ୟୁସ ଏବଂ ଆବ୍ରାମ ୟାରମଲିନ୍‌ସ୍କି ସଂକଳିତ "ମଡ଼ାର୍ଣ ରସିଆନ ପୋଏଟ୍ରି" ଏବଂ New Writing, The Nation, Anglo-Soviet Journal, Moscow News ଏବଂ International Literature ଏ ସଂପର୍କରେ ବିଶେଷଭାବରେ ଉଲ୍ଲେଖଯୋଗ୍ୟ ।

ହାର୍ବାଟ ମାର୍ଶାଲଙ୍କର ଇଂରାଜୀ ସଂକଳନଟିର ପ୍ରକାଶକ ଇଂଲଣ୍ଡର ପାଇଲଟ ପ୍ରେସ୍ ନିକଟରେ ମଧ୍ୟ ଅନୁବାଦକ ସମଧିକ ଋଣୀ ।

ଓଡ଼ିଆ ସଂସ୍କରଣର ପ୍ରଚ୍ଛଦପଟ ଶିଳ୍ପୀ ଶ୍ରୀ ଅସିତ୍ ମୁଖାର୍ଜି ମୋର ଧନ୍ୟବାଦର ପାତ୍ର ।

॥ ✽ ✽ ॥

Digitized by srujanika@gmail.com

• ॥ ଚିତ୍ର-ସୂଚୀ ॥ •

■

୧ ॥ '୨୦-ବର୍ଷ' ପ୍ରଦର୍ଶନୀରେ ମାୟାକୋଭସ୍କି ॥ ଆରଂଭ
ଆଲୋକ-ଚିତ୍ର : ଷ୍ଟରନ୍‌ବର୍ଗ

୨ ॥ ବିଦେଶରେ ମାୟାକୋଭସ୍କି ॥ ୮୧
ବ୍ୟଂଗଚିତ୍ର : କୁକ୍ରିକ୍‌ସିକ

୩ ॥ ମେକ୍‌ସିକାନ ସ୍କେଚବୁକ୍‌ରୁ ଏକ ଅଂକନ ॥ ୧୦୦
ମାୟାକୋଭସ୍କିଙ୍କ ଅଂକିତ ରେଖା-ଚିତ୍ର

୪ ॥ ସଂଗୀତ-ଲେଖକ ଜି. ପି. କ୍ରେସିନ ॥ ୧୦୨
ମାୟାକୋଭସ୍କିଙ୍କ ଅଂକିତ ଏକ ବ୍ୟଂଗଚିତ୍ର

୫ ॥ 'ବହୁତ ଆଚ୍ଛା'ର ଲେଖକ ମାୟାକୋଭସ୍କି ॥ ୧୨୩
କାବାନଭଂକ ଦ୍ୱାରା ଅଂକିତ ଚିତ୍ର

୬ ॥ ଆବକ୍ଷ ମୂର୍ତ୍ତି—ମାୟାକୋଭସ୍କି ॥ ପ୍ରଚ୍ଛଦ
ମିସ ପେଡ୍ରୋ ବ୍ରନ୍ସାଂଟଙ୍କ ଦ୍ୱାରା କୃତ

୭ ॥ ପ୍ରଚ୍ଛଦପଟ ଅଂକନ ॥ ପ୍ରଚ୍ଛଦ
ଶ୍ରୀ ଅସୀତ ମୁଖର୍ଜି

॥ ❊ ❊

Digitized by srujanika@gmail.com

॥ ଗ୍ରନ୍ଥ-ସୂଚୀ ॥

୧ ॥ ନୂତନ ରୁଷିଆର କବି ମାୟାକୋଭସ୍କି ॥ ୧
(କବିଙ୍କର ଜୀବନ-ଦର୍ଶନ ଓ କବିତାର ଏକ ମୂଲ୍ୟାୟନ)

୨ ॥ ଆତ୍ମକଥା ॥ ୧୩
'ମୁଁ ନିଜେ'

୩ ॥ ଟ୍ରାଉଜର-ପିନ୍ଧା ମେଘ ଖଣ୍ଡେ ॥ ୩୭
ତମର ଭାବନା ସ୍ୱପ୍ନ ରଚେ

୪ ॥ ମୁଁ ॥ ୬୦
ମୋର ଦଳିତ ଆତ୍ମାର ଛକେ

୫ ॥ ସାଥୀ ଲେଖକମାନଙ୍କୁ ॥ ୬୧
ମନେ ହୁଏ, ଅଭ୍ୟସ୍ତ ମୁଁ ହେବ ନାହିଁ

୬ ॥ ଆମ ଅଭିଯାନ ॥ ୬୩
ରାସ୍ତାରେ ଅବାଜ ଉଠେ

୭ ॥ କଳାର ଫୌଜକୁ ନିର୍ଦ୍ଦେଶନାମା ॥ ୬୫
ବୁଢ଼ିଲେ ବୁଢ଼ାଙ୍କ ଫୌଜ-ଥାଟ

୮ ॥ ଲେଫ୍ଟ ମାର୍ଚ୍ଚ ॥ ୬୭
ସକଳେ ମିଶି ମାର୍ଚ୍ଚ କର

୯ ॥ ରହସ୍ୟ-ଭେଦ ॥ ୬୯
ଏକ ବୀରଗାଥା ଓ ବ୍ୟଙ୍ଗାତ୍ମକ ମହାକାବ୍ୟ

୧୦ ॥ ବିଦେଶରେ ମାୟାକୋଭସ୍କି : ପ୍ୟାରିସ୍ ॥ ୮୨
ହନାର ଝାମ୍ପାର ହେବଣୀ ଚିଂଦା

୧୧ ॥ ଘରବାହୁଡ଼ା ॥ ୮୭
ମୋ ଭାବନା ଘରମୁହାଁ ହୁଏ

୧୨ ॥ ମୋ ଶୋଭିଏତ ପାସପାର୍ଟ ॥ ୯୨
ମୁଁ ଦେବ ଚିର ହେଠାବାଦ ଧର

Digitized by srujanika@gmail.com

୧୩ ॥ କନ୍‌ଫରେନସ୍‌ରେ ॥ ୯୬

ଖାଲି କାଗଜ ଗୃଣ୍ଣ, ଫାଇଲର ସ୍ରୋତ

୧୪ ॥ ରୁଟଭେଦ ସଂବଂଧରେ ॥ ୧୦୧

ଘୋଡ଼ା ଓଠକୁ ଦେଖି

୧୫ ॥ ଜୁବଲି, ୧୯୨୪ ॥ ୧୦୩

ଅଲେକ୍‌ଜାଂଡ଼ାର ସେରଗିଭଚ

୧୬ ॥ ଏକ ଅତ ଅସାଧାରଣ ପଦକ୍ଷେପ ॥ ୧୧୬

ସ୍ୱର୍ଣ୍ଣାପ୍ର ଦାଗୁଚ ଶତ ଶତ ସ୍ୱର୍ଣ୍ଣ

୧୭ ॥ ଭ୍ଲ୍ୟାଡ଼ିମିର ଇଲ୍ଲୀଚ୍‌ ଲେନିନ୍‌ ॥ ୧୨୨

ସମନ୍ୱ ହେଉଣ୍ଡି, ଲେଖିବ ମୁଁ ଲେନନ୍‌ର କଥା

୧୮ ॥ ବଣ୍ଟୁତ ଆଛା ॥ ୧୬୩

ହୁନଥର ଦେଖିଚ ବହୁତ ଛଛି

୧୯ ॥ କମ୍ରେଡ୍‌ ନେଦ୍ଧେଂକୁ : ମଣିଷ ଓ ଜାହାଜ ॥ ୧୮୦

ଏକ ଅପାର୍ଥିବ ଚମକ ଏ ନୁହେଁ

୨୦ ॥ ପରିଶିଷ୍ଟ—୧ ॥ ୧୮୫

'ସପ୍ତମ ସ୍ୱରେ'

୨୧ ॥ ପରିଶିଷ୍ଟ—୨ ॥ ୧୯୯

ଫ୍ୟାସିବାଦ ବିରୋଧରେ ମାୟାକୋଭସ୍କି

⁂ ⁂ • ॥

Digitized by srujanika@gmail.com

ନୂତନ ରୁଷିଆର କବି

ମାୟାକୋଭସ୍କି

ଭ୍ଲାଦିମିର ମାୟାକୋଭସ୍କି ଆଜି ନୂତନ ରୁଷିଆର ଅପ୍ରତିଦ୍ୱନ୍ଦ୍ୱୀ କବିପ୍ରତିଭା ରୂପେ ସବୁ ମହଲରେ ସ୍ୱୀକୃତ । ବିରାଟ ସମାଜବାଦୀ ବିପ୍ଳବର ମହାନ ଚେତନା ତାଙ୍କ କବିତା ଭିତରେ ଆତ୍ମପ୍ରକାଶ କରିଚି । ପ୍ରଚଣ୍ଡ ବୈପ୍ଳବିକ ଶକ୍ତିର ଆଧାର, ନୂତନ ଦିଗ୍‌ବଳୟର ସଂଧାନୀ ଓ ଦିଗ୍‌ଦ୍ରଷ୍ଟା କବି ମାୟାକୋଭସ୍କି ଆଜି ଖାଲି ରୁଷିଆ ନୁହେଁ, ସମଗ୍ର ପୃଥିବୀର ବିଦଗ୍ଧ କାବ୍ୟରସିକ ସମାଜରେ ସୁପରିଚିତ, ସମାଦୃତ । ତାଙ୍କର ସୁଦୂରପ୍ରସାରୀ ଦୃଷ୍ଟିକୋଣ ତାଙ୍କର ପିତୃଭୂମି ପରି ବିରାଟ ଓ ପ୍ରଶସ୍ତ । ତାଙ୍କର ପ୍ରତିଭାର ସ୍ୱଚ୍ଛ ଦର୍ପଣରେ ସାମାନ୍ୟତମ ବସ୍ତୁ ଯଥା—ଦୋକାନର ପଣ୍ୟଦ୍ରବ୍ୟଠାରୁ ଆରମ୍ଭ କରି ଭବିଷ୍ୟତର କମ୍ୟୁନିଷ୍ଟ ରାଜ୍ୟଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟପୁଞ୍ଜର କାବ୍ୟିକ ପ୍ରତିଫଳନ ପାଠକଚିତ୍ତକୁ ଅଭିଭୂତ କରେ, ରସାଣିତ କରେ ।

ତାଙ୍କର ଗ୍ରନ୍ଥାବଳୀ ତେରଟି ବଡ଼ ବଡ଼ ପୁସ୍ତକରେ ପ୍ରକାଶିତ । ତେଣୁ ଏ କ୍ଷୁଦ୍ର ପୁସ୍ତକରେ ତାଙ୍କର ସମ୍ୟକ୍ ପରିଚୟ ଦେବା ଏକପ୍ରକାର ଅସମ୍ଭବ ବିଷୟ । ତାଙ୍କର ରଚନା ୧୯୦୫ଠାରୁ ୧୯୩୦ ମଧ୍ୟରେ ସମଗ୍ର ରୁଷିଆର ପତନ, ଅଭ୍ୟୁଦୟ ଓ ଗଣବିପ୍ଳବ ତଥା ସାମାଜିକ ପ୍ରଗତି ଓ ଝଂଝର ସୂଚନା ଓ ସ୍ୱାକ୍ଷର ବହନ କରିଚି ।

ତାଙ୍କର ରଚନାବଳୀ ଖାଲି କବିତା ନୁହେଁ, ପ୍ରବନ୍ଧ, ଭାଷଣ, ଫିଲ୍ମ କାହାଣୀ, ନାଟକ, ବିଜ୍ଞାପନ, ସଂବାଦପତ୍ର-ଲେଖା, ଅଙ୍କନ, ପ୍ରାଚୀରପତ୍ର, ମଂଚ-ଚିତ୍ର, ବ୍ୟଂଗଚିତ୍ର ଓ ଆଲେଖ୍ୟ ଚିତ୍ରଭିତ୍ତିର ବିରାଟ ଓ ବର୍ଣ୍ଣାଢ୍ୟ ସମାବେଶ ।

ତାଙ୍କ କବିତା ମଧ୍ୟରେ ଶିଶୁ-ସଂଗୀତ, ପଦାବଳୀ, ବିଜ୍ଞାପନ ପାଇଁ ରଚିତ ବାକ୍ୟ ବା ଯତିପୂର୍ଣ୍ଣ ଶୀର୍ଷକ, ପ୍ରାଚୀର-ପତ୍ର ପାଇଁ ଲିଖିତ ପଦ ଓ ଶିରୋନାମା, ଆନ୍ଦୋଳନମୂଳକ କବିତା, ଗୀତିକବିତା ଯେପରି ରହିଚି, ସେହିପରି ରହିଚି ଓଡ଼ିସୀ

Digitized by srujanika@gmail.com

ଭଳି ଗୌରବଗାମ୍ଭୀର୍ଯ୍ୟପୂର୍ଣ୍ଣ ମହାକାବ୍ୟ, ବିପ୍ଳବର ଆବାହନୀ, ଶତ୍ରୁମାନଙ୍କ ପ୍ରତି ଶାଣିତ ବ୍ୟଙ୍ଗବିଦ୍ରୂପ, ଜୀବନର ସଂଗୀତ ଯାହା ଚିରକାଳ ତାଙ୍କ କାବ୍ୟକୁ ସଂସ୍କୃତ ଦୃଷ୍ଟିରୁ ପୁଷ୍କିନଙ୍କ ଗୀତିବାକ୍ୟ କିଂବା ସେକ୍‌ସପିଅରଙ୍କ ସନେଟଗୁଡ଼ିକ ସଂଗେ ତୁଳନୀୟ ।

ତାଙ୍କ କାବ୍ୟସାଧନାର ପ୍ରଥମ ଜୀବନରେ ମାୟାକୋଭସ୍କି ଥିଲେ ଜଣେ ଆତ୍ମକେନ୍ଦ୍ରିକ ବିଦ୍ରୋହୀ କବି । ତାଙ୍କ କବିତାର ବିଷୟବସ୍ତୁ ଥିଲା—"ମୁଁ ମାୟାକୋଭସ୍କି—ବନାମ—ବିଶ୍ୱଜଗତ ।"

ତାଙ୍କ ପ୍ରଣୀତ କବିତା "ଟ୍ରାଉଜର-ପିନ୍ଧା ମେଘ ଖଣ୍ଡେ' ନାମକ କବିତାରେ ଆମେ ମାୟାକୋଭସ୍କିଙ୍କୁ ଦେଖୁଁ "ଜଣେ ୨୨-ବର୍ଷୀୟ ସୁନ୍ଦର ଯୁବକ ରୂପେ ।" ଏଥିରେ ତାଙ୍କର ବ୍ୟକ୍ତିଗତ ପ୍ରଣୟ ଓ ବ୍ୟର୍ଥତା ଏବଂ ମର୍ମଯନ୍ତ୍ରଣା ସମଗ୍ର ମାନବିକତାର ଅନ୍ତର୍ଦାହୀ ବେଦନାରେ ରୂପାନ୍ତର ଲାଭକରିଛି । ସେ ଯେପରି ପୃଥିବୀର ସମସ୍ତ ଶୋକାର୍ତ୍ତ ଆତ୍ମାର ପ୍ରତିନିଧିତ୍ୱ କରିବାକୁ ଚାହାନ୍ତି ।

"I
Jeered by tribal contemporaries
like a lanky
discarded rhyme,
see that which nobody sees,
coming over the mountains of time.
There, where man's cut short of vision
by the heads of the hungry that surge,
in the thorny-crown of revolution
I see nineteen-sixteen emerge."

ଅର୍ଥାତ୍—

"ମୁଁ
ସମସାମୟିକମାନଙ୍କର ଉପହାସର ପାତ୍ର ।
କିନ୍ତୁ ମୋ ଆଖିରେ ଯାହା ଧରିପଡ଼େ
ସମୟର ପାହାଡ଼କୁ ଟପି,
ଅନ୍ୟ ଆଖି ପାରେ ନା ତା ଦେଖି ।
ସେଠି, ମଣିଷର ଦୃଷ୍ଟି ହୁଏ ପ୍ରତିହତ
ହିଂସ୍ର ଓ କ୍ଷୁଧିତର ମୁଣ୍ଡର ଅରଣ୍ୟ ।
ମୁଁ କିନ୍ତୁ ଦେଖେ
ବିପ୍ଳବର କଣ୍ଟକିତ ସିଂହାସନ ପରେ
ଊଣେଇଶ ଷୋଳ ଅବତରେ ।"

ବିପ୍ଳବର ସ୍ୱପ୍ନ ଦେଖୁଥିଲେ ସେ । ତାଙ୍କ କବିତାର ସ୍ନାୟୁ ଶିରାରେ ସେଇ ବିପ୍ଳବର ପ୍ରବଳ ଉଦ୍ଦୀପନା ଓତପ୍ରୋତ ଭାବେ ଜଡ଼ିତ ଥିଲା । କିନ୍ତୁ ସେ ବିପ୍ଳବ

Digitized by srujanika@gmail.com

ଯେତେବେଳେ ଆସିଲା—ଯାହାକୁ ସେ 'ମୋ' ବିପ୍ଳବ ବୋଲି କହୁଥିଲେ, ସେତେବେଳେ ସେ ସେଥିପାଇଁ ନିଜକୁ ଅଧିକତର ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା ଲାଗି ଉନ୍ମୁଖ ହୋଇ ଉଠିଥିଲେ । ସେତେବେଳର ଜଟିଳ ସମୟରେ କାଗଜ ଦୁର୍ଲଭ ଥିଲା । ସେ ଜନସାଧାରଣଂକର ଏକ ସକ୍ରିୟ ଅଂଶ ରୂପେ ସେମାନଂକ ପାଇଁ ପ୍ରାଚୀରପତ୍ର, ଚିତ୍ରିତ ପ୍ଲାକାର୍ଡ଼ ଆଦି ତିଆରି ମଧ୍ୟ କରୁଥିଲେ । ଥରେ ବଲ୍ଟିକ୍ ସାଗରର ନାବିକମାନଂକର ଆଗରେ ଏକ କବିତା ପଢ଼ିବା ପାଇଁ ତାଂକୁ ଡକରା ହେଲା । ଯେଉଁମାନେ ବିପ୍ଳବ ଗଢ଼ିଲେ, ସେମାନଂକୁ ସେ କଣ ପୁରୁଣା କବିତା ଶୁଣାଇବେ ? ନା, ସେ ସେମାନଂକର ଉପଯୁକ୍ତ ଏକ କବିତା ଲେଖିବାକୁ ବସିଗଲେ । "ଲେଫ୍ଟ ମାର୍ଚ" ସେଇ ଲେଖା ।

ତାଂକର ଅନେକ ସାଥୀ କବିମାନେ ତାଂକୁ ଶ୍ରେଷ୍ଠ ନଜରରେ ଦେଖୁଥିଲେ । ସେମାନେ ଭାବୁଥିଲେ, ମାୟାକୋଭସ୍କି କେବଳ ସାମୟିକ ସାଧାରଣ ଘଟଣାକୁ ନେଇ ବ୍ୟସ୍ତ । ତାଂକର ଦୂରଦୃଷ୍ଟି ତାତ୍କାଳିକ ଦିଗମଂଡ଼ଳକୁ ଅତିକ୍ରମ କରି ବୃହତ୍ତରର, ସୁଦୂରର ସଂଧାନ ପାଇପାରେ ନାହିଁ ।

କିଂତୁ ସେ ଥିଲେ ଆଧୁନିକ ଉଇଲିୟାମ ବ୍ଲେକ୍ । ଏକ ନୂଆ ଜେରୁଜେଲମ ଗଢ଼ିବାର ସ୍ୱପ୍ନରେ ବିଭୋର । ସେ ଖାଲି ବିଜ୍ଞାପନ ବା ଖବରକାଗଜ ଲେଖା କିଂବା ପ୍ରାଚୀରପତ୍ର ପାଖରେ ଅଟକି ଯାଇ ନ ଥିଲେ । ସେ ବ୍ଲେକ୍ଂକ ଭଳି କବିତା ଓ ଚିତ୍ରର ସମନ୍ୱୟ ସାଧନ କରିବା ଦିଗରେ ବ୍ରତୀ ଥିଲେ ।

ସେ ଜନସାଧାରଣଂକ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବାକୁ ତାଂକ କାବ୍ୟ-ଜୀବନର ଧର୍ମ ବୋଲି ମନେ କରୁଥିଲେ । ସେ ଗ୍ରାମରୁ ଗ୍ରାମାଂତର, ସହରରୁ ସହର, ଫ୍ୟାକ୍ଟରୀ, ଦୋକାନ, ଥିଏଟର, ଶ୍ରେଷ୍ଠ ଶୋଭିଏତ କାଉନସିଲ୍ଠାରୁ ଆରଂଭ କରି All Union Central Committee ପର୍ଯ୍ୟଂତ ସବୁଠାରେ ଯାଇ ପହଂଚୁଥିଲେ । ତାଂକ ଆବାଜ୍ ସବୁଠି ପହଂଚୁଥିଲା—

> "The Streets shall be our brushes,
> the squares, our Palettes."

ସେ ବିଶ୍ୱାସ କରୁଥିଲେ:—

> '150,00,000 speak through
> lips of mine.'

ଅର୍ଥାତ୍, ମୋ ଓଠରେ ପଂଦର କୋଟି ଲୋକଂକର ଶବ୍ଦ ଫୁଟିଉଠୁଚି ।

କଲକାରଖାନା, ଦୋକାନ, ବଜାର, ପାର୍କ, ଛକ, ରାସ୍ତା, ଗଳି, ଡାକ୍ତରଖାନା, ବଂଦର ସବୁଠି ତାଂକ କବିତାର ମଂଦ୍ରସ୍ୱରଂକାର ମେସିନ୍ଗନ୍ ପରି

Digitized by srujanika@gmail.com

ଗର୍ଜି ଉଠୁଥିଲା । ଗୋଟିଏ ହେଲେ ବର୍ଣ୍ଣ ସେଥିରୁ ହଜିଯିବାର୍ ନୁହେଁ ତାଂକ ଭିତରେ ଓ ପାଠକ ମଧ୍ୟରେ ଅନ୍ୟ କିଛି ବ୍ୟବଧାନ ରହୁ, ଏହା ସେ ଚାହୁଁ ନ ଥିଲେ । ସେ ସିଧାସଳଖ ସେମାନଂକ ପାଖରେ ପହଂଚୁଥିଲେ ।

"Bullets—rhythm.
Rhyme—gunfire from building to building."

ମାୟାକୋଭସ୍କି ମୁଖ୍ୟତଃ ନଗରଜୀବନ ଆଉ ଶ୍ରମିକମାନଂକର କବି । ସେମାନଂକ ଜୀବନର ଗୀତକାର । ସେ ପଲ୍ଲୀଅଂଚଳ ଓ ନିର୍ଜନ ବନ ଉପତ୍ୟକାର କଥା ଜମା ଲେଖିନାହାଂତି କହିଲେ ଚଳେ । 'ପ୍ରକୃତି' କିଂବା 'ନାଇଟିଂଗଲ୍'ର ବର୍ଣ୍ଣନା ତାଂକ ରଚନାରେ ଦେଖିବାକୁ ମିଳେନାଇ ।

ତାଂକ ରଚନାରେ ବିପ୍ଳବର ଛଂଦ । ଯଂତ୍ରର ନାଦ କିଂବା ଜାହାଜର ମାସ୍ତୁଲ, କିଂବା କୋଠାଘରମାନଂକର କାଚଆଖି, କିଂବା ଗୃହର ମେରୁଦଂଡ଼, କର୍ମରତ ସମାଜର ସଂଗ୍ରାମର ଚେହେରା ଫୁଟି ଉଠିଛି ।

ଥରେ ଏକ ଭାଷଣରେ ସେ କହିଥିଲେ—

"A Poet is not he who goes about with long hair and bleats on lyrical love themes. A poet is he, who in an era of sharpened class struggle, gives his pen into the arsenal of the armed proletariat, and fears no job, however prosaic, and fears no theme, whether of revolution, or the reconstruction of our national economy."
(*Mayakovsky and His Poetry*—Herbert Marshall)

ଅର୍ଥାତ୍ 'ଲଂବା ବାଳ ରଖି ବୁଲିଲେ କିଂବା ପ୍ରେମ ପ୍ରସଙ୍ଗ ନେଇ ଗୀତକବିତା ଲେଖିଲେ କେହି କବି ହୁଏ ନାଇ । କବି ସେଇ ଯେ ଶାଣିତ ଶ୍ରେଣୀ-ସଂଘର୍ଷ-ଯୁଗରେ ଯୁଦ୍ଧମାନ ସର୍ବହରାର ଅସ୍ତ୍ରଭଣ୍ଡାରରେ ନିଜ କଲମକୁ ଉତ୍ସର୍ଗ କରେ; ଯେତେ ଗଦ୍ୟମୟ ହେଉ ନା କାହିଁକି କୌଣସି କାମ ବିଷୟରେ ସେ ପଛାଏ ନାଇ କିଂବା କୌଣସି ବିଷୟବସ୍ତୁକୁ ତୁଚ୍ଛ ବୋଲି ଫୋପାଡ଼ି ଦିଏ ନାଇ—ତାହା ବିପ୍ଳବ ହେଉ କିଂବା ଜାତୀୟ ଅର୍ଥନୀତି ହେଉ ।'

କୌଣସି ବିଷୟବସ୍ତୁକୁ ସେ ନିଜର କାବ୍ୟ ଜଗତର ସର୍ବବ୍ୟାପୀ ପରିଧି ଭିତରୁ ବାଦ ଦେଇନାହାଂତି । ନାଗରିକମାନଂକୁ ଫୁଟା ପାଣି ପିଇବା ପାଇଁ ଆହ୍ୱାନ କରି କବିତା ଲେଖିବାଠାରୁ ଆରଂଭ କରି ନାଲି ଫୌଜରେ ଯୋଗଦେବା ପାଇଁ ଉଦ୍‌ବୋଧନୀ କବିତା ପର୍ଯ୍ୟଂତ ସମସ୍ତ କିଛି ତାଂକ ଲେଖନୀରୁ ସମାନ ଆଂତରିକତା ସହ ପ୍ରକାଶ ପାଇଛି । ବିପ୍ଳବ ପାଇଁ ପ୍ରଚାର, ପ୍ରଚାର ପାଇଁ ପୋଷ୍ଟର, ପ୍ରାଚୀରପତ୍ର ଲେଖା, ଷ୍ଟେଟ ଦୋକାନର ପଣ୍ୟ ବିକ୍ରି ପାଇଁ ବିଜ୍ଞାପନୀ ପଦ୍ୟପଙ୍କ୍ତି ସେ ନିଷ୍ଠାର ସହିତ ଲେଖିଛଂତି । ବାଛବିଚାର କରି ନାହାଂତି । ତୁଚ୍ଛତାଚ୍ଛଲ୍ୟ

Digitized by srujanika@gmail.com

କରିନାହାଁନ୍ତି । ସମାନ ଏବଂ ଉଦାର ତାଂକର ଦୃଷ୍ଟି । ଜନଜୀବନର ପ୍ରତ୍ୟେକ ଅଂଶକୁ, ପ୍ରତ୍ୟେକ କର୍ମକୁ, ସେ ନିଜ ରଚନାରେ ରୂପ ଦେବାକୁ ପଛଘୁଂଚୁ ଦେଇନାହାଁନ୍ତି । ଏଇଟା ଶ୍ରେଷ୍ଠ, ଏଇଟା ବଡ଼—ଏଭଳି କୌଣସି ଉନ୍ନାସିକ ଲକ୍ଷଣ ତାଂକ କବିଜୀବନରେ ଦେଖା ଦେଇ ନାଇ । ପ୍ରତ୍ୟେକ ବିଷୟ ଭିତରେ କାବ୍ୟର ସଂଭାବନା ରହିଛି, ଏହା ସେ ଉପଲବ୍ଧି କରିଥିଲେ ।

ସେ ନିଜେ ଏ ବିଷୟକୁ ସୁଂଦରଭାବେ ପ୍ରକାଶ କରିଛଂନ୍ତି ବିଦେଶରୁ ଫେରୁଥିବା ବାଟରେ ଲିଖିତ 'ଘରବାହୁଡ଼ା' କବିତାରେ

"I don't want to be
    a wayside flower,
Plucked after work
    in an idle hour,
......I want Gos Plan*
    to sweat in debate
Assigning my output
    as part of the State.
I want the pen
    to equal the gun,
To be listed with iron
    in industry,
And the Polit Bureau's agenda
    Item I,
To be Stalin's Report on
    'The output of Poetry......"

ଯଥା—

"ମୁଁ ହେବାକୁ ଚାହେଁନା
    ପଥପ୍ରାଂତର ଫୁଲ,
ତୋଳିନେବ ଯାହା
    ଅବସର ବେଳେ ଥରେ ।
......ମୁଁ ହେବ ଗସ୍‌ପ୍ଲ୍ୟାନ୍,
    ତର୍କେ ବୁହାଇ ଝାଳ;
ରାଷ୍ଟ୍ରର ଏକ ଅଂଶ,
    କର୍ମରେ ଧୁରଂଧର ।
ମୁଁ ଚାହେଁ କଲମ
    କମାଣରେ ସମତୁଲ
ହେଉ, ହେଉ ଶିଳ୍ପରେ
    ଇସ୍ପାତ ସହ ଠାଣ ।

* ଗସ୍‌ପ୍ଲାନ୍—ଷ୍ଟେଟ୍ ପ୍ଲାନ୍ କମିଶନ, ୟୁ. ଏସ. ଏସ. ଆର.

Digitized by srujanika@gmail.com

ମୁଁ ହୁଏ କେନ୍ଦ୍ର କମିଟି
 ବୈଠକରେ
 ଏଜେଂଡାର,
 ବିଷୟ
 ନଂବର ।
 ଏକ ।
ଷ୍ଟାଲିନ୍ଙ୍କ ଷ୍ଟାଲିନର
 'କବିତାର ପରିମାଣ'
 ଉପରେ ।"

ତଥାପି ମାୟାକୋଭସ୍କି ଜୋର ଦେଇ କହଂଥି ଯେ ତାଂକ କବିତାରେ ଗୁଣାତ୍ମକ ମୂଲ୍ୟ ହ୍ରାସ ପାଇନାଇ । ତାଙ୍କର ବିଷୟବସ୍ତୁ (theme) ଯେତେ ଗଦ୍ୟମୟ ବା ସାଧାରଣ ହେଉ ନା କାହିଁକି, କବିତାର ମୂଳ ସୌଷ୍ଠବ ତଥା ପ୍ରାଣଶକ୍ତି କଦାପି କ୍ଷୁଣ୍ଣ ହୋଇନାଇ । ବରଂ ଜନସାଧାରଣଂକ ଜୀବନ ସଂଗେ ଜଡ଼ିତ ହୋଇଥିବାରୁ ତାହାର ଶକ୍ତି ଓ ଆବେଦନ ବୃଦ୍ଧି ପାଇଛି । ଏ କଥାର ପ୍ରମାଣ ହେଉଛି ଆଜିର ସୋଭିଏଟ୍ ଜନସାଧାରଣଂକ ଉପରେ ତାଂକର କାବ୍ୟକୃତିର ପ୍ରଭାବ । ଆଜି ମଧ୍ଯ ସୋଭିଏଟ୍ ରାଷ୍ଟ୍ରର ଅଗଣିତ ନରନାରୀ ଶ୍ରମିକ, ମଧ୍ୟବିତ୍ତ, ବୁଦ୍ଧିଜୀବୀ ତାଂକ ରଚନାରୁ ଅଫୁରନ୍ତ ପ୍ରେରଣା ଲାଭ କରଂଥି ।

ଏପ୍ରିଲ, ୧୯୪୦ । ଭ୍ଲାଦିମିର ମାୟାକୋଭସ୍କିଂକର ଦଶମ ବାର୍ଷିକ ମୃତ୍ୟୁ-ଦିବସ ସାରା ଦେଶରେ ପ୍ରତିପାଳିତ ହୁଏ । ସମଗ୍ର ସାହିତ୍ୟଜଗତରେ ଏହା ଏକ ଆଲୋଡ଼ନ ସୃଷ୍ଟିକରେ । ଏଇ ଉପଲକ୍ଷରେ ନିକୋଲାଇ ଏସିୟେଭ୍ "Mayakovsky Emerges"—"ମାୟାକୋଭସ୍କିଂକ ଅଭ୍ୟୁତ୍ଥାନ" ନାମରେ ଏକ ଦୀର୍ଘ ବର୍ଣ୍ଣନାତ୍ମକ କବିତା ପ୍ରକାଶ କରଂଥି ।

ସେଥିରେ ସେ ମାୟାକୋଭସ୍କିଂକର ଯେଉଁ ମୂର୍ତ୍ତି ଅଂକନ କରିଛଂଥି, ତାହା ଜୀବନବୋଧରେ ଭାସ୍ୱର, ଶାଶ୍ୱତ ଏବଂ ଅମଳିନ ।

> "That falcon voice will swoop from high
> with unquenchable songs still to be sung.
> And once more we shall hear him right nearby
> Unwasted, unspent, and eternally young."

ଶେଷରେ ଏସିୟେଭ ଗାଇଛଂଥି—ଯାହାକୁ ସେସିସ୍ନେନ ଟ୍ରେଗ୍ୟୁବଂକ ଭାଷାରେ "A chapter on the constant ommipresent triumph o his (Mayakovsky's) life" କୁହାଯାଇପାରେ:—

Digitized by srujanika@gmail.com

"Our friend will emerge in the coming days
in Mexico
Paris,
Caucassian ravine,
transfixing the world with his huge-eyed gaze
clean-cut, keen.
And not as a petrified
statue in stone
or a lie in bronze—
A lifeless clod—
but in human smiles
the man will live on,
an eternal pulsing
of human blood."

ଷ୍ଟାଲିନ ଥରେ ଲେଖିଥିଲେ—"Vladimir Mayakovsky was and remains the best and the most talented poet of our Soviet epoch." ଅର୍ଥାତ୍, 'ଆମ ସୋଭିଏତ ଯୁଗର ସର୍ବୋତ୍କୃଷ୍ଟ ଏବଂ ସର୍ବାପେକ୍ଷା ପ୍ରତିଭାଶାଳୀ କବି ହେଉଛନ୍ତି ମାୟାକୋଭସ୍କି ।'

ଲେନିନ୍ ସାଧାରଣତଃ 'ନୂଆ ଆର୍ଟର' ପକ୍ଷପାତୀ ନ ଥିଲେ । କିନ୍ତୁ ମାୟାକୋଭସ୍କିଙ୍କୁ ସେ ଅନ୍ୟ ଚକ୍ଷୁରେ ଦେଖୁଥିଲେ । "In the Memories of Lenin" ଗ୍ରନ୍ଥରେ ଲେନିନଙ୍କ ବିଧବା ପତ୍ନୀ କ୍ରୁପସ୍କାୟା ଲେଖିଛନ୍ତି—"ଲେନିନ୍ ଥରେ ବିପ୍ଳବକାଳୀନ ଦୁର୍ଭିକ୍ଷ ସମୟରେ ଏକ ୟୁଥ୍ କମ୍ୟୁନ୍ ପରିଦର୍ଶନ କରନ୍ତି । ସେଠି ଯୁବକମାନଙ୍କର ଅସାଧାରଣ ସନ୍ତୁଷ୍ଟତା ଓ ଦୁଃଖକଷ୍ଟ ବରଣ କରିବାର କ୍ଷମତା ଦେଖି ସେ ମୁଗ୍ଧ ହୁଅନ୍ତି । କଥାପ୍ରସଂଗ କ୍ରମେ ଯୁବକମାନେ ପୁଷ୍କିନଙ୍କ ଅପେକ୍ଷା ମାୟାକୋଭସ୍କିଙ୍କୁ ଉଚ୍ଚ ସ୍ଥାନ ଦିଅନ୍ତି । ଲେନିନ୍ ସେମାନଙ୍କୁ ହସି ହସି କହନ୍ତି—"ବୋଧହୁଏ ପୁଷ୍କିନ ଆହୁରି ଭଲ ।" କିନ୍ତୁ ସେଇ ଦିନଠରୁ ଲେନିନଙ୍କର ଧାରଣା ମାୟାକୋଭସ୍କିଙ୍କ ସଂପର୍କରେ ସଂପୂର୍ଣ୍ଣରୂପେ ବଦଳିଯାଏ । ଯେତେବେଳେ ମାୟାକୋଭସ୍କିଙ୍କ ପ୍ରସଂଗ ଉଠେ, ସେତେବେଳେ ସେଇ ଯୁବକମାନଙ୍କ କଥା ତାଙ୍କର ମନେପଡ଼େ । ସେଇ ପ୍ରାଣଚଂଚଳ, ଆନନ୍ଦପ୍ରଫୁଲ୍ଲ ମୁହଁଗୁଡ଼ିକ ପ୍ରଚଳିତ କାବ୍ୟକବିତାରେ ନିଜର ଭାବ ଓ ଅନୁଭୂତି ପ୍ରକାଶ କରିବା ପାଇଁ ଯଥେଷ୍ଟ ଶବ୍ଦ ନ ପାଇ ମାୟାକୋଭସ୍କିଙ୍କ ଅପାତ ଦୁର୍ବୋଧ କବିତାରେ ତାହା ପାଇପାରିଛନ୍ତି, ଏହା ଭୁଲିଯିବାର କଥା ନୁହେଁ ।"

ମାୟାକୋଭସ୍କି ତାଙ୍କ ତରୁଣାବସ୍ଥାରେ ବଲଶେଭିକ୍ ପାର୍ଟିର ମେଂବର ଥିଲେ । ବେଆଇନ କାର୍ଯ୍ୟ କରୁଥିଲେ । ଧରାପଡ଼ି ଜେଲ୍ ଯାଇଥିଲେ । ମାର୍କସୀୟ ମତବାଦ ଅଧ୍ୟୟନ କରିଥିଲେ । ପରେ ଏହା ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଛି । ସେ ତାଙ୍କ 'ଆତ୍ମକଥାରେ ଲେଖିଛନ୍ତି, ପଢ଼ାଶୁଣାରେ ଧ୍ୟାନ ଦେବା ପାଇଁ ସେ ପାର୍ଟି ତ୍ୟାଗ କରନ୍ତି ।

Digitized by srujanika@gmail.com

ଏହା ପରେ ତାଂକର ଅଭିମୁଖ୍ୟରେ ନୈରାଜ୍ୟବାଦର ଚିହ୍ନ ଦେଖାଯାଏ । ମାକ୍ସିମ ଗର୍କି ତାଂକୁ ସେଥିରୁ ଉଦ୍ଧାର କରଂତି । ଅନେକ ବର୍ଷ ଯାଏ ମାୟାକୋଭସ୍କିଂକ ଫ୍ୟୁଚରିଷ୍ଟ ଗୋଷ୍ଠୀ ବାହାରେ ଅନ୍ୟ କେଉଁଠି ତାଂକ ରଚନା ପ୍ରକାଶ କରି ନ ଥିଲେ । ପୁରୁଣା ଦୁନିଆ ବିରୋଧରେ ତାଂକର କ୍ରୋଧ ଅନେକ ସମୟରେ ଧ୍ୱଂସ ଆକାର ଧାରଣ କରୁଥିଲା । ଗର୍କି ଅନ୍ୟାନ୍ୟ ଅନେକ ତରୁଣ ଲେଖକଂକ ପରି ମାୟାକୋଭସ୍କିଂକୁ ଲେଖାଲେଖିରେ ପ୍ରୋତ୍ସାହିତ କରିଥିଲେ ଏବଂ ତାଂକ ଲେଖା ପ୍ରକାଶିତ ହେବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ ।

ତା'ପରେ ଆସେ ବିପ୍ଲବ । ମାୟାକୋଭସ୍କି ବୈଦେଶିକ ହସ୍ତକ୍ଷେପ, ଦୁର୍ଭିକ୍ଷ, ମହାମାରୀ ଏବଂ ଆଭ୍ୟଂତରୀଣ ବିଶୃଂଖଳା ମଧ୍ୟରେ ଭବିଷ୍ୟତର ଉଜ୍ଜ୍ୱଳ ଆଲୋକ ଦେଖିପାରିଥିଲେ ।

ଲେନିନଂକ ମୃତ୍ୟୁରେ ସେ ଗଭୀର ଭାବରେ ଅଭିଭୂତ ହୁଅଂତି । ତାଂକର କବିତା 'ଭ୍ଲାଡ୍ମିର ଲେନିନ' ଏକ ଅମର ମହାକାବ୍ୟ ରୂପେ ପୃଥିବୀର ମହାନ କବିତାମାନଂକ ମଧ୍ୟରେ ସ୍ଥାନ ପାଇବ ।

୧୯୨୨ଠାରୁ ୧୯୨୭ ମଧ୍ୟରେ ମାୟାକୋଭସ୍କି ବହୁଥର ବିଦେଶ ଭ୍ରମଣରେ ଯାଂତି । ୟୁରୋପ, ଆମେରିକା ଯାଂତି । ତାଙ୍କ କବିତା My Soviet Passport ('ମୋର ସୋଭିଏତ ପାସପୋର୍ଟ') ବୈଦେଶିକ ବାତାବରଣରେ ତାଂକର ରୁଷୀୟ ଅଂତରର ତୀବ୍ର ପ୍ରତିସ୍ୱରର ପ୍ରତିଧ୍ୱନି ।

୧୯୩୦ ଖ୍ରୀଷ୍ଟାବ୍ଦରେ ପଂଚବାର୍ଷିକ ଯୋଜନା ଯେତେବେଳେ ସଫଳ ହେବାକୁ ଯାଉଛି ଏବଂ ନୂତନ ସମାଜ ଯେତେବେଳେ ତାଂକ ପ୍ରତିଭାକୁ ଗ୍ରହଣ କରିନେବାକୁ ପ୍ରସ୍ତୁତ ହେଉଛି, ଠିକ୍ ସେତିକି ବେଳେ ସେ ଆତ୍ମହତ୍ୟା କରଂତି ।

ଆହୁ ଥରେ ତାଂକ ବୟସ ଯେତେବେଳେ ଆହୁରି କମ୍ ଥିଲା, ମାୟାକୋଭସ୍କି କୁଆଡ଼େ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ ବୋଲି ଶୁଣାଯାଏ । ସେତେବେଳେ ତାଂକ ମନ ଭାଂଗି ପଡ଼ିଥିଲା । କିଂତୁ ରିଭଲଭରର ଗୁଳି ଠିକ ବାଜେ ନାହିଁ । ତା' ପରଦିନ ସେ ଆତ୍ମସ୍ଥ ହୋଇ ଉଠଂତି । ତାଂକ ବଂଧୁମାନେ କହଂତି, ଦ୍ୱିତୀୟ ଥର ଯଦି ରିଭଲଭର ଫୁଟି ନ ଥାଂତା କିଂବା ତାଂକ ଦେହରେ ଗୁଳି ବାଜି ନ ଥାଂତା ତ ସେ କିଛି କ୍ଷଣ ପରେ ପୁଣି ପ୍ରକୃତିସ୍ଥ ହୋଇ ଉଠିଥାଂତେ । କିଂତୁ ଏହା କେବଳ ଅନୁମାନ ମାତ୍ର । ରିଭଲଭରଟା ଅକାଟ୍ୟ ହୁଏ ନାହିଁ ।

ମାୟାକୋଭସ୍କିଂକ ମୃତ୍ୟୁର କାରଣ କ'ଣ ? ଏତେବଡ଼ ଦୁର୍ଦ୍ଦାଂତ ପ୍ରକୃତିର ଲୋକ—ଯେ ଜୀବନର ମୂର୍ତ୍ତ ପ୍ରତୀକ—କାହିଁକି ଆତ୍ମହତ୍ୟା କରିବାକୁ ଗଲେ ?

Digitized by srujanika@gmail.com

ସମାଜ ଭିତରେ ଯାହାଂକର ବିକାଶ—ସମାଜମାନସିକତା ଯାହାଂକର ଅନବଦ୍ୟ, ସେ କାହିଁକି ଏଭଳି ଦୁର୍ବଳତାକୁ କ୍ଷଣକ ପାଇଁ ହେଲେ ସୁଦ୍ଧା ପ୍ରଶ୍ରୟ ଦେଲେ ?

ବହୁ ବର୍ଷ ପରେ ଗ୍ରୀଷ୍ଟୀୟ ବିଗ୍ରହ ବେଳେ ଜଣାପଡ଼ିଥିଲା ଯେ ମାୟାକୋଭସ୍କିଂକ ମୃତ୍ୟୁ ଘଟାଇବା ପାଇଁ ଷଡ଼ଯଂତ୍ରର ଅଭାବ ନ ଥିଲା ।

କ୍ଲାଂତ, ଦାରିଦ୍ର୍ୟ, ଭଗ୍ନପ୍ରେମ, ଶତ୍ରୁମାନଂକର ବିଧିବଦ୍ଧ ଆକ୍ରମଣ, ବଂଧୁମାନଂକ ଉଦାସୀନତା ଯାହାଂକ ବଳିଷ୍ଠ ପିଠିକୁ ନୁଆଁଇ ପାରି ନ ଥିଲା, ହଠାତ୍ ତାଂଙ୍କର ଏପରି ଅବସାନ ହେଲା କିପରି ?

ବର୍ତ୍ତମାନ ଦେଖାଯାଉ, ତାଂକ ଶତ୍ରୁ ଶ୍ରେଣୀରେ ସେତେବେଳେ କେଉଁମାନେ ଥିଲେ । ଏଇମାନେ ହିଁ ଶେଷ ପର୍ଯ୍ୟଂତ ତାଂକ ପିଛା ଛାଡ଼ି ନ ଥିଲେ । ସେମାନେ ହେଉଛଂତି ତତ୍କାଳୀନ ସମାଜର ସର୍ବାପେକ୍ଷା ପ୍ରତିପତ୍ତିଶାଳୀ R. A. P. P. * ସାହିତ୍ୟଗୋଷ୍ଠୀ ଯାହାଂକର ପରବର୍ତ୍ତୀ ସ୍ୱରୂପରୁ ପ୍ରକାଶ ପାଇଲା ଯେ ସେମାନେ ହେଉଛଂତି ଟ୍ରଟ୍‌ସ୍କିପଂଥୀ ! ମାୟାକୋଭସ୍କିଂର ଅନ୍ୟତମ ଜୀବନୀକାର ହାର୍ବାର୍ଟ ମାର୍ଶାଲ୍‌ଂକ ଭାଷାରେ—

> "Who were the enemies that persecuted him at this time ? The dominating clique of R. A. P. P. the most influential literary society (since dissolved) was later revealed as a group of Trotskyites headed by one Averbach, associated with the counter-revolutionary net-work. X X Mayakovsky was indirectly the victim of the same hands that later directly slew the great Soviet writer of the generation preceding him, Gorky."
>
> (*Herbert Marshall—Mayakovsky*)

ସେମାନଂକ ଆକ୍ରମଣର କୌଶଳ ସମ୍ବଂଧରେ ହାର୍ବାର୍ଟ ମାର୍ଶାଲ ଲେଖିଛଂତି—

> "One of the favourite methods of these conspirators for disorganizing Soviet work was to demand impossible standards under pretence of zealousness. The whole set of vindictive attacks on Mayakovsky, of all people, on the ground of insufficient closeness to and concern for the masses—arguments that read so absurdly at this distances of time, but which then momentarily hounded and isolated him—bear the smell precisely of those methods."
>
> (*Ibid*)

ମାୟାକୋଭସ୍କିଂକ ମୃତ୍ୟୁର ଅବ୍ୟବହିତ ପରେ ମଧ୍ୟ ଏଇ ଷଡ଼ଯଂତ୍ରୀ R. A. P. P. ଦଳ ତାଂକ ଆତ୍ମହତ୍ୟାର ସୁଯୋଗ ନେବାକୁ ଛାଡ଼ି ନ ଥିଲେ । ସେମାନେ ତାଂକ ଗ୍ରଂଥାବଳୀ ପ୍ରକାଶନରେ ଅଯଥା ବାଧା ସୃଷ୍ଟି କରିଥିଲେ । ତାଂକ ନାମରେ ନାମିତ ମ୍ୟୁଜିୟମର ଉଦ୍‌ଘାଟନ ବିଳଂବିତ କରିଥିଲେ ଏବଂ ସ୍କୁଲ

* Russian Association of Proletarian Writers.

Digitized by srujanika@gmail.com

ପାଠ୍ୟକ୍ରମରୁ ତାଂକ ନାମ ବାଦ ଦେବାରେ ସକ୍ଷମ ହୋଇଥିଲେ । ସୋଭିଏତ୍-ବିରୋଧୀ ଷଡ଼ଯଂତ୍ର ଧରାପଡ଼ିବା ସଂଗେ ସଂଗେ ଏଇସବୁ ଅପକୌଶଳ ମଧ୍ୟ ଜଣାପଡ଼ି ଯାଇଥିଲା ।

ମାୟାକୋଭସ୍କି ଏଇ ଚକ୍ରାଂତର ଜାଲ ଭେଦକରି ସଗୌରବେ ସୋଭିଏତ ସାହିତ୍ୟ-ଦରବାରରେ ଆଜି ପ୍ରଧାନ ଦିକ୍‌ପାଳ ରୂପେ ଛିଡା ହୋଇଛଂତି । ସେଠାରୁ କେହି ତାଂକୁ ସ୍ଥାନଚ୍ୟୁତ କରିପାରିବ ନାହିଁ । ଷ୍ଟାଲିନ୍‌ଂକ ଭାଷାରେ "ମାୟାକୋଭସ୍କିଂକ ସ୍ମୃତି ପ୍ରତି ଉଦାସୀନତା ଦେଖାଇବା ଏକ ଜାତୀୟ ଅପରାଧ ।" ସେ ସୋଭିଏତ୍ ରୁଷିଆର ଜାତୀୟ ଚେତନାର ମୂର୍ତ୍ତ ପ୍ରତୀକ । ସୋଭିଏତ ଜୀବନର, ସୋଭିଏତ ଜନତାର ଆଶା, ଆକାଂକ୍ଷା, ସ୍ୱପ୍ନ, ଆବେଗର ବାଙ୍ମୟ-ପ୍ରତିନିଧି । କାବ୍ୟଜଗତର ଏଇ ମହାନ ପଥିକୃତଙ୍କର କୃତି ଓ ସ୍ମୃତି ସମଗ୍ର ବିଶ୍ୱର ସାହିତ୍ୟ କର୍ମୀଙ୍କୁ ଯେଉଁପରି ପ୍ରେରଣା ଦେବ, ନୂତନ ସମାଜଗଠନ ଦିଗରେ ଏହା ପ୍ରତ୍ୟେକଂକୁ ସେହିପରି ଉଦ୍‌ବୋଧିତ କରିବ ।

ମାୟାକୋଭସ୍କିଂକ କବିତାରେ ଧ୍ୱନି ଓ ଛଂଦ : ସେ ପ୍ରଚଳିତ ପଦପଂକ୍ତିର ନିୟମ ଓ ଛଂଦଭଂଗ କରିଛଂତି ବୋଲି କେତେକ ମହଲରୁ ଅଭିଯୋଗ ହୁଏ । କିଂତୁ ଯେଉଁମାନେ ଆଧୁନିକ ଛଂଦ ଓ ଉଚ୍ଚାରଣଗତ ଛଂଦର ପାର୍ଥକ୍ୟ ବୁଝଂତି, ସେମାନେ ମାୟାକୋଭସ୍କିଂକୁ ଏ କ୍ଷେତ୍ରରେ ଏକ ନୂତନ ଯୁଗର ପ୍ରବର୍ତ୍ତକ ବୋଲି ମନ୍ତବ୍ୟ କରିଥାଂତି ।

କଲେରିଜ୍‌ଂକ ବିରୁଦ୍ଧରେ ମଧ୍ୟ ତାତ୍‌କାଳିକ ସାହିତ୍ୟ-ସମାଲୋଚକମାନେ ଏଭଳି ଅଭିଯୋଗ ଆଣିଥିଲେ । କଲେରିଜ୍‌ଂକ କବିତା Christable (କ୍ରିଷ୍ଟାବେଲ)ର ଧ୍ୱନିଧର୍ମୀ ଛଂଦ ତତ୍କାଳୀନ ସାହିତ୍ୟଗୋଷ୍ଠୀ ବୁଝିପାରି ନ ଥିଲେ । ଏଇ କବିତାରେ କଲେରିଜ୍ ପାରଂପରିକ ଛଂଦ-ବଂଧନୀ ଭିତରୁ ମୁକୁଳିବାକୁ ଚେଷ୍ଟା କରିଥିଲେ ଏବଂ ଅନେକାଂଶରେ ମୁକ୍ତ ଛଂଦର ଆଂଗିକ ବ୍ୟବହାର କରିଥିଲେ । ଏହି କବିତାର ମୁଖବଂଧରେ କଲେରିଜ୍ ଲେଖିଥିଲେ:—

"I have only to add that the metre of "Christabel" in not, properly speaking, irregular, though it may seem so from its being founded on a new principle : namely, that of counting in each line the accents, and not syllables. Though the latter may vary from seven to twelve, yet in each line the accents will be found to be only four. Nevertheless, this occasional variation in number of syllables is not wantonly, or for the mere ends of convenience, but in correspondence with some transition in the nature of the imagery or passion."

"'Tis the middle of night by the castle clock,
And the owls have awakened the crowing cock,
Tu-whit Tu-whoo
And hark, again the crowing cock,
How drowsily it crew."

Digitized by srujanika@gmail.com

କଲେଜନ୍ ଯଥପାତର ଗତାନୁଗତିକ କାଠିନ୍ୟ ଓ କଠୋରତା କିଛିଦୂର ଭାଂଗିଛଂତି, ସଂଦେହ ନାହିଁ । କବିତାର ଛଂଦ ଅକ୍ଷରଦ୍ୱାରା ନିର୍ଣ୍ଣୀତ ନ ହୋଇ ଧ୍ୱନି ବା accent ଦ୍ୱାରା ନିରୂପିତ ହୋଇଚ । ଶବ୍ଦକଳ୍ପ ବା ଭାବାବେଗର ଘନତା ଅନୁସାରେ ଏଇ ଆକ୍ସେଂଟ ଦୀର୍ଘ ବା ହ୍ରସ୍ୱ ହୋଇଚ ।

ମାୟାକୋଭସ୍କି ତାଂକର ପୂର୍ବସୂରି ଇଂଗ୍ଲଣ୍ଡ କବିଂକ ପ୍ରଚଳିତ ପ୍ରଣାଳୀକୁ ଆହୁରି ଅନେକ ଦୂର ଆଗେଇ ନେଇ ଯାଇଛଂତି । ସେ ଅନିୟମିତ ଯତି ବ୍ୟବହାର କରିଛଂତି । ତାଂକ ମୁକ୍ତ-ଛଂଦ ବାକ୍-ଭଂଗୀର ପରିପ୍ରେକ୍ଷାନୁସାରେ ବିଭକ୍ତ । ଯଥା—

"My verse
        with labour
                thrusts through weighted years
emerging
        ponderous
                rock-rough
                        age-grim,
as when today
                        an aqueduct appears,
firm-grounded once
                by the branded slaves of Rome."

ପାର୍ଥକ୍ୟଟା ପ୍ରଥମ ଦୃଷ୍ଟିରେହିଁ ଧରାପଡ଼େ । ମାୟାକୋଭସ୍କି ଶବ୍ଦକଳ୍ପଟିର ଭବ୍ୟ ପ୍ରକାଶ ପାଇଁ ଧାଡ଼ିଗୁଡ଼ିକର ଦୀର୍ଘତା ଓ ହ୍ରସ୍ୱତା ନିର୍ଦ୍ଧାରଣ କରିଛଂତି; ଅନୁପ୍ରାସ ପ୍ରୟୋଗ କରିଛଂତି ଏବଂ punctuations ବା ଛେଦ ଦେଇଛଂତି ।

ମାୟାକୋଭସ୍କିଂକ Punctuations (ବିରାମ ଚିହ୍ନ ବା ଛେଦ) ଓ ଶବ୍ଦବିଭବ ତାଂକର ନିଜର । ନିଜସ୍ୱ । ଏଇ ସ୍ୱକୀୟତାର ମୁଦ୍ରାଂକ ସ୍ପଷ୍ଟ । ମାୟାକୋଭସ୍କି ତାଂକ ବିରାମ ଚିହ୍ନ ବା punctuations ସଂବଂଧରେ କହଂତି—

"Our usual punctuation with full stops, commas etc., is far too poor and limited in expression in comparison with those shades of emotions which the complex man to-day compresses into his poetic productions."

ଏଇ କାରଣରୁ ସେ punctuation ସବୁ 'spatially' କରିଛଂତି ।

ମାୟାକୋଭସ୍କି ଯଥପାତର (rhyme) ବିରୋଧୀ ନୁହଂତି; ମାତ୍ର ଭାବର ସ୍ୱଚ୍ଛଂଦ ଓ ସାବଲୀଳ ପ୍ରକାଶକୁ ବ୍ୟାହତ ନ କରି ଯଦି ଯଥର ଆବିର୍ଭାବ ହୁଏ, ତେବେ ସେଭଳି ଧ୍ୱନିସାମ୍ୟର ପ୍ରୟୋଗ ତାଂକ କବିତାରେ ସୁସ୍ପଷ୍ଟ ଅଛି ।

ମାୟାକୋଭସ୍କିଂକ 'ରୀତିମ', ଅନବଦ୍ୟ, ଅର୍ଥବ୍ୟଂଜକ ଏବଂ ଆଶ୍ଚର୍ଯ୍ୟ ଝଲକ ଓ ଶବ୍ଦମାଧୁର୍ଯ୍ୟରେ ପରିପୂର୍ଣ୍ଣ ।

Digitized by srujanika@gmail.com

"His real unit is the expressive gesture of the orator, the accent of *meaning*".

ଜୀବନର କବି ମାୟାକୋଭସ୍କି : ମାୟାକୋଭସ୍କି ଜୀବନର କବି । ସେ ଚଳିତ ଶତକର ରୁଷିଆର ଅବିସ୍ମରଣୀୟ ଗୀତିକାର । ଗୋଟିଏ ପଦରେ ଏବଂ ତାଙ୍କର ନିଜ ଭାଷାରେ ତାଙ୍କ ସଂବଂଧରେ କୁହାଯାଇପାରେ—

"A bhored
every kind of deathliness
and adored
every kind of life."

Digitized by srujanika@gmail.com

ଆତ୍ମକଥା

‘ମୁଁ କଳେ’

Digitized by srujanika@gmail.com

ଆତ୍ମକଥା

ମୁଁ ନିଜେ

ଭ୍ଲାଡ଼ିମିର ମାୟାକୋଭସ୍କି, ୧୮୯୩-୧୯୩୦

ବିଷୟବସ୍ତୁ—ମୁଁ ଜଣେ କବି । ସେଇଥିପାଇଁ ତ ଲୋକେ ମୋ ସଂବଂଧରେ ଆଗ୍ରହୀ । ସେଇ ବିଷୟ ହିଁ ମୁଁ ଲେଖୁଛି । ତା'ଛଡ଼ା ଲେଖୁଛି—ମୋର ପ୍ରେମ ବିଷୟରେ, ମୋର ବେପରବା ଜୁଆଖେଳବା ସଂପର୍କରେ, ଆଉ କକେସସ୍ ପର୍ବତ ଉପତ୍ୟକାର ସୁଂଦରୀମାନଂକ ସଂବଂଧରେ । ଶବ୍ଦରେ ଯେତେ ଦୂର ଏଇ ସବୁ ବିଷୟକୁ ରୂପ ଦିଆଯାଇପାରେ, ତାହା ଦେବା ପାଇଁ ଚେଷ୍ଟା କରିବି ।

ସ୍ମୃତି—ମୋର ବଂଧୁ ବରଲ୍ୟୁକ୍ କହଂନ୍ତି, ମାୟାକୋଭସ୍କିର ସ୍ମୃତିଶକ୍ତି ପୋଲଟାଭାକୁ ପଡ଼ିଥିବା ରାଜପଥ ପରି । ପ୍ରତ୍ୟେକ ଲୋକର ଚପଲର ଚିହ୍ନ ଏହା ଉପରେ ଦେଖାଯିବ । କିଂତୁ ମୁହିଁ ଆଉ ତାରିଖସବୁ ମୋର ମନେ ରହଂନ୍ତି ନାଇ । ମୋର କେବଳ ମନେପଡ଼େ ଯେ ୧୧୦୦ ସାଲରେ କୌଣସି ଏକ 'ସଂଭ୍ରାଂତ ବଂଶ' ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବାସ ପରିବର୍ତ୍ତନ କରିଥିଲେ । ମୋର ଏ ଘଟଣାର ଠିକ୍‌ଠିକି ବୃତ୍ତାଂତ ମନେନାଇ; କିଂତୁ ସମ୍ଭବତଃ ଏହା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବ । ମନେପଡ଼େ ଏହା ମଇ ୨ ତାରିଖରେ ଲିଖିତ ହୋଇଥିଲା । ପାଭ୍ଲୋଭ୍ ସ୍କ । ତେଣୁ ତାରିଖର ସମୁଦ୍ରରେ ଅବାଧରେ ପହଁରିବି ଏଥର ।

ପ୍ରଧାନ ଘଟଣା—୧୮୯୪ କିଂବା ୧୮୯୩ ଖ୍ରୀଷ୍ଟାବ୍ଦରେ ମୋର ଜନ୍ମ । ବାପାଂକ ନଥିପତ୍ର ସଂଗେ ମାଂକର ମତାମତର ଅମେଳ । ଏଟା ଠିକ୍ ଯେ ଏହା ପୂର୍ବରୁ ଜନ୍ମି ନାଇ । ଜନ୍ମସ୍ଥାନ ବାଗଦାଦୀ ଗ୍ରାମ, କୁଟେଇଶ ପ୍ରଦେଶ, ଜର୍ଜିଆ ।

ପରିବାର : ପିତା : ଭ୍ଲାଡ଼ିମିର କୋନଷ୍ଟାଂଟିନୋଭିଚ୍ (ବାଗଦାଦୀ ଫରେଷ୍ଟ ରେଂଜର) ୧୯୦୬ରେ ମୃତ୍ୟୁ ବରଣ କରଂନ୍ତି । ମାତା—ଅଲେକ୍‌ଜାଂଡ୍ରା ଆଲେକ୍‌ସାଇଭ୍‌ନା । ଭଗ୍ନୀଗଣ: ଲିଉଡ଼ା ଏବଂ ଓଲ୍ୟା ।

Digitized by srujanika@gmail.com

ଆଉ ଜଣେ ବୁଢ଼ୀ ଥିଲେ । ଆନ୍ୟୁତା । ଅପାତତଃ ଆଉ କୌଣସି ମାୟାକୋଭସ୍କି ନାହାଂନ୍ତି ।

ପ୍ରଥମ ସ୍ମୃତି : ଚନ୍ଦ୍ରମାନଂକ ସଂବଂଧରେ ପରିକଳ୍ପନା । ସ୍ଥାନ ଅଜ୍ଞାତ ।

ଶୀତ । ବାପା 'ରୋଦନା' (ମାତୃଭୂମି) ପତ୍ରିକାର ଗ୍ରାହକ ହୁଅଂତି । 'ରୋଦନା'ର ହାସ୍ୟକୌତୁକ ଓ ବ୍ୟଙ୍ଗକବିତାର କ୍ରୋଡ଼ପତ୍ର ବାହାରେ । ମଜା କଥା ସବୁ ଆଲୋଚନା ହୁଏ, ଘଟିବ ବୋଲି ଆଶା କରାଯାଏ । ବାପା ଗାଇ ଉଠଂତି । Allona enfants de la po-chetyri । ରୋଦନା ଆସୁଥାଏ । ମୁଁ ଗୋଟିଏ ସଂଖ୍ୟା ଖୋଲେ । ହଠାତ୍ (ଛବି) ଆଁ କରି ରହେ । "କି ମଜା ! ଜଣେ ନାୟକୁ ଆଉ ଜଣେ କନ୍ୟା ପରିକା ମରଦ ଚୁଂବନ କରୁଛଂତି ।" ସମସ୍ତେ ହସି ଉଠଂତି । ପରେ ଏଇ କ୍ରୋଡ଼ପତ୍ର ଆସିଲେ ଯଦି ଘରେ ତାହା ପଢ଼ି ହସର ଚେଉ ଉଠେ, ତେବେ ସେଥିରୁ ଜଣାଯାଏ ଯେ ମୋତେଇ ଲକ୍ଷ୍ୟ କରି ସମସ୍ତେ ହସୁଛଂତି । ତେଣୁ ଚନ୍ଦ୍ର ଓ ଅଛାତାମହା ସଂବଂଧରେ ଆମର ମୌଳିକ ଧାରଣାରେ ବହୁତ କିଛି ତଫାତ୍ ଦେଖାଦେଲା ।

୨ୟ ସ୍ମୃତି : କବିତା ସଂପର୍କରେ ଧାରଣା । ଗ୍ରୀଷ୍ମ । ଅନେକ ଅତିଥି ଆଗଂତୁକଂକର ଭିଡ଼ । ଡେଂଗା ସୁଦର୍ଶନ ଗ୍ରୁଜ ବ. ପି. ଗ୍ଲୁସ୍କୋଭସ୍କି । ସେ ଚମଡ଼ା-ବଂଧେଇ ଆଲବମ୍ ବ୍ୟବହାର କରେ । ବଢ଼ିଆ କାଗଜ । କାଗଜ ଉପରେ ଦର୍ପଣ ଆଗରେ ବିନା ଟ୍ରାଉଜରରେ ଏକ ପାତଳା ଲୋକ ଛିଡ଼ା ହୋଇଛି ! ଲୋକଟାକୁ "ୟୁଜେନଓନେଜିନ୍" [୧] କୁହା ଯାଉଥିଲା । ବୋରିଆ ଓ ଚିତ୍ରରେ ଥିବା ଲୋକ ଉଭୟେ ଭୟଂକର ପାତଳା । ସବୁ କଥା ପରିଷ୍କାର । ମୁଁ ଭାବିଲି ବୋରିଆ ବି ଗୋଟାଏ ୟୁଜେନଓନେଜିନ୍ ଲୋକ । ତିନି ବର୍ଷଯାଏ ଏହା ମୋର ଅଭିମତ ଥିଲା ।

ତୃତୀୟ ସ୍ମୃତି : ବାସ୍ତବ ଜୀବନର ଧାରଣା : ରାତି । ପାଖ କୋଠରୀରେ ବାପା ଓ ମା ବହୁତ ବେଳଯାଏ କଣ ସବୁ ଫୁସ୍‌ଫାସ୍ ହେଉଥାଂତି । ଏକ ପିଆନୋ ବିଷୟରେ । ସାରା ରାତି ମୋର ନିଦ ହେଲାନାଇ । ପଦେ କଥା ମୋ ମୁଂଡ଼ ଭିତରେ ଲୁଚିଥିଲା । ସକାଳେ ଖୁବ୍ ଜୋରରେ ଦୌଡ଼ିଯାଇ ପଚାରିଲି— "ବାପା, କିସ୍ତି ଟଂକାରେ ଜିନଷ କିଣିବା ପ୍ଲ୍ୟାନ୍ ମାନେ କ'ଣ ?" ଉତ୍ତର ଶୁଣି ଖୁସି ହେଲି ।

(୧) ପୁଷ୍କିନ୍‌ଂକ ପଦ୍ୟାକାରରେ ଲିଖିତ ଉପନ୍ୟାସର ନାୟକର ନାମ Eugenc Onegin । ମାୟାକୋଭସ୍କି ନାମ ଓ ସଂଜ୍ଞାକୁ ମିଶାଇ ଦେଇଛଂତି ।

Digitized by srujanika@gmail.com

ଖରାପ ଅଭ୍ୟାସ : ଖରାଦିନ । ଅସଂଭବ ରକମର ଲୋକଭିଡ଼ । ଜନ୍ମଦିନ ଭୋଜିର ଅଂତ ନାହିଁ । ବାପା ମୋର ସ୍ମୃତିଶକ୍ତିର ଖୁବ୍ ତାରିଫ୍ କରୁଥିଲେ । ପ୍ରତି ଜନ୍ମଦିନ ଭୋଜି ପାଇଁ ମୋତେ ଗୀତ ଶିଖିବାକୁ ପଡ଼ୁଥିଲା । ବାପାଙ୍କ ଜନ୍ମଦିନ ପାଇଁ ଯେଉଁ କବିତାଟି ଘୋଷିଥିଲି ତାହାର ପଦେ ଏବେ ବି ମନେ ଅଛି—

"ହୁଂଗ ଝେନ ଯାନୁ
ଧଘର୍ ଧବଢ଼"

'ଯାନୁ' ଶବ୍ଦଟା ଉପରେ ମୋର ବିତୃଷ୍ଣା । କାହିଁ, ଦୈନଂଦିନ ଜୀବନରେ ତ ଏଭଳି ଶବ୍ଦସବୁ ମୋର ପାଖ ମାଡ଼ନ୍ତି ନାହିଁ । ପରେ ଜାଣିଲି, ଶବ୍ଦଟା 'କାବ୍ୟିକ' । ସେହି ଦିନୁ ମୁଁ ମନେ ମନେ ଶବ୍ଦଟା ଉପରେ ଚିଡ଼େ ।

ଭାବପ୍ରବଣତାର ମୂଳଭିତ୍ତି : ପ୍ରଥମ ବାସଗୃହ ପରିଷ୍କାର ମନେପଡ଼େ । ଦୁଇତାଲା । ଉପର ମହଲଟା ଆମର । ତଳ ତାଲାରେ ମଦ ତିଆରି ହୁଏ । ବର୍ଷକେ ଥରେ ଗାଡ଼ି ଗାଡ଼ି ଅଂଗୁର ଫଳ ଆସେ । ଅଂଗୁରକୁ ପେଷି ଦିଆଯାଏ । ମୁଁ ଖାଏ । ସେମାନେ ପିଅଂତି । ଘରଆଡ଼େ ଅତି ପ୍ରାଚୀନ ଜର୍ଜିଆନ ଦୁର୍ଗ ଅଂଚଳ । ଅଳ୍ପ ଦୂରରେ ବାଗଦାଦୀ ଗାଁ । ଦୁର୍ଗ ଘରଆଡ଼େ ଏକ ସାଆଁଢିଆ ଯୁଗର ପ୍ରାଚୀର । ପାଚେରିର କଣମାନଂକରେ ତୋପ ଖଂଜିବା ଜାଗା । ପାଚେରି ଦେହରେ ଗଂବୁଜ । ତାହାର ପଛେ ପରିଖା । ଖାଲ ପାରିହେଲେ ବଣ ଆଉ ବିଲୁଆ ପଲ । ବଣ ଉପରେ ପାହାଡ଼ ସବୁ ଝୁଂକି ପଡ଼ିଛଂତି । ବୟସ ବଢ଼ୁଛି । ଉଚ୍ଚତମ ଶିଖରକୁ ଚଢ଼ିବି । ପାହାଡ଼ ସବୁ ଉତ୍ତର ଦିଗରେ କ୍ରମନିମ୍ନ ହୋଇ ଢାଲୁ ହୋଇ ଯାଇଛଂତି । ଉତ୍ତର ଦିଗ ପାହାଡ଼ ଦେହରେ ଏକ ମସ୍ତବଡ଼ ଫାଟ । ସେଇଠି ମୁଁ ସ୍ୱପ୍ନ ଦେଖେ, ଋଷିଆ । ସେଠିକି ଯିବାକୁ ପ୍ରବଳ ଇଚ୍ଛା ।

ଅସ୍ୱାଭାବିକ : ସାତବର୍ଷ ହେଲା । ବାପା ମୋତେ ଘୋଡ଼ାରେ ବସାଇ ଜଂଗଲ ଆଡ଼େ ବୁଲାଇ ନିଅଂତି । ଏକ ଗିରିସଂକଟ । ରାତି । କୁହୁଡ଼ି । ବାପାଙ୍କୁ ବି ଭଲ କରି ଦେଖି ହେଉ ନ ଥାଏ । ଖୁବ୍ ଅଣଓସାରିଆ ରାସ୍ତା । ବାପାଙ୍କ କହୁଣି ଏକ କଂଟାଗଛ ଡାଳରେ ଚିରି ହୋଇଗଲା । ସେଠୁ ଡାଳଟା ସଟାଂ କିନା ମୋ ଗାଲରେ ଘଷି ହୋଇଗଲା । ପ୍ରାୟ ବୋବାଳି ଛାଡ଼ି ଉଠିଲି । କଂଟା ଟାଣି ବାହାର କରି ଦେଲି । ମୁହୂର୍ତ୍ତକ ପରେ କୁହୁଡ଼ି ଆଉ ବର୍ଷା ଛାଡ଼ିଗଲା । କୁହୁଡ଼ି ଭିତର ଫାଙ୍କ ଆଲୁଅରେ ଦେଖିଲି ଆମ ତଳେ ଅସରଂତି ଆଲୁଅ । ଆକାଶଠାରୁ ବି ସଫା । ବିଦ୍ୟୁତ । ରାଜକୁମାର ନାକାଶିଡ଼ଜଂକର ରିଭର ଓ୍ୱାର୍କସ ।

୨

Digitized by srujanika@gmail.com

ବନ୍ଧୁକ କାରଖାନା । ଇଲେକ୍ଟ୍ରିସିଟି ଦେଖିବା ପରେ ପ୍ରକୃତି ପ୍ରତି ଆଉ ଆକର୍ଷଣ ରହିଲ ନାଇ । ଅଧୁନା ବି ବେଶୀ ନାଇ ।

ପଢ଼ାଶୁଣା: ମାଆଙ୍କ ଦ୍ୱାରା ହାତରେ ଖଡ଼ି ଦିଆ ହୁଏ । ସବୁ ପ୍ରକାର ସ୍ତ୍ରୀ ଆତ୍ମୀୟାଙ୍କ ଦ୍ୱାରା ଶିକ୍ଷାଦାନ ଗୃହେ । ଅଙ୍କ ଗୋଳମାଳ ଘଟାଏ । ପିଲାମାନଙ୍କୁ ଦିଆଯାଇଥିବା ଆତ ଆଉ ପିଅର ଫଳରେ ଗଣିବା ଶିଖେ । କିନ୍ତୁ ନ ଗଣି ଫଳ ସବୁ ମିଳି ଯାଉଥିଲା ଏବଂ ଗଣତି ନ କରି ମୁଁ ସେସବୁ ବାଣ୍ଟି ଦେଉଥିଲି । କକେସାସ ଅଞ୍ଚଳରେ ଫଳ ପ୍ରଚୁର । ମୁଁ ଆନନ୍ଦର ସହିତ ପଢ଼ାଶୁଣା କରେ ।

ପ୍ରଥମ ପାଠ :—ପ୍ରଥମ ପାଠ 'ଚଢ଼େଇ-ବିକାଳୀ ଆଗାଫିଆ' । [1] ଏମିତିକା ବହି ଆଉ ବେଶୀ ଥିଲେ ମୋର ପାଠପଢ଼ା ସେତିକିରେ ଇତି ହୋଇ ଯାଇଥା'ନ୍ତା । କିନ୍ତୁ ସୌଭାଗ୍ୟକୁ ଦ୍ୱିତୀୟ ପୁସ୍ତକ 'ଡନ୍ କୁଇକ୍ସଟୋ' ହାତକୁ ଆସିଲା । ବହି ପରେ ବହି ଖଣ୍ଡେ । ମୁଁ ଗୋଟାଏ କାଠ ଖଣ୍ଡା ତିଆରି କରି ଯାହାକୁ ସାମନାରେ ପାଇଲି, ତା ସାଙ୍ଗେ ଲଢ଼େଇ ଆରମ୍ଭ କରିଦେଲି ।

ପରୀକ୍ଷା :— ବାଗଦାଦ ଗ୍ରୁପ୍ କୁଟେଇଶ ଗଲି । ହାଇସ୍କୁଲ ଏଣ୍ଟ୍ରାନ୍ସ ପରୀକ୍ଷା, ପାସ କଲି । ଲିଙ୍ଗର ସମ୍ବନ୍ଧରେ ପ୍ରଶ୍ନ । ଭଲ ଉତ୍ତର । ଜନସଭା ତ କହୁଣି ଆଗରେ ଥିଲି । କିନ୍ତୁ ସ୍କୁଲର ପୁରୋହିତ ପ୍ରଶ୍ନ କଲେ—'ଓକୋ' କଣ ? ଉତ୍ତର—"ତିନି ପାଉଣ୍ଡ" (ଜର୍ଜିଆନ୍ ଭାଷାରେ ଏହା ସେଇଆ) । ସଦସ୍ୟ ପରୀକ୍ଷକମାନେ ବୁଝାଇ ଦେଲେ—'ଓକୋ' ପୁରାତନ ଗୀର୍ଜା ପ୍ରଚଳିତ ସ୍ଲାଭୋନିକ ଭାଷାରେ 'ଆଖି' । ଫେଲ୍ ହେବା ହିଁ ସାର ହେଲା । ତେଣୁ ଯାହା କିଛି ପ୍ରାଚୀନ, ଯାହା କିଛି ଗୀର୍ଜାସଂପର୍କୀୟ, କିଂବା ସ୍ଲାଭୋନିକ୍ ସେସବୁ ପ୍ରତି ମୋର ଘୃଣା ଉଦ୍ରେକ ହେଲା । ସେଇଥିରୁ ସଂଭବତଃ ମୋର 'ଫିଉଚରିଜ୍ମ୍,' ମୋର ନାସ୍ତିକତା ଏବଂ ମୋର ଅନ୍ତର୍ଜାତିକବାଦର ଜନ୍ମ ।

ହାଇସ୍କୁଲ : ପ୍ରିପ୍ୟାରେଟରି କ୍ଲାସ । ପ୍ରଥମ ଓ ଦ୍ୱିତୀୟ । କ୍ଲାସରେ ସର୍ବୋଚ୍ଚ ସ୍ଥାନ । "ଏକ୍ସେଲେଂଟସ୍"ରେ ଭୂଷିତ । ଜୁଲେସ ଭର୍ଣ୍ଣେ ପଢ଼ିଲି ଏବଂ ସାଧାରଣ ଭାବରେ ଆଉ ସବୁ । ଜଣେ ଦାଢ଼ିଆ ବ୍ୟକ୍ତି ମୋ ଭିତରେ କଳାକାର ମନୋବୃତ୍ତି ଆବିଷ୍କାର କଲେ । ମାଗଣା ପଢ଼ାଇଲେ ।

ଜାପାନିଜ ଯୁଦ୍ଧ:—ଘରେ ଖବରକାଗଜ ଓ ପତ୍ରିକା ସଂଖ୍ୟା ବୃଦ୍ଧି । 'ରସିଆନ୍ ଜର୍ନାଲ୍ସ', 'ରସିଆନ ଜଗତ', 'ରସିଆନ ସମ୍ପଦ', ଇତ୍ୟାଦି ଇତ୍ୟାଦି ।

---

[1] । Bird-Seller—Agafia——ପିଲଙ୍କ ଫାର୍ଷ୍ଟ ବୁକ୍ ।

Digitized by srujanika@gmail.com

"ପ୍ରୋକ୍ଲେମେଶନ" ଶବ୍ଦ ଋଷିଆରେ ଅସି ଅବତୀର୍ଣ୍ଣ ହେଲା । ଜର୍ଜିଆନମାନେ ଗୃହଆଡ଼େ 'ପ୍ରୋକ୍ଲେମେଶନ' ଝୁଲାଉଥିଲେ ଆଉ କସାକମାନେ ଜର୍ଜିଆନମାନଙ୍କୁ (ଫାସିରେ) ଝୁଲାଇଲେ । ମୋ ବନ୍ଧୁବାନ୍ଧବ ଦୋସ୍ତମାନେ ଜର୍ଜିଆନ ଥିଲେ । ମୁଁ କସାକମାନଙ୍କୁ ଘୃଣା କରିବାକୁ ଲାଗିଲି ।

ବେଆଇନ : ମସ୍କୋରୁ ମୋ ଭଉଣୀ ଆସିଲା । ସେ ଉତ୍ଫୁଲ୍ଲା । ମୋତେ ଲମ୍ବା ଲମ୍ବା ପ୍ରଚାରପତ୍ର ଦେଲା । ମୋତେ ଭଲ ଲାଗିଲା । କାରଣ ବଡ଼ ବିପଦର କଥା । ବର୍ତ୍ତମାନ ବି ମନେ ଅଛି । ପ୍ରଥମଟି :

'ଶୁଣ ମୋର ସାଥୀ, ଶୁଣ ସବୁ ଭାଇ ।
ତଳେ ରଖିଦିଅ ତମ ରାଇଫଲ୍ ।'

ଆଉ ଗୋଟିଏ ମଧ୍ୟ ଥିଲା, ଯାହାର ଶେଷ ପଂକ୍ତି—

"ତା' ନ ହେଲେ ଆଉ ଗୋଟିଏ ବାଟ ଅଛି
ଜର୍ମାନମାନଙ୍କୁ ନିଜକୁ, ନିଜ ସ୍ତ୍ରୀ ଓ ପୁଅ
ଓ ମାଙ୍କୁ ଦେବାକୁ ହେବ ।"
(ଜାର ସଂପର୍କରେ)

ଏହା ବିପ୍ଳବ । ଏହା କବିତା । ବିପ୍ଳବ ଓ କବିତା ମୋ ମୁଣ୍ଡରେ ଏକାଠି ଜଡ଼େଇ ହୋଇ ଗଲେ ।

୧୯୦୫

ପଢ଼ାଶୁଣାରେ ମନ ଲାଗୁନାଇଁ । ସାମାନ୍ୟ ନଂବର ମିଳେ । ତଥାପି ପାସ ହୋଇଗଲି । କାରଣ ମୁଣ୍ଡଟା ଢେଲା ମାଡ଼ରେ ଫାଟିଯାଇଥିଲା, (ରିଅନ ନଦୀ କୂଳରେ ଝଗଡ଼ା ହୋଇଥିଲା) ପରୀକ୍ଷକମାନେ ଦୟା ଦେଖାଇଥିଲେ । ମୋ ଜୀବନରେ ବିପ୍ଳବର ଆବିର୍ଭାବ ଏଇପରି : ମୋର ଏକ ଦୋସ୍ତ ଇସିଡ଼ୋର, ଏକ ଧର୍ମଯାଜକଙ୍କ ରୋଷେଇଆ, ଜଳନ୍ତା ଚୁଲି ଉପରେ ଖାଲି ପାଦରେ ଡେଇଁ ପଡ଼ିଲା— ସେନାପତି ଆଲିଖାନଭଙ୍କୁ ହତ୍ୟା କରାଯାଇଥିବାରୁ ଆନନ୍ଦର ଆତିଶଯ୍ୟରେ । ସେ ଜର୍ଜିଆର 'ପ୍ୟାସିଫାୟାର' । ବଡ଼ ବଡ଼ ପଟୁଆର, ସଭା । ଯୋଗଦେଲି । ଖୁବ ଭଲ ହେଲା । ଏଥିରେ ଯେଉଁମାନେ ଅଂଶ ଗ୍ରହଣ କରିଥିଲେ, ସେମାନଙ୍କ ଚିତ୍ରପଟ କଳନା କଲି । ନୈରାଶ୍ୟବାଦୀମାନେ କଳା । ସୋଶାଲ ରେଭୋଲ୍ୟୁସନାରୀମାନେ ଲାଲ ଆଉ ସୋଶାଲ ଡେମୋକ୍ରାଟମାନେ ନୀଳ ରଂଗର, ଫେଡ଼େରାଲିଷ୍ଟମାନେ ଅନ୍ୟାନ୍ୟ ରଂଗର ।[୩]

୩ । ଏଠାରେ ମାୟାକୋଭସ୍କି ପ୍ରାକ୍‌ବିପ୍ଳବଯୁଗର ମଧ୍ୟବିତ୍ତ ଓ ଶ୍ରମିକ ଶ୍ରେଣୀର ଦଳଗୁଡ଼ିକର ବର୍ଣ୍ଣନା କରିଛନ୍ତି । ଫେଡେରାଲିଷ୍ଟ ଜର୍ଜିଆର ଜାତୀୟବାଦୀ ବୁର୍ଜୋଆ ପାର୍ଟି ।

Digitized by srujanika@gmail.com

ସମାଜବାଦ : ବକ୍ତୃତା । ଖବରକାଗଜ । ସେ ସବୁଥିରୁ ଖାଲି ଅଜଣା ଅପରିଚିତ ଶବ୍ଦ ଓ ଚିନ୍ତାଧାରାମାନଂକ ସଂଗେ ଭେଟ । ନିଜେ ନିଜଠାରୁ ପଚାରି ମାଗେ—ଅର୍ଥ ଖୋଜେ । ଦୋକାନ ଝରକାରେ—ପ୍ରଚ୍ଛଦପତ୍ର । 'ଝଡ଼ର ପ୍ରହରୀ' (Stormy Petrel)[୪] । ତାକୁ ନେଇ କାରବାର । ସବୁ କିଣି ପକାଏ । ଛ'ଟାରେ ଉଠା । ଗୋଗ୍ରାସରେ ପଢ଼ିଯିବା । ପ୍ରଥମ : "ସୋଶାଲ ଡେମୋକ୍ରାଟମାନେ ଧ୍ୱଂସ ହୁଅଂତୁ ।" ଦ୍ୱିତୀୟ : "ଅର୍ଥନୀତି ବିଷୟରେ ଆଲୋଚନା ।" ମୁଁ ସାରା ଜୀବନ ଆଶ୍ଚର୍ଯ୍ୟହୋଇ ଭାବିଚି ସୋଶାଲିଷ୍ଟମାନେ କିମିତି ପୃଥିବୀକୁ ଜଂଜାଳମୁକ୍ତ କରିବେ, କିମିତି ବା ନିୟମବଦ୍ଧ କରି ପାରିବେ ? କ'ଣ ପଢ଼ିବି ?" ରୁବାକିନଂକ[୫] ଲେଖା, ଭାରି ରୁଚି । ସେ ଯାହା ପଢ଼ିବାକୁ ସୁପାରିଶ କରିଛଂତି ତାହାହିଁ ପଢ଼ିବି । ଅନେକ ଜିନିଷ ଅଛି, ଯାହା ମୁଁ ବୁଝେ ନା । ପ୍ରଶ୍ନ ପରେ । ଏକ ମାର୍କସବାଦୀ ପାଠଚକ୍ରକୁ ଯାଏ । ଏରଫୁର୍ଟ ପ୍ରୋଗ୍ରାମ ମଝିରେ । "ଲୁଂପେନ୍‌ପ୍ରୋଲେଟେରିୟାଟ" । ନିଜକୁ ସୋଶ୍ୟାଲ ଡେମୋକ୍ରାଟ ମନେକରେ । ବାପାଂକ ଜଂକଧରା ବଂଧୁକସବୁ ନେଇ ସୋଶ୍ୟାଲ ଡେମୋକ୍ରାଟ କମିଟିକୁ ଦିଏ । ଲସାଲେ ମନକୁ ପାଂଆନ୍ତି । ପାଇବା କଥା, କାରଣ ଦାଢ଼ି ନାଇ । ଯୁବକ । ଡେମୋସ୍ଥିନିସଂକ ସଂଗେ ଲସାଲେଂକୁ ତୁଳନା କରେ । ଶୁଅନ ତଟକୁ ଯିବ । ବକ୍ତୃତା ଦେବ, ମୁହଁ ଭିତରେ ଚୂନାପଥର ।

ପ୍ରତିକ୍ରିୟା : ମୋ ମତରେ ଆରଂଭଟା ଏଇପରି । (ପୋଲିସ ଆକ୍ରମଣ ପରେ) ଭୟତ୍ରସ୍ତ ଅବସ୍ଥା । ବାଉମ୍ୟାନ[୬] ମୁଣ୍ଡପଛ ଭାଂଗି ଦିଆଯାଏ । ମନେହେଲା ମୁଂଡ ଭିତରେ କିଏ ଢୋଲ ପିଟୁଚି । ମୁଁ ଫାଟିଯାଉଚି । ଖାବଲ ।

୧୯୦୬

ବାପାଂକର ମୃତ୍ୟୁ । ତାଂକ ଆଂଗୁଠି ଫୋଡ଼ ହୋଇଯାଏ (ରକ୍ତ ବିଷାକ୍ତ ହୁଏ) । ସେଇ ଦିନଠୁ ପିନ୍‌ କଂଟା ସହ୍ୟ କରିପାରେ ନା । ସମୃଦ୍ଧିର ଦିନ ଅସ୍ତ । ବାପାଂକ ଅନ୍ତ୍ୟେଷ୍ଟିକ୍ରିୟା ପରେ ମାତ୍ର ତିନ ରୁବଲ ବଂଚେ । ଭୂତାକାଂତ ପରି ଚୌକି, ଟେବୁଲ ବିକୁଁ । ମସ୍କୋ ଚାଲିଯାଉ । କାହିଁକି ? ସେଠି ତ ଚିହ୍ନା ପରିଚିତ କେହି ନ ଥିଲେ ।

ଯାତ୍ରା : ବାକୁ । ସବୁଠୁ ଭଲ । ଡେରିକସ—ଗାଧୁଆକୁଂଡ ଆଉ ସର୍ବୋତ୍କୃଷ୍ଟ ସୁଗଂଧି ତେଲ; ତାପରେ ମାଳଭୂଇଁ । ମରୁଭୂମି ବି ।

---

୪ । ମ୍ୟାକ୍ସିମ ଗୋର୍କିଂକ ପ୍ରଣୀତ ବିଖ୍ୟାତ ସଂଗୀତ ଯାହା ଅସନ୍ତ ବିପ୍ଳବର ସୂଚନା ଦେଇଥିଲା ।

୫ । ପାଠ୍ୟ ସଂକ୍ରାନ୍ତୀୟ ଏକ ପ୍ରାମାଣ୍ୟ ଗ୍ରଂଥ ।

୬ । ୧୯୦୫ ବିପ୍ଳବରେ ନିହତ ପ୍ରସିଦ୍ଧ ବିପ୍ଳବୀ ନେତା ।

Digitized by srujanika@gmail.com

ମସ୍କୋ : ସନ୍ଧ୍ୟରତଳ । ରୁଜୁମୋଭସ୍କିରେ ରହିବୁଁ ? ପ୍ଲଟ୍ନିକୋଭସ୍ । ମୋ ଭଉଣୀର ଚିହ୍ନା । ତା ପର ଦିନ ସକାଳେ ନଈ-ଟ୍ରେନରେ ମସ୍କୋ ଯାତ୍ରା ।

ବ୍ରୋନଥା ଷ୍ଟ୍ରୀଟରେ ବାସସ୍ଥାନ ଅଭାବ ।

ମସ୍କୋ ବ୍ୟାପାର : ଖରାପ ଖିଆ । ମାସକୁ ଦଶ ରୁବଲ ପେନସନ । ମୁଁ ଓ ଦୁଇ ଭଉଣୀ ପଢ଼ାଶୁଣା କଲୁ । ମା' ଭଡ଼ାରେ ଲୋକ ରଖଂନ୍ତି । ବିଖର୍‌ଷ୍ଟା କଦର୍ଯ୍ୟ । ଛାତ୍ରମାନେ ଗରିବ । ସୋଶ୍ୟାଲିଷ୍ଟ । ଭାସ୍ୟା କ୍ୟାଂଡାଲେଙ୍କ ମନେ ଅଛି— ମୋ ଦେଖଂତରେ ସେଇ ପ୍ରଥମ ବଲଶେଭିକ୍ ।

ମନୋରମ : କିରସିନି ଆଣିବାକୁ ପଠା ଗଲି । ୫ ରୁବଲସ । ୧୪ ରୁବଲସ ୫୦ କୁପେକ୍‌ସ୍‌ର ରେଜା ପାଇଲି । ମିଠ୍ ଆୟ୍ମ ୧୦ ରୁବଲସ୍ । ବିବେକର ଦଂଶନ । ଦୋକାନ ଆଡ଼େ ଦିଥର ଚକ୍କର ମାରିଲି । (ଏରଫର୍ଟ ପ୍ରୋଗ୍ରାମ [୭] ଉଦରସ୍ଥ କରି ସାରିଲିଣି) । କାହାକୁ ପଚାରିବି ? କାହା ପକେଟ ଶୂନ୍ୟ ? ଦୋକାନ ମାଲିକ ନା ଖରିଦଦାର ଭିତରୁ କିଏ ?—ନିର୍ବୋଲାରେ ପଚାରିଲି—ମାଲିକ ! ଗୃଶଟା ମିଠା କେକ୍ ଆଉ ଚନାଦିଆ ଲେଂବୁ ଆଗୁର କିଣି ଖାଇଲି । ଯାହା ବଳିଲା ସେଥିରେ ପେଟ୍ରି ଆରବ୍ ସରୋବରରେ ନୌକାବିହାର [୮] କଲି । ସେଇ ଦିନଠୁ ଚନାଦିଆ ଲେଂବୁ ଆଗୁର ସଂଗେ ମିଠା କେକ୍ ସହ୍ୟ କରିପାରେ ନାଇ ।

କାମ : ଘରେ କପର୍ଦ୍ଦକ ନାଇ । ହାତରେ କାମ କରିବାକୁ ପଡ଼େ । କିଛି ଅଂକନ ବି । ବିଶେଷ ଭାବରେ ଇଷ୍ଟର ଅଂଡାଗୁଡ଼ାକ କଥା ମନେ ପଡ଼ୁଛି । ଗୋଲ ଗୋଲ, ଦରଜା ପରି ଫଟା । ନେଗଲିନାୟାର ଏକ ହସ୍ତଶିଳ୍ପ ଦୋକାନରେ ଗୋଟାକୁ ୧୦-୧୫ କୁପେକ୍‌ସରେ ବିକି ହେଉଥିଲା । ସେଇ ଦିନୁ ହସ୍ତଶିଳ୍ପୀ ଚେମ୍, [୯] ରସିଆନ ଶୈଳୀ ଏବଂ ହସ୍ତଶିଳ୍ପ ଉପରେ ଘୃଣା ଧରିଗଲା ।

ହାଇସ୍କୁଲ : ପଂଚମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲି । ମାର୍କସ କମିବାରେ ଲାଗିଥାଏ । ଡେସ୍କ ତଳେ Anti-Duehring [୧୦] ଛପି ରହିଥାଏ ।

ପଠନ : ସାହିତ୍ୟ ନେଇ ନାଇ । ଦର୍ଶନ । ହେଗେଲ, ପ୍ରାକୃତିକ ବିଜ୍ଞାନ । କିଂତୁ ପ୍ରଧାନତଃ ମାର୍କସବାଦ । କୌଣସି କଳା ପୁସ୍ତକ ମୋର ଆଗ୍ରହ ଉଦ୍ରେକ

୭ । ଜର୍ମାନ ସୋଶ୍ୟାଲ ଡେମୋକ୍ରାଟିକ୍ ପାର୍ଟିର ପ୍ରୋଗ୍ରାମ—ଯାହା ଏରଫର୍ଟ କଂଗ୍ରେସରେ ୧୮୭୧ ଖ୍ରୀଷ୍ଟାବ୍ଦରେ ଗୃହୀତ ହୋଇଥିଲା ।

୮ । ମସ୍କୋର ସରୋବର ବିଶେଷ ।

୯ । ଏକନାବେଥ ଚେମ୍—ପ୍ରସିଦ୍ଧ ଶିଳ୍ପୀ । ରସିଆନ୍ ଶୈଳୀରେ ହାତକାମ ଉପରେ ଅଂକନ କରି ଖ୍ୟାତି ଅର୍ଜନ କରିଥିଲେ ।

୧୦ । ଏଂଗେଲସଂକ ବିଖ୍ୟାତ ପୁସ୍ତକ Anti-Duehring

Digitized by srujanika@gmail.com

କରି ନ ଥିଲି, କେବଳ ମାର୍କସଙ୍କ ମୁଖବଂଧ·····୧୧ ଛଡ଼ା । ଷ୍ଟୁଡ଼େଂଟସ ରୁମ ସବୁ ବିପ୍ଳବାତ୍ମକ କାର୍ଯ୍ୟର କେନ୍ଦ୍ରରେ ପରିଣତ ହେଲେ । "ଷ୍ଟ୍ରୀଟ ଲଢ଼େଇର କୌଶଳ" ଇତ୍ୟାଦି । ଲେନିନଂକ ନାଲି ମଲାଟରେ ପ୍ରକାଶିତ "ଟୁ ଟ୍ୟାକ୍ଟିକସ" ବେଶ ମନେପଡ଼େ । ପୁସ୍ତକଟିର ପୃଷ୍ଠାଗୁଡ଼ିକର ମାର୍ଜିନ୍ ସବୁ କଟା ହୋଇଥିଲି । ନିଷିଦ୍ଧ ପୁସ୍ତକ ଲୁଚାଇବା ପକ୍ଷରେ ସୁବିଧା ହେବ । ଆଇଡ଼ିଆଟା ପସଂଦ କଲି । ସର୍ବୋଚ୍ଚ ଅର୍ଥନୀତି ସଂଗେ ସୌନ୍ଦର୍ଯ୍ୟତତ୍ତ୍ୱର ସଂମିଶ୍ରଣ ।

ପ୍ରଥମ ଅର୍ଥକବିତା : ତୃତୀୟ ଶ୍ରେଣୀ ଏକ ବେଆଇନ ପତ୍ରିକା ବାହାର କରୁଥିଲି । The Surge । ମୁଁ ଉତ୍ତେଜନା ଅନୁଭବ କରେ । ଅନ୍ୟମାନେ ଲେଖୁଛଂତି—ମୁଁ କଣ ପାରିବି ? ଚିଂତା ଆରଂଭ କରିଦେଲି । ଫଳ ଯାହା ହେଲି ତାହା ଅତ୍ୟଂତ ବିପ୍ଳବାତ୍ମକ—କିନ୍ତୁ ଅତ୍ୟଂତ କମ୍ ଚିତ୍ତାକର୍ଷକ । ଧାଡ଼ିଏ ବି ମନେ ନାହିଁ । ଦ୍ୱିତୀୟ କବିତାରେ ହାତ ଦେଲି । ଫଳ ହେଲି ଭାବାତ୍ମକ । ସମାଜବାଦୀ ଆତ୍ମମର୍ଯ୍ୟାଦାଜ୍ଞାନ ସଂଗେ ଖାପ ଖାଇଲି ନାହିଁ । ଏକାବେଳକେ ବଂଦ କରିଦେଲି ।

୧୯୦୮

ପାର୍ଟି : ଋଷିଆନ ସୋଶ୍ୟାଲ ଡେମୋକ୍ରାଟିକ୍ ଲେବର ପାର୍ଟି (ବଲଶେଭିକ)ରେ ଭର୍ତ୍ତିହେଲି । ଶିଳ୍ପ ଓ ବାଣିଜ୍ୟ ବିଭାଗ ପରୀକ୍ଷାରେ ବସିଲି । ପାସ ହେଲି । ପ୍ରଚାରକ । ରୁଟିତିଆରି କରୁଥିବା ଶ୍ରମିକ, ମୋଚି ଏବଂ ଶେଷରେ ଛାପାଖାନା ଶ୍ରମିକମାନଂକ ଭିତରେ ପ୍ରଚାର ଚଳାଇଲି । ନଗର ସମ୍ମିଳନୀରେ ମସ୍କୋ କମିଟିକୁ ନିର୍ବାଚିତ ହେଲି । "କମ୍ରେଡ଼ କନଷ୍ଟାଂନଟିନ୍" ନାମରେ ପରିଚିତ ହେଲି ।

ଗିରଫଦାରି : ତଲ୍ଲାସି ଅବସ୍ଥାରେ ଗିରଫ ହେଲି । ଗ୍ରୁଜିନୀଠାରେ[୧୨] । ଆମର ବେଆଇନ ଛାପାଖାନା[୧୩] । ନୋଟବୁକ୍‌ଟାକୁ ଚୋବାଇ ଗିଳି ପକାଇଲି । ବହୁତ ଠିକଣା ଲେଖାଥିଲି, ବଂଧା ହୋଇଥିଲି । ପ୍ରେସନିଆ ପୋଲିସ ଥାନା ।

ଗୁଇଂଦା ପୁଲିଶ । ଶୁଶୋଭେସ୍କାୟା ଥାନା । ପରୀକ୍ଷକ ମାଜିଷ୍ଟ୍ରେଟ ଭୋଲ୍‌ଟାନଭସ୍କି । (ନିଜକୁ ଖୁବ ଚତୁର ଭାବୁଥିଲେ) ମୋତେ ତାଂକ କଥାସବୁ

---

୧୧ । ଏଠାରେ ମାୟାକୋଭସ୍କି ସଂଭବତଃ ମାର୍କସଂକର 'କ୍ୟାପିଟାଲ' ଗ୍ରଂଥର ଭୂମିକା ବିଷୟକୁ ସୂଚିତ କରିଛଂତି ।

୧୨ । ଗ୍ରୁଜିନୀ ମସ୍କୋର ଏକ ଜିଲ୍ଲା ।

୧୩ । ମାୟାକୋଭସ୍କି ପ୍ରଥମ ଥର ପାଇଁ ୧୯୦୮ ସାଲ ମାର୍ଚ୍ଚ ମାସ ତା ୨୯ରେ ଗିରଫ ହୁଅଂତି, ବଲଶେଭିକ ପାର୍ଟିର ମସ୍କୋ କମିଟି ପରିଚାଳିତ ଛପାଖାନା ଉପରେ ଚଢ଼ାଉ ହୁଏ । ସେତେବେଳେ ତାଂକର ବୟସ ମାତ୍ର ୧୪ ବର୍ଷ ।

Digitized by srujanika@gmail.com

ନୋଟ ନେବାକୁ ବାଧ୍ୟକଲେ । ମୋ ବିରୁଦ୍ଧରେ ଅଭିଯୋଗ ଯେ ମୁଁ ଘୋଷଣା (ପ୍ରୋକ୍ଲେମେଶନ) ସବୁ ଲେଖୁଥିଲି । ନୋଟ ନେବାବେଳେ ମନ ଇଚ୍ଛା ଭୁଲ କଲି । ଲେଖିଲି "Soshal-dimocratic" । ପୁଲିଶ ସେମାନଙ୍କ ଆଖିରେ ଧୂଳି ଦେଲି । ଜାମିନ୍‌ରେ ଖଲାସ । ଆଶ୍ଚର୍ଯ୍ୟ, ଆର୍ଟ୍‌ସିବାଶେଭଂକ 'Sanin' [୧୪] ପୁଲିଶ ଫାଂଡ଼ିରେ । କୌଣସି କାରଣରୁ ପ୍ରତି ପୁଲିଶ ଫାଂଡ଼ି ଓ ଥାନାରେ ଏଥିରୁ ଖଂଡେ ଖଂଡେ ରଖାଯାଇଥାଏ । ଆପାତତଃ ହୃଦୟସ୍ପର୍ଶୀଚକ ।

ଖଲାସ ହେଲି । ପାର୍ଟି କାମରେ ବର୍ଷେ କଟେ ।

୧୯୦୯

ଦ୍ୱିତୀୟ ଗିରଫଦାରି : ମସ୍କୋ ଟାଗନାକା ଜେଲ୍ ତଳେ ଆମ ଘରେ ଥିବା ଭଡ଼ାଟିଆମାନେ ଖବର ଦେଉଥାନ୍ତି । ଉଦ୍ଦେଶ୍ୟ ନାରୀ କଏଦୀମାନଂକୁ ଖଲାସ କରି ଆଣିବା । ନଭେନସ୍କି ଜେଲରୁ ବଂଦୀମାନଂକୁ ଉଦ୍ଧାର କରିବାରେ ଜଡ଼ିତ ହେଉଁ । ଧରପକଡ଼ ହେଲି । [୧୫] ରିଭଲଭର ଓ ବେଆଇନ କାଗଜପତ୍ର ମିଳିଲା । ବଂଦୀ ହେବାକୁ ଇଚ୍ଛା ନ ଥିଲା । ଖୁବ ଗୋଳମାଳ କଲି । ଏକ ଥାନାରୁ ଅନ୍ୟ ଥାନା ବୁଲା ହୋଇ ଗଲି । ବାସମାନାୟା, ମେଶ୍‌ଚାନସ୍କା, ମ୍ୟାଣିନକାୟା, ଶେଷରେ ବୁଟିର୍କି । ନିର୍ଜନ କୋଠରି ୧୦୩ ନଂବର ।

ବୁଟିର୍କିରେ ଏଗାର ମାସ : ମୋ ପକ୍ଷରେ ଖୁବ୍ ଗଂଭୀର କାଳ । ତିନି ବର୍ଷ ତତ୍ତ୍ୱ ଚର୍ଚ୍ଚା ଓ ଅଭ୍ୟାସ ପରେ ଲାଗେ ସାହିତ୍ୟ କୁହୁମାନ ଉଦରସ୍ଥ କରିବାକୁ ଲାଗିଲି । ସବୁ ଆଧୁନିକ ମାଲ ପଢ଼ି ପକାଇଲି । ପ୍ରତୀକବାଦୀ ବେଲି, ବ୍ୟାଲମଂଟ । ନୂଆ ନୂଆ ପ୍ରୟୋଗର ପରୀକ୍ଷା ନିରୀକ୍ଷା କରି । କିଂତୁ ଏସବୁ ମୋତେ ଅଡୁଆ ଅଡୁଆ ଲାଗୁଥିଲା । ଯେଉଁ ଜୀବନ ମୋର ନୁହେଁ, ସେଇ ଜୀବନରୁ ସଂଗୃହୀତ ଚରିତ୍ର ଓ ବିଷୟବସ୍ତୁରେ ଏମାନେ ଭରପୂର ।

ଅନ୍ୟ ଜିନିଷ ଯେତେ ଭଲ ହେଉ ନା କାହିଁକି ଅଗ୍ରହଣୀୟ । ପରିଣତ କେତେକ ଘଷରା ମାଲ, ଯଥା:—

---

୧୪ । ଏହା ଏକ ଉତ୍କଟ ଯୌନରସାତ୍ମକ ପ୍ରତିକ୍ରିୟାମୂଳକ ଉପନ୍ୟାସ । ରାଜନୈତିକ ବଂଦୀମାନଂକୁ "ଆମୋଦ ଦେବା" ପାଇଁ ଏହା ପଢ଼ିବାକୁ ଦିଆଯାଇଥାଏ ।

୧୫ । ପ୍ରକୃତରେ ଦେଖିବାକୁ ଗଲେ ଏହା ମାୟାକୋଭସ୍କିଙ୍କର ତୃତୀୟ ଗିରଫଦାରି । ସେ ୧୯୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ମାସରେ ଦ୍ୱିତୀୟ ଥର ପାଇଁ ଗିରଫ ହୁଅଂତି; ମାତ୍ର ସାକ୍ଷ୍ୟ ପ୍ରମାଣ ନ ମିଳିବାରୁ ଖଲାସ ହୁଅଂତି । ତାପରେ ୧୯୦୯, ଜୁଲାଇ ପହିଲାରେ କେତେକ ନାରୀବନ୍ଦୀଂକୁ ଜେଲଖାନାରୁ ଖସାଇ ଆଣିଥିବା ସଂଗଠନ ସହିତ ସଂପୃକ୍ତ ଥିବା ଯୋଗୁଁ ଗିରଫ ହୁଅଂତି ।

Digitized by srujanika@gmail.com

"Forests wear garments of yellow
and purple
Fire of the sun on church cupolas
plays
I waited : but days in the months
extinguished,
Hundreds of languorous days.

"ହଳଦିଆ ଓ ବାଇଗଣି ରଂଗର ପୋଷାକ ପିଂଧେ ବନ ।
ଗୀର୍ଜା-ଚୂଡ଼ାରେ ସୂର୍ଯ୍ୟର ନିଆଁ ଝାସ ।
ଅପେକ୍ଷା କରେ ମୁଁ ତ ।
ମାତ୍ର ମାସର ସବୁ ଦିନ ନିଷ୍କ୍ରାଂତ ।
ଶତ ଶତ ଝୁରିଲ୍ ଦିନମାନ ।"

ଖାତା ପରେ ଖାତା ଏଇ ପରିକା ପଦ୍ୟରେ ଭରିଗଲା । ଓ୍ୱାର୍ଡରମାନଂକୁ ଧନ୍ୟବାଦ ଯେ, ମୁଁ ଖଲାସ ହେବା ସମୟରେ ସେମାନେ ମୋଠୁ ସେଗୁଡ଼ିକ ଛଡ଼ାଇନେଲେ । ନୋହିଲେ ହୁଏତ ଛପାଇ ପକାଇଥାଂତି । ସମସାମୟିକ ଲେଖକମାନଂକୁ ଖତମ କରି କ୍ଲାସିକ (ଧ୍ରୁପଦୀ) ଆଡ଼କୁ ଝୁଂକି ପଡ଼ିଲି । ବାଇରନ, ସେକ୍ସପିଅର, ଟଲଷ୍ଟୟ । ଶେଷ ବହିଟା—ଆନା କାରେନିଆ । ଶେଷ କରିପାରିଲି ନାହିଁ । ରାତିରେ ମୋତେ କୁହାଗଲା "ଜିନିଷପତ୍ର ବାଂଧ ।" ତେଣୁ କାରେନିନ୍ ବ୍ୟାପାରଟା ଠିକ ହୋଇପାରିଲା ନାହିଁ । ଖଲାସ ହେଲି । ସାଇବେରିଆର ତୁରୁଖାନସ୍କ ଶିବିରକୁ ତିନିବର୍ଷ ପାଇଁ ଯିବାକୁ ପଡ଼ିଥାଂତା (ଗୋଇଂଦା ପୋଲିସ ଏହା ସିଦ୍ଧାଂତ କରିଥିଲେ ।) ବାପାଙ୍କ ବଂଧୁ ମାଖମୋଦବେଖଭ କହିଲେ ଯେ ଶଭଲ୍ଭରଟା ତାଂକର, କ୍ରୁଲିଭଂକ ସଂଗେ (ପୁଲିସ ବିଭାଗର ବଡ଼ କର୍ତ୍ତା) କଥାବାର୍ତ୍ତା କରି ମୋତେ ଖଲାସ କରାଇଲେ ।

ଜେଲରେ ଥିଲାବେଳେ ପ୍ରଥମ ଅପରାଧ ପାଇଁ ବିଗ୍ଭର ହୋଇଥିଲା । ଦୋଷୀ କିଂତୁ ନାବାଳକ । ପୁଲିସ ତନଖି ଓ ଅଭିଭାବକଂକ ହେପାଜତରେ ରହିବା ସର୍ତ୍ତରେ ଜେଲରୁ ମୁକୁଳିଲି ।

ଏକ ତଥାକଥିତ ସମସ୍ୟା : ବିଚଳିତ ଅବସ୍ଥାରେ ବାହାରି ପଡ଼ିଲି । ଯେଉଁସବୁ ଗ୍ରଂଥକର୍ତ୍ତାଂକ ବହି ମୁଁ ଅଧ୍ୟୟନ କରିଛି, ସମସ୍ତେ ମହାନ ବ୍ୟକ୍ତି । କିଂତୁ ସେମାନଂକଠାରୁ ଭିନ୍ନ ଲେଖିବା କେଡ଼େ ସହଜ ! ଜଗତ ସଂବଂଧରେ ମୋର ଏକ ସଠିକ ଦୃଷ୍ଟିକୋଣ ବିକାଶ ପାଇଛି । ମୋର କେବଳ ଦରକାର କଳାରେ ଅଭିଜ୍ଞତା । କେଉଁଠି ଏହା ମିଳିବ ? ମୁଁ ଅଧା-ସେନା ବୁଝି । ପୁରା ତାଲିମ ଦରକାର । ଅନେକଗୁଡ଼ାଏ ହାଇସ୍କୁଲରୁ ଗୋଇଠା ଖାଇଛି । ଏପରିକି ଷ୍ଟ୍ରୋଗାନଭସ୍କିରୁ ବି ।[୧୬] ପାର୍ଟିରେ ରହିବା ଅର୍ଥ, ଭୂଇଁ ତଳେ କାମ

୧୬ । ଏହି Industrial Arts School—ମାୟାକୋଭସ୍କି ଏଠାରେ ଶିକ୍ଷା ହେବା ପୂର୍ବରୁ କେତେକ ମାସ ପଢ଼ିଥିଲେ ।

Digitized by srujanika@gmail.com

କରିବା । ଭୁଲିଁ ନଲେ ରହିବା ଅର୍ଥ, ମୋତେ ଗୃଷ୍ଟାପନ୍ତ୍ରୀଙ୍କ ପଢ଼ାଶୁଣାର ଇତି । ମୋ ଷଗାଂରେ ଖାଲି ଜୀବନ ସାରା ପ୍ରଗୃରପତ୍ର ଲେଖାଣ୍ଡି ସାର ହେବ । ସ୍ମାର ଅର୍ଥ ଅନ୍ୟମାନଂକ ଲେଖା ବହିପତ୍ରରୁ ସାରବାନ ସଠିକ ଅଂଶମାନ ଉଦ୍ଧାର କରିବା, ଯାହା ମୋ ଚିଂତାରୁ ବାହାରିନାଇ । ଯଦି ମୁଁ ଯାହା ପଢ଼ିଚି, ସେ ସବୁ ମୋଠୁ ନିକାଲି ନିଆଯାଏ, ତେବେ ମୋର ହୋଇ ଆଉ କଣ ରହିବ ? କେବଳ ମାର୍କସୀୟ ପଦ୍ଧତି । ବୋଧହୁଏ ଏକ ପିଲା ହାତରେ ଏହା ପଡ଼ିନ୍ତୁ । ପଦ୍ଧତିଟା ଯଦି ନିଜ ଚିଂତା ଅନୁଯାୟୀ ବ୍ୟବହାର କରାଯାଇ ପାରିଂତା, ତେବେ ବରଂ ତାହା ସହଜସାଧ୍ୟ ହୁଅଂତା । କିଂତୁ ଶତ୍ରୁମାନଂକ ମୁକାବିଲା କରିବା ସମୟରେ ? ଯାହା ହେଉନା କହିଁକି, ବେଲି ଅପେକ୍ଷା ତ ମୁଁ ଆଉ ଭଲ ଲେଖିପାରିବି ନାଇ । ତାଂକର ଯାହା କହିବାର ଥିଲା ସେ ବେଶ୍ ଭଲଭାବରେ କହିଯାଇଛଂନ୍ତି—"ସ୍ୱର୍ଗ ଆଡ଼କୁ ମୁଁ ଏକ ସପୁର ପଣସ ଫିଂଗିଥିଲି ।" ଅଥଚ ମୁଁ ଲେଖିଚି "ଶତ ଶତ ଝୁରିଲି ଦିନମାନ ।" ଅନ୍ୟମାନଂକ ପକ୍ଷରେ ପାର୍ଟିରେ ରହିଲେ କିଛି କ୍ଷତି ନାଇ । ତାଂକ ପଛରେ ବିଶ୍ୱବିଦ୍ୟାଳୟ ରହିଛି । (ମୋର ଉଚ୍ଚଶିକ୍ଷା କିଛି ନ ଥିଲା— ମୋର ସେତେବେଳେ ସେଥିପ୍ରତି ସମ୍ମାନ ଥିଲା) ।

ଅଶାତର ସୌଂଦର୍ଯବିଦ୍ୟା ବିରୁଦ୍ଧରେ ମୁଁ କଣ ଛିଡ଼ା କରାଇପାରିବି ? ଅଥଚ ସେମାନେ ସ୍ତୁପୀକୃତ ହୋଇ ମୋ ସାମନାରେ ଗଦା ହୋଇଛଂତି । ବିପ୍ଳବ କଣ ଗୁରୁଗଂଭୀର ଶିକ୍ଷା ଦରକାର କରେନା ? ମୁଁ ସାଥୀ ମେଡ଼ଭେଡେଭ ପାଖକୁ ଗଲି । ସମାଜବାଦୀ କଳା ସୃଷ୍ଟି କରିବାକୁ ଚାହେଁ । ସେ ଲଂବା ହସ ହସିଲା । "ତୋର ସେ ହିମ୍ମତ ନାଇ ।" ମୁଁ ଏବେ ସୁଦ୍ଧା ଭାବେ ଯେ ସେ ମୋର ହିମ୍ମତକୁ ହୀନମାନ କରିଥିଲା । ମୁଁ ପାର୍ଟିକାମ ବଂଦ କରିଦେଲି । ପଢ଼ାଶୁଣାରେ ଲାଗିପଡ଼ିଲି ।

କାରାଗାରର ଅଧ୍ୟୁମାରଂଭ: ମୋତେ ଜଣା ପଡ଼ିଲା, ମୋ ଦ୍ୱାରା କବିତା ଲେଖା ହେବ ନାଇ । ଚେଷ୍ଟା ଦୟନୀୟ ମନେ ହେଲା । ଚିତ୍ରାଂକନ ଆଡ଼କୁ ଚଳିଲି । ଝୁକୋଭସ୍କିଂକ ଶିଷ୍ୟାଣୀ ବରଣକରେ । କେତେକ ଯୁବତୀଂକ ସଂଗେ ରୂପା ପାତ୍ରମାନ ଆଂକିବାରେ ଲାଗେ । ବର୍ଷକ ପରେ ଉପଲବ୍ଧି କଲି ମୁଁ ସିଲେଇ ଆଉ ବୁଣିବା କାମ କଲେ ଭଲ ହେବ । କେଲିନ୍ ଗଲି । ବାସ୍ତବବାଦୀ । ଭଲ ଆଂକେ । ଶିକ୍ଷକ ଖୁବ ଭଲ । ଅଟଳ ।

ଦାବୀ—କାରାଗାର । ହ୍ୱଲବିନ୍ । ସୁଂଦର କିଛି ଦେଖିପାରେ ନାଇ ।

ଶେଷ ସ୍କୁଲ : ବର୍ଷେକାଳ 'ମୁଂଡ' ଗଢ଼ିଲି । ଚିତ୍ରବିଦ୍ୟା ଭାସ୍କର୍ଯ ଓ ସ୍ଥାପତ୍ୟ ବିଦ୍ୟାଳୟରେ ଭର୍ତ୍ତି ହେଲି । ଏକମାତ୍ର ସ୍ଥାନ ଯାହା ଚରିତ୍ର ସାର୍ଟିଫିକେଟ ମାଗେ ନାଇ । ଭଲ କାମ କରେ । ଦେଖି ବିସ୍ମିତ ହେଲି ଯେ ଅନୁକରଣକାରୀମାନଂକୁ

Digitized by srujanika@gmail.com

ସାବାସ୍ ମିଳୁଛି ଆଉ ମୌଳିକ ପ୍ରତିଭା ପାଉଛନ୍ତି ହତାଦର । ମୋର ବିପ୍ଳବୀ ଚେତନା ହତାଦର ପାଉଥିବା ଶିଳ୍ପୀମାନଙ୍କ ପକ୍ଷରେ ଛିଡ଼ାହେଲା ।

ଡେଭିଡ୍ ବରଲ୍ୟୁକ୍:—ସ୍କୁଲରେ ଆସି ପହଂଚିଲା ବରଲ୍ୟୁକ । ଉଦ୍ଧତ ଚେହେରା । ମାନଧାତା ଅମଳର ଫିତାବନ୍ଧା ଚଶମା । ଫ୍ରକ୍ କୋଟ । ଚାଲିଲାବେଳେ କ'ଣ ଗୁଣ ଗୁଣ କରେ । ତାର ସାମନା କରିବ । ପ୍ରାୟ ମୁଷ୍ଟିଯୁଦ୍ଧ ହେବା ଉପରେ ।

ଧୂମ୍ର କୋଠରୀରେ :—ଚଟାପଟ ମିଟିଂ, କନସାର୍ଟ, ସଂଗୀତ, ରାଚମ୍ୟାନିନଭ୍, 'Island of Corpses ।" ଅସହ୍ୟ ସଂଗୀତମୟତା କବଳରୁ ପଳାୟନ । ବରଲ୍ୟୁକର ପଳାୟନ ମିନିଟକ ପରେ । ଦୁହେଁ ପେଟେ ହସିଲୁ । ସାଂଗ ହୋଇ ବୁଲିବାକୁ ଗଲୁ ।

ଏକ ସ୍ମରଣୀୟ ରାତି :—ଆଲାପ । ରାଚମ୍ୟାନିନଭର ନୀରସ ଅନୁଷ୍ଠାନ ପରେ ସ୍କୁଲର ପ୍ରାଣହୀନ ରୁଟିନ୍ । ତାପରେ ସେଇ ଧ୍ରୁପଦୀ ପ୍ରାଣହୀନତା । ଡେଭିଡର ଥିଲା କ୍ରୋଧ—କାରଣ ସେ ତାର ସମସାମୟିକମାନଙ୍କୁ ଅତିକ୍ରମ କରି ଯାଇଛି । ମୋର ଥିଲା ସମାଜବାଦୀର ନିଷ୍ଠା ଯାହା ପୁରାତନର ଅପରିହାର୍ଯ୍ୟ ବିଲୟ ସଂବଂଧରେ ସଚେତନ । ଏଇପରି ଭାବରେ ଋଷିଆନ୍ ଭବିଷ୍ୟତବାଦ ବା 'ଫିଉଚରିଜିମ୍'ର ଜନ୍ମ ହୁଏ ।

ତାପରେ : ତା ପରଦିନ ଗୋଟାଏ କବିତା । ଅଂଶବିଶେଷ ମାତ୍ର । ଝରୁପ । କେହି ଛପାଇଲେ ନାହିଁ । ରାତି । ଷ୍ଟ୍ରେଟେନ୍କା ବୁଲେଭାର୍ଡ଼ । ବରଲ୍ୟୁକ୍‌କୁ ମୋ ଲେଖା ଶୁଣାଇଲି । କହିଲି, ମୋର ଜଣେ ବନ୍ଧୁ ଲେଖିଛି । ଡେଭିଡ୍ ରହିଗଲା । ମୋତେ ଉପରୁ ତଳୁ ଅନାଇଲା ! "ତୁ ନିଜେ ଲେଖିଚୁ । ତୁ ଗୋଟାଏ ପ୍ରତିଭା ।" ଏଇ ଆଡ଼ମ୍ବରପୂର୍ଣ୍ଣ ଅଥଚ ଅନାକାଙ୍କ୍ଷିତ ପ୍ରଶଂସା ମୋତେ ଆନନ୍ଦରେ ବିହ୍ୱଳ କରିଦିଏ । କବିତାରେ ମନ ପ୍ରାଣ ଢାଳିଦିଏ । ସେଇ ସଂଧ୍ୟାରେ ମୁଁ ଆକସ୍ମିକ ଭାବରେ ବନିଗଲି 'ଜଣେ କବି' ।

ବରଲ୍ୟୁକ୍‌ର ଆତିଶଯ୍ୟ : ସକାଳେ ବରଲ୍ୟୁକ୍ ମୋତେ ଜଣଙ୍କ ସଂଗେ ପରିଚୟ କରାଇଦେବାକୁ ଯାଇ ଶଂଖ ବଜାଏ, "ଯ୍ୟାକୁ ଜାଣ ! ଯ୍ୟେ ମୋର ପ୍ରତିଭାବାନ ବନ୍ଧୁ, ବିଖ୍ୟାତ କବି ମାୟାକୋଭସ୍କି ।" ମୁଁ ତାକୁ ଅଟକାଇବାକୁ ଚେଷ୍ଟା କରେ । ବରଲ୍ୟୁକ୍ ଅଟଳ । ମୋତେ ଛାଡ଼ି ସେ ପାଟିକରି କହେ—"ଏବେ ଯଥାମତ ଲେଖ୍ । ନୋହିଲେ ମୋତେ ଯଥାମତ ବୋକା ବନାଇ ଦେବୁ ।"

Digitized by srujanika@gmail.com

ଏଇପରି ସ୍ରୋତ : ଲେଖିବାକୁ ପଡ଼େ । ମୋର ପ୍ରଥମ କବିତା (ବ୍ୟବସାୟିକ ଲେଖକ ଦୃଷ୍ଟିରୁ, କାରଣ ଏହା ପ୍ରକାଶ ପାଏ) "Crimson and White and Others" । (ନାଲି, ଧଳା ଓ ଅନ୍ୟାନ୍ୟ ବର୍ଣ୍ଣ)

ମରମୀ ବରଲ୍ୟୁକ୍ : ଅପରିବର୍ତ୍ତନୀୟ ପ୍ରୀତିର ସହିତ ବରଲ୍ୟୁକ୍ କଥା ଭାବେ । ଆଶ୍ଚର୍ଯ୍ୟ ବନ୍ଧୁ । ମୋର ପ୍ରକୃତ ଶିକ୍ଷକ । ମୋତେ ବରଲ୍ୟୁକ କବି କରି ଗଢ଼େ । ଫରାସୀ ଓ ଜର୍ମାନ କବିମାନଙ୍କ କୃତି ମୋତେ ପଢ଼ି ଶୁଣାଏ । ବହି ଆଣି ଦିଏ । ସବୁଆଡ଼େ କହିବୁଲେ । କେବେ ମୋତେ ଆଖିରୁ ଅନ୍ତର କରେ ନାଇ, ମୋତେ ଦୈନିକ ୫୦ କୁପେକସ୍ ବି ଦିଏ—ଯେମିତି ଖାଦ୍ୟାଭାବରୁ ମୋର ଲେଖାଲେଖି ବନ୍ଦ ହୋଇ ନ ଯାଏ ।

ଖ୍ରୀଷ୍ଟମାସ ସମୟରେ ମୋତେ ସେ "ନ୍ୟୁ ବିକନ" (New Beacon) ଅଫିସକୁ ନେଇଯାଏ । ସାଙ୍ଗରେ ଏକ ଦୀର୍ଘ କବିତା 'ବନ୍ଦର' ନା କଣ ଥାଏ ।

"ଚଟକଣା" : "ନ୍ୟୁ ବିକନ"ରୁ ଫେରି ଆସୁଁ । ୧୭ ଖ୍ଲେବ୍ନିକଭ୍ ସେତେବେଳେ ମସ୍କୋରେ । ତାଙ୍କର ଶାନ୍ତ ପ୍ରତିଭା ବରଲ୍ୟୁକ୍‌ର କଥାବାଣ ପ୍ରଖରରେ ଲୁପ୍ତ ହୋଇ ଆସୁଛି । ଏଠି ମଧ୍ୟ କ୍ରୁଚେନିଖ ୧୮ ଥିଲେ—ଫ୍ୟୁଚରିଷ୍ଟ । ଶବ୍ଦ ଚୟନରେ ଯୀଶୁଇଟ ।

କେତେକ ଗୀତମୟ ରାତି ପରେ ଆମେ ଏକ ମିଳିତ ଇସ୍ତାହାର ପ୍ରସବ କରୁଁ । ଡେଭିଡ଼ ସବୁ ଉପକରଣ ସଂଗ୍ରହ କରେ । ଓଠା ତିଆରି କରେ, ଇସ୍ତାହାରର ନାମକରଣ କରେ ଏବଂ ଏହାକୁ ପ୍ରକାଶ କରେ—"ସାଧାରଣ ରୁଚିକୁ ଏକ ଚଟକଣା ।" ୧୯

ଅବସ୍ଥା ମାଡ଼ିଗଲେ : "ଜ୍ୟାକ୍ ଅଫ ଡାଇମଣ୍ଡସ" ପ୍ରଦର୍ଶନୀ । ୨୦ । ବକ୍ତୃତା-ଆଲୋଚନା । ଡେଭିଡ଼ ଓ ମୋର ଜ୍ୱାଳାମୟୀ ଭାଷଣ । ଖବରକାଗଜ ସବୁ 'ଫିଉଚରିଜିମ'ରେ ପୂର୍ଣ୍ଣ । ସ୍ୱର ଖୁବ୍ ବିନୀତ କିମ୍ବା ଭଦ୍ର ନୁହେଁ । ଉଦାହରଣ ସ୍ୱରୂପ ସେମାନେ ମୋତେ 'କୁକୁରୁଣୀର ବଚ୍ଚା' (son-of-a-bitch) ବୋଲି ଲେଖନ୍ତି ।

---

୧୭ । ଜଣେ ଋଷିଅନ କବି । ମାୟାକୋଭସ୍କି ଓ ବରଲ୍ୟୁକଙ୍କ ବନ୍ଧୁ ।

୧୮ । ଜଣେ ପ୍ରୟୋଗବାଦୀ କବି ।

୧୯ । ମାୟାକୋଭସ୍କିଙ୍କର ପ୍ରଥମ ମୁଦ୍ରିତ କବିତା ଏହି ବିବୃତିନାମାରେ "A Slap at Public Taste" ନାମରେ ପ୍ରକାଶିତ ହୁଏ ।

୨୦ । ନୂଆ ଅବସ୍ଥାପଥୀ ଶିଳ୍ପୀ ସଂଗଠନ ।

Digitized by srujanika@gmail.com

ହଳଦିଆ ବ୍ଲାଉଜ : ସୁଟ୍ (କୋଟ୍ ପ୍ୟାଂଟ୍) କେବେ ନ ଥିଲା । ଦୁଇଟା ବ୍ଲାଉଜ୍ ଥିଲା—ଭୟାନକ ଦେଖିବାକୁ । ଏକ ପରୀକ୍ଷିତ ବ୍ୟବସ୍ଥା ଥିଲା ଯେ ସଜ୍ଜା ପାଇଁ ଟାଇ ବ୍ୟବହାର କରିବା । ଟଂକା ପଇସା ଶୂନ । ମୋ ଭଉଣୀ ପାଖରୁ ଖଂଡେ ହଳଦିଆ ଫିତା ନେଲି । ବେକ ଚାରିପଟେ ଗୁଡ଼ାଇଲି । ଦେଖ କାଂଡ଼ ! ତେଣୁ ଜଣେ ପୁରୁଷର ସର୍ବାପେକ୍ଷା ଆଖିଦିଶିଆ ଓ ସୁଂଦର ଭୂଷଣ ହେଲା ଟାଇ । ତମେ ଯଦି ଟାଇର ଆକାର ବଢ଼ାଇବ ତ ହେଁ ତେ ବେଶୀ ହେବ । ଟାଇର ଆକାରର ଗୋଟାଏ ସୀମା ଅଛି । ତେଣୁ ମୁଁ ଚୁଲକର ଆଶ୍ରୟ ନିଏ । ମୁଁ ଏକ ଟଇ-ସାର୍ଟ ଓ ସାର୍ଟ-ଟାଇ ତିଆରି କରେ । ଯାହା ଧାରଣା ସୃଷ୍ଟି ହେଲା—ଅପରିସୀମ ।

ସ୍ୱଭାବକ : ଆର୍ଟସର ସାଧାରଣ ଅଧ୍ୟାପକ ମଂଡ଼ଳୀ ଦାନ୍ତ ଦେଖାଇଲେ । ରାଜକୁମାର ଲ୍ୱଭ । ଆର୍ଟସ ସ୍କୁଲର ଡ଼ିରେକ୍ଟର । ଅଂଦୋଳନ ଓ ସମାଲୋଚନା ବଂଦ କରିବାକୁ ସୂଚନା ଦିଅଂତି । ଆମେ ମନା କରୁ । ଆର୍ଟିଷ୍ଟମାନଂକ "କାଉନ୍‌ସିଲ" ଆମକୁ ସ୍କୁଲରୁ ବହିଷ୍କାର କରେ ।

ଫୁର୍ତ୍ତିର ବର୍ଷ : ରସିଆର ଏ ମୁଂଡ଼ୁ ସେ ମୁଂଡ ଘୂରି ବୁଲୁଁ । ଭାଷଣ ପରେ ଭାଷଣ ଦେଉଁ । ପ୍ରଦେଶର ଶାସନକର୍ତ୍ତାମାନେ ବିଚଳିତ । ନିକୋଲାସ୍ୱେଭରେ କର୍ତ୍ତୃପକ୍ଷ ଆଉ ପୁସ୍କିନଂକ ନାଁ ନ ଧରିବାକୁ ନିର୍ଦ୍ଦେଶ ମିଳେ । ପୁଲିସ ଅନେକ ସମୟରେ ବକ୍ତା ପାଟି ମେଲା କରିବା ସଂଗେ ସଂଗେ ତାହା ବଂଦ କରିବାକୁ କହେ । ବଡ୍ଲୋକେ୍ୟସ୍କ ଫ୍ୟୁଚରିଷ୍ଟ ଭ୍ୟାସିଆ କ୍ୟାମେନ୍‌ସ୍କି ଆମ ଦଳରେ ମିଶଂତି ।

ମୋ ପକ୍ଷରେ ଏ ବର୍ଷଟା ଆଂଗିକ ଉପରେ, କାବ୍ୟିକ ଶବ୍ଦ ଉପରେ ଦଖଲ ଜାରି କରିବାର ବର୍ଷ ।

ପ୍ରକାଶକମାନେ ଆମକୁ ଛୁଅଂତି ନାହିଁ । ସେମାନେ ମୋ'ଠାରୁ ଧାଡ଼ିଏ ହେଲେ କିଣିଲେ ନାହିଁ । ସେମାନଂକ ପୁଂଜିବାଦୀ ନାକ ଆମ ଭିତରେ ଡିନାମାଇଟର୍ ବାସ୍ନା ପାଏ ।

ମସ୍କୋରେ ଥିବାବେଳେ ପ୍ରାୟ ବୁଲେଭାର୍ଡ଼ମାନଂକରେ ରହେ ।

ଏ ବର୍ଷର ଶୀର୍ଷ ଘଟନା ହେଉଚି ବିୟୋଗାଂତ 'ଭ୍ଲାଡ଼ିମିର୍ ମାୟାକୋଭସ୍କି'ର ମଂଚ-ପ୍ରଦର୍ଶନୀ ।[୨୧] । ସେଂଟ ପିଟର୍ସବର୍ଗର ଲୁନା ପାର୍କରେ ଏହା ପ୍ରଦର୍ଶିତ ହୁଏ । ଲୋକଂକ ଟିଟିକାରରେ ରଂଗମଂଚ ଟୁକୁରା ଟୁକୁରା ହେବା ଉପରେ ।

---

୨୧ । "ଭ୍ଲାଡ଼ିମିର ମାୟାକୋଭ୍‌ସ୍କି" ମାୟାକୋଭସ୍କିଂକର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ରଚନା । ଏହା ଡିସେମ୍ବର ୧୯୧୩ରେ ସେଂଟ ପିଟର୍ସବର୍ଗଠାରେ "Youth Union" ଦ୍ୱାରା ଅଭିନୀତ ହୁଏ ।

Digitized by srujanika@gmail.com

୧୯୧୪

ପ୍ରାରଂଭ : ଶିଳ୍ପୀ ହେବା ଚେତନା । ବିଷୟବସ୍ତୁ ଉପରେ ଦଖଲ ଆସେ । ବିଷୟବସ୍ତୁ ସଂବଂଧରେ ପ୍ରଶ୍ନ କରେ । ସବୁ ଜରୁରୀ । ବୈପ୍ଳବିକ ବିଷୟବସ୍ତୁ । "ଟ୍ରାଉଜର-ପିଂଧା ମେଘ" (Cloud in Trousers) [11] ବିଷୟବସ୍ତୁଥାଏ ।

ଯୁଦ୍ଧ : ଉତ୍ତେଜନା । ପ୍ରଥମେ ଏହାର ସାଜସଜ୍ଜା ଓ ଚହଲ ଦିଗଟା ଆଖିରେ ପଡ଼େ । କବିତା "War Declared"। ('ଯୁଦ୍ଧଘୋଷଣା') ବିଷୟ ମୁତାବକ ପୋଷ୍ଟର ବା ପ୍ରାଚୀରପତ୍ର ଆଂକେ ।

ଅଗଷ୍ଟ : ପ୍ରଥମ ପ୍ରଣୟ । ଯୁଦ୍ଧର ବିଭୀଷିକା ଆମକୁ କଟମଟ କରି ଚାହେଁ । ପଛରେ ଆହୁରି ବେଶୀ ବିଭୀଷିକା । ଯୁଦ୍ଧ ବିଷୟରେ କହିବାକୁ ହେଲେ ଆଗେ ଯୁଦ୍ଧ ଦେଖିବା ଉଚିତ । ସୈନିକ ରୂପେ ଭର୍ତ୍ତିହେବାକୁ ଚେଷ୍ଟା । ପ୍ରତ୍ୟାଖ୍ୟାତ ହୁଏ । ନିର୍ଭରଯୋଗ୍ୟ ନୁହେଁ ।

ଶୀତ : ଯୁଦ୍ଧ ପ୍ରତି ଘୃଣା । "Ah, close, ah, close the Eyes o Newspapers" [12] ଏବଂ ଅନ୍ୟାନ୍ୟ କବିତା ।

ଆର୍ଟ ଉପରୁ ସବୁ ଆଗ୍ରହ ତୁଟିଯାଏ ।

୧୯୧୫

ମଇ : ୬୫ ରୁବଲ୍ ଜିଣେ । ଫିନ୍‌ଲ୍ୟାଂଡ୍ ଅଂତର୍ଗତ କୁକ୍‌କାଲ୍ ଯାଏ ।

କୁକ୍‌କାଲ୍ : ସାତ ବଂଧୁ ପ୍ରଥା (ସାତ-ବାର ଆବର୍ତ୍ତନ) । ସାତଟି ଭୋଜନ, ବଂଧୁତ୍ୱ ସ୍ଥାପନ । ରବିବାରମାନଂକରେ ଚୁକୋଭସ୍କି 'ଭକ୍ଷଣ' । ସୋମବାର ଏଭେରିନଭ ଇତ୍ୟାଦି । ଗୁରୁବାର ଆହୁରି ଝେସ୍ପ—ରେପିନ ଘାସ ଖାଏ । [13] । ୬ ଫୁଟ ଲଂବା ଫ୍ୟୁଚରିଷ୍ଟ ପକ୍ଷରେ ଏହା କିଛି ନୁହେଁ ।

ସନ୍ଧ୍ୟାରେ ସମୁଦ୍ରକୂଳରେ ବିଚରଣ । 'ଟ୍ରାଉଜର-ପିଂଧା ମେଘ' ଲେଖା ।

ଆସନ୍ନ ବିପ୍ଳବର ସଂକେତ ଘନୀଭୂତ ।

---

୧୧ । ଏ କବିତାଟିର ମୌଳିକ ଶୀର୍ଷକ "The Thirteenth Apostle" ଥିଲା । ମାତ୍ର ତାହା ସେନସରମାନଂକଦ୍ୱାରା ବର୍ଜିତ ହୁଏ । "A Cloud in Trousers" ହିଁ ତାର ଡିବେନାମା ।

୧୨ । "Mother and the Evening killed by the Germans" କବିତାରୁ ଉଦ୍ଧୃତ ।

୧୩ । ଚୁକୋଭସ୍କି ବିଖ୍ୟାତ ଶିଶୁସାହିତ୍ୟ ଲେଖକ । ଏଭେରିନଭ ଥିଏଟର ନିର୍ଦ୍ଦେଶକ । ରେପିନ—ପ୍ରଖ୍ୟାତ ରସିଅନ ଶିଳ୍ପୀ—ନିରାମିଷାଶୀ ।

Digitized by srujanika@gmail.com

ମୁ ସ୍ତାମାକ ଯାତ୍ରା । ମ୍ୟାକ୍ସିମ ଗର୍କି । 'ମେଘ'ର କିଯଦଂଶ ତାଂକୁ ଶୁଣାଏ । ଗର୍କି ଦ୍ରବୀଭୂତ । ମୋ କାଂଧ ଉପରେ ମୁହଁ ରଖି କାନ୍ଦଂତି । କବିତା ତାଂକୁ ପ୍ରଭାବିତ କରେ । ମୁଁ ଟିକିଏ ଗର୍ବ ଅନୁଭବ କରେ ।

ନ୍ୟୁ ସାଟାଯ୍ୱାରିକନ୍ : ୬୫ ରୁବଲ ସହଜରେ ଓ ବିନାକଷ୍ଟରେ ଚାଲିଗଲା । କ'ଣ ଖାଇବି ଚିଂତା । "New Satyrican" [25] ପାଇଁ ଲେଖାଲେଖି କରେ ।

ଅତି ଆନଂଦର ତାରିଖ : ଜୁଲାଇ, ୧୯୧୫ । I. L. Y. ଏବଂ [26] O. M. Brikଂକ ସଂଗେ ପରିଚୟ ହୁଏ ।

ଡାକରା : ସୈନ୍ୟବାହିନୀରେ ଯୋଗଦେବାକୁ ଅନୁମତି ମିଳେ ନାହିଁ । ଯୁଦ୍ଧକ୍ଷେତ୍ରକୁ ଯିବାକୁ ଇଚ୍ଛା ନ ଥିଲା । ମୁଁ ଜଣେ ନକ୍ସାବିତ୍ ବୋଲି ପ୍ରତାରଣା କରେ । ରାତିରେ ଇଂଜିନିୟରଂକଠାରୁ ଅଟୋ ନକ୍ସା କିମିତି କରାଯାଏ, ତାହା ଶିଖେ । ମୋ ଲେଖାସବୁ ପ୍ରକାଶ ପାଇବା ପରେ ଅବସ୍ଥା ଜଟିଳ ହୁଏ । ସୈନିକ କିଛି ପ୍ରକାଶ କରିବା ମନା । କେବଳ ବ୍ରିକ କିଛି ଆନଂଦ ଦିଏ । ସେ ମୋର ସବୁ କବିତା ଧାଡ଼ି ୫୦ କପେକ୍ ମୂଲ୍ୟରେ କିଣିନିଏ । "Flute of Spine" ଏବଂ "A Cloud in Trousers" ପ୍ରକାଶିତ ହୁଏ । "Cloud" ସାଂଘାତିକ ହୁଏ । ଯେଉଁସବୁ ଏହାକୁ ମଂଜୁର ଦିଅନ୍ତି ନାହିଁ । ଛ ପୃଷ୍ଠା ଖାଲି ବିଂଦୁ ବିଂଦୁ ବିଂଦୁ... ସେଇଦିନୁ ବିଂଦୁକୁ ଘୃଣା କରେ । ଆଉ କମାଗୁଡ଼ାକୁ ବି ।

ସୈନିକଜୀବନ : ବିଚ୍ଛିକିଟିଆ ବେଳେ । ଉଚ୍ଚ କର୍ମଚାରୀଂକ ଛବି ଆଂକେ (ସୈନ୍ୟ ଚାକିରି ଛାଡ଼ିବାକୁ ଇଚ୍ଛା) । [ ]"War and the Universe" ମୋ ମୁଂଡରେ ଗଜାଏ । "A Man" ଗଜାଏ ହୃଦୟରେ, ଅଂତସ୍ଥଳରେ । [27]

୧୯୧୬

"War and the Universe" ଶେଷ କରେ । କିଛି ପରେ "Man" । "Annals" ର କିଯଦଂଶ ଛାପା ହୁଏ । ଉଦ୍ଧତ ଭାବେ ସୈନ୍ୟ ବିଭାଗ ଚାକିରି ଛାଡ଼ି ଦିଏ ।

୧୯୧୭

ଫେବ୍ରୁଆରି ୨୬ : ଅଟୋମୋବାଇଲ୍ସ୍ ସହିତ ଡୁମା ଯାଏ । ଗ୍ରୋଡ଼ଜ୍ୟାଂକୋ ଅଫିସରେ ପହଂଚେ । [28] ମିଲ୍ୟୁକଫଂକୁ ଦେଖେ । [29] ସେ ନୀରବ । କୌଣସି

---

୨୫ । ଏକ ବ୍ୟଂଗ ସାପ୍ତାହିକ ପତ୍ରିକା ।

୨୬ । ମାୟାକୋଭସ୍କିଂକର ଅଂତରଂଗ ବନ୍ଧୁ ଦ୍ୱୟ ।

୨୭ । ଦୁଇଟି ବଡ଼ କବିତା । ୧୯୧୫ ଓ ୧୯୧୬ରେ ମାୟାକୋଭସ୍କିଂଙ୍କଦ୍ୱାରା ଲିଖିତ ।

୨୮ । ଚତୁର୍ଥ ଷ୍ଟେଟ ଡୁମାର ଚେୟାରମ୍ୟାନ ।

୨୯ । ମିଲ୍ୟୁକଫ୍ ଋଷିଅନ୍ ଉଦାରନୈତିକ ନେତା । ଋଷିଅନ ସାମ୍ରାଜ୍ୟବାଦର ପ୍ରବକ୍ତା । ୧୯୧୭ ଫେବୃଆରି ବିପ୍ଳବ ପରେ ପ୍ରତିଷ୍ଠିତ ଅସ୍ଥାୟୀ ସରକାରର ପରରାଷ୍ଟ୍ର ମଂତ୍ରୀ । ଅକ୍ଟୋବର

Digitized by srujanika@gmail.com

କାରଣରୁ ସେ ଖଣେଇ ଖେଣେଇ କଥା କହୁଁଛି । ଘଂଟାକ ପରେ ବୁଢ଼େ କ୍ଲାଂତ ହୋଇ ପଡ଼ିଲୁ । ଗୁଳି ଆସିଲି । କିଛି ଦିନ ସକାଶେ ଅଟୋ ସ୍କୁଲ୍ ଶାସନ ଦାୟିତ୍ୱରେ ରହିଲି । ଗୁଚକୋଭ ଗୁଚକୋଭିଜ୍ । (ମସ୍କୋ ଶିଳ୍ପପତି—କେରେନ୍‌ସ୍କି ସରକାରରେ ଯୁଦ୍ଧ-ମଂତ୍ରୀ ଥିଲେ) ତୁମ୍ଭ ଗୃହପାଖେ ପୁରୁଣା ଅମଲତଂତ୍ରର ଲୋକସବୁ ଘେରି ରହିଥିଲେ । ମୋର ବିଶ୍ୱାସ ଥିଲି, ଶୀଘ୍ର ସମାଜବାଦୀମାନେ ସେମାନଙ୍କ ସ୍ଥାନ ଦଖଲ୍ କରିବେ । ବଲଶେଭିକ୍ । ବିପ୍ଳବର ଆରଂଭରେ, ପଦ୍ୟ-ବୃତ୍ତାଂତ "ବିପ୍ଳବ", ଲେଖିବା ଆରଂଭ କରି ଦେଇଛି । 'ଆର୍ଟର ବଲଶେଭିକ'' ନାମରେ ବକ୍ତୃତା ପାଠ କରେ ।

ଅଗଷ୍ଟ : କ୍ରମେ କ୍ରମେ ଋଷିଆ କେରେନ୍‌ସ୍କି ପ୍ରଭାବମୁକ୍ତ (de-kerenskysied) ହୁଏ । ଦେଶରେ ଆଉ ତାଙ୍କର ପ୍ରଭାବ ନାହିଁ । 'ନ୍ୟୁ ଲାଇଫ' ଛାଡ଼େ । Mystery-Bouffeର କଳ୍ପନା କରେ [୩୦] ।

ଅକ୍ଟୋବର : ଗ୍ରହଣ କରିବି ନା କରିବି ନାହିଁ ? ମୋ ପକ୍ଷରେ ଏ ପ୍ରଶ୍ନ ଉଠୁ ନ ଥିଲା । ଏହା ମୋର ବିପ୍ଳବ । ସ୍ମୋଲ୍ନି ଯାଏ, କାମ କରେ । ଯାହା ସାମନାରେ ଆସେ କରେ । ବହୁ ସମିତିମାନ ବସିଯାଏ ।

୧୯୧୮

ଜାନୁଆରୀ : ମସ୍କୋ ପରିଦର୍ଶନ । ଭାଷଣ । ରାତିବେଳ—ନାସ୍ତାସିନ୍‌ସ୍କି ପେଟ୍ରୋଲକ୍‌ରେ [୩୧] କବି କାଫେ । (ବର୍ତ୍ତମାନ Salon Cafeର ବିପ୍ଳବୀ ମାତାମହୀ) । ଫିଲ୍ମ ବହି ଲେଖେ । ନିଜକୁ ବି ପ୍ରଧାନ ଭୂମିକାରେ ଅଭିନୟ କରିବାକୁ ହୁଏ । ସିନେମା ପାଇଁ ପୋଷ୍ଟର ଆଙ୍କେ । ଜୁନ । ପୁଣି ସେଂଟ ପିଟାରସ୍‌ବର୍ଗ ।

ଅକ୍ଟୋବର ୨୫ : "ମିଷ୍ଟ୍ରି ବୁଫେ" ସଂପୂର୍ଣ୍ଣ କରେ । ପଢ଼େ, ବହୁ ଆଲୋଚନା ହୁଏ । ତିନି ଥର ମଂଚରେ ପ୍ରଦର୍ଶିତ ହୁଏ । ତାପରେ ହାତୁଡ଼ି ପାହାର । ମ୍ୟାକବେଥ ତା ସ୍ଥାନ ଦଖଲ କରେ ।

ବିପ୍ଳବ ପରେ ସୋଭିଏତ ସରକାର ବିରୁଦ୍ଧରେ ଯୁଦ୍ଧଘୋଷଣା କରଂତି । ବୈଦେଶିକ ହସ୍ତକ୍ଷେପର ସମର୍ଥନ କରଂତି ।

୩୦ । Mystery-Bouffe—ଏକ ନାଟ୍ୟ ରଚନା । ସମକାଳୀନ ଘଟଣାବଳୀଙ୍କର ଏକ ବୀରତ୍ୱପୂର୍ଣ୍ଣ ମହାକାବ୍ୟ ।

୩୧ । ଏ କାଫେ କବି କାମେନସ୍କି, ବର୍ଲ୍ୟୁକ ଏବଂ ମାୟାକୋଭସ୍କିଙ୍କଦ୍ୱାରା ପ୍ରତିଷ୍ଠିତ ହୁଏ ।

୩୨ । ମାୟାକୋଭସ୍କି ତିନୋଟି ଫିଲ୍ମ ବହି ଲେଖିଥିଲେ ଏବଂ ପ୍ରତ୍ୟେକ ବହିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ନାମ "The Young Lady and the Hooligan", "Born not for Money" ଏବଂ "Chained by the Films"

Digitized by srujanika@gmail.com

୧୯୧୯

ସହକର୍ମୀମାନଂକ ସଂଗେ ମିଷ୍ଟ୍ରି ଏବଂ ମୋର ଅନ୍ୟାନ୍ୟ ଜିନିଷ ନେଇ ବିଭିନ୍ନ କାରଖାନା ଯାଏ । ଭଇବର୍ଗ ଜିଲ୍ଲାରେ (ଲେନିନଗ୍ରାଡ୍) ଖୁବ ଆଦର ମିଳେ । ଏକ ଫ୍ୟୁଚରିଷ୍ଟ ସଂଘ ସ୍ଥାପିତ ହୁଏ । "କମ୍ୟୁନର ଆର୍ଟ" ପ୍ରକାଶିତ ହୁଏ ।[୩୩] ବସଂତ ଋତୁରେ ମସ୍କୋ ଯାଏ ।

'୧୫୦,୦୦୦,୦୦୦'ର କାମ ଚାଲେ । ରୋଷ୍ଟାରେ ପ୍ରଚୁର କାମ ।[୩୪]

୧୯୨୦

'୧୫୦,୦୦୦,୦୦୦' ସଂପୂର୍ଣ୍ଣ କରେ । ମୋ ନାଁ ନ ଦେଇ ଏହା ପ୍ରକାଶ କରେ । ଯଦି କେହି ଚାହାଂନ୍ତି, ଏହାକୁ ସମାନ୍ୟରେ ଲେଖିବାକୁ ଏବଂ ଏହାକୁ ବଢ଼ାଇବାକୁ ସୂଚନା ଦିଏ । କେହି କରଂତି ନାଇ । କିନ୍ତୁ ସମସ୍ତେ ଜାଣଂତି କିଏ କବିତାଟି ଲେଖିଛି । ବର୍ତ୍ତମାନ ନିଜ ନାଁରେ ଛାପୁଛି ।

ରୋଷ୍ଟାରେ ଦିନ ରାତି । ସବୁ ପ୍ରକାର Denikins ଆଗଉଛଂତି । ବ୍ୟଂଗଚିତ୍ର ଆଂକେ—ଲେଖେ । ପ୍ରାୟ ୩,୦୦୦ ପୋଷ୍ଟର ବା ପ୍ରାଚୀର-ପତ୍ର ଏବଂ ୬୦୦୦ ଶୀର୍ଷକ ତିଆରି କରେ ।

୧୯୨୧

ଘୃଣା, ଘଂଟାଚକଟା, ନିର୍ବୋଧତା, ନାଳଫିଡ଼ା ଦୂର କରିବାକୁ ହେବ । "ମିଷ୍ଟ୍ରି"ର ଦ୍ୱିତୀୟ ସଂସ୍କରଣ । ପ୍ରଥମ R. S. F. S. R ଥିଏଟର ମଂଡପ ଏବଂ ସର୍କସରେ ଏବଂ କୋମିନଟର୍ନର ତୃତୀୟ କଂଗ୍ରେସର ଡେଲିଗେଟମାନଂଙ୍କ ପାଇଁ ଜର୍ମାନ ଭାଷାରେ ଅଭିନୀତ ହୁଏ ।

ଇଜଭେସ୍ତିଆ ପାଇଁ ଲେଖାଲେଖି କରେ ।

୧୯୨୨

M. A. F. ପ୍ରକାଶ-କେଂଦ୍ର ସ୍ଥାପନ ।[୩୫] କମ୍ୟୁନ୍ ଫଂଡର୍କୁ ଫ୍ୟୁଚରିଷ୍ଟମାନଂକୁ ଏକାଠି କରାଯାଏ । ଅସିଏଭ୍ ଏବଂ ଅନ୍ୟାନ୍ୟ ସାଥିମାନେ ସୁଦୂର ପ୍ରାଚ୍ୟରୁ ଆସି ପହଂଚଂତି । ତିନି ବର୍ଷ ହେଲା ମୋ ମୁଂଡରେ ଖେଳୁଥିବା

---

୩୩ । ଏ ସମ୍ବାଦପତ୍ର କଳା ଇତ୍ୟାଦିର ଚର୍ଚ୍ଚା ଉପରେ ପ୍ରାଧାନ୍ୟ ଦେଇ ପ୍ରକାଶ ପାଉଥିଲା । ୧୯୧୮ ଓ ୧୯୧୯ ।

୩୪ । କବିତାର ନାମ "୧୫୦,୦୦୦,୦୦୦ ।" ରୋଷ୍ଟା : The Russian Telegraph Agency (ବର୍ତ୍ତମାନ TASS)

୩୫ । Moscow Association of Futurists.

Digitized by srujanika@gmail.com

ଏକ କାଗଜ ଉପରେ ଲେଖେ । "ପଂଚମ ଇଂଟରନ୍ୟାସନ୍ୟାଲ୍" । ୟୁଟୋପିଆ, ୫୦୦ ବର୍ଷ ପରବର୍ତ୍ତୀ କଳାପ୍ରଦର୍ଶନ ।[୩୬]

୧୯୨୩

ଆମେ L. E. F. ସଂଗଠନ କରୁ । L. E. F. [୩୭] ଫିଉଚରିଜିମର ସମସ୍ତ ଉତ୍ତର ମୁଖପତ୍ର । ଫର୍ମ୍ୟାଟା ସର୍ବବ୍ୟାପକ ନୁହେଁ । ଯେଉଁମାନେ ଆଗ୍ରହୀ, ସେମାନେ ଫର୍ମ୍ୟାଗୁଡ଼ିକ ପଢ଼ିବା ଦରକାର ।

"ଏଇ ବିଷୟରେ" (About This) ଲେଖେ । ସାଧାରଣ ଜୀବନର ବ୍ୟକ୍ତିଗତ ବ୍ୟାଖ୍ୟା । L. E. F.ର ବଡ଼ ଅବଦାନ ହେଉଛି ଆର୍ଟକୁ ସୌନ୍ଦର୍ଯ୍ୟବାଦ କବଳରୁ ମୁକ୍ତ କରିବା (de-aestheticising) । ଏହାକୁ ଉତ୍ପାଦନଶୀଳ ଓ ନିର୍ମାଣଶୀଳ କରିବା । କାବ୍ୟ ବିଶେଷାଂକ । ଆଂଦୋଳନମୂଳକ ଅଂଶ ତଥା ଆଂଦୋଳନ । ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନମାନଂକ ତରଫରୁ ପ୍ରଚ୍ୟୁର, ଅର୍ଥାତ୍ ବିଜ୍ଞାପନ । ବହୁ ଆପତ୍ତି ଓ ସମାଲୋଚନା ସତ୍ତ୍ୱେ ମୁଁ ମନେକରେ ଯେ ମୋର "Nowhere but in Mosselprom" ନାମକ ବିଜ୍ଞାପନୀ ପଦଟି ଉଚ୍ଚାଂଗ କାବ୍ୟିକ କଳାର ପରିଚାୟକ ।

୧୯୨୪

"କୁରସ୍କ ଶ୍ରମିକମାନଂକ ସ୍ମୃତି ସ୍ତଂଭ" । ସମଗ୍ର ରୁଷିଆର ଏପଟୁ ସେପଟ ଯାଏ L. E. F. ସଂପର୍କରେ ଭାଷଣପ୍ରଦାନ । "କୁବିକ୍"ଠାରୁ "ପୁଷ୍କିନ" ଏଭଳି ବହୁ କବିତାର ଆବର୍ତ୍ତ ।

ଭ୍ରମଣ : ଟିଫ୍ଲିସ, ୟାଲଟା, ସେଭାସ୍ତୋପୋଲ, ତାମାର୍ ଏବଂ "ରାକ୍ଷସ" (The Demon) ଇତ୍ୟାଦି । ବହୁ ଶ୍ରମିକ ସଭା ଓ ଜମାୟତ-ମାନଂକରେ ଏସବୁ କବିତା ମୁଁ ପଢ଼ିଛି । ଏ କବିତା ସଂବଧରେ ମୋର ଟିକିଏ ଡର ଥିଲା । କିଂତୁ କବିତା ସଂବଧରେ ଶ୍ରମିକମାନଂକ ମନୋଭାବ ଜାଣି ପ୍ରୋତ୍ସାହିତ ହୁଏ । ଦୃଢ଼ ଧାରଣା ହୁଏ ଏଭଳି କବିତା ଦରକାର । ବ୍ୟାପକ ବିଦେଶଭ୍ରମଣ । ୟୁରୋପିଆନ ଆଂଗିକ, ଶିଳ୍ପବାଦ, ଏସବୁକୁ ପ୍ରାଚୀନ ଅନଗ୍ରସର ରୁଷିଆରେ ପ୍ରବର୍ତ୍ତନ କରିବା ଦିଗରେ ବାମପଂଥୀ ଫିଉଚରିଷ୍ଟମାନଂକ ଧ୍ୟାନ ।

L. E. F.ର ବିକ୍ରି ଆଶାନୁରୂପ ନୁହେଁ । ତଥାପି ଏହା ନିଜ ଲକ୍ଷ୍ୟ ସାଧନ କରି ଚାଲିଛି ।

---

୩୬ । ମାୟାକୋଭସ୍କି ଏ କବିତା ସଂପୂର୍ଣ୍ଣ କରି ପାରି ନାହାଂତି ।

୩୭ । L. E. F.—Left Front of Art. ଅଥବା ମଧ୍ୟ ମାୟାକୋଭସ୍କିଂକ ସଂପାଦିତ ପତ୍ରିକାର ନାମ ।

Digitized by srujanika@gmail.com

୧୯୨୫

ଆଂଦୋଳନମୂଳକ କବିତା "ଉଡ଼ନ୍ତା ସର୍ବହରା" (The Flying Proletariat) ଲେଖେ । ଆଂଦୋଳନମୂଳକ କବିତାସମଷ୍ଟି ପ୍ରକାଶ ପାଏ "Walk the Heavens Yourself" ।

ବିଶ୍ୱପରିଭ୍ରମଣ । ଭ୍ରମଣର ପ୍ରଥମ ପର୍ଯ୍ୟାୟରେ ମୋର 'ପ୍ୟାରିସ' ଉପରେ ଲେଖା କବିତାବଳୀର ଶେଷ କବିତା । ମୁଁ କବିତା ଛାଡ଼ି ଗଦ୍ୟକୁ ଯିବାକୁ ଚାହେଁ । ଏବର୍ଷ ମୁଁ ମୋର ପ୍ରଥମ ଉପନ୍ୟାସ ଶେଷ କରିବି ।

ବିଶ୍ୱ-ପରିକ୍ରମା ଏକ ଫାଂପା ବ୍ୟାପାର, ଶେଷରେ ପ୍ୟାରିସଠାରେ ସର୍ବସ୍ୱ ଅପହୃତ । ଦ୍ୱିତୀୟରେ ଅର୍ଦ୍ଧବର୍ଷ ବିଦେଶ ସଫରାଂତେ W. S. S. R.କୁ ଫେରି ଆସେ । ସ୍ୟାନଫ୍ରାନସିସକୋରେ ବକ୍ତୃତା ଦେବା ପାଇଁ ନିମଂତ୍ରଣ ମିଳିଥିଲା । ଯାଇ ପାରିଲି ନାଇ । ମେକ୍ସିକୋ, ଆମେରିକା ଯୁକ୍ତରାଷ୍ଟ୍ର, ଫ୍ରାନ୍ସ ଏବଂ ସ୍ପେନର କିୟଦଂଶ ଯାଏ । ଫଳ—ପ୍ରକାଶକାମୀ ଗଦ୍ୟ । "ମୋର ଆମେରିକା ଆବିଷ୍କାର" ଏବଂ ପଦ୍ୟରଚନା "ସ୍ପେନ୍", "ଆଟଲାଂଟିକ୍ ମହାସାଗର", "ହାଭାନା", "ମେକ୍ସିକୋ", "ଆମେରିକା" ।

ମୁଂଡ ଭିତରେ ଏକ ନଭେଲ ଲେଖେ । କାଗଜରେ ଉତାରିବାକୁ ସୁବିଧା ହୋଇନି । ଯାହା କଳ୍ପନାରେ ଥିଲା, ତାହା ଉପରୁ ମମତା ତୁଟିଯାଏ । ୧୯୨୬ ଏବଂ ୧୯୨୭ରେ ମଧ୍ୟ ଏଇ ଏକ କଥା ।

୧୯୨୬

ମୋର ସମସ୍ତ କାର୍ଯ୍ୟରେ ଏକ ସାଂବାଦିକର ରୂପ । ଧ୍ୱନି, ଆବାଜ । କବିମାନେ ମୋତେ କଟାକ୍ଷ କରଂତି; କିଂତୁ ନିଜେ ସଂବାଦପତ୍ର ଜିନିଷ ଲେଖିବାକୁ ଅକ୍ଷମ । ମୋ ଆଖିରେ ସେମାନଂକର ଭାବାତ୍ମକ ଶୂନ୍ୟଗର୍ଭ ରଚନା କୌତୁକପୂର୍ଣ୍ଣ । ସେମିତି ଲେଖିବା ଖୁବ ସହଜ । ନିଜ ସ୍ତ୍ରୀ ଛଡ଼ା ଅନ୍ୟ କେହି ତାହା ପସଂଦ କରିବେ ନାଇ ।

ଇଜଭେସ୍ତିଆ ଏବଂ ଅନ୍ୟ ସଂବାଦପତ୍ରରେ ଲେଖେ ।

ମୋର ଅନ୍ୟାନ୍ୟ କାର୍ଯ୍ୟ : ମୁଁ ଚାରଣମାନଂକ କାମ ବଜାୟ ରଖେ । ନଗରରୁ ନଗର ଭ୍ରମଣ । କବିତାପାଠ । ନଭୋଚେରକସାକ, ଭିନିସ, ଖାରଖଭ, ପ୍ୟାରିସ, ରୋଷ୍ଟଭ, ବର୍ଲିନ, କାଜାନ, ତୁଲା, ପ୍ରାଗ୍, ଲେନିନଗ୍ରାଡ, ମସ୍କୋ, ୟାଲ୍‌ଟା, ଇତ୍ୟାଦି ଇତ୍ୟାଦି ।

୧୯୨୭

L. E. F. ପ୍ରକାଶ ପୁଣି ଶୁରୁ କରେ (ମଝିରେ ବଂଦ କରିବା ପାଇଁ ଉଦ୍ୟମ ହୋଇଥିଲା) ବର୍ତ୍ତମାନ New L. E. F.

Digitized by srujanika@gmail.com

ଏହାର ପ୍ରଧାନ ଶରବ୍ୟ : ନୂଆ ଆବିଷ୍କ୍ରିୟା, ସୌଂଦର୍ଯ୍ୟବାଦ, ଆର୍ଟ ରେ ମନସ୍ତତ୍ତ୍ୱବାଦ । ଏହା ଆଂଦୋଳନମୂଳକ ଇତିବୃତ୍ତର ତଥା ପ୍ରଚୁରମୂଳକ ବିଷୟର ପକ୍ଷପାତୀ । "ଖୁବ ଭଲ" 'ବା ବହୁତ ଆଚ୍ଛା' ଲେଖା ।

ମୁଁ ଏବେ 'ବହୁତ ଆଚ୍ଛା' ଏକ ପ୍ରୋଗ୍ରାମ କବିତା, "ହ୍ରାଉଜର-ସିଂଧୀ-ଯୋଘ" ପରି ।

ବ୍ୟଂଜନାପୂର୍ଣ୍ଣ ଟିକିନିଖି ବର୍ଣ୍ଣନା ଭବିଷ୍ୟତର ନିଶ୍ଚିତ ପାହାଚ । ବିଭିନ୍ନ ଘଟନାବଳୀ—ଐତିହାସିକ ଗୁରୁତ୍ୱପୂର୍ଣ୍ଣ ବିଷୟ ବ୍ୟକ୍ତିମାନଂକ ସଂସ୍ପର୍ଶରେ ପ୍ରାଣବଂତ ହୋଇ ଉଠଂତି ।

ସ୍କୁଲ ବିସ୍ତୃତ କରିବାକୁ ଇଚ୍ଛା ।

ଅଧିକଂରୁ ଫିଲମ ବନ୍ଧ ଓ ପିଲାଂକ କାହାଣୀ ଲେଖୁଚି ।

ତଥାପି ମୁଁ ଏକ ଭ୍ରାମ୍ୟମାଣ ଗୃରଣ । ବହୁ ଶ୍ରୋତାଂକଠାରୁ ପ୍ରାୟ ୨୦,୦୦୦ ପ୍ରଶ୍ନ ସଂଗ୍ରହ କରିଚି । ଖୁବ୍‌ଚି ଏକ ବହି ଲେଖିବି The Universal Answer । ମୁଁ ଜାଣେ ପାଠକସମାଜ ମନରେ କଣ ରହୁଚି ।

୧୯୨୮

"ଖସ୍ରପ" କବିତାଟା ଲେଖେ । ଏକ ନାଟକ ଏବଂ ମୋର ସାହିତ୍ୟିକ ଇତିବୃତ୍ତ । ଅନେକେ କହଂତି "ତମ ଆତ୍ମଜୀବନୀ ଖୁବ୍ ଗଂଭୀର ଭାବରେ ଲେଖା ହୋଇ ନାଇ ।" ଠିକ୍ । ମୁଁ ତ ବେଶୀ ଦୂର ପାଠ ଶାଠ ପଢ଼ି ନାଇ । ତା ଛଡ଼ା ନିଜକୁ ଚିତ୍ରମୟ କରି ପ୍ରକାଶ କରିବା ଅଭ୍ୟାସ ମୋର ନାଇ । ତା ପରେ ମୁଁ ନିଜ ବ୍ୟାପାରରେ ସେତିକିବେଳେ ଆଗ୍ରହାନ୍ୱିତ ହୁଏ ଯେତେବେଳେ ବିଷୟଟା ମୋ କାନରେ ଗୁଣ୍ ଗୁଣ୍ କରେ । ଅନେକ ସାହିତ୍ୟର ଉତ୍ଥାନ, ପତନ,—ପ୍ରତୀକବାଦୀ, ବସ୍ତୁବାଦୀ ଏବଂ ସେପରି ଆହୁରି ଅନେକ ଏବଂ ସେମାନଂକ ସଂଗେ ଆମର ସଂଘର୍ଷ ଏସବୁ ମୋ ଆଖି ଆଗରେ ଘଟିଚି ଏବଂ ଇତିହାସର ସ୍ମରଣୀୟ ବିଶେଷ ଘଟନା ହୋଇ ରହିବ ।

ଏସବୁ ବିଷୟରେ ଲେଖାଯିବା ଉଚିତ । ମୁଁ ସେସବୁ ବିଷୟ ଲେଖିବି ।

Digitized by srujanika@gmail.com

A CLOUD IN TROUSERS

‘ଟ୍ରାଉଜର-ପିଂଧା ମେଘ ଖଂଡେ’

(୧୯୧୫)

ଏଇ ଦୀର୍ଘ କବିତାଟି ୧୯୧୫ ଖ୍ରୀଷ୍ଟାବ୍ଦରେ ରଚିତ । ସେତେବେଳେ ମାୟାକୋଭସ୍କି ତାଂକ ନିଜ ଭାଷାରେ କହିବାକୁ ଗଲେ—“ଜଣେ ସୁଦର୍ଶନ ବାଇଶି ବର୍ଷର ଯୁବକ” । ଏହାର ବିଷୟବସ୍ତୁ ହେଉଚି କବିଂକର ପ୍ରଥମ ପ୍ରେମ । ମାୟାକୋଭସ୍କିଂକ ଅନ୍ୟାନ୍ୟ ରଚନା ପରି ଏଥିରେ ମଧ୍ୟ ସ୍ଥାନ, କାଳ, ପାତ୍ର ସମସ୍ତ କିଛି ବାସ୍ତବ । ‘ଏହା ଓଡେସା’ରେ ଘଟେ ।

“Youth of Mayakovsky” ପୁସ୍ତକରେ କାମେନସ୍କି କହିଂଚି :—

“ଓଡେସା : ଏଇଠାରେ ମାୟାକୋଭସ୍କି ସୁଂଦରୀ ମେରିୟା ଆଲେକ୍‌ଜେଂଡ୍ରୋଭନାଂକ ପ୍ରେମରେ ପଡ଼ିଂଚି । ଏଇ ଅପ୍ରତ୍ୟାଶିତ ଦୁର୍ଘଟନା ଫଳରେ ସେ ମାନସିକ ଭାରସାମ୍ୟ ହରାଇ ବସିଂଚି ।

“ସେ ଗର୍ଜନ ଗୁଡ଼ିଂଚି । ଝଡ଼ ପରି ଅସ୍ଥିର ହୁଅଂଚି । ମୋଟ ଉପରେ ସେ ଜାଣି ପାରୁଂଚି ନାଇ ଯେ ଏଇ ଉଦ୍‌ବେଳିତ ପ୍ରେମ ନେଇ ସେ କଣ କରିବେ, କେଉଁଠାକୁ ଯିବେ ।

“ସତର ବର୍ଷୀୟା ଆଲେକ୍‌ଜେଂଡ୍ରୋଭନା ସେ ସମୟରେ ଖାଲି ଜଣେ ପ୍ରଥମ ଶ୍ରେଣୀର ରୂପସୀ ନ ଥିଲେ, ବୌଦ୍ଧିକ ପ୍ରଖରତା ମଧ୍ୟ ତାଂକର ଯଥେଷ୍ଟ ପରିମାଣରେ ଥିଲା । ଯାହା କିଛି ନୂଆ, ଯାହା କିଛି ସମକାଳୀନ ଓ ବିପ୍ଳବାତ୍ମକ ସେ ସମସ୍ତ ପ୍ରତି ତାଂକର ଅନୁରାଗ ଥିଲା ପ୍ରଚୁର ।

“ସୁତୀକ୍ଷ୍ଣା, ଶୋଭନା, ‘ଦାକ୍ଷିଣାତ୍ୟ ଗାଡ଼ି ପରି ଆଖି ଦୁଇ ଯା’ର’, କବିଂକ କଳ୍ପନାରେ ସହସା ହୋଇ ଉଠିଲେ—

“I saw one thing only
You were—a Giaconda
that had to be stolen
And they stole you.”

Digitized by srujanika@gmail.com

"ଉଣିଶ ବର୍ଷ ବୟସ୍କ ମାୟାକୋଭସ୍କି ପ୍ରେମ କଣ ଏହା ପୂର୍ବରୁ ଜାଣି ନ ଥିଲେ । ପ୍ରଥମ ଥର ସେ ଏଇ ପୁଣ୍ୟାତ୍ମ ଅନୁଭୂତିର ଦଂଶନ ଲଭ କଲେ । ସେ ସଂଭାଳି ପାରିଲେ ନାଇ ।"

ନିଜର ସଂକ୍ଷିପ୍ତ 'ଆତ୍ମକଥା'ରେ ମାୟାକୋଭସ୍କି ମେରୟାଂକ ସଂପର୍କରେ ନୀରବ । କିଂତୁ ୧୯୧୫ ଏକ୍ସ ଶିରୋନାମା ଥିବା ପାରାଗ୍ରାଫ୍‌ରେ ସେ ଲିପିବଦ୍ଧ କରିଛଂତି ଯେ ସେ 'ଟ୍ରାଉଜର-ପିଂଧା ମେଘ' ଶୀର୍ଷକ କବିତାଟି ରଚନା କରିଥିଲେ ଏବଂ ଏହାର ଅଂଶ ବିଶେଷ ମ୍ୟାକସିମ୍ ଗର୍କିଂକୁ ପଢ଼ି ଶୁଣାଇଥିଲେ ।

ଏବଂ ମ୍ୟାକସିମ୍ ଗର୍କି ହେଉଛଂତି ପ୍ରଥମ ଲେଖକ ଯେ କି ପ୍ରକାଶ୍ୟରେ ମାୟାକୋଭସ୍କିଂକ ପକ୍ଷ ସମର୍ଥନ କରି ୧୯୧୫, ଏପ୍ରିଲ ସଂଖ୍ୟା "Journal of Journals" ପତ୍ରିକାରେ ଲେଖିଥିଲେ । ସେ ଲେଖିଥିଲେ :—

"ଉଦାହରଣ ସ୍ୱରୂପ ମାୟାକୋଭସ୍କି । ସେ ତରୁଣ, ବୟସ ମାତ୍ର ୨୦ ବର୍ଷ । ସେ ମୁଖର, ଅସଂଯତ ହୋଇ ପାରଂତି; କିଂତୁ ତାଂକ ଭିତରେ କେଉଁଠି ଯେ ପ୍ରତିଭାର ଗୋପନ ଉତ୍ସ ରହିଚ ଏହା ନିଃସଂଦେହ । ତାଂକୁ ଆହୁରି ଲେଖିବାକୁ ହେବ, ଅଧ୍ୟୟନ କରିବାକୁ ହେବ । ସେ ଭଲ ଲେଖିବେ । ପ୍ରକୃତ କବିତା ଲେଖିବେ । ମୁଁ ତାଂକ କବିତା ବହୁ ପଢ଼ିଚି । କେତେକ ଲେଖା ମୋର ଧ୍ୟାନ ଆକର୍ଷଣ କରିଛଂତି । ସେଗୁଡ଼ିକ ଖାଂଟି ଶବ୍ଦରେ ଲେଖା ।"

"ଟ୍ରାଉଜର୍-ପିଂଧା ମେଘ" ଚ୍ୱାରୋଟି ଭାଗରେ ବିଭକ୍ତ । ଏଥିରେ ସେ ଚ୍ୱାରୋଟି ଧ୍ୱନି ଉଠାଇଛଂତି । ୧ । ତମ ପ୍ରେମ ରସାତଳକୁ ଯାଉ (Down with your Love); ୨ । ତମ କଳା ରସାତଳକୁ ଯାଉ (Down with your Art) ; ୩ । ତମ ସମାଜ ରସାତଳକୁ ଯାଉ (Down with your Society); ୪ । ତମ ଧର୍ମ ରସାତଳକୁ ଯାଉ (Down with your Religion) ।

ଇଂରାଜୀରେ ପ୍ରଥମେ ହାବାର୍ଟ ମାର୍ଶାଲ୍ ଏହାର ଅନୁବାଦ କରଂତି ଏବଂ ଏହା ୧୯୪୦ରେ ପ୍ରଥମେ ଲଂଡନରେ ପ୍ରକାଶିତ ହୁଏ ।

ପାଠକମାନଂକୁ ମନେ ରଖିବାକୁ ହେବ ଯେ ଏ କବିତାଟି ଜାର୍-ଶାସିତ ରୁଷିଆରେ ଲେଖା, ପୁଣି ଏକ ସାମ୍ରାଜ୍ୟବାଦୀ ଯୁଦ୍ଧ ସମୟରେ ଲିଖିତ (୧୯୧୫) । ସେତେବେଳେ ମାୟାକୋଭସ୍କି ତାଂକର 'ପିତ୍ତଚଣଷ୍ଟ' ଜୀବନର ଚରମ ପର୍ଯ୍ୟାୟରେ ।

———

Digitized by srujanika@gmail.com

"A CLOUD IN TROUSERS"

"ଟ୍ରାଉଜର-ପିଂଧା ମେଘ ଖଂଡେ"

ପ୍ରସ୍ତାବନା

ତମର ଭାବନା,
ସ୍ୱପ୍ନ ରଚେ ଅଂଡ୍ରା ମେଜାଜ୍‌ରେ ।
ଅତିଭୋଜୀ ମେକାପ * ଯେପରି
ତୈଳାକ୍ତ ମସିଆ ଏକ ତକ୍ତପୋଷ ପରେ ।
ମୋ ଅଂତର ଲହୂ ପାଳ ଛିନ୍ନଭିନ୍ନ କରି
ପୁଣି ମୁଁ ଯେ ବ୍ୟଂଗ କରେ,
କଟୁ-ଉକ୍ତି,
ଖ୍ୟାପଣ ଉଦ୍ଧତ ।
ପ୍ରାଚୁର୍ଯ୍ୟକୁ କରେ
ବେତ୍ରାଘାତ ॥

ପିତାମହ-ସୁଲଭ ଭଦ୍ରାମି
ଏବଂ ନମ୍ରତା
ମୋ'ଠାରେ ତ ନାଇ ।
ମୋ ଆତ୍ମାର ଗୋଟିଏ ବି ଶୁକ୍ଳ କେଶ
ଏବେ ଉଠି ନାଇ ।
ମୋ' ଧ୍ୱନିର ଅଗ୍ନି ବର୍ଣ୍ଣେ
ପୃଥିବୀକୁ ଅନର୍ଗଳ ଦଗ୍ଧ
ମୁଁ ମୋର ସୁଲଳିତ—ସୁଦର୍ଶନ
ବାଇଶ-ବର୍ଷୀୟ ॥

---

* ମେକାପ—ବେଶଭୂଷା, ପୋଷାକ ପରିଚ୍ଛଦ ତତ୍ତ୍ୱାବଧାନକାରୀ ଚାକର । ଖାଂଟି ଏକ ଋଷ ଶବ୍ଦ ।

Digitized by srujanika@gmail.com

ଭଦ୍ରଗଣ !

ପ୍ରୀତି ଢାଳ ଭିଓଲିନ୍ ପରେ,
ଟିକିଏ ଯେ ରୁକ୍ଷ ସିଏ ଭଲ ପାଏ ଝବା
ପଖଉଜରେ ।
କିଂତୁ ତୁମେ ପାରିବ କି ମୋ ପରି ଓଲଟ ପାଲଟ
କରି କେବେ ଅଂତର ଭିତର—
ଯାହା ସବୁ ପାଲଟଇ ମଣିଷର ଓଠ ।।

ଚିଂଗୀନ-କାର୍ପାସ ବସ୍ତ୍ର ବୈଠକଖାନାରୁ
ଆସ, ଶିଖ—
ପଦକଭୂଷିତ ବନ୍ଧୁ ଅମଲାତାଂତ୍ରିକ
ଦେବଲୋକରୁଁ ଆସି ।।

ଅଜି ଯେଉଁ ଓଠ ସବୁ ରହୁଚ ନିବୁଜ
କାର ବୃଦ୍ଧାଂଗୁଠି ସ୍ପର୍ଶେ,
ପାଚକ ଯେପରି ଯାଏ ଖାଲି ଓଲଟାଇ
ପତ୍ର ପରେ ପତ୍ର
ରାଂଧଣା ଶିକ୍ଷାର ବହି ।।

ତୁମେ ଯଦି ଚାହଁ
ମୁଁ ହୋଇବ ରୋଷ-ରକ୍ତ ମାଂସ ଅକୃତ୍ରିମ ।
କିଂବା କେଉଁ ସୂର୍ଯ୍ୟାସ୍ତର ସ୍ୱର ସଂଗେ ମିଳି
ସ୍ୱର୍ଣ୍ଣିମ ବର୍ଣ୍ଣର ବସ୍ତ୍ର ।
ତୁମେ ଯଦି ଚାହଁ
ହେବି ମୁଁ ଚରମ ଭଦ୍ର ।
ମଣିଷ ନୁହଁ—ଟ୍ରାଉଜର୍-ପିଂଧା ମେଘ ଖଂଡେ ।।

ବିଶ୍ୱାସ କରେନା ମୁହିଁ
ଅଛୁ ବୋଲି ପୁଷ୍ପିତ କଥାର ଗୁଚ୍ଛ,
ସୃଷ୍ଟି ଦେବୀ କିଏ,
ତେଣୁ ଥରେ କରିବ ରଚନ
ମୁଁ ସଂଗୀତଟିଏ,!

Digitized by srujanika@gmail.com

ଉତ୍ସର୍ଗ କରିବ ତାକୁ ସେଇ ମଣିଷକୁ
ଶଯ୍ୟାଶାୟୀ ଯିଏ
ହାସପାତାଳ ପରି,
ସେ ନାରୀକୁ—
ପ୍ରବଚନ ପରି
ଯିଏ ଜୀର୍ଣ୍ଣ, ଶୀର୍ଣ୍ଣ ଓ ମଳିନ ।

—୧—

ଭାବ ତୁମେ ମେଲେରିଆ
ରୋଗୀର ପ୍ରଳାପ ?

କିନ୍ତୁ ଏହା ଘଟିଥିଲା ।
ଘଟିଥିଲା ଓଡେସାରେ ଏହା ।

"ତୁମକୁ ଭେଟିବି ଚାରିଟାରେ"
କହିଲା ମେରିୟା ।

ଆଠଟା
ନ'ଟା ।
ଦଶଟା
ଏବଂ ତା' ପରେ

ସଂଧ୍ୟା
ଡେଇଁଗଲା ଝରକାରୁ
ପୌଷର ଆକାଶେ,
ସ୍ଥାଣି ନୈଶ କଟାକ୍ଷ ମୋ ଆଡ଼େ ।।

ଝୁଲୁଥିବା ଗ୍ରୁଁଦେଲ୍ଏର ଟମଡ଼େ
ପ୍ରତାରିତ ଗ୍ରୁଇଯେରା
ଦୀପାଧାର ବାଡ଼େ ।

ମୋ ଭିତରେ ଦେଖିବେ ନା କିଏ
ଜଳୁଥିବା ହୃତୁ ହୃତୁ

ପୌରୁଷର ସ୍ତୂପ
ଯାହା ଗର୍ଜେ ଏକ ସ୍ପର୍ଶ ଲାଗି ।
କି ଚାହେଁ ଏ ମେଦ-ଖଂଡ ?
ତୀବ୍ରତମ କାମନାର ତାପ
ଯାରେ ଦଗ୍‌ଧ କରେ ।
ଆଃ ! ମାଂସର ପିଂଡୁଳାଟିଏ
ସିଏ ପୁଣି ଏତେ କଥା ଚାହେଁ ! !
କିଂତୁ ଏଟା ଠିକ୍ କଥା—
ତା' ପକ୍ଷରେ ଏଟା ସେତେ ଗୁରୁତର ନୁହେ ।
ମୁଁ ଯିଏ ବ୍ରୋଂଜରେ ଗଢ଼ା
ମୋ ହୃଦୟ, ଲୌହରୁ ଶୀତଳ ଯାହା କର୍କଶ ଓ କଡ଼ା;
ରାତ୍ରିରେ ମୁଁ ଚାହେଁ ମୋର ଢାଂକିବାକୁ ସମସ୍ତ କାଠିନ୍ୟ
ରମଣୀର ଲଳିତ ଲାବଣ୍ୟ ॥

ସୁତରାଂ,
ଗବାକ୍ଷେ ଉଠିଲା ବଢ଼ି
ମାଂସର କୁଜଟା ।
ଖିଟ୍ ଖିଟ୍ ହୁଏ ଆଖିପତା ।
ଏହା କଣ ପ୍ରେମ ? ନା ଅନ୍ୟ କିଛି କଥା ?
କି ପ୍ରକାର—
ଜଡ଼ କିଂବା ଶ୍ରେଷ୍ଠ ଏକ ପଦାର୍ଥ ଅଜଣା ।
ଏଭଳି ଦେହରୁ ଜନ୍ମି କପଟ ସେ ହୋଇପାରେ ବଡ଼ ;
ନିଶ୍ଚୟ ତା ଶ୍ରେଷ୍ଠ ଏକ ଭୀରୁ ପ୍ରେମକଣା,
ଭୟ ପାଏ ଖୋଲା ଟିପ ରାସ୍ତାର ଟହଲେ,
ବରଫ ଚାଡ଼ର ସେଇ ଘଂଟାଧ୍ୱନି ଭଲ ଲାଗେ ଯାରେ ॥

ସହରର କୋଳାହଳ ବଢ଼ି-ଜଳେ ଭିଜି
ଘଣ୍ଟେ ମୁହଁ ବର୍ଷାର ସେ ଜାଲିଚଟ୍ଟୁ ମୁହେଁ ।
ଏବଂ ଅଧିକ ଅଧିକ
କରୁଛି ଅପେକ୍ଷା
ଅପେକ୍ଷାରେ ମରୁଯାକ ବୁଢ଼ା ॥

Digitized by srujanika@gmail.com

ମଧ୍ୟରାତ୍ରି ଘୋଡ଼ଦୌଡ଼ କରେ ଧର ଖୋଲା ଛୁର ।
ଜହ୍ନୁଁକ ଆସେ ।
ହାଣେଇ ପାହାରେ ।
ଘଂଟା ଘୃର ଗୃଲେ ॥

ବାଜିଲ୍ ବାରଟା ।
ଜଲ୍ଲାଦର ଯୂପକାଠୁ ଛୁଡ଼ିପଡ଼େ
ଯେମିତ ବା କହ୍ନତର ମଥା ॥

ଝରକା କାଚରେ ପାଉଁଶିଆ ବର୍ଷାକଣା
ଅଟ୍ଟହାସ୍ୟ କଲେ ।
ଭ୍ରୂକୁଟି-କୁଟିଳ ମୁହେଁ ଅନାଇଲେ ମତେ ।
ମନେହେଲ୍
ଲା ନୋତ୍ରେ ଡେମ ଦେ ପ୍ୟାରିସ୍
ର ସବୁ ଚିତ୍ରଶିଳା
ଗୁଡ଼ିଲେ ବୋବାଳି ॥

କେଉଁଠି ମେର୍ୟା ?
ନରକକୁ ଯାଉ ।
ସମସ୍ତ ଅଧୈର୍ଯ୍ୟ ମୋର ଫାଟି କରେ ଆଁ ।
ସ୍ପଂଦନର ବେଗ ଏକ ମୁହାଁକୁ ଜାବୁଡ଼ି ଧର
ଲେଗୁକୋଗୁ କରେ ଏକ ଶିରା ।
'ତା' ପରେ
ଶଯ୍ୟାଶାୟୀ
ମୃର୍ଗୀରୋଗୀ ପର
ଚେଇଁ ଉଠେ ଏକ ସ୍ନାୟୁ !
ପ୍ରଥମେ
ନିସ୍ପଂଦ, ସ୍ଥାଣୁ
ପରେ କମ୍ପ ଦୌଡ଼େ ଜୋରରେ ।
ଝଡ଼ର ଛଂଦରେ ।
ଶେଷରେ ଆହୁରି ଦୁଇ ଶିରା

Digitized by srujanika@gmail.com

ତା ସାଂଗରେ ଏକଜୁଟ ହେଲେ ।
ସମସ୍ତେ ନାଚିଲେ ।
ଉନ୍ମତ୍ତ ଉନ୍ମାଦ ଏକ ବିକଟ ନୃତ୍ୟରେ ।।

ତଳ କୋଠରୀର ଗ୍ରୁଡଟା ଭୁଷୁଡ଼ି ପଡ଼େ ।

ଶିରିଗୁରି
ବଡ଼
ଶ୍ରେଷ୍ଠ ।
ଶହ ଶହ ଶିରି ।
କଟକଟ କରଂଛି ।
ଡିଅଁଛି, ଡିଅଂଛି ।
ପାଗଳ ପଣିକା
ଆଂଠୁ ମୋର ମଡ଼ ମଡ଼ ହୁଏ ଶିରିଂକ ଗୃପରେ ।।

ରକ୍ତବାଂଛା କରେ ରାତି
ମୋ କୋଠରୀ ଦେଇ;
ରକ୍ତସ୍ନାତ ଗଳିରୁ ମୁଁ ଭଖି ଆଖି ପାରେନା ଫେରାଇ ।।

ସହସା ଖୋଲିଲି ଦ୍ୱାର
ଅଂଧାରରେ ତଳପାଟି ମେଲିକରି ତାର ।
ଯେମିତି ବା ହୋଷ୍ଟେଲର ଦାଁତ ହବୁ ଆଉ ପଡ଼ୁନାଇ ।।

ତୁମେ ଆସି ପହଂଚିଲ ।
ଚଟାପଟ, ଯେମିତି 'ବୁଝାପଢ଼ା କର' ।
ତମର ହାତର ଗ୍ଲୋଭ ଯଂତ୍ରଣା-କଂପିତ,
ଏବଂ କହିଲ—
"ତୁମେ ପଛେ ବିଶ୍ୱାସ ନ କର
ମୋର କଂଠୁ ହେଉଚି ବିଷଧର ।"

ତା' ପରେ କଣ ?
ବେଶ୍ ବସି ହୁଅ ।
ମୁଁ ନିଜର ଚେତନାକୁ କରେ ସଂବରଣ ।

Digitized by srujanika@gmail.com

ଦେଖ, ମୁଁ ନିବାକ ଶାନ୍ତ
ନିଷ୍ପନ୍ଦ, ନିଷ୍ଟୟ ।
ମୂର୍ଦ୍ଧାରର ନାଡ଼ୀ ପରି ଜାଣ ।
ତୁମେ କହିଲ :
"ଜ୍ୟାକ୍ ଓ ଲଂଡନ,
ପ୍ରେମ ଓ ଶୃଂଗାର
ରକ୍ତ ଏବଂ ସ୍ୱର୍ଣ୍ଣ·ଏବଂ କେତେ କଣ···।"
ମୁଁ ଦେଖିଲି ଗୋଟିଏ ହିପକ୍ସ
ତୁମେ ଏକ—ଗାୟକୋଂଡ଼ା
ଯାହାକୁ ଗ୍ରେବାଂଡ ଲୋକେ ।
ତୁମକୁ ଗ୍ରେରାଇ ନେଲେ ।
ପୁଣି ଥରେ ପ୍ରେମାସକ୍ତ, କରିବ ମୁଁ ଗ୍ରାସ,
ମୋ କଳା ଭ୍ରୂଲତା ତଳେ ଲାଗେ ନିଆଁ ହ୍ୱାସ ।
ପୁଣି କଣ ?
କେବେ କେବେ ପୋଡ଼ା ଘରେ
ଗୃହହୀନ ବାସ କରେ, ଲାଗେ ନିଆଁ ହ୍ୱାସ ।

ତମେ କର ଶ୍ଳେଷ ?
"ଏକ ଭିଖାରୀର ପ୍ରାପ୍ୟ ଅଂଶ
ଠାରୁ ଶ୍ରେଷ୍ଠ ତୁମର ଏ ଇନ୍ଦ୍ରଜାଲ ପ୍ରେମ-ପାଗଲାମି ।"
ମନେ ରଖ !
ଭିସୁଭିଏସକୁ—ଏକ ରାତ୍ରେ ଗ୍ରାସେ ଯେ ବିଦ୍ରୂପ,
ସକାଳକୁ ପଂପିଆଇ ପାଉଁଶର ସ୍ତୂପ ॥

ହେଃ !
ଭଦ୍ରବ୍ୟକ୍ତିଗଣ !
ପବିତ୍ରର ଅପମାନେ ଅତ୍ୟଂତ ନିପୁଣ
ଜୁଆଡ଼ୀଂକ ଦଳ,
ହତ୍ୟା,
ଅପରାଧ, ଷଢ
ଦେଖିଚ ବହୁଳ ।

Digitized by srujanika@gmail.com

କଂରୁ ଦେଖ ସବୁଠୁ ଖ୍ୟାପଣ
ମୁହଁ ମୋର,
ଯେତେବେଳେ
ମୁଁ ଅତି ଶାଂତ ॥

ଏବଂ ଖୁବେ ଯେତେବେଳେ
କରିବ ମୁଁ ଗଲାଧଃକରଣ
ଏଇ 'ମୁଁ' ଟାକୁ ।
ମୋ ଭିତରୁ ଛୁଟିଆସେ ସେ ଏକ ତ୍ରିଶଂକୁ ।
ଅଶାଂତ ଉନ୍ମତ୍ତ ।

ହ୍ୟାଲୋ !
କିଏ କହେ ?
ମା ?
ମା !
ସୁଅ ତମ ସୁଂଦର ଖବରେ
ପୀଡ଼ିତ ଏଠାରେ ।
ମା !
ହୃଦୟେ ତା ଲାଗିଅଛି ନିଆଁ ।
ଲ୍ୟୁଡ଼ା ଓ ଓଲିମ୍ପିଆକୁ * ଜଣା
ସେମାନଂକ ଘର ଏଠି କଲେ ଏକୁଟିଆ ।
ଏ ଚିତାରୁ ତା ନିସ୍ତାର ନାଇ ।

ପ୍ରତି ଶବ୍ଦ, ସାଦା ବାକ୍ୟ,
ଏପରିକି ଆଶା-ବାଣୀ ମଧ୍ୟ
ଯା କିଛି ବମନ କରେ ମୋ ମୁଖ ନରକ
ସଂଟରେ ପ୍ରବଳ ବେଗେ—ଉଲଗ୍ନ ଗଣିକା ପରି
କୁଳମାନ ବେଶ୍ୟାଳୟୁ ଗ୍ରୁଡ଼ ।

* ମାୟାକୋଭସ୍କିଙ୍କର ଭଗ୍ନୀଦ୍ୱୟ । କାବ୍ୟ ରଚନାରେ ବାସ୍ତବ ଜଗତର ଲୋକ ଓ ସ୍ଥାନ ଚାଳ ଥିଲି ପ୍ରସିଦ୍ଧ ମାୟାକୋଭସ୍କିଙ୍କ ସ୍ୱଭାବ ଥିଲା ।

Digitized by srujanika@gmail.com

ଲୋକମାନେ କରନ୍ତି ଟିପ୍ପଣୀ—
ଧୂଆଁ କାହିଁ କୁହୁଳୁଛି !
ବଜାଅ ଆଲାର୍ମ ॥

ଧାଇଁ ଆସେ ନିଆଁ ଲିଭା ଗାଡ଼ି
ସୁନାଝଲସିଆ ତାଂକ ଶିରସ୍ତ୍ରାଣମାନ
ଝକଝକ କରେ ।
କହ ସେଇ ନିଆଁ ଲିଭାଳିଂକୁ
ଜ୍ୱଳଂତା ହୃଦୟେ ତୁମେ ଚଢ଼ିବ ଟିକିଏ
ସାବଧାନ ହୋଇ ।
ମୁଁ କରିବି ବରଂ ସେଇ କାମ ।
ଲୋତକପ୍ଲାବିତ ଚକ୍ଷୁ ବ୍ୟାରେଲ ବ୍ୟାରେଲ
ଯୋଗାଇବ ଜଳ ।
ଆଗ ମୁଁ ମୋ ପିଂଜରାରୁ ମୁକୁଳେ ଟିକିଏ ।
ଡିଆଁ ମାରେ । ଡେଇଁ ପଡ଼େ । ପୁଣି ଥରେ ଡିଏଁ ।
ତଳେ ପଡ଼ିଯାଏ ।
ତମର ହୃଦୟରୁ ତୁମେ କେଉଁଠାକୁ ଡେଇଁବ କପରି ?

ମୋ ଜଳଂତା ମୁହଁ—
ଶିଖା ଓଠ ଫାଟି ମୋର ପଡ଼ୁଅଛି ଝରି
ଅଂଗାର ଚୁଂବନ ସବୁ
କାମନାରେ ଜଳି ।

ମା :
ଗାଇବାକୁ ମୁଁ ଅକ୍ଷମ ଗାନ ।
ମୋ ହୃଦୟ ଗିର୍ଜାର ତାରିରେ ଲାଗିଛି ଦହନ ।
ଜଳଂତା କୋଠାରୁ ପିଲେ ପଳାଂତି ଯେପରି,
ଦଗ୍ଧ ଚିତ୍ତ; ଶବ୍ଦମାନ ମୋ ଖପୁରି ତଳୁ
ବାହାରଂତି ନିଆଁରେ ତରଳି ।
ଏଇପରି ଭୟରେ ଆତୁର
ଆକାଶକୁ ହାତରେ ଜାବୁଡ଼ି
ଆସିଥିଲି ଲଂବି
ଦୁଇଟି ଜଳଂତା ହାତ ଲୁସିତାନିଆର ॥

Digitized by srujanika@gmail.com

ଲୋକଂକ ଟାପରା,
ଶତଚକ୍ଷୁ ଲାଲେ ଲାଲ ଆକାଶର ତାରା
ପ୍ରକୋଷ୍ଠର ମୌନତାକୁ ଧକ୍କା ମାରେ
ଭୋରର ଆଭାରେ ।
ମୋ ଶେଷ ଚିତ୍କାର ! ଶୁଣ !
ଅଂତତଃ ଗୋଟିଏ ଥର ତୁମେ ଡାକ ଶୁଣ
ଯୁଗ ଯୁଗାଂତର ଭେଦ
"ମୂର୍ଦ୍ଧି ଜ୍ଲମାନ ।"

—:—

ଗୌରବ ମୁକୁଟ ଦଅ ।
ମହାନ କବିଂକ ସଂଗେ କରନା ତୁଳନା ।
ମୁଁ ଯୋଡ଼େ ଗୋଟାଏ 'ନା'
ସମସ୍ତଂକ ପଛେ
ଯେଉଁମାନେ ରହିଲେ ପର୍ବରେ ॥

ପଢ଼ିବାକୁ କିଛି ମୁଁ ଚାହେଁନା ।
କେଉଁଠି ବା ।
ବନ୍ଧୁ ?
ବନ୍ଧୁସବୁ କେଉଁଥି ପାଇଁକି ?

ବନ୍ଧୁସବୁ ଏମିତ ହୁଅଂତ
ମୁଁ ଭାବେ ମନରେ—
ଜଣେ କବି ଆସେ—ଅଧମେଲା ଓଠକୁ ଥରାଇ ।
ଏବଂ ହଠାତ୍ ପ୍ରେରଣା ପାଇ ଗୋବର୍ଗ୍ରା କିଛି ଉଠେ ଗାଇ ।
ବେଶ୍, ଦୈନିକ ତ ହେଲା ।

କିଂତୁ ସିଏ ଗାଇବାକୁ ଯିବାର ପୂର୍ବରୁ
ଏହା ଜଣା ପଡ଼େ,
ଏଣେ ତେଣେ ସେ ଯେ ବୁଲୁଥିଲା,
ରସଟା ଟିକିଏ ଜନ୍ମ ହେବା ଆଗୁଁ ସୁରା ।
ତା' ହୃଦ ଶୋଣିତେ କିଂତୁ କଳ୍ପନାର ପଂକ,

Digitized by srujanika@gmail.com

କାଦୁଅ କଚଟା ଆସି ମିଶିଗଲା
ଅତର୍କିତ,
ସ୍ୱରର ଗୁଂଜନ ଉଠି ହେବା ଆଗୁଁ ମୂର୍ତ୍ତ
ଟ୍ରେମ ଆଉ ନାଇଟିଂଗଲ ଉଚଂଡ ବେସୁରା ।
ଏଣେ ଖ୍ରୀଷ୍ଟାବ୍ଦ ଗଲା, ରାସ୍ତାମାନ
ଛଟପଟ ହୁଏ ।
କହିବାକୁ କଥା, କାଂଦିବାକୁ, ଭାଷା ସେ ନ ଥାଏ ॥

ଉଠିବୁ ପୁଣି ତ ଆମେ ଗର୍ବେ ମଥା ଟେକି
ବାବିଲନ ମିନାର ସମାନ ଆକାଶ ବିଦାରି,
କିଂତୁ ଯେଉଁ ନଗରକୁ ଭଗବାନ ଜମିରେ ଆପିଲେ
ମଣିଷର କଥା ସେଠି ଅର୍ଥ ଖୋଜି ବୁଲେ ॥

ନୀରବରେ ପୀଡ଼ା ଭୋଗେ, ରାସ୍ତା ବାଂଛା କରେ
ତଂଟିରୁ ବାହାରେ ଲଂବା ଗୋଟାଏ ଅଳ୍‌କାର ।
ହୃଷ୍ଟପୁଷ୍ଟ ଟ୍ୟାକ୍‌ସି ଆଉ ଚର୍ମସାର ଗାଡ଼ି
ହୋଇଯାଂତେ ଭେଟ
ରାସ୍ତାର ତଂଟିରେ ଲାଗେ, ଫୁଲି ହୁଏ ମୋଟ ।
ଗୁଡ଼ରେ ତା ପଦଯାତ୍ରୀ ଭିଡ଼,
ଯକ୍ଷ୍ମା ରୋଗଗ୍ରସ୍ତ ॥

ଅଂଧାରରେ ବାଟସବୁ ଓଗାଳେ ସହର ।

କିଂତୁ ଯେତେବେଳେ;
ସବୁ କଥା ପରେ
ଜନତା ମୁହାଁଇ ଗଲେ ମଇଦାନ ଆଡ଼େ
ରାସ୍ତାର ତଂଟିରୁ କାଢ଼ି ଦେଇ ସେଇ ହାଡ଼େ
ମନେ ହୁଏ
ଛଟେ ଅବା ଯାଚକଂକ ସଂଗୀତର ଊର୍ମି ।
ଈଶ୍ୱର ଦଅଂଡ ଶାସ୍ତି ହୋଇ ସେ ଲୁଂଟେ ।

Digitized by srujanika@gmail.com

ଝଂରୁ ରାସ୍ତାଟା ବସି ରହେ, ପାଟି କରି କହେ
"ମୋର ଲୋଡ଼ା କୃମି ।"
କୃପ ଏବଂ କୃପୀଗଣ ସହରକୁ ନାଁ କେ
କର୍ଷିତ ଭ୍ରୂଭଂଗୀ ଆଉ ଆଖିର ଧମକେ ।
ଝଂରୁ ମୁଖେ
ମୃତ ଶବ୍ଦମାନ ପଚି ସଢ଼ା ଗଂଧ ଛୁଡ଼େ ।
ଦୁଇଟି କେବଳ ଏବେ ବଂଚଚ ସେଥିରୁ
ଟିକେ ବରଂ ପୃଥୁଳ ଆକାରେ ।
ଗୋଟିଏ 'ବଜ୍ଜାତ' ୧
ଅନ୍ୟଟି 'ବୋର୍ଶଚ୍' ୨ ମୁ ଭାବେ ।

କବିମାନେ,
ଲୁହ ଆଉ କାଂଦରେ ବତୁରି
ଗଳିମାନଂକରୁ ଛୁଟି କେଶର ଫୁଲର
ପଚାରଂତି—'କି ସାହସେ ତୁମେ ଉଚ୍ଚାରିଲ
ଏ-ସବୁ ଶବ୍ଦ 'କୁମାରୀ' ଓ 'ଶିଶିରସିକ୍ତ ଫୁଲ'
ଆଦି ସଂଗେ, ଗୁଂଥି ଏକ ସଂଗୀତର ହାରେ ;
ରାସ୍ତାର ସହସ୍ରେ
ଗୋଡ଼ାଂଡ କବିଂକ ପଛେ ।
ଛାତ୍ର,
ମିସ୍ତ୍ରୀ,
ବେଶ୍ୟାମାନେ ।
ମହିଳା ଓ ଭଦ୍ରବ୍ୟକ୍ତିଗଣ !
ତୁମେ ସବୁ ନୁହଁ ତ ଭିଖାରି ।
ବାଂଧ ସବୁ ମାଲ ।
କର ନାଇ ଅସ୍ତ୍ର ଭିକ୍ଷା ବଂଚିତଂକ ପରି ।।
ଆମେ ଯିଏ ସାତ କୋଶ ପହଁରିବାବାଲା
ସୁସ୍ଥ ଓ ସବଳ ଲୋକ,

(୧) Skunk—ବଦମାସ୍ ।
(୨) Borshch—ଏକ ଜନପ୍ରିୟ ରୁଷୀୟ ଏବଂ ୟୁକ୍ରେନ୍ ପ୍ରଦେଶୀୟ ମାଂସ ଓ କୋବଝୋଳ ।

Digitized by srujanika@gmail.com

ଶୁଣିବାକ ତାଂକ କଥା । ତାଂକୁ ଦବା ଫାନ୍ଦ ।
କାରଣ ବନାମୂଲ୍ୟେ ସେମାନେ ତ
ନୋଡ଼ମନ ପରି
ପ୍ରତ୍ୟେକ ଡବଲ୍-ଖଟେ ହୁଅଂନ୍ତି ସାମିଲ୍ ।

ଝିବପାର, ତାଂକୁଇ କହୁବା
"ସାହାଯ୍ୟ କରିବ ଟିକେ ।"
ଚପଲ ଝିଆଣି ଜନେ ।
ବିଭିନ୍ନ ଜଣାଣେ ଯିଏ କରଂନ୍ତି ପ୍ରାର୍ଥନା ।
ଏବଂ ବହ୍ନିତା ଝାଡ଼ି ଡାକଂନ୍ତି ଈଶ୍ୱରେ ।
ଆମେଇ ତ ନଜେ ସ୍ରଷ୍ଟା ଜ୍ୱଂଲନ୍ତ ଗୀତର
ଫ୍ୟାକ୍‌ଟରୀର, ଲ୍ୟାବରଟରୀର,
ଆମେ କାରେ କରିବା ଯାଚନା ?

ମୋ ପାଖରେ ଫଷ୍ଟ କିଏ ?
ନିଆଁର ରକେଟ ଏକ ।
ମେଫିସ୍ତଫିଲ୍‌ର ସଂଗେ ହୁଏ ଯେ ସ୍ଖଳିତ
ସ୍ୱର୍ଗର ସେ ବିଚଳିତ ମସୃଣ ଚଟାଣେ ।
ମୁଁ ଜାଣେ—
ମୋ' ଜୋତାର ଏକ କଂଟା ମୋତେ ବେଶୀ କାଟେ
ଯୁଝେ ବେଶୀ ଭୟ ଓ ଉଦ୍‌ବେଗ ।
ଗେଟେଂକର ସୃଷ୍ଟି ସୃଷ୍ଟି
ଉଦ୍‌ଭଟ କଳ୍ପନାଠାରୁ ।
ଛୁଏଁନା ଯା ମୋ ମନକୁ ଶତାଂଶ ତାର ବି ।

ପ୍ରତି ଶବ୍ଦେ ମୋର
ପୁନର୍ଜନ୍ମ ଲଭେ
ଦେହ ଆଉ ଆତ୍ମା ମୋର ।
ମୁଁ
ବାଙ୍‌ମୟ ସ୍ୱର୍ଣ-ଖଂଡ

Digitized by srujanika@gmail.com

କହେ ତାକ ସବେ—
ଜୀବଂତ ମସ୍ତିଷ୍କଂକର ଏକ ଧୂଳିକଣା
ବେଶୀ ମୂଲ୍ୟବାନ
ମୋର ସବୁ କର୍ମ ଆଉ କୃତ
ଏବେ କବିଠାରୁ ।

ଶୁଣ ।
କାଂଦ କାଟି ବାଷ୍ପୟଙ୍କ ହୋଇ
ବଂଦନା କରନ୍ତୁ ଆଜି ସେମାନେ ଏଠାରେ
ଯାରଥୁସ୍ତ୍ରାଂକର ।*
ଆମେ,
ମୁହଁ ଯାର ଫର୍ଦେ ଶେତା କାଗଜ ସମାନ,
ଓଠ ଯାର ଝୁଲଂତା ଲଣ୍ଠଣ ।
ଆମେ,
ସହରର କୁଷ୍ଠାଶ୍ରମେ ବଂଦୀ ପଶୁ ବତ୍ସ ।
ସେଉଁଠି ସୁନା ଓ ଧୂଳି ସୂଜେ ଯା ସୁଯ ।
ଦ୍ୱିଜଣୀସ୍ତ ଜଳଠାରୁ ଅଧିକ ନିର୍ମଳ
ସୂର୍ଯ୍ୟ ଓ ସମୁଦ୍ର ଧୌତ ଏକାଧାରେ
ଆମ ଗଂଡ଼ିଛୁଲ ।

ହୋମର ଓ ଓଭିଡଂକ ସଂଗୀତରେ ଯେଉଁ
ନଗରର ରହସ୍ୟ ଚରଣ,
ସେଠାରେ କି ଆମ ପଶ ପାଇବ କାହାକୁ—
ମୁଖେ ଯାର ବ୍ରଣକ୍ଷତ, ବସଂତର ଚିହ୍ନ ।
ଏ-କଥା ମୁଁ ଜାଣେ
ହୃଦ୍ୟ ବି ମଉଳି ଯିବ ଦେଖି ସ୍ୱର୍ଣ୍ଣ ଛଟା
ଆତ୍ମାର ଅମର ॥

* Jarathusthras—ପାର୍ସିଧର୍ମର ପ୍ରତିଷ୍ଠାତା । ଜର୍ମନ ଦାର୍ଶନିକ ଗ୍ରନ୍ଥ "Thus Spake Zarathusthras" ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ପ୍ରାର୍ଥନାଠୁ ସତ୍ୟ ଅଟେ ଶିରା ମାଂସପେଶୀ,
ସମସ୍ତର ଦୟା ଆମେ କରିବା ପ୍ରାର୍ଥନା ?
ଆମ ହାତେ,
ପ୍ରତ୍ୟେକ ହାତରେ
ଦୁନିଆର ରହିଛି ଲଗାମ,
ଆମ ପାଂଚ ଆଂଗୁଠିର ମୁଠାର ଭିତରେ ॥

ଶୁଣିଛ ନାଲିଶ କେତେ ଗୋଲଗୋଥାଠାରେ,
ପ୍ରେକ୍ଷାଘରେ ବାତ୍ୟାରେ ବିକ୍ଷୁବ୍ଧ,
ପେଟ୍ରୋଗ୍ରାଡ୍, ମସ୍କୋ, ଆଉ ଓଡେସା ଦେଖିଛ—
ଏପରି ଜଣେ କେ ନାହିଁ ଯିଏ କହୁ ନାହିଁ—
କ୍ରୁଶରେ ଚଢ଼ାଅ ତାକୁ
କର କ୍ରୁଶବଦ୍ଧ ।
କିନ୍ତୁ ମୋ ଆଖିରେ
ଲୋକମାନେ,
ଆଉ ମୋତେ କଲେ ଯେ ଆଘାତ
ସେମାନେ ନିକଟତର ପ୍ରିୟତର ମୋର ।
ଅନ୍ୟମାନେ ମ୍ଳାନ, ଅସ୍ତମିତ ।

ଦେଖିଛ କି ତୁମେ
କୁକୁର କିପରି ଚାଟେ ପାଦ ତାର
ଯିଏ ତାକୁ ପ୍ରହାରେ ନିର୍ମମେ ॥

ମୁଁ
ପାଇଛି ଥଣ୍ଡା, କ୍ରୁଦ୍ଧ ସମକାଳଠାରୁ
ପ୍ରତ୍ୟାଖ୍ୟାତ ରୁଗ୍ଣ ଏକ ରୋଗିଣୀ ଯେପରି,
କିନ୍ତୁ ମୁଁ ଯାହା ଦେଖେ
ସମୟର ପର୍ବତ ସେପାଖେ
ଅନ୍ୟ କେ ତା' ପାରେ ନାହିଁ ଦେଖି ।
ମଣିଷ ହରାଇ ଅଛି ସେଠି ତା' ଦର୍ଶନ ।
ଦୃଷ୍ଟି ରେଖେ କ୍ଷୁଧାର୍ତ୍ତର ମୁଣ୍ଡର ସୋପାନ

Digitized by srujanika@gmail.com

ବିପ୍ଳବର କଂଟକିତ ସିଂହାସନ ପରେ
ଉଣିଶ ଶ' ଷୋଳ ଦେଖେ ଧୀରେ ଅବତରେ ॥

ଏବଂ ମୁଁ ତୁମ ମଧ୍ୟେ ଦେବଦୂତ ତାର ।
ଯେଉଁଠାରେ ଅଛୁ ଦୁଃଖ—ସେଠି ମୁଁ ଯେ ଅଛୁ ।
ପ୍ରତ୍ୟେକଟି ଅଶ୍ରୁକଣା ଯାହା ଝରି ପଡ଼େ
କ୍ରୁଶବିଦ୍ଧ ମୁହିଁ ସେହିଠାରେ,
ସେ ବ୍ୟଥାରେ ଅଂଶ ମୋ ରହିଛି ।

ସମସ୍ତ କ୍ଷମାରେ ମୁଁ ଯେ କହେ—ରହ, ରହ ।
ଭଦ୍ରତା ଯେଉଁଠି ସ୍ଥିର, କ୍ଳୀବ, ଅବସନ୍ନ
ମୋ ଆତ୍ମା ବଧିର ସେଠି ।
ଜାଣେ ମୁଁ ତା ଅତ୍ୟଂତ କଠିନ
ଆଘାତ ବା ଆକ୍ରମଣ କରିବା ଅପେକ୍ଷା
ସହସ୍ର ବାସ୍ତିଲ୍ * ପରେ ।

କିଂତୁ ଯଦି ଥରେ ତାହା ଆସେ
ଅନେକ ବିପ୍ଳବ ପରେ
ଆଜି ତୁମେ ହୁଅ ଅଗ୍ରସର
ହାତେ ଧରି ହାସ୍ନାର ସ୍ତବକ
କରିବାକୁ ଅଭ୍ୟର୍ଥନା ସେ ଷାଣକତାରେ
ଫିଂଗି ଦେବ ମୋ ଆତ୍ମାକୁ
ତୁମ ସାମନାରେ,
ଅନ୍ନବାଣ ।
ତା ଉପରେ ଚାଲିଯିବା ପାଇଁ,
ଏବଂ ତାକୁ ଧଜବାକୁ ଟେକି
ଭୂଇଁରୁ ଉଠାଇ
ରକ୍ତ-ପୂତ ମେଷର ନଶାଣ ।

* Bastilles—ପ୍ୟାରିସ୍‌ର କୁଖ୍ୟାତ ବଂଦୀଶାଳା ଯାହାକୁ ଫରାସୀ ବିପ୍ଳବ ପ୍ରଥମେ ଭାଂଗି ଦେଇଥିଲା ।

Digitized by srujanika@gmail.com

ସହସା ସଘନେ
ମେଘମାନେ
ଏବଂ ଆକାଶୀ ଇତ୍ୟାଦି ଯେତେ
ଜାଗି ଯେ ଉଠିଲେ ।
ନଭ ପ୍ରାଂତେ ତୋଳିଲେ କଲ୍ଲୋଳ ।
ଯେପରି କି ଶ୍ୱେତଚର୍ମ ଶ୍ରମିକର ଦଳ
ସ୍ୱର୍ଗ ବିରୋଧରେ କରି ଘୋଷି ଧର୍ମଘଟ
ଯାଉଛଂତି ଫେରି ॥

ଚୂର୍ଣ୍ଣ ମେଘ ପଛଆଡୁ ବଜ୍ର ପୁଣି କରୁଚି ନର୍ତ୍ତନ ।
ବ୍ରହ୍ମାଂଡ଼ ତା ନାକପୁଡ଼ା ଗ୍ରୁଡ଼ୁଅଛୁ ଗୁମୁଳ ଗର୍ଜନ ।
ଲୁହାର କେଉଁ ବିସମାର୍କର ଭୟଂକର
ଭ୍ରୂକୁଟି ପରି ତା' ।
ଅଉ ଜଣେ କିଏ
ମେଘ ଗୁଂଫିତ କଡ଼ି ବର୍ଗା ପରେ
ପବନର ସ୍ତର ଭେଦି
କାଫେ * ଆଡ଼କୁ ହାତ ବଢ଼ାଏ ।
ସ୍ତ୍ରୀ-ସୁଲଭ ଲଳିତ ହାତଟିଏ
ମନେ ହୁଏ ଖୁବଇ ନରମ ।
ପୁଣି ମନେ ହୁଏ, ଏକ ବଧୂକର ଗାଡ଼ ସିଏ ।

ତୁମେ ଭାବୁଚ
ତାହା ସୂର୍ଯ୍ୟ, ଖୁବ ଧୀରେ
କାଫେର ଗାଲରେ ଥରେ ?
ନା ପୁଣି ଥରେ ସେନାପତି ଗ୍ୟାଲିଫେ ⁕
ବିଦ୍ରୋହୀ-ଶୀକାରେ
ବାହାରି ପଡ଼ିଲେ ?

---

* Cafe—କଫି ଗୃହ ।
⁕ General Gallifet ଏକ ଫରାସୀ ସୈନ୍ୟାଧ୍ୟକ୍ଷ । ପ୍ୟାରିସ୍ କମ୍ୟୁନ୍‌ର ବିଦ୍ରୋହୀମାନଂକୁ ନର୍ମମ ଭାବରେ ହତ୍ୟା କରିଥିଲେ ।

Digitized by srujanika@gmail.com

ହେଃ ! ବାଟୋଇମାନେ !
ତମ ପକେଟରୁ ହାତ କାଢ଼ି ନଅ ।
ଗୋଟାଏ ବୋମା ଗୋଟାଇ ନଅ,
କିଂବା
ଗୋଟାଏ ଛୁରି କିଂବା ପଥର ଧର ।
ଏବଂ ଯେଉଁମାନଂକର ହାତ କିଂବା ଆଖିର ତାରା ନାଇ,
ଆସ ।
ନଗ୍ନ ଭୂବୁରେ, ଲଢ଼ ।
ଆସ ସବୁ ବେଶ୍ୟା, ଧର୍ମୀ
ଆସ, ଆସ ଚଳଚ୍ଚିତ୍ରକର୍ମୀ ।
ଅଧିକାରଚ୍ୟୁତ କୃମି
ମାଛମରା ମଇଳା ପାଣିକୁ କର ବନ୍ୟାଧର୍ମୀ !
ଆସ ।
ସୋମବାରିଆ, ମଂଗଳବାରିଆ, କାମ କରିଲା ଯାଇ । *
ଛୁଟି ସବୁକୁ ଲାଲ୍ ରଂଗରେ ଚିତ୍ର କର ରକ୍ତରେ ଭିଜାଇ ।

ଛୁରି ତଳେ ଥରି ଥରି ଦୁନିଆ ଆଜି ସବୁ
କାହାକୁ ଆଉ କରିବ ବେଶୀ ଅସଭ୍ୟ, ସେ ସବୁ ।
ଅନ୍ଧବିଶ୍ୱାସ ରଥଯାତ୍ରା ଆଦି
ରଥଯାତ୍ରାଇଲାଡ୍ ରକ୍ଷିତା ପରି ଯଦି
ଧର୍ମକୁ କରେ ସତୀ ।
ପତାକା ସବୁ ଉଡ଼ଂରୁ ତେବେ କମାଣ ନିଆଁ ରଂଗେ ।
ପ୍ରତି ଛୁଟିରେ ବିଶ୍ରାମଂଟିରେ ପରସ୍ପରେ ଶ୍ରେଣୀ ସଂଗେ
ଝୁଲିରେ ତେବେ ମଲା ମଲାଂର ଡାଂଗ ॥

କିଏ ଜଣେ ବିଏ ହେଲେ ;
କିଏ କହେ, ହାଣ ହାଣ ।
କିଏ କରେ ପ୍ରାର୍ଥନା ବା

* ମାକ୍ସିକୋଷ୍ଟି ଏଠାରେ ଶ୍ୟାଂଦର ଶବ୍ଦଗୁଡ଼ିଏ ଗଢ଼ି ବ୍ୟବହାର କରିଛନ୍ତି, ଯଥା—
Hungryites, Workites, Mondayites ଇତ୍ୟାଦି ଇତ୍ୟାଦି !

Digitized by srujanika@gmail.com

ତଢ଼ି କାନ୍ଧା କାଂଧେ,
ଆଉ ଜଣେ
ତା' ପାଖରେ କାଂଦେ ।
ଆକାଶରେ ଲାଲ ମାର୍ସେଲ୍ଇ ।*
ଅଣ ଟଣ ମୃତ୍ୟୁ-ନିଶା
ସୂର୍ଯ୍ୟାସ୍ତ ବା ଗଲାଣି ମିଳାଇ ।

କିଛୁ ଘଟିବ ନାଇ ।

ପାଗଳାମି ଘୋଟିଲାଣି ।

ଆସିବ ରାତ୍ରି
ଶୋଇବାକୁ ସବୁ ବଲେଲ ଶାଂତ ।
ପୁଣି ଥରେ ଆକାଶରେ
ହଜିଲା ବିଶ୍ୱାସ ।
ଯେପରି ଜୁଡ଼ାସ ।
ଦେଖ, ଦେଖ
ବିଶ୍ୱାସଘାତକ
ମୁଷ୍ଟିମେୟ ତାର ।।

ପୁଣି ସିଏ ଆସେ ।
କାଂସେଇ ମାମାଇ । °
ନଗରର ଭଗ୍ନାବଶେଷେ
ଗୁଞ୍ଜଣି ପକାଇ ।
ଏଭଳି ରାତ୍ରି ଦେଖିନାଇ ଆଖି ।

---

* **Marseillaise**—ଫରାସୀ ବିପ୍ଳବର ସଂଗୀତ ଯାହା ୧୭୯୨ରେ **Rouget de Lisle** ରଚନା କରିଥିଲେ ।

° **Mamai**—ଜଣେ ତାତାର ଖାଁ, କିଂବଦନ୍ତୀ ଅନୁସାରେ ନିଜର ଶତ୍ରୁମାନଙ୍କ ଶରୀରରେ ନିର୍ମିତ ଏକ ସିଂହାସନ ଉପରେ ବସି ଭୋଜ ଖାଉଥିଲେ ।

Digitized by srujanika@gmail.com

ଅଜେଭ [1] ପରି କଳାଧୂମ ଗାଢ଼ ।
ଏକ କାଫେରେ ବସି, ମୁଁ ଝାଉଚି ଦ୍ରବ ।
ମଦରେ କନ୍ଥଟା ଭିଜା କପଡ଼ା । ଆତ୍ମା ମୋର ଅଚ୍ଛ ଖାଡ଼ା ।
ଏବଂ ଦେଖେ
କଣରେ ଦୁଇଟି ସୁଗୋଲ ଆଖି ।
ମାଡୋନାର ବଡ଼ ବଡ଼ ଆଖି ଝୁରେ ମୋ ହୃଦସ୍ଥ ।
କାହିଁକି ବନ୍ଧୁର ପ୍ରଶ୍ନ ହେ ମାତା ଏଠାରେ
ସାଧାରଣ ବସାଉଟା ସ୍ଥଳେ ।
ପୁଣି ଦେଖ ଥରେ
ସେମାନେ ପକାଂଉ ଛେପ
ଗୋଲଗୋଥାରେ ଖାସ !
ଅଭି ବରି ନଅଂଉ
ବାରବ୍ବାସ ?

ହୋଇପାରେ,
ମୁଁ ଜାଣିଶୁଣି
ଭିଆଏ ସବୁ ଗୋଳ ।
ମଣିଷର ଏ ହାଂଡଶାଳେ
ମିଳୁଚ ନାଉ, ପେଜ ।
ମୁହଁ ମୋ ନୁହଁ କହୁ ତ ନୂଆ
ଲଖି ରହିବ ଆଖି ।

ହୋଇପାରେ
ମୁଁ ଦେଖିବା ପାଇଁ ଅଧିକ ମନଲାଖି
ତମର ସବୁ ପୁଅମାନଂକ ଭୂଲେ ।
ଦଅ ଗୋ ତାଂକୁ ଆନଂଦରେ
ସହଜ ମୃତ୍ୟୁ ସମସ୍ତରେ ।

---

୧ । ଅଜେଭ—ନାଜ୍ ଅମଳର ଏକ ଗୋଇଂଦା ପୁଲିସ ଗୁପ୍ତଚର ରୂପେ କାର୍ଯ୍ୟ କରି ନିଜ ସାଥିମାନଂକୁ ଧରାଇ ଦେଉଥିଲା ।

Digitized by srujanika@gmail.com

ତା'ହେଲେ ଯେତେ ଆଜିର ପିଲେ
ହୋଇ ଉଠିବେ ବଡ଼ ।
ବାଳକ—ପିତା,
ବାଳିକା—ନୂଆ ମାତା ।
ଏବଂ ନବଜାତକମାନେ
ଆସିବେ ଧରି
ମଧ୍ୟାଗି ପରି
ବୁଦ୍ଧିର ନୂଆ ବେଶ ।
ଏବଂ ତାଂକ ପିଲାମାନଂକ ନାମ
ରହିବେ ମୋର କବିତା ଗୁଚ୍ଛେ,
ନୂତନ, ଅନୁପମ ॥

Digitized by srujanika@gmail.com

ମୁଁ

(୧୯୧୩)

ମୋର ଦଳିତ ଆତ୍ମାର
ଛକେ,
ପାଗଳଙ୍କ କୁତ୍ସାର ଗୋଢା ।
ଦଳିଦେ
ନାନା କ୍ରୂର ରୁକ୍ଷ ଶବ୍ଦ
ଛବି ।

ଯେଉଁଠି ନଗରସ୍ତ୍ର ଠିଆ,
ଏବଂ ମେଘ-ପାଶେ
ମିନାରର ଚୂଡ଼ାମାନ
ଛିଂଢ ହୋଇଯାଏ ।
ମୁଁ ଯାଏ ।
ନିଭୃତରେ କାଂଦେ
ସେ ଛକ ରାସ୍ତାରେ,
ଯହିଁ କ୍ରୁଶବଦ୍ଧ
ପୋଲିଶମ୍ୟାନନ୍ତି ।

—

Digitized by srujanika@gmail.com

ସାଥୀ ଲେଖକମାନଙ୍କୁ

(୧୯୧୫)

ଫେନେଷ୍ଟ୍ରଏ, ଅଭ୍ୟସ୍ତ ମୁଁ ହେଭ୍ବନାର ଗ୍ଲ' ପିଇବାରେ
‘ବ୍ରିଷ୍ଟଲ’ରେ ବସି ।
ଧାଡ଼ରେ ନବେଶି ତନୁ ।
ଗ୍ଲାସସବୁ ଓଲ୍‌ଟା ପାଲ୍‌ଟା କରି,
ଟେବୁଲରେ ପଂଝା ପିଟି କହେ ମୁଁ ପାମନୁ—
“ଶୁଣ
ସବୁ ସାହିତ୍ୟିକ ସାଥୀ !
ତୁମେ ବସି ଏଠି
ଗ୍ଲ'ରେ ନମ୍ରକ ଆଖି,
ଭେଲଭେଟ କହୁଣୀ ତମ ଲେଖି ଲେଖି କ୍ଷୀଣ ।
ଅସମାପ୍ତ ଗ୍ଲାସ ଗୁଣ୍ଡ଼ ଦେଖ ଖୋଲି ଆଖି ।
ମୁକୁଳାଅ କାନ ତୁମ ସେଇ ସବୁ କୃଷ୍ଣ•କବସ୍ତ୍ର
ପ୍ରିୟାମାନଙ୍କର ;
ଶବ୍ଦ ସମ୍ବ ତୁମର ବିବାଦ,
ତୁମେ ସବୁ ଯେ ବସିଛ କାଂଥକୁ ସଟ୍‌କି
ନାନା ଚିତ୍ର କାଗଜରେ
ପିଠିମାନ ଘଷି :
ତମେ କି ଜାଣିଛ
ଫ୍ରାଂକୋଇଶ ଭିଲୋଁ
ଲେଖାଲେଖି ସାରି କରି
କରିଥିଲେ ଆରଂଭ ଲୁଂଠନ ?

ଏବଂ ତୁମେ ସବୁ ଥରି ଉଠ ଛିଏ ଦେଖି
କଲମଦ୍ୱାପ ଲୁସି,

Digitized by srujanika@gmail.com

ତୁମେ ଏକ ଭବ୍ୟ ଯୁଗର ହେବାକୁ ସ୍ରଷ୍ଟା
ଆସ୍ଫାଳନ କର ।
କ'ଣ ଲେଖିଚ ତୁମେ 'ଆଜି' ସଂଖ୍ୟାରେ
କହ ମନେ କରି ।

ଯେ କୌଣସି ଓକିଲର ସନ୍ଧ୍ୟାକାଶ୍ମ ଜଟ
ଜୀବନକୁ ମନେକରେ ବେଶୀ ଆକର୍ଷକ ;
ଭଦ୍ରଲୋକ, କବିଗଣ !
କ୍ଳାନ୍ତ ନୁହଁ ତୁମେ କ'ଣ
ଲେଖି ଲେଖି ଅଜସ୍ର ପୃଷ୍ଠାରେ
ପ୍ରାସାଦ
ଓ ପ୍ରେମ
ଏବଂ କୋଲକ ଫୁଲର କଥା ।
ତୁମେ ଯଦି ଏଇପରି ସ୍ରଷ୍ଟା
ପକାଇବ ଛେପ ମୁହିଁ ସବୁ ଆର୍ଟ' ପରେ ।
ମୁଁ ବରଂ ଖୋଲିବି ଦୋକାନ,
କିଂବା ଯିବି ପଠା ବଜାରକୁ
କିଂବା ମୋର ଅଳମାନ କରିବି ପୃଥୁଳ
କେଉଁ ଏକ ଅଂଧାରି ଗଳିରେ ।
ମୁଁ ମୋର ଆତ୍ମାକୁ ଆଜି କରିବି ବମନ
ଏକ ଦୃପ୍ତ ମାତାଲ ସଂଗୀତେ ।
ସେ ବିଧାତା ଭେଦ ତମ ବାଳର ଅରମ
ପଶିବ କି ମଗଜ ଭିତରେ ?,
ତୁମର ମୁଂଣ୍ଡରେ ଅଛୁ ଗୋଟାଏ ଧାରଣା—
ବାଳର ସେ ଜଂଗଲର ତଳେ :
କୁଂହାଇବା ! କାହିଁକି ? ପଗ୍ଡରେ ।
ସେକ୍ଷଣି ତ ତାର କିଛୁ ମୂଲ୍ୟ ନାଇଁ ।
ଆଉ ଚିରକାଳ କଥାଟା ଉଠିଲେ—
କିଏ କଣ ପାନଅରେ ଚିରଦିନ ରଂପା ହୋଇପାରେ ?

Digitized by srujanika@gmail.com

ବିପ୍ଳବୀ

—ଆମ ଅଭିଯାନ—

(୧୯୧୭)

ରାସ୍ତାରେ ଆବାଜ ଉଠେ ।
ବିପ୍ଳବର
ଅଭିଯାନ ଛୁଟେ ।
ଗର୍ବ ଶିରେ
ମୁଷ୍ଟି ହାଣେ
ବଜ୍ରର ଆଘାତ ।
ଆମେରେ ପ୍ରଳୟ-ବନ୍ୟା
ତରଂଗ-ଆବର୍ତ୍ତ ।

ପୃଥିବୀକୁ ମେଘ ପରି କରିବୁଁ ବିଧୌତ ॥
ଦିନସବୁ ଆଲୋକ-ତୁରଗ ।
ବର୍ତ୍ତମାନେ ସ୍ଳଂଥ ମଂଥର ।
ଆମର ଈଶ୍ୱର ଗତି ।
ତୂର୍ଣ୍ଣିର ବେଗ ।
ହୃଦୟ ଆମର ଅଟେ
ଗୋଟାଏ ମର୍ଦ୍ଦଳ ॥

ବ୍ୟାଜ୍‌ଠାରୁ ଆଉ କିଛି ଅଛି କି ଭୂଷଣ ?
ବୁଲେଟର ଚୋଟ କିବା କରିବ ଆମର ?
ବେୟନେଟ, ବଂଧୁକର ଦେବାକୁ ଉତ୍ତର
ରଚିତ ଆମର ଗାଥା, ସାଂକୁଠାରୁ ଟାଣ ।
ଆମର ସୁବର୍ଣ୍ଣ ଆମ କଂଠଫଟା ଗାନ ॥

ସବୁଜ ପଡ଼ିଆ ହସେ ।
ଦିନ ଯାଏ ଗଡ଼ି ।

Digitized by srujanika@gmail.com

ଭୂରୁ ଆମ୍ଭ ରଂଗାଏ ସ୍ୱପ୍ନଧନୁ ଝଡ଼ ।
ହ୍ରସ୍ୱନ୍ତ ଘୋଡ଼ାସବୁ ଯାଉଛଂତି ଉଡ଼ି ।
ଦେଖ, ଦେଖ ଆସମାନ ତାରା ନେଇ କ୍ଳାଂତ !
ସେମାନଂକୁ ବାଦ ଦେଇ ଜମେ ଆମ ସଂଗୀତ ।
ହେଃ ! ସପ୍ତର୍ଷି ! ତୁମେ କର ଦ୍ୱାବୀ ଚେତଣେ ଜୋରରେ
ଝଅଂତାରେ ଯାଉଁ ଆମେ ସ୍ୱର୍ଗକୁ ସହଳେ ।।

ଗାଅ । ପିଅ, ମିଠା ପାଣି
ଶିସ୍ୱରେ ଫାଲଗୁନ ବାଣୀ ।
ବାଜ ମୋ ହୃଦୟ ବାଜ, ବାଜରେ ।
ପିତଲର ବୃକ୍ଷତଳେ ବାଜୁ, ବାଜୁ ଅବିରଳ ।
ଆଜି ନୂଆ ଝଂକାରେ ।।

କଳାର ଫୌଜଙ୍କୁ ନିର୍ଦ୍ଦେଶନାମା

(୧୯୧୮)

ଚାଲେ ବୃଦ୍ଧଙ୍କ ଫୌଜ ଆଜି ।
ପୁରୁଣା ଲକ୍ଷ୍ୟ, ଦୃଷ୍ଟି କ୍ଳାନ୍ତ ।
ସାଥିଗଣ !
ରଚ ବ୍ୟାରିକେଡ୍ ରାସ୍ତାଘାଟ ।
ବ୍ୟାରିକେଡ୍ ରଚ ହୃଦସ୍ତ ମନେ ।
ସବୁ କମ୍ୟୁନିଷ୍ଟ ହେଇ
ପଛଘୁଞ୍ଚା ଲାଗି ପୋଡ଼େ ଯେ ସେତୁ ।
ମଂଥର-ଗତି ମାର୍ଚ୍ଚ ଗ୍ଲାନ୍ତ !
ଭବିଷ୍ୟତବାଦୀ !
ଦୂର ଭବିଷ୍ୟେ ଆଗେଇ ଚାଲ ॥

ଇଂଜିନଗୁଡ଼ା ଗଢ଼ିବା ସୋଜା,
ଚକରେ ଥୋଡ଼ାଏ ହାଓ୍ବା ଦିଅ,
ଚାଲିବ ସୋଜା ।
(ତୁମେ) ଫିଂଗ ଗୀତକୁ ଯେମିତି ବୋମା ।
ସେଠି ରେଲ୍ ଡିପୋ ରହିଚି ଗୋଟେ,
ଉଡ଼ାଇ ଦିଅ ।
ଟ୍ରେନ ପରେ ଧ୍ୱନି କର ହେ ଜମା ।
ଆଗେଇ ଚାଲ ।
ହୁଇସିଲ୍ ମାର, ଗୀତ ବି ବୋଲ ।
ଗର୍ଜନ ଛାଡ଼ୁ ପ୍ରତି ଅକ୍ଷର,
ଜିଭ ତଳେ ତଳେ
ପହିଁଶ ଫେଲୁ ।
ପଚ-ଧାର ପଣ ଇସ୍ତ୍ରୀକରା
ଅଫିସର୍ ଗୁଁଟେ ପ୍ୟାଂଟ୍ ପିଂଧା
ସହଜ ଖସା । ଜାଣିଥା ଯେତେକ ଅଛି

Digitized by srujanika@gmail.com

ଶୋଭିଏତ,
ଏକଜୁଟ ସବୁ ହେଲେ ବି ଆଜି
ଫୌଜକୁ କେବେ ପାରିବେ ନାଇ
ଗୋଟିଏ ଇଂଚ
ପଛେ ହଟାଇ ॥

ସକଳ ଗାମୁକ ନ ହେଲେ ଠୁଳ ।
ପିଆନୋଗୁଡ଼ାକୁ ରାସ୍ତା ପରେ
ନ ଆଣିଲେ ଟାଣି ଗୋଟିଏ ଥର ।
ଶତ୍ରୁ କଦାପି ହଟିବ ନାଇ ।

ବାଜୁରେ ଡ୍ରମ ଦାମାମା-ସେଲେ
ବିଗୁଲ, ପିଆନୋ ଐକ୍ୟସ୍ୱରେ ।
ତୁମୁଳ ରୋଳ
ତୋଳ ସତ୍ୱର
ବଜ୍ର ଧର ।

ଦୋକାନେ ଖଟୁଣି କି ଲଭ ଆଉ ?
ମୁହଁ ଏଦା କରି ଗୁମୁରୁ କିଆଁ ?
ପର ଧନ ଦେଖି ବୁହାଇ ନାଳ
ପେଷ ପରି ମାରୁ ଆଖି ମିଟାଳ ।
ବହୁତ ହୋଇଚି ବହୁତ କୁହା
କଥାମୃତମାନ, ପଇସିକିଆ ।
ଯାର ଅଛୁ ବଳ ଏପାଡ଼ି ଦିଅ
ପୁରୁଣାକୁ ତମ ହୃଦସ୍ଥ ତଳୁ ।
ରାସ୍ତା ଓ ଗଳି ହେଉରେ ତୁଳି
ମଇଦାନ ହେଉ ରଂଗ-ଥାଳି,
ସମୟର ବନ୍ଧ ହଜାର ପୃଷ୍ଠା
ବିପ୍ଳବଗାନେ ଉଠୁରେ ଭରି ।
ରାସ୍ତାକୁ ଚାଲ ଆଗେଇ ଚାଲ
ଫିଉଚରିଷ୍ଟ ! ଆସ ହେ ଆସ
ଆସ କବି ଆସ ଡ୍ରମବାଦକ
ବିପ୍ଳବର ଆସିଚି ଡାକ ।

———

Digitized by srujanika@gmail.com

ଲେଫ୍ଟ ମାର୍ଚ

(ଲାଲ ନୌସେନା ଉଦ୍ଦେଶ୍ୟରେ)

(୧୯୧୮)

ସକଳେ ମିଶି ମାର୍ଚ କର ।
ବେଲ ନାଇ ଆଉ ବାକ୍‌ଛଳର,
କିଂବା ଲଘୁପାଠେ କାଟିବାବେଲ ।
ଚୁପ କର ବକ୍ତାଗଣ !
କମ୍ରେଡ୍ ମାଉଜର୍ !
ଆଇନ ନେଇ ରଚିଲ ବନ୍ଧୁ ଜାଲ୍ ।
ଆଡାମ ଇଭ ଯେ ସବୁ ଆଇନକୁ
ବନ୍ଧୁ ଧନରୁ ଦେଲେଣି ବିଦାୟ ।
ଇତିହାସର ପୁରୁଣା ଘୋଡ଼ାଟାକୁ
ଆଜି ବେଗରେ ଛୁଟାଅ ।
ଲେଫ୍ଟ !
ଲେଫ୍ଟ !
ଲେଫ୍ଟ !

ଆହେ, ନୀଳ ଜ୍ୟାକେଟବାଲା !
ଦିଗଂତ ଆଡେ ଚଲ,
ମହାସାଗର ପାରେ
ଯେତେ କ୍ଷଣ
ତମର ରଣତରୀ
ନ ହୁଏ ମ୍ରିୟମାଣ ।
ତାର ମୁକୁଟରେ
ଦାଁତସବୁ ହଲୁ ।
ଯେତେ କ୍ଷଣ
ବ୍ରିଟିଶ-ସିଂହ

Digitized by srujanika@gmail.com

ଲେଫ୍‌ଟ୍ ମାର୍ଚ

ନ କରେ ଫଇସିଲା ।
ଲେଫ୍‌ଟ୍ !
ଲେଫ୍‌ଟ୍ !
ଲେଫ୍‌ଟ୍ !

ସେଠାରେ ଦେଖ
ମହାସାଗର ପଶ ଅନେକ ଅନେକ ଦୁଃଖ ।
ସୂର୍ଯ୍ୟସ୍ନାତ ପଡ଼ିଚ ବନ୍ଧୁ ଜମି
କ୍ଷୁଧାର ପର ପାରେ,
ପ୍ଲେଗ୍-ଚୂଡ଼ା ପାହାଡ଼ ଯେଉଁଠି ନାଇ ।
କୋଟି କୋଟି ପାଦର ଚିହ୍ନ
ଚାଲିଚ ଆଗେଇ ।
ଭଡ଼ାଟିଆ ଫଉଜ ଆଜ ସାମନା ଆମ କରୁ ।
ମୃତ ହ୍ରଦେ ଛୁଟିଆସୁ ତରଳ ଲୁହା ଦୂରୁ ।
ନା’ ଏଂତେତେ ପାରିବ ନାଇ ରୁଷିଆ କର ଜୟ !
ଲେଫ୍‌ଟ୍ !
ଲେଫ୍‌ଟ୍ !
ଲେଫ୍‌ଟ୍ !

ଛଗଲର ଆଖି କଣ କେବେ ପଡ଼େ ଫିକା ।
ଆମେ କଣ ପୁରାତନକୁ ଚାହିଁବା ଜଲକା ।
ସବଦ୍ୱରର ଆଂଗୁଠି ତ
ଜାବୁଡ଼ି ଧରେ ଟାଣ ।
ମୁକୁଳା ବୁକୁ ! କାଂଧ ତାର ଆକାଶକୁ ଉଠେ ।
କିଏ ସେଠି ମାର୍ଚ କରେ ଡାହାଣକୁ ।
ଲେଫ୍‌ଟ୍ !
ଲେଫ୍‌ଟ୍ !
ଲେଫ୍‌ଟ୍ !

Digitized by srujanika@gmail.com

ରହସ୍ୟ-ଭୋଜ

(୧୯୧୮)

(ଏକ ବୀରଗାଥା ଓ ବ୍ୟଙ୍ଗାତ୍ମକ ମହାକାବ୍ୟ—ଯେଉଁଥିରେ ସମକାଳୀନ ଚେତନାର ପ୍ରତିଫଳନ ଦେଖିବାକୁ ମିଳେ)

ପ୍ରଳୟରେ ସୃଷ୍ଟି ଧ୍ୱଂସ ହୋଇଯାଏ । ସଫାସୁତୁରା (ବୁର୍ଜୋୟା ବା ମଧ୍ୟବିତ୍ତ ଶ୍ରେଣୀ) ଏବଂ ମଇଳାମୁଣ୍ଡିଆ (ସର୍ବହରା)ମାନଙ୍କ ପ୍ରତିନିଧିମାନେ ଉତ୍ତର ମେରୁରେ ଆଶ୍ରୟ ନିଅନ୍ତି । ସେଠାରେ ସେମାନେ ଏକ ଶ୍ରେଷ୍ଠ ଜାହାଜ ତିଆରି କରନ୍ତି ଏବଂ ନିରାପଦ ସ୍ଥାନକୁ ଯିବାକୁ ଚେଷ୍ଟା କରନ୍ତି । ସଫାସୁତୁରାମାନଙ୍କଦ୍ୱାରା ଦୁଇ ଥର ପ୍ରତାରିତ ହୋଇ ମଇଳାମୁଣ୍ଡିଆଏ ବିଦ୍ରୋହ କରନ୍ତି ଏବଂ ସେମାନଙ୍କ ପ୍ରତିପକ୍ଷମାନଙ୍କୁ ଟେକି ପାଣିକୁ ଫିଙ୍ଗି ଦିଅନ୍ତି । ତା'ପରେ ସେମାନେ ନରକକୁ ଯାଇ ସେଠାରେ ବିଜୟ ହାସଲ କରନ୍ତି ଏବଂ ସଫାସୁତୁରାଙ୍କୁ ସେଠି ବସବାସ କରିବା ପାଇଁ ଛାଡ଼ି ଆସନ୍ତି । ଧର୍ମଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ସ୍ୱର୍ଗକୁ ମଧ୍ୟ ସେମାନେ ଯାଆନ୍ତି । କିନ୍ତୁ ଏହା ଏକ ନିରାନନ୍ଦ ବୁଭୁକ୍ଷିତ ଅଞ୍ଚଳ ପରି ମନେ ହେବାରୁ ସେମାନେ ଘୃଣାରେ ତାହା ଛାଡ଼ି ଚାଲି ଆସନ୍ତି । ମଇଳାମୁଣ୍ଡିଆମାନେ ତା'ପରେ ପୃଥିବୀକୁ ଫେରି ଆସନ୍ତି । ମହାଯୁଦ୍ଧ ପରେ ସେଠାରେ ଯୋଟି ରହିଥିବା ବିଶୃଙ୍ଖଳ ଅବସ୍ଥା ଓ ଭଙ୍ଗାରୁଜା ସେମାନଙ୍କ ପ୍ରଚେଷ୍ଟାରେ ସୁଧୁରି ଯାଏ ଏବଂ ନୂତନ ନିର୍ମାଣରେ ପୃଥିବୀ ହସି ଉଠେ । ତା'ପରେ ସେମାନେ 'ପ୍ରତିଶ୍ରୁତ ରାଜ୍ୟ' ବା ବୈଷୟିକ ସମୃଦ୍ଧିର ସ୍ୱର୍ଗରାଜ୍ୟ କମ୍ୟୁନିଷ୍ଟ ଭୂଇଁରେ ପହଞ୍ଚନ୍ତି ।

! ଚତୁର୍ଥ ଅଙ୍କ ।

ଦୃଶ୍ୟ-୨

ଦରଜା ଜୋରରେ ଖୋଲିଯାଏ । ଦେଖାଯାଏ ଏକ ମହାନଗରୀ । କିନ୍ତୁ କି ନଗରୀ ! ସ୍ଫଟିକ-ନିର୍ମଳ କାରଖାନା ଆଉ ଆପାର୍ଟମେଣ୍ଟ ଗୃହମାନଙ୍କର ପ୍ରଶସ୍ତ ଖୋଲା ଫ୍ରେମ ଆକାଶକୁ ମିନାର ପରି ଉଠିଯାଇଛି । ରେଲୱେ କାର ଯୁକ୍ତ ଟ୍ରେନ, ସୁନ୍ଦର ସୁନ୍ଦର ଟ୍ରାମ କାର ଆଉ ମୋଟର ଗାଡ଼ି ସବୁ ଇନ୍ଦ୍ରଧନୁ ଭୂଷିତ ହୋଇ

Digitized by srujanika@gmail.com

ଛୁଡ଼ା ହୋଇ ରହୁଛନ୍ତି । ନଗର ମଝିରେ ଚନ୍ଦ୍ର ଓ ତାରକା ଖଚିତ ଏକ ଉଦ୍ୟାନ । ଉପରେ ସୂର୍ଯ୍ୟର ଝଲମଲ ମୁକୁଟ । ଦୋକାନର ବାତାୟନମାନଙ୍କରେ ଉତ୍କୃଷ୍ଟ ଧରଣର ଜନସମାନ ଦାଆ ଓ ହାତୁଡ଼ି ନେତୃତ୍ୱରେ ଆସି ସଦର ଫାଟକ ନିକଟରେ ପହଞ୍ଚନ୍ତି । ଉଦ୍ଦେଶ୍ୟ ସମସ୍ତଙ୍କୁ ରୁଟି ଓ ଲୁଣ ବିତରଣ କରିବେ । ମଲମୁଣ୍ଡିଆଙ୍କର ମୂକ ଜମାସ୍ତ ଭିତରୁ ଆନନ୍ଦର ଧ୍ୱନି ଉଠେ ।

ମଲମୁଣ୍ଡିଆ— ଆଃ ହା-ହା

ଜନସପନ— ହାଃ ! ହାଃ ! ହା ! ହା !

କୃଷିକାର— ତମେ କିଏ ?
ଏବଂ କାହା ଲୋକ ?

ଜନସପନ— କାହାର ମାନେ ?

କୃଷିକାର— କିଏ ତୁମର ପ୍ରଭୁ ?

ଜନସପନ— କୌଣସି ପ୍ରଭୁର ନୋହୁଁ ଦାସ ।
କୌଣସି ମାଲିକ ଆମର ନାଇ ।
ପ୍ରତ୍ୟେକେ ଜଣେ ଜଣେ ଡେଲିଗେଟ ।
ଦାଆ ଓ ହାତୁଡ଼ି କରେ ସଂବର୍ଦ୍ଧନା
ଆମ ସମାଜବାଦୀ ରାଷ୍ଟ୍ରର ସଙ୍କେତ ।

କୃଷିକାର— କଂଣ ରୁଟି କାହା ପାଇଁ ?
ଲବଣ ? *
ଚନା ପିଠା ?
ତମେ କଣ ତମ ରାଜ୍ୟପାଳଙ୍କୁ
ଅଭ୍ୟର୍ଥନା କରିବାକୁ ଆସିଚ ?

ଜନସପନ— ନା !
ତୁମେ !
ସବୁଇ ତୁମର ।

ଧୋବଣୀ— କହନା ତାହା ମିଛ ।
ଆମେ ନୋହୁଁ ଶିଶୁ ଅବା ଅନ୍ଧ ।
ଏହା ନିଶ୍ଚିତ ଯେ ତୁମେସବୁ ବନ୍ଦିତ ହୋଇଚ ।
ଏହା ନିଶ୍ଚିତ ଯେ ବହୁତ ମୁନାଫାବାଲା
ଲୁଚିଛନ୍ତି ତମ ପଛେ ପଛେ ।

---

* ପ୍ରାଚୀନ ରୁଷିଆରେ ଅତିଥିସତ୍କାରର ପ୍ରତୀକ—ରୁଟି ଓ ଲବଣ ।

Digitized by srujanika@gmail.com

ଜନସାଧାରଣ— ନାହିଁ କେନ୍ଦ୍ର କେତା
ଅଥବା କାଲମୀ ।
ଦେଖ !
ନୌକର— ମୁଁ ଜାଣେ କଣ ହେବ ।
ସେମାନେ ତମକୁ ସବୁ ଲୁଗାଇ ରଖିବେ
ସରକାରୀ ଗୋଦାମରେ ।
ଏମ୍‌ପିକେ ନେଇ ।*
ତା'ପରେ ବର୍ଷେ ବିତିବ କି ନାହିଁ
କାଟିବେ ଟିକଏ ।
ଶୁମୁଚେ, ଶୁମୁଚେ ।
ଜନସାଧାରଣ— କେଉଁଠି ସେ ରଙ୍ଗୀନ ନାଇ
ଆମକୁ କଣ ଜମା ।
ତମେ ସବୁ ଆମଠୁ ଛଡ଼େଇ
ପୁଲେ ପୁଲେ ନେଇ ଯାଇପାର ।
କେଉଟ— ଆମେ ବୋଧହୁଏ
ପଡ଼ିଅଛୁଁ ଶୋଇ,
ଆଉ ଦେଖୁଛୁଁ ସ୍ୱପନ ।
ଦରଜିଣୀ— ଅରେ !
ମୁଁ ବସିଥିଲି ତୃତୀୟ ଶ୍ରେଣୀରେ ।
ରଙ୍ଗମଞ୍ଚରେ । ଚାଲିଥିଲି
ବଲ୍ ନାଚ ।
'ଲ ଟ୍ରାଭିୟେତା' ।
କି ଖିଆପିଆ, ମଉଜ
ଚାଲିଥିଲା ମଞ୍ଚପରେ !
ପ୍ରେକ୍ଷାଗର ଭିଡ଼ ଆସେ ।
ହଠାତ୍ ବାହା'ର ବଣ୍ଟ
ଲାଗେ ମୋତେ ଠକ ।
ମଇଳା, ଅସ୍ୱାଦୁ ।
ଜନସାଧାରଣ— କିନ୍ତୁ, ସେଭଳିଆ ଦୁର୍ଲଭ ଆନନ୍ଦ
ସର୍ବଦା ମିଳିବ କାହୁଁ
ବାସ୍ତବ ଜଗତେ ?

---

* MPK = Local Committee for Food Supply : ସ୍ଥାନୀୟ ଖାଦ୍ୟ ସରବରାହ କମିଟି ।

Digitized by srujanika@gmail.com

କମାର— ଛାଡ଼ହେ ବୋକାମି ।
ସେଇ କଣ ପୃଥିବୀ ?
ପୃଥିବୀଟା ମଇଳା, ଅଶୁଚି ।
ଏହା ସତ । ଅସାବର ଜମି ।
ପୃଥିବୀରେ ଖଟି ଖଟି ତୁମେ
ସବୁ ଖାଇବ ମୁଠିଏ ଭରି ପେଟ ।
ମାତ୍ର କାହୁଁ ଆସି ଏକ ମୋଟା ଶୋଷା ଲୋକ
ସବୁ ଅନ୍ନ ଲୁଟେ ।

ଧୋବଣୀ— (ଚୁଟି ଆଡ଼କୁ)
ଇଏ ତାକେ ।
କେଂରୁ ଏ ପୁଣି କାମୁଡ଼େ ।
ଲକ୍ଷେ ଚୁବେଲ ଚଖି ମାରିବ ମୁଁ ବାଜି
ଲକ୍ଷ ଦାଂତ ଗୃହିଁଛଂତି ତମ ଆତେ ।

ରେଲ ଇଂଜିନିଅର— (ଯଂତ୍ରମାନଂକୁ ଦେଖାଇ)
ସେମାନେ ବି ।
ସେମାନେ ଆସଂତି ଆମ ପାଖେ ।
ସେମାନେ ବି ମୂଷା ପରି ଖସି ପଳାଇବେ ।
କୋମଳ ଗତିରେ ଚାଲି ଏଇ ଯଂତ୍ରମାନେ
ବଣଭୁଆ ପରି ପଛି ଆମକୁ ମିଶଂତି ।

ଯଂତ୍ରପାତି—

ଷମାକର ଶ୍ରମିକମଂଡଳି !
ହେ ଶ୍ରମିକ ଷମାକର ।
ଟମେଇ ଆମକୁ ଗଢ଼,
ଖଂଜି ଦିଅ, କର ପୁଣି ଛୁଡ଼ା ।
କଂତୁ ସେମାନେ ଛଡ଼ାଇ ନେଇ
କରଂତି ଗୃକର
ଆମକୁ ତୁମରି ସାଥେ ।
"ଦୌଡ଼, ସବୁ କଳକବ୍ଜା ! ଦୌଡ଼ !
ଇସ୍ପାତର କ୍ରୀତଦାସ ଯାଅ ନାଇ ରୋକ ।
ବିଶ୍ରାମ ନ କର । ଭୟ ଡର ଛାଡ଼ ।"
ଆମରି ଷ୍ଟାଫ୍ରର ପରେ ତାଂକରି ହୁକୁମେ

Digitized by srujanika@gmail.com

ମୋଟା ମୋଟା ଲୋକ ବୋଲୁ ଆମେ ।
ତାଂକର ହୁକୁମେ ଆମେ କରୁଁ କାମ
କାରଖାନା ଘରେ ।
ଶ୍ୟାଫ୍ଟ ପରେ ଶ୍ୟାଫ୍ଟ
ଚମଡ଼ାର ବେଲ୍ଟ ବଂଧା ତହିଁ ।
ବର୍ଷ ପରେ ବର୍ଷ
ସେମାନେ କରଂତ କ୍ଷୟ ତନୁକୁ ଆମର
ତମ ଶୀର୍ଣ ଦେହ ଦ୍ୱାରା ।
ମୋଟର ସମସ୍ତ ! ଚକ୍କାର କର
ଆନଂଦ ଅପାର ଆମ ।
ମୋଟା ଲୋକେ ଆଜ ଧ୍ୱସ୍ତ, ଲୁପ୍ତ ।
ଆଜ ଆମେ ମୁକ୍ତ ।
କଳଘରେ କର ହେ ଗର୍ଜନ ।
ରେଳ ଧାରେ ଛୁଟି ଚାଲ ।
ଜମି ଚଷି କର ଫଳବାନ ।
ବଣ ଆଜ ଛୁଟି ମାନେ ।
ଗ୍ରାମ ଆଜ ଢନ ପର ଢଣୁଚ ଆଲୋକ ।
ଆଜଠାରୁ ଯୁଗ ଯୁଗାଂତରେ
ତମର ହୋଇବୁ ଆମେ କାରିଗରମାନେ ।

ଜିନସପତ୍ର— ଆମେ ବି । ଆମେ ବି ତମ କାମଦାମ ଚଜ ।
ହାତୁଡ଼ି ଓ ଛୁଁଚ, ଆଉ କରତ, କୋଦାଳ
ଭଲ ହୋଇ ଫର୍ଚ୍ଚା ନ ହେଉଣୁ ତୁମେ ଯାଅ କାମେ ।
ଦବୁ ହାତ ହତଆର ଆମେ
ତମର ହାତରେ
ଚାଳିବୁ ଏଥର, ମାନବୁ ନ ମାଲିକର
ହୁକୁମ ଏଣିକି ।
କେବଳ ତୁମକୁ—
ପିଠି ଯାର ଭାଂଗିଅଛୁ ଆମର ଆଗରେ—
କରିବୁ ସ୍ୱାଗତ ଏଇ ଆନଂଦର ସ୍ୱର୍ଗେ ।
ଏଥର ମୁଗୁର ମାର । ଏଣିକି ସେ ତମର ଖେଳନା ।

Digitized by srujanika@gmail.com

ଖାଦ୍ୟପଦାର୍ଥ—

ଅଉ ଆମେ—ଯା’ ସବୁ ମଣିଷ ଖାଏ,
କରେ ଯାହା ପାନ,
ଘଟାଇଛୁ ଏତେ ଦିନ ଶ୍ରମିକର କ୍ଷତ
ଆଉ ପସ୍ତନସ୍ତୁ ।
ଆମେ ତା କାରଣ ।
ଏଇ ରୁଟି ବିନା ଶ୍ରମିକର ଗୃଳବନ ହାତ ।
ଚିନି ଛଡ଼ା ମିଠା ଓ ଖୁସିରୁ ସିଏ ହୋଇଚି ବଂଚିତ ।
ଦାମ ଆମ ହୁ-ହୁ ବଢ଼େ, ଶହେ ଗୁଣ,
ହଜାର ଗୁଣ ବି ।
କ୍ଷୁଧା ପରି ଭୁକ ଭୁକ ଅମେ ସବୁ
ଦେଇଛୁ ଘଉଡ଼ି
ତମର ବୁଭୁକ୍ଷୁ ଦୃଷ୍ଟି
ଦୋକାନର ସାମଗ୍ରୀ ଉପରୁ ।
ଅସ୍ପୃଶେ ଅଳସେ ମତ୍ତ, ପରସ୍ୱଭୋଗୀର
କରିଛ ତ ଅଂତ ।
ଧନ୍ୟବାଦ ବଂଧୁଗଣ ! ଆଜିଠାରୁ ରୁଟି ସ୍ୱାଦ୍ୟ,
ଆଜିଠାରୁ ରୁଟି ଚିର ମୁକ୍ତ ।
ଏତେଦିନ ଦାଂତ ଚିପି ଦେଖୁଥିଲ
ଯାହାକୁ ନିରେଖି,
ଆଜି ସେ ତୁମର ବଂଧୁ,
ନିଅ, ଖାଅ, ଦେଖ ଥରେ ଚାଖି ।

ଏପାଡ଼, ଜିନିସପତ୍ର ଏବଂ ଖାଉଟିଦ୍ରବ୍ୟସବୁ (ମିଳିତ ସ୍ୱରରେ)—

ନିଅ ତୁମେ ଯାହା ତୁମର ।
ନିଅ !
ଯାଅ !
ଯେଉଁ ଥରେ କାମ କରେ ଲୋକ ।
ଯାହା ତାର ଦୂର କରେ ଶୋକ ।
ଯାଅ !
ନିଅ !
ଯାଅ । ବିଜୟୀ ବୀର !

Digitized by srujanika@gmail.com

କମାର— ହଁ, ସପ୍ଲାଇ ଅଫିସରେ ଚାଲ
ପେଶ କରିବା ଅର୍ଡ଼ର ।
ଡରିବା ନାଇ କାରେ ।
ସିଧା ଆମେ ଆସିଛୁ ସ୍ୱର୍ଗରୁ
ନରକ ହୋଇ ପାର ।

ଜନସପଦ୍ର— ଦରକାର ନାଇ ଅର୍ଡ଼ର ।
ସେମିତ କଛୁ ନାଇ ପ୍ରଥା,
ମନେ ରଖ ସକଳ ।

କୃଷିକାର— ଗୋଇଠି ଆମ ଲୁହାଁର ଘୋଡ଼ାଟାପୁ !
କେତେ ତାକୁ ଚୋଷାରୁଥିବା ବାପୁ !
ଆସ, ଆସ ଭାଇ
ଖାଇବ! ମନ ଇଚ୍ଛା ।
ନୋହିଲେ ମରିବାଇ ।

(ମଳିମୁଂଡ଼ିଆଏ ଅଗ୍ରସର ହେଲେ । କୃଷିକାର ଭୂଇଁକୁ ଛୁଇଁ)

କୃଷିକାର— ଇଏ ଭୂଃ-ଭୁର୍ବଃ-ପୃଥ୍ୱି ।
ଇଏ ଆମ ଜନନୀ ଆଦମୀ ।
ପୃଥିବୀ—
ଆମ ମାତୃଭୂମି ।

ସମସ୍ତେ— ଏବେ ଗାଇବା ଚାଲ ।
ତୋଳିବା ଉଚ୍ଚରୋଳ ।
ବଂଦନା ଆମର
ବହି ନେବ ସମୀରଣ ।

ରୁଟିସେକାଲୀ— (ବଢ଼େଇକୁ) ଇଏଂଚନ ।
ଚାଖି ଦେଲି ମୁଁ ।

ବଢ଼େଇ— ଅଚ୍ଛା ।

ରୁଟିସେକାଲୀ— ମିଠା ପର ମିଠା !

ସମବେତ କଂଠ — ଏବେ ଆମେ ଖୁସି
ନାଇ, ନାଇ ଭଠା ।

Digitized by srujanika@gmail.com

କୃଷକାର— (ଆବେଗବହ୍ୱଳ)
ସାଥୀ ଜନସଗଣ !
ମୋତେ ପଦେ କହିବାକୁ ଦିଅ ।
ଦୁଃଖଭୋଗକୁ ଆଉ ନାହିଁ ଭୟ ।
ଏବେଠୁ ଆମେ କରିବୁ ଉତ୍ପାଦନ
ଆଉ ତୁମେ ଦେବ ଆମ ମୁହଁରେ ଅନ୍ନ ।
ଆଉ ମାଲିକେ ଯଦି କରିବେ ଚକ୍ରାଂତ
ଆମେ ତାକୁ ରଖିବୁ ନାହିଁ ଆଉ ଯେ ଜୀବଂତ ।
ବଂଚି ରହିବୁ ବଂଚିଲା ପରି ଆମେ ।

ସମସ୍ତେ— ବଂଚିବା । ବଂଚିବା ପରି ବଂଚିବା ।

ବେପାରୀ— (ଜନତା ଭିତରେ ଠେଲିପେଲି ପଶି ରାଗରେ)
କ'ଣ ସବୁ କହୁଚ ତୁମେମାନେ ।
ବଜାର ହୁଅ । ଇଏ କ'ଣ ?
ମଧ୍ୟିରେ ଅଛୁ ତ ପୁଣି ଗୋଟାଏ କମିସନ,
ଶତକଡ଼ା ଗୋଟେ କହୁ—

କମାର— ଦୂର । ଦୂର । ଦୂର ।
ଦେଖିବୁ ଆମେ ତୋର ।
ଖତମ ତମ କାମ ।
ତମ ପିଲାଂକ ଗ୍ରାସ ପାଇଁ
ଅଭାବ ତମ ନାଇ ।
ତମକୁ ଲୋଡ଼ା ନାଇ ।
ନାଥ ଏବେ ଅବସର ।

(ବେପାରୀକୁ ସମସ୍ତେ ଠେକ ଫିଂଗିଦେଲେ । ମଲିମୁଂଡ଼ିଆଏ ଜନସପଦ-ମାନଂକୁ ଲୋଭୀ ଆଖିରେ ଦେଖୁଥାଂନ୍ତି ।)

କୃଷିକାର— ମୁଁ ଗ୍ଭହେଁ ଏକ କରତ ।
ମୋ ବାହୁ ଥିଲେ ଚିଲ
କର୍ମ ଅଭାବରୁ ।
ମୁଁ ତ ଜବାନ ପିଲା,
ଦେଖୁଚ ତ ।

କରତ— ମୋତେ ନିଅ ।

Digitized by srujanika@gmail.com

ଦରଜିଣୀ— ମୁଁ ଗୁହେଁ ଛୁଁଚ । ମୁଁ ତମକୁ ଚଳାଇବ ଭଲ ।
ଆଂଗୁଠି ମୋ ଗ୍ରହୁଚ କୃହାଟ ।
ବଢ଼େଇ— ମତେ ଦିଅ ଏକ ମୁଗୁର ।
ହାତୁଡ଼ି— ମତେ ନିଅ । ମତେ ନିଅ ।
ବସାଅ ପାହାର ।
ଝଂଜ ଗୋଟେ ବେଂଟ ।

(ମଳମୁଂଡ଼ଆମାନେ, ଜିନସପତ୍ର ଆଉ ଯଂତ୍ରମାନେ ବୃତ୍ତାକାରରେ ଆଲୋକିତ ବଗିଚ୍ଚ ଗୃହପଟେ ଚାଲଂତି)

ରେଳଇଂଜିନିଅର—(ମେସିନମାନଂକୁ) ମୁଁ ତମକୁ ଚଳାଇବ ।
ତମେ କଂତୁ ହେବନି ତରବର ।
କରିବ ନି ଚିତ୍କାର ।
ଯଂତ୍ରପାତି— ନା କେବେ ନୁହେଁ ।
ଦେଖ ଟିପି ଲିଭର ।

(ରେଳଇଂଜିନିଅର ଲିଭର ଟାଣେ । ଚକସବୁ ଘୂରିବାକୁ ଆରଂଭ କରଂତି । ମଳମୁଂଡ଼ଆଏ ତାହା ଆନଂଦ ଓ ବିସ୍ମୟରେ ଦେଖୁଥାଂତି)

ରେଳଇଂଜିନିୟର—ଏମିତି ଦୁନିଆ କେବେ ନ ଥିଲି ମୁଁ ଦେଖି ।
କେଉଁଠୁ ଆସିଲା ଇଏ ?
ଇଏ ତ ପୃଥିବୀ ନୁହେଁ—
ଇଏ ଏକ ଜ୍ୟୋତିର୍ମୟ ଧୂମକେତୁ ଆସିଚି ପହଁଚି ।
ବନ୍ଧୁ ଟେଲଡବା ଆଉ ଇଂଜିନକୁ ଧର ।
କିଆଁ ଆମେ ପଡ଼ିଥିଲୁ ତଳେ
ହଳୁଆ ବଳଦ ପରି କାଂଧେଇ ଲଂଗଳେ ?
ନ କରିଛୁ କେତେ ନା ଅପେକ୍ଷା
ବର୍ଷ ବର୍ଷ ଧରି
ତଥାପି କଲ୍ୟାଣ କିଛି ପାରିନି ତ ମିଳି ।
ମଣିଷ କିଆଁ ଆନଂଦ ପାଏ
ଜାଣେନା ଯାଦୁଘରେ
ନାନା ପ୍ରକୃ ରତ୍ନମାନ ଠୁଳ ଯେଉଁଠାରେ ।
ତାହା କି ଆକାଶ ନା ଗ୍ରହ ଛୁଟେ ଝଂଡ଼େ

Digitized by srujanika@gmail.com

ଯାହା ଆମ ହାତ ଆଜ ସୃଜେ—
କି ଦରଜା ଅଛି ଯାହା ନ ଖୋଲିବ ନିଜେ ?
ଆମେଇ ସୃଜନ କରୁ ନୂତନ ଜଗତ ।
ଗ୍ରହଗଣେ କରୁ ଚନ୍ଦ୍ରମସ୍ତ ।
ଆଶ୍ଚର୍ଯ ବିଂଧାଣୀ ଆମେ;
ସୃଷ୍ଟି କରୁ ନୂତନ ବସ୍ତୁ ।
ସୂର୍ଯରଶ୍ମି ରେଖା ପଣ ଜ୍ୟୋତିର ଗ୍ରଂଚନ୍ତି,
ଆମେଇ ତିଆରି କରୁ ଓଲାଇବା ପାଇଁ
ଆକାଶରୁ ମେଘମାଳା,
ବିଦ୍ୟୁତ୍-ପ୍ରବାହେ ।
ବିଶ୍ୱର ଯେତେକ ନଦୀ ହେବେ ମଧୁକ୍ଷରା,
ତାରକାଖଚିତ ହେବ ଜନପଥ ସବୁ ।
ଖୋଲ । ମାପ । ଚର । ଛିଦ୍ର କର ।
ସକଳର ହେଉ ଜୟ,
ଜିଂଦାବାଦ କର ।
ଆଜ ଯାର ଦ୍ୱାରମାନ ଥିଏଟର ସ୍ୱପ୍ନ,
କାଲି ତାହା ଦୃଢ଼ ବାସ୍ତବ ତ ।
ଜାଣ ଏହା ଧ୍ରୁବ ।
ପାହାଡ଼ରୁ ଟାଣ ଆମ ଦଂଭ
ଓ ବିଶ୍ୱାସ ।
ଆସ, ସଭାଗୃହ ।
ଆସ, ଅଛି ଗୋଟିଏ ଖବର ।
ଆସ କବି, ଶିଳ୍ପୀ, ଅଭିନେତା,
ଆଉ ଡିରେକ୍ଟର ।

(ଦର୍ଶକମାନେ ମଂଚ ଉପରକୁ ଉଠିବା)

ସମସ୍ତେ — ଶୁଣ, ଶୁଣ ।
ତମକୁ ଦେଖାଇ ଦେବୁଁ ଗାଇ ପାରୁଁ
ଆମେ କି ସୁଂଦର ।
ଶୁଣ, ଶୁଣ ।
ଆସ, ଆମ ସଂଗେ ଧର ସ୍ୱର ।

Digitized by srujanika@gmail.com

ଐକ୍ୟତାନ ଆଗାମୀର
ଫୁଟିଉଠୁ ଭରି ଆଜି
ବିଶ୍ୱ ମନ ପ୍ରାଣ ।
ଶୁଣ, ଶୁଣ ।

(ସାଲ୍ସକାଷ୍ଟ ସହସା ପହଂଚେ ଏବଂ କମ୍ୟୁନ୍ ଆଡ଼କୁ ଆଶ୍ଚର୍ଯ୍ୟ ଆଖିରେ ଚାହେଁ । କଣ ହେଉଛି ଜାଣି ସେ ବିନମ୍ର ଭାବରେ ଟୋପି କାଢ଼ି ପକାଏ)

ସାଲ୍ସକାଷ୍ଟ— ନା ।
ଜଣେ ଟାଣୁଆ ଲୋକର ସ୍ୱର୍ଗେ
ହୁଏନା ସ୍ଥାନ ।
ଭୋକିଲା ପେଟ ଶୁଖିଲା ମୁହଁ
ଲାଗଂଛନି ଆଉ ଭଲ ।
ଅମର ଭବିତବ୍ୟ
ସମାଜତଂତ୍ର
ଭବ୍ୟ ।
ମୁଁ ତମକୁ କହୁଛି ଆଗରୁ ।
(ମଲମୁଂଡ଼ିଆଂକୁ) ସାଥିଗଣ !
ତମେ ସବୁ ହୁଅନାଇ ଏତେଟା ବେସୁରିଆ ।
ଘଂଟରବ ସ୍ୱରେ ଆଉ କରନା ଚିତ୍କାର ।
ସଂଗୀତର ଲୋଡ଼ା ହୁଏ ମଧୁର କମ୍ପନ ।

(ସେ ଗୋଟାଏ ପଟକୁ ଯାଇ ଧୀରେ ଧୀରେ ହାତ ଘୁରାଂଛି । କମାର ତାଂକୁ ଭଦ୍ରତାର ସହିତ ନେଇଯାଏ)

ମଲମୁଂଡ଼ିଆ— (ଗୀତ)

କୋଟି ଶ୍ରମିକର ଲହୁ ଲୁହେ
(ଆମେ) ଚୂରୁଛୁଁ ଲୌହ କାରା ।
ଭାଂଗି ପୁରାତନ ଗଢ଼ିଛୁ ନୂତନ
ସୃଜୁଛୁ ନୂତନ ଧରା ।
ଛୁଂଡ଼ି ଶିଂକୁଳି ତଳେ ପଡ଼େ ଖସି
ଏଇକ୍ଷଣି, ଏଇ ଦିନ ।
ସବୁ ଧୂଳି, ମଳି ନୀଳ ଆକାଶରେ
ନିମିଷକେ ହୁଏ ଲୀନ ।

Digitized by srujanika@gmail.com

ଗୋଡ଼ର ବେଡ଼ି ତ ଲୁହାର ଝୁଙ୍କୁର,
ହାତକଡ଼ି ପଡେ ଖଞ୍ଜ ।
କାଲି ଯାହା ଥିଲା ପରୀର କାହାଣୀ
ଆଜି ତା ସତ୍ୟ, ଆଜି ।
ଜୟର ନିନାଦ ଉଠେ ।
ଢୋଲରେ ଜୟକାର ।
ପୃଥିବୀର ସବୁ ମଣିଷ ଗାଅ
ଇଂଟର୍‌ନ୍ୟାସନ୍ୟାଲ୍ ।
ମୋକ୍ଷ ଆମର
ଲକ୍ଷ୍ୟ ନ ଥିଲା,
ସ୍ୱର୍ଗ ନ ଥିଲୁଁ ଚାହିଁ ।
ଭଗବାନ କିମ୍ବା ସୟତାନ
ଆମ
ନେତା ନାଇ, ନେତା ନାଇ ।
ପ୍ରତି ଜାତି ଭୁଲେ
ଅସ୍ତ୍ର ଲଢ଼ାଇ
ଲଢ଼ିଛୁଁ ଆମେଟର କେତେ,
ଜିଣିଛୁ, ଅଣିଛୁ,
କ୍ଷମତା ଅମେରେ
ଖଟିଖିଆ ଶ୍ରେଣୀ ହାତେ ।
ଆମ କମ୍ୟୁନ
ସାରା ଦୁନିଆର
ପ୍ରୀତିର ବଳିଷ୍ଠ ସତେ ।
ସବୁ ଜାତି
ସବୁ ଦେଶର ଲଢ଼ୁଆ
ଜୁଆନ ଅଛନ୍ତି କେତେ ।
ଦେଖି କିଏ ନେବ
ଛଡ଼ାଇ ଏହାକୁ
ମହାମାନବର ସେତୁ ।

Digitized by srujanika@gmail.com

ବଦେଶରେ ମାୟାକୋଭସ୍କି (ପୃ—୮୧)
—କୁକ୍ରିନିକ୍‌ସିଂକ ଅଂକିତ ବ୍ୟଂଗଚିତ୍ର

Digitized by srujanika@gmail.com

ମହାନ ମଣିଷ
ଜାତିର ପ୍ରତୀକ
ମୁକ୍ତିର ଲାଲ କେତୁ ।
(ଐକ୍ୟତାନିକ ସଙ୍ଗୀତର ଘୋଷା)
ଅତୀତର ସବୁ ସ୍ମୃତି
ପାଇଛରେ ଧ୍ୱଂସ ।
ବୁର୍ଜୋୟା ଶାସନ ଚୂଡ଼ା
ପଡ଼ିଲଣି ଭାଜି ।
ପୃଥିବୀ ଆମରି
ହାତେ,
ରହିବ ବି ଚିର,
ଫୁଟାଇବୁଁ
ମୁକ୍ତିର
ଲାଲ ତାମରସ ।
ମେହନତି
ଜନତାର
ସୈନିକ ଆମେ
ଖେତ ଆଉ
କଲଘରୁ
ସହର ଓ ଗ୍ରାମେ
ଆସିଅଛୁଁ ଆମେ ଧାଇଁ
ପୃଥିବୀର
ଦାୟାଦ ।
କାଲି ଯିଏ ଥିଲୁ ଶୂନ,
ଆଜି ସେ ତ ପୂର୍ଣ୍ଣ ।
ପୁରାତନ ହୋଇଅଛି
ଚୂର୍ଣ୍ଣ ।
(ଐକ୍ୟତାନିକ ସଂଗୀତର ପ୍ରଥମ ଚରଣ)

———

Digitized by srujanika@gmail.com

ବିଦେଶରେ ମାୟାକୋଭସ୍କି

ପ୍ୟାରିସ

(ଇଫେଲ ଟାୱାର ସଂଗେ ସଂକ୍ଷିପ୍ତ ବାକ୍ୟାଳାପ)

(୧୯୨୨-୨୩)

ହଜାର ଟାଙ୍କାର ହେବଣି ଚଂଦା,
ଲକ୍ଷ ଫୁଟର ମହଡ଼ା ହେବ ।
ପ୍ୟାରିସ ନଗରକୁ ଚଷୁଛି ମୁଁ ଯେ—
ଖ୍ରୀଷଣ ଏକା ।
ଅତି ଖ୍ରୀଷଣ ସେ, କେ ନାଇ ଜଣେ ।
ଆତୁର ଖ୍ରୀଷଣ—ନଜନ ପଦା ।
ପାଣି ପିଚକାରି—ନହଡ଼ା ମାରେ
ପ୍ରସ୍ରବଣେ ।
ଲୁଭ୍ର କ୍ୱେନେ ଟପି
ପ୍ରବେଶ କରେ,
ଲ ପ୍ଲେସ ଦ ଲ' କଂକର୍ଡ୍‌ ।
ଅପେକ୍ଷା କରେ ।
ଆଖପାଖ ଘରୁ ଅଜସ୍ର ଆଖି
କ୍ଲାଂତ ଯାହାକୁ ସତତ କରେ—
ସଂଭ୍ରମେ ତୋଳି ଆକାଶ ଆଡ଼େ
ତୁଂଗ ଶିଖର, ହୋଇଛି ଛିଡ଼ା ।।

ସ୍ୱୁଚ ଏଫିଲ
ବଲଶେଭିକ ଜଣେ
ଭେଟିବାକୁ ଆସୁଅଛୁ ମୋତେ ।
ଶ — ଶ — ଶ
ଉଚ୍ଚାକାଶେ ମିନାର ଫୁଂକାରେ ।
ଟାୱାର,
ଆସ୍ତେ କୁହ ।

Digitized by srujanika@gmail.com

ଏ ଜହ୍ନ ପତରେ ଏକ ଗିଲଟିନ ଦାଢ଼ ।
ଖୁବ ଧୀରେ ଫିସ୍ ଫିସ୍ ସ୍ୱରରେ କହିଲି—
ମୋ' କଥା ଶୁଣ ।
(ତାର ରେଡ଼ିଓ-କାନେ
ଗୁଣୁଗୁଣୁ
ବଜ୍‌ଜଜଜ ।
ଯାହା କିଛି ସୃଷ୍ଟ ଓ ନିର୍ମିତ
ସମସ୍ତଙ୍କୁ କରିଚି ମୁଁ ତ୍ରସ୍ତ
ଆଂଦୋଳିତ ।)
ଆମେ ଖାଲି ଜାଣିବାକୁ ଚାହୁଁ
ତୁମେ ଯଦି ରାଜି
ମିନାର—
ତୁମେ ଯଦି ନେବାକୁ ନେତୃତ୍ୱ ମଂଗ
ଏକ ବିପ୍ଳବର;
ତାହାହେଲେ
ଆମେ ତୁମକୁ କରିବୁ ସର୍‌ଦାର ।
ଏ ତମର ଯୋଗ୍ୟସ୍ଥାନ ନୁହଁ ।
ମେସିନର ମଡ଼େଲ-ପ୍ରତିଷ୍ଠା ଛଡ଼ା
ବେଶୀ କିଛି ନୁହଁ ।
ଏଠାରେ
ସାର ଖାଲି ଝୁଁରିହେବା ଆପୋଲେନେଆସ୍ତି
କବିତାର ରେଣ,
ଯୋଗ୍ୟ ପରିବେଶ
ଏ ତୁମର ନୁହେଁ ।
ଏ ଜାଗା ଦୁର୍ନୀତି ଅଉ ବିକାରଗ୍ରସ୍ତର ।
ଗଣିକାର ପ୍ୟାସ୍ତି,
କବିର,
ଶିଳ୍ପୀର
ଆଉ ବେପାରୀର ।
ମେଟ୍ରୋ ରାଜି ଅଛି ।
ମେଟ୍ରୋ ଆମ ସଂଗେ ।

Digitized by srujanika@gmail.com

ଯେ କରିବ ବାଂଛ ତାର ଶପିଙ୍-ମୁଦ୍ରିତ
ଟେନେଲ ସବୁକୁ
ଜନତା ।
ଆଉ ପୋଛିଦେବ—
ତା' କାଂଥରୁ ଶୋଣିତରେ ଧୋଇ
ପ୍ଲ୍ୟାକାର୍ଡ଼ସମୂହ—ଡ଼୍'ଲକ୍‌ସ ଅତର ଆଉ ପାଉଡ଼ରଂକର ।
ସେମାନେ ଯେ ବୁଝିଲେଣି
କାହିଁକି ସେମାନେ ଧନକର
ଫାର୍ଷ୍ଟ-କ୍ଲାସ ମୋଟରର ହୋଇବେ କଂକର ?
ସେମାନେ ନୁହଂନ୍ତି କୋଳାହଳୀ ମାଚଂକର
ଜମାୟୁତସେଣୀ ।
ଅମର ବଙ୍କପୁଁ
ଅଧିକ ସୁହାଏ ବରଂ ତାଂକୁ ।
ସରଳ ପୋଷ୍ଟରମାନ,
ସଂଗ୍ରାମର, ନୁହେ ବିଳାସର ।
ଟାଓ୍ୱାର,
ଭୟ ତୁମେ କରନା ସ୍ରଷ୍ଟାଂକୁ !
ତା' ନ ହେଲେ
ସ୍ରଷ୍ଟାମାନେ ଯନ୍ତ୍ର ଶ୍ରେଜ ଦଅଂଛ ମେଟ୍ରୋରେ—
ପଥଶଯ୍ୟା-କଂଟକିତ ହେଲେ ।
ମୁଁ ସବୁ ରେଲଂକୁ ଦେବ ଆଜ ଯେ ମତାଇ ।
ଓର ଯାଆ ନାଇ ।
ଟ୍ର୍ୟାକ୍‌ଟର ଦଳକୁ ଦଳ
ଛିଡ଼ା ହେବେ ତୁମ ପଛେ ଯାଇ ।
ଡର ନାଇ ।
ସବୁ ସେତୁ ପୋଲଂକୁ ମୁଁ ମନାଇବ,
ସେଲଗି ମୁଁ ଦାୟୀ ।
ସହଜ ଆଦୌ ନୁହେଁ—
ପହଁରିବା ସେତୁମାନ ଛୁଇଁ—
ସେମାନେ ଯେ ଟ୍ରାଫିକ୍‌ରେ ଉନ୍ମାଦ, ଉଦ୍ଧତ ।

Digitized by srujanika@gmail.com

ତଥାପି ନିଶ୍ଚିତ,
ଥରେ ଡାକ ଦେଲେ ସବୁ ସେଉ ସ୍ୟାଣ୍ସର
ଏବଂ ସବୁ ବାଟୋଇଂକୁ ତାଂକର ସେ ସ୍ରଳଂବିତ
ଭୁଜେ ଧକ୍କା ଦେବେ ।
ସବୁ ଗୃଳେ ଆଜ ବିଧିମତେ ।
ସନ୍ଧ୍ୟାର ସୀମାର ବାହାରେ ।
ସଂଦର
ବା ଦ୍ୱୋଇସ ରେ କୋଡ଼ିଏ ବର୍ଷରେ
ବିଲକ୍ଷୟ ହୁଏ ।
ରାତ୍ରମାନେ ହୁଅଂତ ନବଳ ।
ଏବଂ ଏକ ରାତ୍ରେ
ସବୁ ଦ୍ରବ୍ୟ
ଗୃଳଯିବ
ମଂଟର୍ମାତ୍ରେ
ହେବାକୁ ବଞ୍ଚିତ ।
ଆସ, ଟାର୍ତ୍ୱାର—
ଆମ ପାଖେ !
ସେଠାରେ ତମର ଲୋଡ଼ା ବେଶୀ ।
ଇସ୍ପାତ-ଝଂମମଲ
ଧୂମର ପଟଳ ତଳ
ତୁମକୁ ସ୍ୱାଗତ ଆମେ କରୁଁ ।
ଆସ, ଆସ, ଆମ ପାଖେ ଆସ ।
ସେଠାରେ ପ୍ରୀତର ଅଧିବାସ ।
ଅମର ପ୍ରଥମ ପ୍ରେମେ
ତୁମର ଆବାସ ।

ଆସ ମସ୍କୋକୁ ଆସ ।
ମସ୍କୋ ଅଧିକ ଖୋଲା,
ପ୍ରଶସ୍ତ
ସେ ତୁମର ହବୁ ପ୍ରାସ ।

Digitized by srujanika@gmail.com

ଯେଠି ପ୍ରଭୃତ ଜନ ବଶ ନେବେ
ହସି ଆପଣାର ଜନପଥେ,
ଯେଠି ପ୍ରଭୁ ଜନ ତୁମ ଗାଲେ ଦେବେ
ପ୍ରୀତର ଚଂଦନ ବୋଳ ।
ଦିନକୁ ଯେମାନେ ଶହେ ଥର
ତମର ଇସ୍ପାତ ଆଉ ତଂବା ଦେବେ ଝାଳି ।
ସୂର୍ଯ୍ୟତେଜକୁ ବଳି ଚକଚକ
ଦିଶିବ ତା କାଣ ।
ତମର ନଗରୀ ପ୍ୟାରୀ
ଫ୍ୟାସାନର ରାଜଧାନୀ ।
ପ୍ୟାରୀ—ବଡ଼ ବଡ଼ ଦ୍ରୁମଆଚ୍ଛାଦିତ
ରାସ୍ତା ଏବଂ ପାର୍କରେ ଯା ଧନୀ ।
ବୋଲ୍‌ଭର ବନେ ହେଉ ତାର ଆଜି ଛତି ।
ଏବଂ ଯାଦୁଘର ଯାର ଶବାଗାର ଲୁ'ଭ ।
ଆଗୁସାର ହୁଅ ।
ତାର ପଂଝାରେ ପଡ଼େ
ଇଫେଲ ଟାୱାର ଗ୍ରୀବ,
ଆମର ଚୌଡ଼ା ଆକାଶେ
ତୁମେ ଆସ ଅବଗାହ୍ନ ।
ଆମର ଯେତେ ଟେଲି-ତାର
ଆଖି ତାଂକ ଭରି ।
ବନ୍ଧୁର କର, ଟାୱାର—
ଗ୍ରହଆଡ଼େ ବିଦ୍ରୋହର ସ୍ୱର ।
ପୁରୁଣା ପ୍ୟାରିସ ଆମୂଳଚୂଳ
ହୁଏ ନିର୍ମୂଳ ।
ଆସ, ଆମ ପାଖେ ଆସ ।
ଆମ ଦେଶକୁ ।
ଶୋଭିଏତ ରଷିଆକୁ ।
ଆସ । ଆମେ ଯିବା ।
ଆଣି ଦେବ
ମୁଁ ତୁମକୁ ଭିସା * ।

* ଭିସା—ଅନ୍ୟ ଦେଶକୁ ଯିବାର ଅନୁମତିପତ୍ର

Digitized by srujanika@gmail.com

ଘରବାହୁଡ଼ା

(ଅତଲାଂତକ ମହାସାଗରରେ)

(୧୯୬୫)

ମୋ ଭାବନା ଘରମୁହାଁ ହୁଏ ।
ଯାହାଙ୍କୁ ମୁଁ ଅତି ଭଲପାଏ
ସେମାନଙ୍କ ଆଡ଼କୁ ସେ ଧାଏ
ମୋ ଚେତନା
ସମୁଦ୍ର ଗଭୀର ।
ସେ
ଯେ ସର୍ବଦା ଧୀର ସ୍ଥିର
ସ୍ୱଚ୍ଛ,
ମୋ
ଆଖିରେ ଖୁବଇ ନବୋଧ ।
ସବୁ କ୍ୟାବିନରୁ
ମୋର କ୍ୟାବିନଟା ବାଜେ
ସାରା ରାତି ଗ୍ଲାସ ଉପରେ
ହାତୁଡ଼ି ମାଡ଼ ବାଜେ ।
ସାରା ରାତି
ଗ୍ଲାସଟା ବଡ଼ ଝଡ଼ମଡ଼ କରେ ।
ନୃତ୍ୟ ଶୁଭେ,...
ବାଜଣାର ବିଷାଦିତ ସ୍ୱର ।
"ମାରଗେରିଟା
ମାରଗେରିଟା ।
ମୁଁ ତମକୁ ଭଲପାଏ
ମାରଗେରିଟା ।
ଓ ମୋତେ ଭଲପାଅ
ମାରଗେରିଟା ।

Digitized by srujanika@gmail.com

ଦୟା କରି ଭଲପାଅ ।
ଏବଂ ମାରଚେଟା କାହିଁକି ମୋତେ
ଭଲ ପାଇବ, ଜାଣ ?
ମୋର ତ ଦେବାକୁ
ଏକ ଫ୍ରାଂକ୍ ବି ନାଇଁ ।
ଏବଂ ମାରଚେଟା
ସାମାନ୍ୟ ଆଖି ମାରିଲେ
୧୦୦ ଫ୍ରାଂକ ବିନିମୟରେ
ମୋତେ ତଳେ ତାର କ୍ୟାବିନକୁ ନେଇଯିବ ।

ଟଙ୍କା ବେଶୀ ନୁହେଁ,
ବଂଚିବ ତ ଏକ ମୁର୍ଗୀ ପାଇଁ ବି—
ନା ।
ବୁଦ୍ଧିମାନ,
ଧୂଳିର ଝଡ଼ ଉଡ଼ାଇ
ତମେ ତା ଉପରେ ଲଦିଦିଅ
ଏକ ସିଲ୍କର ଜାଲ
ଯାହା ସିଲେଇ କରେ
ଷ୍ଟିଚ୍ ପରେ ଷ୍ଟିଚ୍
ତମ ଗୀତର ରେଶମ ।
ସର୍ବହରା
ଆସଂତି କମ୍ୟୁନିଜମକୁ
ତଳ ବିଡାଳ ଭଳି ।
ସେ ଗମ୍ଭୀରତା
ଝିଅର,
ଦାଆର
ଆଉ କାଲଘରର ।

କମ୍ୟୁନିଜମରେ ନିଜକୁ ଉଡ଼ାଏ
କବିତାର ଶିଖର
ଉପରୁ ।

Digitized by srujanika@gmail.com

କାରଣ
ଏହାକୁ ବାଦ ଦେଇ
ମୋ ପାଖରେ ପ୍ରେମର ମାନେ ନାଇଁ ।
ଏହା ଠିକ ଯେ
ମୁଁ ନିଜକୁ ନିର୍ବାସିତ କରେ,
କିଂବା ମୌନ ହୁଏ ।
ଶହର ଇସ୍ପାତ
ଜଂକ୍ ଧରେ ।
ତଂବା ପାତରେ
ମିର୍ଚା ଧରେ ।
କାହିଁକି ଏହା ହୁଏ
ବିଦେଶୀ ବର୍ଷାରେ,
ମୁଁ ଭିଜିଯାଏ,
ସତେ,
ଜଂକ୍ ଧରେ ।
ଏଇଠି ମୁଁ ଅଛି
ସମୁଦ୍ରେ ଶାୟିତ
ମୁଁ ଭାବେ
ମୁଁ ଏକ
ଶୋଭିଏତ ଫ୍ୟାକ୍ଟେରି ।
ଆନଂଦ କରେ ଉତ୍ପାଦନ ।
ମୁଁ ଚାହେଁନା ହେବାକୁ
ପଥପ୍ରାଂତର ଫୁଲ,
ତୋଳି ନେବ ଯାରେ
ତୁମେ ଅବସର ବେଳେ ।
ମୁଁ ଚାହେଁ ଗସପ୍ଲ୍ୟାନ
ତର୍କରେ ଶ୍ରମଝାଳ,
ମୁଁ ଚାହେଁ ମୋର କୃତ
ହେଉ ସ୍ତୁତିର ଫଳ ।
ମୁଁ ଚାହେଁ ସମସ୍ତ କମିସାର
କରୁ ସବୁ ଯାଂଚ ।

Digitized by srujanika@gmail.com

ମୋର ଯେତେକ ଚିଂତା,
କରି ହୁକୁମ ଜାରି ।
କରି ଦେଉ ନାକଚ
ଅଥବା ଜାହିର ।
ମୁଁ ଚାହେଁ
କଲାର ଜଣେ ବିଶେଷଜ୍ଞ ଭାବେ
ଯେ ପ୍ରେମ ମୋର ପ୍ରାପ୍ୟ
ତାହା ସେ ପାଉ ଆଗେ ।
ମୁଁ ଚାହେଁ ସିଫ୍ଟ ଶେଷେ
ଫ୍ୟାକ୍ଟେରି କମିଟି
ଓଠରୁ ମୋର ବୁଜିଦେଉ,
ଲଗାଇ ଦେଉ ତାଲା ।
ମୁଁ ଚାହେଁ କଲମ
ଯାଉ ବଂଧୁକଠୁ ବଳି,
କାରଖାନାରେ
ଲୁହା ସଂଗେ
ହେଉ ସେ ସମସର ।
ଏବଂ ପଲିଟବ୍ୟୁରୋର
ଏଜେଂଡାର
ଆଇଟେମ
ନଂବର
ଏକ ।
ସ୍ତାଲିନର ହେଉ ତା ରିପୋର୍ଟ
'କବିତାର ପରିସଂଖ୍ୟା'
ଉପରେ ।

ଏଇ ତ ଜୀବନ
ସ୍ବା……ତା……
ଗାତରୁ ଯାଇ ଶ୍ରମିକଶ୍ରେଣୀ ଯାଏଁ…
ଗଛ ଉପରୁ ଚଢ଼ି
ଗଛ ଉପର ଯାଏ ।

Digitized by srujanika@gmail.com

ୟୁନିଅନ ରିପବ୍ଲିକମାନେ
ଝିପିଗଲେଣି
ଯୁଦ୍ଧ ଆଗର ମାନ,
କବିତାର ବିସ୍ମରଣରେ······

———————

ମୋ ସୋଭିଏତ ପାସପୋର୍ଟ

(୧୯୬୯)

ମୁଁ ଦେବ ଟରେ
ହ୍ବେଷ୍ଟାବାଘ ଟରେ
ଅମଲଚଂଦ୍ରଙ୍କୁ ।
ତାଂକ ହୁକୁମ
ହ୍ୱେବନାଇ କାଏମ ।
ଶ୍ରଦ୍ଧା ମୋ ନାଁଇ ଜମା ତାଂକୁ ।
ଖୋଦ୍ ସଙ୍ଗତାନେ
ମୁଁ ଅର୍ପଣେ
ବିନା ଅବଶୋଷେ
ସବୁ ନାଲଫିତା,
ଡାର ଦଲିଲ ଜତା,
କଂଟ୍ରୁ ଟାଲ ଏଇ·····।
କୁପେ ଆଉ
କ୍ୟାବିନ ମାନଂକରେ
ଧାଡ଼ି ବାଂଧି ଆସୀନ ଅଫିସରେ ।
ମୁହେଁ ବିନମ୍ର କଥା ।
ଜମା କରଂଛ
ପାସପୋର୍ଟ,
ମୁଁ ବଢ଼ାଉ ଢଏ ମୋର ।
ମୋର ସିଂଦୂର ରଂଗର
ଗ୍ରେଟ ଝଂଡେ ବନ୍ଧୁ ।
ଗୋଟେ ପ୍ରକାର
ପାସପୋର୍ଟ
ଦେଖି ଟିକେ ଝରେ ସ୍ମୃତ ।

Digitized by srujanika@gmail.com

ଅନ୍ୟଗୁଡ଼ାକୁ
ନଜର ଖରଚର ।
ଉଦାହରଣ ଦିଏ :
ସମୀହ କର ହିଏ
କରିଛି ସଂଗ୍ରହ
ଏକ ଶୋଇଲା କ୍ୟାବିନରୁ
କେଉଁ ଇଂରାଜୀ ସିଂହାମାର ।
ଭଲଲୋକର ଆଖି
ସିଷ୍ଟିକେ ପରଖି
ଫଳର ମଂଜି ପରି ।
ଫେର୍ ନହିଁ
ବନତ ହୋଇ
ଯେତେଟା ପାରିଯାଏ
ନଅଁ ଛି
ସତେ ଯେମିତ ବକ୍ସିସ
ଏକ ଆମେରିକାନଠାରୁ ।
ପୋଲାଂଡ଼ବାସୀଠାରୁ
ଟିକେ ଉଦାସଭାବେ
ଶ୍ବାସ ଛାଡ଼ି
ଏକାଂତ ନୀରବେ ।
ଅନକାଂତ ବା
ପୁଲିଶୀ ଶ୍ଳୀପଦରେ ।
କେଉଁଠା ଲୋକ
କଣ ମାନେ,,?
ଭୂଗୋଳର ଏ ସ୍ଥଳ ?
ଏବଂ କୋବ ପରି
ମୁଂଡ଼ଟି
ନ ବାଂକ
ଭାବନାମାନ
ହୃଦସ୍ଥଳ
ସିଂଦୁକରେ ରଖି ।

Digitized by srujanika@gmail.com

ବିନା ଝଁଜକେ
ସ୍ୱେଡ଼ଂକର
ନିଅଂତି ପାସପୋର୍ଟ ।
ପୌଢ଼,[ଛନ୍ତୁ
ନରଓ୍ୱେବାସୀଠାରୁ ।
ହଠାତ୍ ଫେର
ଯେମିତ ତାଂକ
ମୁହଁରେ ଭୂମିକଂପ,
ଭଲ ଲୋକଂକ
ଆଖିରେ ଫୁଟେ
ଘୃଣା ଅସଂତୋଷ ।
ଲାଲ୍-ଚମଡ଼ା-ବଂଧେଇ
ମୋ
ପାସପୋର୍ଟଟି ଦେଖି ।
ନିଅଂତ ତାକୁ
ସଂତର୍ପଣେ
ଯେମିତ ଗୋଟେ ବୋମା ।
ଅଥବା ଏକ ଟ୍ରଂକ ।
ଅଥବା ଏକ ଖୁରର ଧାର
ଦୁଇ-ତରଫା ପଜା,
ଅଥବା ଏକ
ଗୋଖର ସାପ
ଲଂବା ଆଉ ସୋଜା ।
୨୦ ଦାଂତ ହାର
ଅଟେ
ନୀଳ ବିଷରେ ଭର୍ତ୍ତି ।
କୁଲିମାନେ
ଅନାଂତ
ଅର୍ଥଭରେ
(ମୁ ତମର
ଲଗେଜ ନେବି!
ଛ' ଛ ଅଣା ଦେଲେ ।)

Digitized by srujanika@gmail.com

ପୁଲିସମାନେ
ସଂଧାନୀ ସ୍ୱରେ
ବ୍ରହ୍ମାଂଡ ଠେକ୍ ଆଡ଼େ
ଠେକ୍
ପୁଲିସ ଆଡ଼େ ।
କେଡ଼େ ଆନଂଦ
ହୁଅଂତା ସେଇ
ପୁଲିସ କାଉଂଟର,
ମୋତେ ଯଦି
ବାଂଧି ପକାଇ
ମାରି ପାରଂତେ ବେତ ।
ମୋ ହାତେ ଯେଣୁ
ରହିଚ ଏକ
ହାତୁଡ଼ି-ଖଚିତ
ଦାଆ-ମେଖଳା
ଲାଲ ପାସପୋର୍ଟ ।
ଶୋଭ୍ୟେଟ ପାସପୋର୍ଟ ।
ଦେବ ମୁଁ ଟର
ହେଷ୍ଟାବାଦ ପର
ଅମଲାତଂତ୍ରକୁ ।
ତାର ହୁକୁମ
ହେବନି କାଏମ
ଶ୍ରଦ୍ଧା ମୋ ନାହିଁ ତାକୁ ।
ଖୋଦ ସଇତାନେ
ମୁଁ ଯେ ଅର୍ପଣେ
ବିନା ଅବଶୋଷରେ
ସବୁ ନାଲ-ଫିତା
ତାର ଦଲିଲ କଥା,
କଂରୁ ଖାଲି ଏଇ……।

Digitized by srujanika@gmail.com

ମୁଁ ମୋର ବଡ଼
ଟ୍ରାଉଜରର
ପକେଟ ଅଂଡ଼ାଳେ ।

ଏକ ଅମୂଲ୍ୟ
ପୋତବାହ୍ୟ ଦ୍ରବ୍ୟର
ପ୍ରତିଲିପି ଏବେ ତୁମେ ।

ପଢ଼ ସ୍ୱାକ୍
ଏବଂ ଈର୍ଷା କର,
ମୁଁ ଜଣେ ନାଗରିକ

ଶୋଭିଏତ
ସୋସାଲିଷ୍ଟ
ୟୁନିଅନ
ର ।

Digitized by srujanika@gmail.com

'IN RE CONFERENCES'

"କନ୍‌ଫରେନ୍‌ସରେ"

(୧୯୨୨)

ଏହା ମାୟାକୋଭସ୍କିଙ୍କର ପ୍ରଥମ କବିତା ଯାହା ଏକ ସୋଭିଏତ ଜାତୀୟ ପତ୍ରିକାରେ ପ୍ରକାଶ ପାଏ । ଏହା ୧୯୨୨, ମାର୍ଚ୍ଚ ମାସ ୫ ତାରିଖର 'ଇଜ୍‌ଭେସ୍ତିଆ'ରେ ପ୍ରକାଶିତ ହୁଏ । ମାର୍ଚ୍ଚ ତା ୬ ରେ ନିଖିଳ-ୟୁନିଅନ୍ ମେଟାଲ ଓ୍ୱାର୍କରସ କନ୍‌ଫରେନ୍‌ସରେ କମ୍ୟୁନିଷ୍ଟ ସଭ୍ୟମାନଙ୍କ ବୈଠକରେ ଲେନିନ୍ ଏହି କବିତା ବିଷୟ ତାଙ୍କ ବକ୍ତୃତାରେ ଉଲ୍ଲେଖ କରନ୍ତି । ସେ କହନ୍ତି:—

"କାଲି ଦୈବାତ୍ ମୁଁ 'ଇଜ୍‌ଭେସ୍ତିଆ'ରେ ମାୟାକୋଭସ୍କିଙ୍କର ଏକ କବିତା ପଢ଼ିବାକୁ ପାଇଲି । ତାଙ୍କର କବିପ୍ରତିଭାର ସମଝଦାର ବା ପ୍ରଶଂସକଙ୍କ ମଧ୍ୟରେ ମୁଁ ନିଜକୁ ଗଣ୍ୟ କରେ ନାଇ । ମୁଁ ସେ କ୍ଷେତ୍ରରେ ନିଜର ଅଯୋଗ୍ୟପଣିଆ ମୁକ୍ତକଣ୍ଠରେ ସ୍ୱୀକାର କରିନେଉଛି । କିନ୍ତୁ ଅନେକ ଦିନ ପରେ ଏଭଳି ଏକ କବିତା ପଢ଼ି ରାଜନୈତିକ ଏବଂ ପ୍ରଶାସନିକ ଦୃଷ୍ଟିକୋଣରୁ ମୁଁ ଯେଉଁ ଆନନ୍ଦ ପାଇଲି ତାହା ବାସ୍ତବିକ୍ ଉପଭୋଗ୍ୟ । ଏ କବିତାରେ ସେ କନ୍‌ଫରେନ୍‌ସମାନଙ୍କୁ ଥଟ୍ଟା କରିଛନ୍ତି ଏବଂ କମ୍ୟୁନିଷ୍ଟମାନେ ବେଶୀ ସମୟ ସଭା ସମିତି ଓ କନ୍‌ଫରେନ୍‌ସରେ କଟାଉଥିବାରୁ ସେ ସେମାନଙ୍କୁ ଆକ୍ଷେପ କରିଛନ୍ତି । କବିତା ସଂବନ୍ଧରେ ମୋର ବିଶେଷ କିଛି ଜ୍ଞାନ ନାଇ । କିନ୍ତୁ ରାଜନୈତିକ ଦୃଷ୍ଟିକୋଣରୁ ମୁଁ ଶପଥ କରି କହିବି, ସେ ନିରାଟ ସତ କଥା ହିଁ କହିଛନ୍ତି ।" (ଲେନିନ୍)

"No sooner than the night turns into dawn
than everyone whose job it is,
goes to the "firm",
to the "Co".,
to the "Inc".,
to the "Corp".
they all disappear into offices."

ଇତ୍ୟାଦି ଇତ୍ୟାଦି ।

ସେ ଯେପରି ଅବଲୀଳାକ୍ରମେ ବ୍ୟବହାରିକ ଶବ୍ଦମାନଙ୍କୁ କଥିତ ଭଙ୍ଗୀରେ ପ୍ରକାଶ କରିଛନ୍ତି, ତାର ଓଡ଼ିଆ ଅନୁବାଦ କରିବା ପ୍ରକୃତରେ କଠିନ ।

Digitized by srujanika@gmail.com

କନ୍‌ଫରେନ୍ସରେ

(୧୯୨୨)

ଖାଲି କାଗଜ ସ୍ତୂପ, ଫାଇଲର ସ୍ରୋତ,
ସେମାନଙ୍କ ଅଫିସକୁ ଯାଅ ତ,
ଦେଖିବ
ଶହ ଶହ କାଗଜପତ୍ର ବାଛନ୍ତି ଝଂଡଏ ।
ସବୁଠୁ ଯେ ବେଶୀ ଇଂପୋର୍ଟାଂଟ ।
ତା'ପରେ ମିଳାଇ ଯାଂନ୍ତି କନ୍‌ଫରେନ୍‌ସରେ ।
ମୁଁ ପହଂଚେ, ପଚାରେ—
"କାହାକୁ କହିବ ଏ ବିଷୟ ?"
ଆସିଲେଣି ଏକଦା, କେତେବେଳୁ ମନରେ ପଡ଼େନା ।"
"କମ୍ରେଡ୍ ଇଭାନ୍ ଇଭାନଚ୍ ବସିବା ହୋଇଛଂନ୍ତି,
କନ୍‌ଫରେନ୍‌ସରେ,
"ଷ୍ଟ୍ୟାପଲସ୍ କମିସାର୍ ଅଫ୍ ଟିଟ୍ଟ୍ରାଲ୍ ଓ୍ୱାଇନ୍"
(ଅର୍ଥାତ୍ 'ଜଣାଶୂନ୍ୟ ମଦର ଲୋକ କମିସନ ବୈଠକେ')
ଅଗଣନ ସିଡ଼ି, ଉଠି ଉଠି କ୍ଲାନ୍ତ ।
ଆଲୁଅ ବି ନଭି ଆସେ ।
ଝିମିଝିମି ହୁଏ ଆଖିପତା ।
ପେର୍ :
"ଘଂଟାକ ପରେ କହିଲେ ଆସିବାକୁ ।"
"କନଫରେନ୍‌ସରେ ଅଛଂନ୍ତି ଏଇଲାଗେ ।
"ଏଥର ନିଟିଲ-କୋ-ଅପ୍, କର୍ପ ଏବଂ କୋ."
ଘଂଟାକ ପରେ—
ଜଣେ ବି କିରାଣୀ ନାଇ !
ଅଫିସ ବସ୍ତ୍ର ବି ଶୂନ୍ୟ । ସମସ୍ତେ ଫେରାର ।

Digitized by srujanika@gmail.com

ଖାଲି !

ସମସ୍ତେ ଯେଉଁମାନେ ୨୨ରୁ ଊର୍ଦ୍ଧ୍ୱ
କମ୍‌ସମଲ କନ୍‌ଫରେନ୍‌ସେ ଏକ୍ଷଣି ସୁପର୍ଦ୍ଦ ।
ଗୃଢ ବେଶୀ ହବ !
ତଥାପି ମୁଁ ସିଡ଼ି ଭାଁଗେ, ଉପରକୁ ଯାଏ ।
ମୋ ଅଷ୍ଟାଦ୍ଧୀ ବାସସ୍ଥଳ ଶେଷ ତାଲ ଯାଇ
ପର୍ଯ୍ୟରେ
କମ୍ରେଡ୍ ଇଭାନ୍ ଇଭାନିଚ୍ ଅଛଂନ୍ତି କି ନାଇ ।
ଏବେ ସୁଦ୍ଧା ସେ
ବ୍ୟସ୍ତ କନ୍‌ଫରେନ୍‌ସେ
“ଏ-ବ୍ର-ସି-ତ୍ତ-ଇ-ଏଫ-ଜି କମ ।”
ସେ କନ୍‌ଫରେନ୍‌ସେ ଯାଇ
ପହଂଚେ ମୁଁ ସିଧା
ଲମ୍ବ ସ୍ରୋତ ପରି;
ଏବଂ ଦେଖେ:
ସଭ୍ୟମାନେ ବସିଛଂନ୍ତି ହୋଇ ଅଧା ଅଧା ।
ହେ ଈଶ୍ୱର !
ବାକି ଅଧେ ଗଲେ କେଉଁ ଆଡ଼େ ?
“ନିହତ ?”
“ନିର୍ବାସିତ, ମୃତ ?”
ପାଗଳଂକ ପରି ମୁଁ ପଗ୍ଧରେ ।
ଏଭଳି ଦୃଶ୍ୟରେ ମୋର ମୁଂଡ ଠିକ ନାଇ ।
ସର୍ବାପେକ୍ଷା ଧୀର ସ୍ଥିର କିରାନି ଜଣକ
କହିଲି ବୁଝାଇ
“ଏକା ସାଂଗରେ ଦ’ଟା କନ୍‌ଫରେନ୍‌ସରେ
ସେମାନେ ଅଛଂନ୍ତି ଏଇକ୍ଷଣି ।
ଅଧେ ଅଧେ ହୋଇ ।
କୋଡ଼ିଏଟି କନ୍‌ଫରେନ୍‌ସରେ
ରୋଜନା ହାଜିର
ଦେବାଟା ଜରୁରୀ ଅମ
ବାଦ୍ ବାକି ଛୁଟି ।

Digitized by srujanika@gmail.com

ତେଣୁ ଆମେ ଦୁଇ ଭାଗ ହେଉଁ
ଅଧେ ଏଠି,
          ଆଉ ଅଧେ ଉପରକୁ ଯାଉଁ ।"
ଶୁଣ ସାରା ହଲ ଜମା ନାହିଁ ।
ସଭାକୁ ମୁଂଡଟା ଖାଲି ଲାଗେ ଖାଁ ଖାଁ ।
"ଓଃ ! ହେବା ଶୁଦ୍ଧି କନ୍‌ଫରେନ୍‌ସ ନଷ୍ଟେ ଆଉ ଏକ
ସବୁ କନ୍‌ଫରେନ୍‌ସର ବିଲୋପ ସାଧନ ପାଇଁ ।"

———

ମାୟାକୋଭସ୍କିଂକ ଅଂକିତ ଏକ ସ୍କେଚ୍‌
(ତାଂକ ମେକ୍‌ସିକାନ୍‌ ସ୍କେଚ୍‌ ବୁକ୍‌ରୁ)

Digitized by srujanika@gmail.com

ଜାତିଭେଦ ସଂବଂଧରେ

(୧୯୬୯)

ଘୋଡ଼ା
ଓଟକୁ ଦେଖି
କହିଲ ହ୍ରେଷା ସ୍ୱରେ
"କି ଏକ ଅଦ୍‌ଭୁତ
ଜାରଜ ଘୋଡ଼ା ।"
ଓଟ
ତା' ଆଡ଼ୁ ଦାବୀ ଜଣାଇଲା—
ମୁ ଘୋଡ଼ା ନୋହୁଁ ।
ମୁ ଏକ ଖଟାକାର
ଓଟ ଛଡ଼ା
ଅନ୍ୟ କିଛୁ ନୋହୁଁ ।
କେବଳ ଭଗବାନଇ
ଜାଣିଥିଲେ
ତାଙ୍କର ସେ ତାରକତ ସ୍ଥାନଟିରେ ବସି
ଯେ ଦୁହେଁ
ଦୁଇ ଅଲଗା ଜାତର
ଜୀବ ।
ବିଭିନ୍ନ ପ୍ରକାର ।

ମାୟାକୋଭସ୍କିଙ୍କ ଜନ ଅଙ୍କିତ ସଂଗୀତ-ଲେଖକ G. P. Gnesinଙ୍କ ବ୍ୟଂଗଚିତ୍ର

Digitized by srujanika@gmail.com

'ଜୁବିଲି'

(୧୯୨୪)

ନୋଟ୍ : ରୁଷିର ମହାକବି ପୁଷ୍କିନ୍‌ଙ୍କ ଜୁବିଲି ଉତ୍ସବ ଉପଲକ୍ଷରେ ରଚିତ ମାୟାକୋଭସ୍କିଙ୍କ ବିଖ୍ୟାତ କବିତା 'ଜୁବିଲି'ର ଅନୁବାଦ । ମାୟାକୋଭସ୍କି କଠୋର ଭାବରେ ପୁରାତନ ଜଗତ ଉପରେ ଆକ୍ରମଣ ଚଳାଇଥିଲେ । ତେଣୁ ସାଧାରଣଙ୍କର ଧାରଣା ହେବା ସ୍ୱାଭାବିକ ଯେ ପ୍ରାଚୀନ ଜଗତର ସମସ୍ତ କାବ୍ୟ କବିତା ତଥା ଶିଳ୍ପକର୍ମର ସେ ଘୋର ବିରୋଧୀ । କିନ୍ତୁ ଏହା ଅମୂଳକ, ସଂପୂର୍ଣ୍ଣ କାଳ୍ପନିକ । ତାଙ୍କର ବହୁ କବିତା ଓ ଭାଷଣରେ ସେ ନିଜେ ଏ ଧାରଣା ଖଣ୍ଡନ କରିଛନ୍ତି । ସେ ତତ୍କାଳୀନ ଟେଭେରସ୍କାୟା ସ୍କୋୟାରରେ (ବର୍ତ୍ତମାନ ଯାହା ପୁଷ୍କିନ୍ ସ୍କୋୟାରରେ ନାମାନ୍ତରିତ ହୋଇଛି) ଅବସ୍ଥିତ ପୁଷ୍କିନ୍‌ଙ୍କର ଆବକ୍ଷ ମର୍ମର ମୂର୍ତ୍ତିକୁ ତାର ଚତ୍ୱର ଉପରୁ ଟେକି ଧରି ମାୟାକୋଭସ୍କୀୟ ଭଙ୍ଗୀରେ ନିଜ ବକ୍ଷରେ ଧାରଣ କରନ୍ତି ଏବଂ ନିଜକୁ ସାହସର ସହିତ ତାଙ୍କ ସଂଗେ ପରିଚିତ କରାନ୍ତି । ତାଙ୍କର ଏଇ କାର୍ଯ୍ୟଟି ସମଗ୍ର କବିତାର ଆଭିମୁଖ୍ୟ ତଥା ଭୂୟୋଦର୍ଶନରେ ପ୍ରତିଫଳିତ ହୋଇଛି । ସେ କହିବାକୁ ଚାହିଁଛନ୍ତି ଯେ ପୁଷ୍କିନ୍‌ଙ୍କୁ ପ୍ରାଚୀନପନ୍ଥୀମାନେ ଏକ ମମିରେ ପରିଣତ କରିଛନ୍ତି, ତାଙ୍କ ଗ୍ରନ୍ଥମାନଙ୍କୁ "anthologian lacquer" ସହ ପୁଷ୍କିନ୍‌ଙ୍କ ମର୍ମର-ବିଗ୍ରହର ପାଦତଳ ବେଦୀ ଉପରେ ରଖିଦେଇ ସେମାନେ କର୍ତ୍ତବ୍ୟ ସାଙ୍ଗ କରିଛନ୍ତି ।

ଏ କବିତାରେ ଅନେକ ସମସାମୟିକ କବିଙ୍କ ସଂବନ୍ଧରେ ତାଙ୍କର ମତାମତ କଠୋର ଓ ଅନୁଦାର ମନେ ହୋଇପାରେ । ମହାନ୍ ପ୍ରତିଭା ସତରେ ବିରଳ । ଆଉ ଯଦିବା କଦାଚିତ ସେମାନେ ଦେଖାଯାନ୍ତି, ସେମାନଙ୍କର ନିଜର ବାଧାବିଘ୍ନ ସମାଧାନ ଢଗରେ ସେମାନଙ୍କର କାର୍ଯ୍ୟ ଏବଂ ସେମାନଙ୍କର କାବ୍ୟକୃତିରୁ ହିଁ ସେମାନଙ୍କର ମୂଲ୍ୟାଙ୍କନ କରିବାକୁ ପଡ଼ିବ । ଶୁକ୍ତିରୁ ମୁକ୍ତା ବାହାରିଲା ପରି ସମସାମୟିକ ସମସ୍ୟାମାନଙ୍କ ଭିତରୁ ହିଁ ମହାନ କଳାର ଆବିର୍ଭାବ ହୋଇଥାଏ । ଏ କବିତାରେ ମାୟାକୋଭସ୍କି କୁତ୍ସା, ଅପାରଗତା, ସଂସ୍କୃତିବିରୋଧୀ ମନୋଭାବ ଉପରେ ତୀବ୍ର କଷାଘାତ କରିବା ସଂଗେ ସଂଗେ ଜୀବନ ପ୍ରତି ତାଙ୍କର ଆନୁଗତ୍ୟ ନିବେଦନ କରିଛନ୍ତି ତାଙ୍କର ସ୍ୱଭାବସିଦ୍ଧ ଶକ୍ତିଶାଳୀ ଭଙ୍ଗୀରେ ।

(—ହାବାର୍ଡ ମାର୍ଶଲ—)

Digitized by srujanika@gmail.com

'ଜୁବିଲି'

(୧୯୨୪)

(ପୁଷ୍କିନଂକ ୧୨୫ ତମ ଜନ୍ମବାର୍ଷିକୀ ଉପଲକ୍ଷ୍ୟରେ ରଚିତ)

ଆଲେକ୍‌ଜାଂଡାର୍ ସରଗିଭିଚ !
ମାୟାକୋଭସ୍କି ସଂଗେ ହେଉ ପରିଚୟ ।
ହାତ ବଢ଼ାଅ !
ଏଇଠି ମୋ ଛାତି ଉପରେ ରଖ
ଶୁଣ !
ଏଠି ତ ସ୍ପଂଦନ ନାଇ
ଅଛି ଖାଲି ଆର୍ତ୍ତର ନିନାଦ ।
ଏଇ ଶ୍ରେଷ୍ଠ ଶାଂତ ସିଂହ ଛୁଆଟି
ଭରିଦିଏ କେତେ ନା ବିଷାଦ ।

ଜାଣି ତ ନ ଥିଲି
ମୋ ଭିତରେ ଥିଲା ବୋଲି
ହଜାର ହଜାର ଟନ ଗୁଡ଼ାଏ ଏଥିକୁ—
ଏଇ ମୋର ଲଜ୍ଜାକର
ଶ୍ରେଷ୍ଠ ମସ୍ତିଷ୍କରେ
ଝୁଂଦ ହୋଇ ।

ମୁଁ ତୁମକୁ ଟେକି ଧରେ ।
ମୋ ଶିରରେ ଶୁଣ କି ବହ୍ଣସ୍ୱ ?
ଅପ୍ରତିଭ ?
କଷ୍ଟ ପାଅ ?
କ୍ଷମାକର
ବୃଦ୍ଧ ମୋତେ ।

Digitized by srujanika@gmail.com

ମୁଁ ପାଇଛି—
ହଁ, ତମେ ବି ପାଇଛ
'ଚିରଂତନେ',
ରଖିଛେଁ ସାଇତି ।
ଆମର କି ଯାଏ ଆସେ
କେତୋଟି ଘଂଟାର
କ୍ଷୀଣ ବ୍ୟବଧାନ !
ପାଣିରେ ଧରିଲା ପଣ—
ଚାଲ ଆମେ ଧରିଥିବା
କଥା କହି କହି ।
ମୁକ୍ତ—
ବଂଧନହୀନ,
ଯେମିତିକା ସ୍ପ୍ରିଂଗ୍ ।
ଦେଖ,
କି ସୁଂଦର
ତରୁଣ ଜହ୍ନଟି
ଚଢ଼ି ଯାଏ ଦହି ।
ତାକୁ ଯଦି
ଛାଂକି ନାଇ ଦବା
ସର୍ବନାଶ ନିଶ୍ଚିତ ହେବଇ ।
ପ୍ରେମ ଏବଂ
ପ୍ରଶ୍ନରପଞ୍ଜରୁ
ମୁଁ ଏବେ ଖଲାସ ।
ଈର୍ଷାର ଖାଲୁଣ୍ଟା
ଚମଡ଼ାରେ ଛଂକା
ସୁପ୍ତ ଜଡ଼,
ଛୁଲାଉଛି ବେଣ୍ ।
ପୃଥ୍ୱୀ କେଂଦ୍ରୁ ହଠାତ୍ ବଦଳେ ।
ବିଶ୍ୱାସ କି ହୁଏନା ତୁମର ?

Digitized by srujanika@gmail.com

ବସ
　　ଝିକେ ପିଇ ମାଡ଼,
　　　　ଅଲ୍ପ ଝିକେ ଘୃଣ !
ନା
　　ମୁଁ ଆଉ ବିଷାଦଗ୍ରସ୍ତ
　　　　ହେବିନି ଏଥର ।
ଏବଂ
　　କହିବାକୁ କଥା
　　କାହା ସଂଗେ ମୁଁ ଆଉ ଘୃହେଁନା ।
ଖାଲି
　　ଆମ ଦୁହେଁ ଛଡ଼ା,
　　　　ଜାଲ୍ * ମୋର ଛଂଦେ ଭରା ।
କବିତାର ବାଲୁଚରେ
　　କଇଁଛ ପହଁରେ ।
ଗୀତବୋଲା ଷଢକର,
　　ଅର୍ଥହୀନ ଆମ ସ୍ୱପ୍ନମନ ।
ତଥାପି ଭୂମିକା ଆମ
　　କରିଯିବା ଆମେ ତ ପାଳନ ।
କାଂରୁ ବେଳେ ବେଳେ
　　ଜୀବନ
　　　　ନେଉଛ ଅନ୍ୟ ମୋଡ଼ ।
ତୁମେ ଭଲ ବୁଝ
　　ବାଂଧାଗଃତ
　　　　ଫେଣଭରା କଥାର ଦଉଡ଼ ।
ଲିଖକ୍
　　ଚଢ଼ାଉ କରଛେ ଆମେ ଦୁହେଁ
　　　　ସଂଗୀନ ମୁନରେ !
ଏବଂ ଖୋଜୁଛେଁ କଥା
　　ଚାକ୍ଷୁଷ, ଦ୍ୱିଧାହୀନ
　　　　ଦ୍ୱିଗୁଣ ବେଗରେ ।

* ଜାଲ—ମାଛର ଜାଲ ।

Digitized by srujanika@gmail.com

କବିତା,
ବିଲକୁଲ୍ କୁତ୍ତୀ-କା-ବଚ୍ଚା-ଭଳି ଜିନିଷଟା ※
ସେ ବିଂଚିତ
କିଂଚୁ ତାକୁ ନେଇ କରିବା ଗୋଟାଏ କିଛୁ ଅସଂଭବ ।
"ମୋତେ ଦିଅ ଏକ ଗ୍ଲାସ !
ମୁଁ ଜାଣେ ପୁରୁଣା ଢଂଗ—
ଭଡକାରେ † ବୁଡ଼ାଇ ତାହା
ଅଦେଖ୍ୱାସ ହୋଇ,
କିଛୁ ହେବ ଗଢା ।
ଏବଂ ଦେଖ
ନୀଳ ଆଉ ଧଳା ତାସ୍ ଚିହ୍ନିତ ଜାହାଜ
ବଂଦରରେ ଠିଆ ।
ବିଭିନ୍ନ
ଭିଡ଼ର ଗଦା
ସର୍ବଥା ସର୍ବଦା ।
ମୁଁ ହେବ ତୁମର ଯୋଡ଼ି
ପିଇ ସାରି କିଛୁ
ଦେଖିବ କବିତା ଦେବୀ
ନେବେ କୁଆଡ଼କୁ
କପର କଢ଼ାଇ ।
କିଏ ପଗ୍ କହୁଥିଲା,
ତମର ଓଲଗା, ବୋଧେ—
ନା—
ଟାଟିୟାନାକୁ ଲେଖିଥିବା ଓନେଜିନ୍ ଚିଠିର ଫରଦେ
କିଣ ଲେଖାଥିଲା—
"କହିବାକୁ ଗଲେ—
ତମ ସ୍ୱାମୀ ବୋକା ଶିରୋମଣି,
ସହିବା ବାହାରେ

※ "But Poetry
The son-of-a-bitchiest thingummyjig"

† ଭଡକା—ରୁଷୀୟ ମଦ ।

Digitized by srujanika@gmail.com

ମୁଁ ତମକୁ ପ୍ରେମ କରେ,
ତମେ ହେବ ମୋର ଚିରଧନ ।
ପ୍ରତି ସକାଳେ ଦିଅ ମୋତେ ଆଶ୍ୱାସନା
ଯେ ଭେଟିବି ମୁଁ ତୁମକୁ ସେଦିନ ।"
କେତେ କେତେ କଥା ଘଟେ ତେଣେ ।
ଏବଂ ଝରକା ପାଖେ
ଚଟି ଝୁଂଡେ,
ସ୍ନାୟୁରେ ଝିକଏ ଥରି,
ଝିକେ ରଂଗ ହୃଦୟର ଛନ୍ଦେ ।
ଆଃ,
କିଂତୁ ଯେତେବେଳେ ନିଜେ
କହିବାକୁ ଦୁଃଖ ଅସମର୍ଥ ।
ଅବଶୋଷ ଯେ
ଆଲେକ୍‌ଜ୍ୟାଂଡାର ସରଗିଭିଚ
ବଡ଼ ଗ୍ରସ୍ତ ବନ୍ଧନ ପକ୍ଷରେ ।
ହେଃ ତମେ ମାୟାକୋଭସ୍କି !
ଦକ୍ଷିଣର ବତୀଖୁଂବ ! *
ତମ ହୃଦ ବ୍ୟସ୍ତ ଖୁବ
ସାବଲୀଲ ଛଂଦେ,
ଏବଂ ଏଇକ୍ଷଣି
ସବୁ ବ୍ୟର୍ଥ, ମିଛ ।
ହେ ପ୍ରିୟ ଭ୍ଲ୍ୟାଡ଼ିମ୍ !
ଭ୍ଲ୍ୟାଡ଼ିମିର୍ ! †
ତମେ କି ଜାଣିଚ
ସେ ନାଆଁ ଜାଣେନା ଜରା,
ଅବା ଅବସର !
ନିଜର କଂକାଳଟାକୁ

* ପୁଷ୍କିନ୍‌ଙ୍କ ମହାକାବ୍ୟ Eugene Onegin ।
† ରୁଷ ଭାଷାରେ Mayakର ଅର୍ଥ ବତୀଖୁଂବ ।
* ମାୟାକୋଭସ୍କିଙ୍କ ଖ୍ରୀଷ୍ଟିଆନ ନାମ ।

Digitized by srujanika@gmail.com

ଆଗକୁ ସେ
ଠେଲେ ।
ମୁଁ ଦୁଇ ଯାଏ
ଝୁସିରେ ଗଣିଯାଇ ପାରେ ।
ଘଟିଗଲେ ଠକା ଯାକେ,
ମିତବାକ୍ୟ ପଣ ।
ସମସ୍ତଂକ ମତ,
ମୁଁ ଆମ୍ବନେଂଦ୍ରକ
ଏକ କଥାବସ୍ତୁ ।
ଟିକେ ବଦଳିବା ଶ୍ରେୟ,
ସେନସର୍ ତାହେଲେ
ଦେବେନି ଗୋଇଠା ।
ତମେ ଦେଖ,
ସେମାନେ କହୁଂତି,
ଅନ୍ୟକୁ ବଢ଼ାଇ ।
ସେମାନେ କହୁଂତି
ଦେଖିଛଂତି
ଏପରି କି ଭିଟିକେ✱ର
ଦୁଇ ଜଣ
ପ୍ରେମାସକ୍ତ ସଭ୍ୟ
ନିଜ ମର୍ମ ଅଭିବ୍ୟକ୍ତ କଲେ
ସ୍ୱଚ୍ଛଂଦରେ ।
ଆଉ ଏକ ଦୁର୍ନାମର କଥା ।
ତୁମେ କଣ ଶୁଣନାଇ
ଯାହା ସବୁ କହୁଂତି ସେମାନେ ?
ହୋଇପାରେ,
ମୁଁ ହିଁ ଖାଲି ଏକମାତ୍ର ଲୋକ
ଦୁଃଖିତ ଯେ
ପ୍ରକୃତରେ ଆଲେକ୍‌ଜାଂଡାର !

✱ The All Union Central Committee of the U. S S. R. Veesoyuzny Tsentralny Ispolnitelny Komitet.

Digitized by srujanika@gmail.com

ତୁମେ ଆଜ ନାହିଁ
　　　ବୋଲି
　　　　　ଆମ ମଧ୍ୟେ ବ୍ୟଂଚ ।
ଛନ
　　　ସଂଗେ
　　　　　କହିବାକୁ କଥା
　　　　　　　ଅବ୍ୟଂତରେ
ମୋର ଆଜ ଘର
　　　ଇଚ୍ଛା ହୁଏ ।
ମୁଁ ଜାଣେ
　　　ଅଳ୍ପଦିନ ପରେ
　　　　　ମୁଁ ଯିବି ମରି
　　　　　ହେବି ମୂକ, ମୌନ ।
ମୃତ୍ୟୁ ପରେ ଦହେଁ ଆମେ ଛୁଆ ହେବା
　　　ପ୍ରାୟ ପାଖାପାଖି ।
ତୁମେ 'ପି' ଏବଂ ମୁଁ 'ଏମ'
　　　ଚଲେ
　　　　　ଯିଧା ଓ ସଳଖ । *
ମଝିରେ ଆମର
　　　କଏ ଠିଆହୁଏ ?
　　　　　କେ ହେବାକୁ ଗୃହେଁ
　　　　　ଅଂତରାୟ ?
ମୋ ଦେହରେ କବି କମ,
　　　ମାନିବାକୁ ହେବ ତ ନିଶ୍ଚୟ ।
ଆମ ମଧ୍ୟେ—
　　　ଅବଶୋଷ କଥା—
　　　　　ନ୍ୟାଡ୍ସନ୍[୧] କରିଚ ପ୍ରବେଶ ।

---

* ପରେ ବାଧ୍ୟବକ ସେଲଥ ହୁଏ । ପୂର୍ବିନ ଷ୍ଟୋନ୍ସାରକୁ ଲଗି ମାନ୍ସାକୋହସ୍ତୁ ଷ୍ଟୋନ୍ସାର ।

୧ । ନ୍ୟାଡ୍ସନ—(୧୮୬୨-୧୯୪୬) :ଦୁଃଖ ଓ ନୈରାଶ୍ୟବାଦୀ କବି । ତାଂକ କବିତାରେ ବ୍ୟର୍ଥତାର ଛାପ ସ୍ପଷ୍ଟ—ଯେପରି ଏକ ଶ୍ମଶାନର ବାତାବରଣ

Digitized by srujanika@gmail.com

ଆମେ ଦାବୀ କରିବା
ତାଙ୍କୁ ସେମାନେ କରଂତୁ ଦୂରନ୍ତ
ଜେଡ୍ (Z) ପାଖେ ଦ୍ରୁତ ।
ଅଛଂତ ନେକ୍ରାସୋଭ [2]
କୋଲ୍ୟା,
ନୁହେ ସେତେଟା ମଂଦ ।
ତାସ ଖେଳ,
କାବ୍ୟଲେଖା
ସବୁଥିରେ ଓସ୍ତାଦ ।
ଏପରିକ ଚେହେରାଟା—
ଜାଣ ତୁମେ
କୃଷକର ଘରେ ଜନ୍ମ ତା ।
ରହୁ ସେ ଆମର କିତାବରେ ଜିତ ।
ଅନ୍ୟ ସବୁ ସମସାମୟିକ ?
ଛ' ଓଜନରୁ ବେଶୀ
କରିବ ନଖାଉ
ଅବାଧରେ ମୁଁ ତ ।
ମୋର ଦାଁତ ମାଡ଼ି
ଖାଇ ମାରି ପାରେ ନାଇ,
ରହେ ହୋଇ ଚପି ।
ଗ୍ରେଡ଼ଭ, [3]
ଦୋରୋଗୋଇଚଂକୋ [4]
କର୍ଲିଭ, [5]
ଜେଗ୍ରିମଭ [6]
କି ବିରକ୍ତିକର
ଚମ୍ପଟ ଏକ
ୟେସେନନ୍ [7]

---

୨ । ନେକ୍ରାସୋଭ୍—ପୁଷ୍କିନ୍ ଓ ଲେର୍ମୋଣ୍ଟୋଭଙ୍କ ପରେ ବଡ଼ ରୁଷୀୟ କବି ।
୩ । ୪ । ୫ । ୬ । ମାୟାକୋଭସ୍କିଙ୍କ ସମସାମୟିକ କବିବୃନ୍ଦ । ଅଧିକାଂଶର ବର୍ତ୍ତମାନ ବିସ୍ମୃତ ।
୭ । ୟେସେନିନ—ଶେଷ ଗ୍ରାମ୍ୟ କବି ।

Digitized by srujanika@gmail.com

ଏକ ଧୂଆଁଳି ପରି
ପୀଡ଼ାର ଦାୟକ
ହାସ୍ୟକର !
ଅରେ ତାଂକୁ ଶୁଣ ।
ମନେହେବ ଆଖଡ଼ାର କୋରସ୍ ଗାୟକ ।
ବାଲାଲାଇକା ଢୋଲ ପରି ସିଏ ।
କବି ହେବ ଜୀବନର ପ୍ରଭୁ ।
ଶକ୍ତ ଆମେ ପୋଲ୍‌ଟାଭା ଭ୍ୟାଟ୍ ପରି ।
ଆଚ୍ଛା, ବେଜମେନସ୍କି ୮ ?
ଆଃ ! ଯଥା ତଥା ।
ସେତେ ଖରାପ ନୁହେଁ......
କଫି-ମିଠା,
କୋଲକା ଏସିପ୍ୟେଭ, ୯
ଜଣେ ।
ସେ ପାରେବ ।
ତାର ମୂଠା ଟ'ଣ
ମୋ'ର ଭଳି ।
କାଂରୁ ଦେଖ,
କେତେ ତାଂକୁ ଚିବାକୁ ହେବ ?
ପତ୍ରିକାଟି ଶ୍ରେଷ୍ଠ
ତଥାପି ଏକ ପରିବାର ।
ବଂଚି ରହ ତ ଦୋସ୍ତ
ତୁମେ ହେବ ସହ-ସଂପାଦକ
LEF ୧୦ ର
ତମ ଭଳି କର୍ମବଂତ ଲୋକେ
ମୁଁ ଦଅଂଚ ଲେଖିବାକୁ
ପ୍ରସ୍ତର-ଫଳକ ।

---

୮ । ବେଜମେନସ୍କି—ମାୟାକୋଭସ୍କିଂକ ପରେ ତାଙ୍କର ସ୍ଥାନ ଥିଲା । ମାତ୍ର ସେ ସେ ପ୍ରତିଶ୍ରୁତି ରକ୍ଷାକରି ପାରିଂତ ନାହିଁ ।
୯ । କୋଲକା ଏସିପ୍ୟେଭ —(୧୮୧୪) ମାୟାକୋଭସ୍କିଂକ ସର୍ବଶ୍ରେଷ୍ଠ କବିବାଂଧ ।
୧୦ । ମାୟାକୋଭସ୍କିଂକ ସଂପାଦିତ ପତ୍ରିକା ।

Digitized by srujanika@gmail.com

ନିଜର ଶତ୍ରୁର ଆଗେ
ଦିଅ ପରିଚୟ
ହୁଅ ତା ସ୍ମାରକ ।
ତୁମେ ପାରିବ ତା !
ଖୁବ୍ ଭଲ ତମର ଷ୍ଟାଇଲ୍ ।
ମୁଁ ଦିଅଂଛି ତୁମ ହାତେ
ଏକ ତୁଲୀ,
ଖଦଡ଼ିଆ ପଟ ।
ଆଂକିବାକୁ ବିଜ୍ଞାପନ
ବିକିବାକୁ ଶୋଭ୍ୟେଟର ମାଲ୍ ।
ଗୁରୁ ଲଘୁ ମିଶାକ୍ଷର
କରଂଛି ପ୍ରୟୋଗ
ହେବା ପାଇଁ ତୁମ ଯୋଗ୍ୟ ଯୋଡ଼ି;
ଯଦିଚ ବା ଗୁରୁ-ଲଘୁ,
ଯତିମେଳ
ଏ ଯୁଗରେ
ଅକାମୀ, ଅଚଳ ।
ଆମର ଲେଖନୀ ହେବ
ସଂଗୀନ୍ ଧାରୁଆ
ଆମ ଦାନ୍ତ
ଝକ ଝକ ଧାରୁଆ ଇସ୍ପାତ ।
ବିପ୍ଳବ ଲଢ଼େଇ ଆମ
'ପୋଲଟଭା'ଠୁ * ଅଧିକ ଗଂଭୀର ।
ଏବଂ ପ୍ରେମ
ମଧ୍ୟ, ଉଜ୍ଜ୍ୱଳ ବେଶୀ,
ଓନେଜିନ୍ ପ୍ରେମଠାରୁ ବଡ଼ ।
ପୁଷ୍କିନ୍‌ଏଂଥୀଂକଠାରୁ

* । ପୋଲଟଭା—ପୁଷ୍କିନ୍‌ଙ୍କର ଏକ ମହାକାବ୍ୟ ଯେଉଁଥିରେ ପୋଲଟଭା ଯୁଦ୍ଧର ବର୍ଣ୍ଣନା ଅଛି । ସେ ଯୁଦ୍ଧରେ ପିଟର ଦି ଗ୍ରେଟ ସ୍ୱେଡେନ ରଜା ଦ୍ୱାଦଶ ଚାର୍ଲସଙ୍କୁ ପରାସ୍ତ କରିଥିଲେ ।

Digitized by srujanika@gmail.com

ହୁଅ ସାବଧାନ,
ମଗଜ--ବିଜ୍ଞାନ ।
ପୋକଖିଆ, ଫିଂପିମର୍
ରେଟେନଇରେ
ଯାହାଙ୍କ ଶୟନ ।
ଦେଖ, ଦେଖ,
ପୁଷ୍କିନ୍ ପଢ଼ନ୍ତି ଲେଫ୍ (LEF)
ସେ ଯେ ନଗ୍ରୋ !
ଏବଂ ଦେରଜେଭିନ୍ * ସଂଗେ
ପ୍ରତିଦ୍ୱଂଦୀ ।
କ ଖରାପ ! !

ମୁଁ ତୁମକୁ ଭଲ ପାଏ,
ମସି ପରି ନୁହେଁ,
ମାତ୍ର ଜୀବନରେ,
ସେମାନେ
ତୁମକୁ କରି
ସଂକଳନ-ବସ୍ତୁ
ରଖିଛନ୍ତି ଧାତୁ-ରଂଗ ମାଛି ।

କିଂତୁ ମୁଁ
ତୁମକୁ ଆଜି
ଜୀବନ ଉତ୍ସବେ
ରଖେ ବାଜି
ତୁମେ ଖୋଲ ଆଖି ।
ଏବଂ ରାଗରେ କହ
ବଂଚ ଉଠି
ଆଫ୍ରିକାର ବେଟା !

* । ଦେରଜେଭିନ୍—ପୁଷ୍କିନଂକ ପୂର୍ବବର୍ତ୍ତୀ ଏକ ବିଖ୍ୟାତ କବି ।

Digitized by srujanika@gmail.com

ଖାନଦାନୀ କୁଳାଂଗାର
କୁନ୍ତୀ-କା ବଚ୍ଚି
ଦ' ଏଁଥସ୍* !
ଆମେ ତାଙ୍କୁ ପଚ୍ଚରିଂଚୁ
ତୋର
ସାମାଜିକ ପରିଚୟ କ'ଣ ?
ଏବଂ "'୧୭ ତୁମେ
ଥିଲୁ ତୁ କି 'ବିରୋଧୀରୁ' ଜଣେ ?"
ଆମେ ଯଦି ପାଇଥାଂନ୍ତୁ ଡି' ଏଥଂସ ?
କାଂତୁ, କି ନନସେନସ୍ ?
ଆତ୍ମୀୟବାଦ ପରି ମନେହୁଏ ।
ତେଣୁ କହିବାକୁ ଗଲେ,
ସମ୍ମାନର କ୍ରୀତଦାସ
ବୁଲେଟର ଗୁଳିରେ ନିହତ ।
ସେସବୁ ପଦାର୍ଥ
ଆଜି ବି ତ ଅଛି,
ନୋହୁଁ ଆମେ ସେଥିରୁ ବଂଚିତ ।
ବିଭିନ୍ନ ପ୍ରକାର
ଖୁଣୀ, ଶିକାରୀ ବି ଆଜି
ଆମ ଭାର୍ଯ୍ୟାମାନଂକର ପଛରେ ଛୁଟିଚି ।
ଏଠି ବରଂ ଭଲ କଚ୍ଛି
ଅବସ୍ଥାଟା,
ଶୋଭିଏତ ଦେଶେ ।
ଏଠି ତୁମେ ବଂଚ ପାର
ସୁଖେ କରି କାମ ।
କେବଳ ଦୁଃଖର କଥା, ,
କବି ଖୁବ କମ ।
ଯଦିଚ ଠିକ ଯେପରିଟି ଗୃହୁଁ

*। ଦ' ଏଁଥସ ପୁସ୍କିନଂକ ହତ୍ୟାକାରୀ । ଏକ ଏକ୍ସେଂଟ୍ ପ୍ରୋଭେନ୍‌କେଟଯ୍ୟେର—ଯିଏ ପୁସ୍କିନଂକୁ ଏକ ଝଗଡ଼ାରେ ଲିପ୍ତ କରାଇ ଡୁଏଲ ବା ଦ୍ୱଂଦ୍ୱ ଯୁଦ୍ଧକୁ ଆହ୍ୱାନ କରି ପିସ୍ତଲ ମାରି ହତ୍ୟା କରିଥିଲା ।

Digitized by srujanika@gmail.com

ନାହାଂତି ସେପରି,
ଆଗ୍ରୁ, ଆଗ୍ରୁ ବେଲ ବୁଡ଼ିଲଣି,
ରଶ୍ମି ସବୁ ଦିଶେ ଲାଲଚିଆ ।
ମୁଁ ଚାହେଁନା ରକ୍ଷୀ ଆସି
କରୁ ହଟ୍ଟଗୋଳ ।
ଷ୍ଟେରସ୍ତାସ୍ନା ଉଦ୍ୟାନରେ*
ତମ ସଂଗେ ଜଣାଶୁଣା ଭଲ ।
ତା'ହେଲେ ତମକୁ ତମ ବେଦୀ ପରେ
ରଖି ଦିଏ ଫେର ।
ର୍ୟାଂକ୍ ନେଇ
ବିଚାରିଲେ
ସ୍ମୃତି-ସ୍ତଂଭ
ମୋର ବି ଏକ ପ୍ରାପ୍ୟ ;
ଯଦିଚ
ମୁଁ ଝଂଜା ବାରୁଦ ଓ
ଡିନାମାଇଟି ଭର୍ତ୍ତି
କରିଥାଂତି ତାକୁ ଭଗ୍ନସ୍ତୂପ ।
ମୁଁ ଘୃଣା କରେ
ସବୁ ପ୍ରକାର ମରଣଶୀଳତା !
ମୁଁ ଶ୍ରଦ୍ଧା କରେ
ଜୀବନ ସର୍ବଥା ।

---

* ବର୍ତ୍ତମାନ ଏହାର ନାମ ପୁଷ୍କିନ୍ ସ୍କୋୟାର । ଏହା ପାଖରୁ ଲଗି ମାୟାକୋଭସ୍କି ସ୍କୋୟାର

Digitized by srujanika@gmail.com

ଏକ ଅତି ଅସାଧାରଣ ପଦକ୍ଷେପ

(୧୯୨୦)

[ନ୍ୟାରୋଗ୍ରାନ୍ ;ଫେଲେର୍ଡ଼ମ୍ରେଡ୍ବାବ ସଯୁକ୍ତ ପୂସ୍କକୋ ଅଂତର୍ଗତ ମାଉଂଟ୍ **ଅକୁଲ**
ଢ଼ଂଟରେ ଅବସ୍ଥିତ ରୁମିନ୍ୟାଂତସେଡ୍ ଗ୍ରୀଷ୍ମାବାସଠାରେ ମାନ୍ୟାଙ୍କୋଭସ୍କିଙ୍କ ଜୀବନର ଏକ ଘଟଣା]

ସୂର୍ଯ୍ୟାସ୍ତ ଦାଗୁଚ ଶତ ଶତ ସୂର୍ଯ୍ୟ
କମାଣର ଗୋଲା ପରି ।
ଗ୍ରୀଷ୍ମ ଆସି ଜୁଲାଇରେ ମିଶେ ।
ଉତ୍ତାପ ଅଜାଡ଼ି ପଡ଼େ,
ଆକାଶକୁ କୋଳ କରି ।
ଏକ ଗ୍ରାମାଂଚଳେ ଘଟନାଟା ଘଟେ ।
ମାଉଂଟ ଆକୁଲ୍ ନାମକ ପାହାଡ଼େ,
ପିଠି ଯାର କୁଜ ପରି ବଂକା
ଦୃଷ୍ଟିନ୍ଙ୍କ କୁଟୀରଗୁଡ଼ିକୁ
ଚୌଡ଼ା ରାସ୍ତାର ସହ ଉପରକୁ ଟେକ
ପାହାଡ଼ଟା ଉଠିଚ ଉପରେ ।
ଗ୍ରାମର କଳା କଳା ଗୁଡ଼ ସବୁ
ପାହାଡ଼କୁ ଚାଂକେ ।
ଝଡ଼ରେ କାତର ପୃଥ୍ବୀ ।
ଏବେ ସେଇ ଗ୍ରାମଶେଷେ
ଏକ ବଡ଼ ଗର୍ତ୍ତ ଦେଖାଯାଏ ।
ଏବଂ ପ୍ରତଦିନ
ସେ ଗର୍ତ୍ତରେ ସୂର୍ଯ୍ୟ ଡୁବିଯାଏ :
ଏବଂ ଧୀରେ ନିଶ୍ଚିତ ଭାବରେ
ପର ଦିନ
ସେ ଗାଡ଼ ଭିତରୁ ପୁଣି ଟେକିଉଠେ ତାର
ସମୁଜ୍ଜ୍ୱଳ ମଥା

Digitized by srujanika@gmail.com

ଲାଲ ।
ଜେଜ୍ ଏଇ କଥା ।
ଠିକ୍ ଏକଇ ପ୍ରକାର
ଘଟେ ।
ତେଣୁ ମୋତେ ଲାଗେ ବଡ଼ ଚଡ଼ା,
ପାଗଲ ପଣିଆ ଲାଗେ ଜାଣି—
ଯା ଘଟିବ ଠିକ୍ ସ୍ଥା ପରେ ।
ଢନେ ହୋଇ ଭୀଷଣ ବିରକ୍ତ
ହ୍ୟୁଟାର ଲାଲ ମୁହେଁ କହିଲି ଉତ୍ୟକ୍ତ
"ପ୍ଲିଜ୍ ଶୁଣ ।"
ଏପରି ଚିତ୍କାର କଲି ସୂର୍ଯ୍ୟର ଉଦ୍ଦେଶ୍ୟ—
"କୌଣସି କାମର ନୁହଁ ତୁମେ ।
ତମର ରହିଛି ଏକ ନରମ ଆସନ
ମେଘ ମହଲରେ, ମୁଁ ଏଠି ବସେ,
ନ ଜାଣେ ଏଇଟା ଏକ ଝଡ଼ ବା ପ୍ରପାତ,
ଆଙ୍କେ ବସି ପ୍ରସ୍ତର-ଫଳକ ।
ବେଶ୍ ଏଇ ମୋର କାମ ।"
ସୂର୍ଯ୍ୟ ପ୍ରତି ଷଣ୍ଢେ କଣ୍ଠବାଣୀ :
"ଅପେକ୍ଷା କର, ଶୁଣ ଦେଇ କାନ
ପିତଳଅଖିଆ !
ମିଛଟାରେ ବସି ହେ କଆଁ
ତଳକୁ ନ ଆସ କଂପା" କହିଲି ମୁଁ,
"ପିଇବ ତ ଦେବ ଗ୍ଲାସେ ଚା'
ପିଇବ ମୋ ସଂଗେ ?"

କିଂତୁ କ'ଣ କଲି !
ଭୀଷଣ ମୁସ୍କିଲ ।
ସୂର୍ଯ୍ୟ ଆସେ ଚାଲି ମୋ ଆଡ଼େ
ମୁହାଁଇ ।
ଖନ୍‌ଫୁଟା ଝାଂକି ଫିଂଗି
ମୋର ଗୃହ ଦ୍ୱାରେ ;

Digitized by srujanika@gmail.com

ବିଳ୍‌ମାଲ ଅତିଜମି
          ଆସୁଚି ଆଗେଇ ।
ଛଳନା ମୁଁ କରେ
          ଯେମିତିକା ଡରିଯାଇ ନାହିଁ ।
ତା'ପରେ ପଛକୁ ଫେରେ ।
ଆଖି ତାର ଉଦ୍ୟାନ ଉପରେ ।
ଝର୍କାମାନ ଭରି,
ଭରି ଦେଇ କବାଟର ଫାଙ୍କ
ଅସହ୍ୟ ଔଜ୍ଜ୍ୱଲ୍ୟେ
ବପୁବନ୍ତ ସୂର୍ଯ୍ୟ ମୋର ଘରେ ।
ଏମିତି ଆସିଚି ଚଳି ।
ଏମିତି···ଏମିତି ।
ଏବଂ ନିଶ୍ୱାସ ମାରି
କହେ ପିତଳିଆ ସ୍ୱରେ,
          କର୍କଶ ଆବାଜେ—
“ମୋର ତେଜପୁଂଜେ
          ଦେଇଚି ଲଗାମ ।
ସୃଷ୍ଟି ହେବା ଦିନଠାରୁ
          ଏଇ ସେ ପ୍ରଥମ ।
ତୁମେ ମୋତେ କଲ ନିମଂତ୍ରଣ ।
ତେବେ, କବି, ଚା କାଢ଼ି ଆଣ ।
ଏବଂ କିଛି ଜାମ୍ ।”
ଯଦିଓ ତାତିରେ ମୋର ଉଡୁଥିଲା
          ହଂସା,
ଝାଳନାଳ ସୃଜୁଥିଲା ବନ୍ୟାପାଣି
          ଘରେ,
ତଥାପି ଧରିଏ ଷ୍ଟୋଭ୍—
“ଆସ୍ତୁ, ବସ, ବସ ।
କମ୍ରେଡ଼୍ ଜ୍ୟୋତିଷ୍କ ।”

Digitized by srujanika@gmail.com

ନଷ୍ଟେ ସୟତାନ ମୋତେ
କୁହାଇ ତା ଥାନ୍ତା ।
ନୋହିଲେ ଔଦ୍ଧତ୍ୟ କାହିଁ
ସୂର୍ଯ୍ୟ ଯାକେ ଗଲା ?
ଭୟରେ ମୁଁ ଶୁଷ୍କ ।
ବସିଲି ମୁଁ ଚୌକିର ଗୋଟାଏ କଣରେ ।
ଭୟ ହୁଏ, କାଳେ କଣ ଘଟିବ ଏଥା ପରେ !
ସୂର୍ଯ୍ୟ କଂରୁ ସହାସ, ପ୍ରସନ୍ନ ।
ଏକ ଅଦ୍ଭୁତ ରେଶମୀ ଆଲୁଅ
ଢାଳେ ।
ବିରକ୍ତର ଜମା ନାଇ ଚିହ୍ନ ।
ଏବଂ କ୍ରମେ
ମୁଁ ବି ହୋଇ ଉଠେ ଚେଂଗା ।
ଆରଂଭେ ମୁଁ ବାର୍ତ୍ତାଳାପ ଜ୍ୟୋତିଷ୍କ ସଂଗରେ ।
ଏ କଥା ।
ସେ କଥା ।
ଏବଂ ଶୀଘ୍ର
ହୃଦ୍ୟ ବନ୍ଧୁତାରେ
ଥାପୁଡ଼ାଏ ପିଠିକି ତାହାର ।

ସୂର୍ଯ୍ୟ ବି ତାଳି ରଖି ଗଲେ ।
କହେ !
"ଆଜ୍ଞା ସାଥି ! ମୁଁ କରେ ଘୋଷଣା
ଆଜିଠାରୁ ଆମେ ଯୋଡ଼ି ହେଲେଁ ।
ଚାଲ ଯିବା
ଚାଲ କବି,
ଆମେ ଗାଇଯିବା ।
ପୃଥିବୀର ଜଡ଼ତା ନାଶିବା ।
ଢାଳିବ ଆଲୁଅ ମୁଁ ଯେ
ତୁମେ କିଛି ହେବ ନାଇ ଊଣା

Digitized by srujanika@gmail.com

ଢାଳଦେବ ଗୀତଧାରା, ସଂଗୀତର କଣା ।
ତାପରେ ସେ ଶୂନ୍ୟ କଲା ତୂଣୀ ।
ରାତିର ଅଂଧାର ଆଉ ରାସ୍ତାର ରାଉଣୀ
ପକାଇଲା ଜାଲ ।
ଏଥର ମୋ ପାଳି
ସେମାନେ ଢାଳଂତୁ ଅଲୁଅ ।
ସୂର୍ଯ୍ୟ ଯେବେ କ୍ଳାଂତ ହୋଇପଡ଼େ
ରାତି ଯେବେ ହୁଏ ନଂଦୀଭୂତ;
ନବୋଧ ମସ୍ତିଷ୍କ ସବୁ ପଡ଼ଂଥି ଢୁଲାଇ
ସହସା ମୁଁ ହୁଏ ଅଗ୍ନି-ସ୍ଫୀତ ।
ମୁଁ ଢାଳେ ମୋ' ଆଲୋକ ସାମାନ୍ୟ ।
ତା'ପରେ ତ ଦିନ ହୁଏ,
ଶୁଣାଯାଏ ଆଲୋକ ଗର୍ଜନ ।
ସର୍ବଦା ଆଲୁଅ ଦେବା
ସର୍ବତ୍ର ଆଲୁଅ ଦେବା
ଏବଂ ଶେଷ ଯାଏ
ଆଲୁଅ ଢାଳିବା
ଏଇ ମୋର ଧେୟ ।
ଏବଂ ସୂର୍ଯ୍ୟର ବି ।

Digitized by srujanika@gmail.com

ଭ୍ଲ୍ୟାଡିମିର୍ ଇଲ୍ଇଚ୍ ଲେନିନ

(୧୯୨୪)

[ସୋଭିଏତ ୟୁନିଅନର କମ୍ୟୁନିଷ୍ଟ ପାର୍ଟି (ବଲଶେଭିକ) ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଲେନିନ୍‌ଙ୍କ ମୃତ୍ୟୁ ଉପଲକ୍ଷରେ ଏ କବିତାଟି ଲିଖିତ ହୋଇଥିଲା ।]

ସମୟ ହେଲାଣି—ଲେଖିବି ମୁଁ
ଲେନିନ୍‌ର କଥା
ଦୁଃଖର ବେଗ ଥମିଚି
ବୋଲି ନୁହେଁ ।
ସମୟ ହେଲା,
ଦୁଃଖର
ସେ ଶାଣିତ ଅଭିଯୋଗ
ହୋଇଚି ଯେଣୁ
ସ୍ପଷ୍ଟୀକୃତ
ବ୍ୟଥାରେ ପରିଣତ—
ମର୍ମତଳ
ଛୁଇଁଚି ଯାର
ଗମ୍ଭୀରତମ ମୂଳ ।
ସମୟ ହେଲା
ଯେହେତୁ ଫେର
ତାଙ୍କ ଧ୍ୱନିମାନ
ଝଡ଼ରେ ବିକ୍ଷୋଭିତ ।
ଆମେ କ'ଣ
କାନ୍ଦୁଥିବା
ବର୍ଷା-ପାଣି ପରି ?
ଲେନିନ୍

Digitized by srujanika@gmail.com

ଅଜ
ଜୀବିତ ପଣ୍ଡ
ସବୁଠାରୁ ବେଶୀ ।
ଅସ୍ତ୍ର ଆମ
ଜ୍ଞାନ ।
ଆଉ କ୍ଷମତା ।
ନାହିଁ ଭୁଲ ।

: ୨ :

ଲୋକମାନେ—ଜାହାଜ ପର ।
ବେଦନା
ସ୍ଥଳ ବାଧା ।
'ଏଷଣି'ର
ଗତିମାପକ ସଂକେ
ସେ ସେ ବଂଧା ।
ନାକରେ ଗୁଂଥା
ଦୌଡ଼ ସତ୍ତ୍ୱେ
ସଲଖ ରଖେ ମଂଗ ।
ଝଡ଼ର ଯେତେ
ଛିଂଗୁଣ ଝାଂପ
ସକଳ କର ଭଂଗ,
ଗ୍ରୀଲଚ ନଗ୍ନପଦରେ ତା
ସୂର୍ଯ୍ୟକରେ ଜଳ
ପୋତାଶ୍ରୟ ବେଗେ ।
ଆମକୁ କର
ଶୁଭ୍ର, ସାଫ୍ (ସମୁଦ୍ରର)'
ଶାଗୁଆ ଶିଉଳରୁ ।

Digitized by srujanika@gmail.com

ଜେଲ୍ ମାଛର
ଫିକା-କସର୍‌
ଅଠାଳିଆ ନାଳ୍ରୁ !
ମୁଁ ନିଜକୁ
ସାଫ୍ କରେ
ଲେନିନରେ ।
ଆଖିର ଦୂର
ଗମିବାକୁ
ବିପ୍ଳବ-ସାଗରେ !
ମୁଁ ଡରେ,
ଯେଉଁ ଶୋକ
କଲମୁ ବାହାରେ
ତରୁଣ ଲେଖକ
ରୂପେ
କପଟତା ଜାଲେ
ସେ ଅବା ଫୋପାଡ଼ି ଦେବ ମୋରେ ।
କାରଣ ସେ ଶିର
ଯଶ-ସ୍ମୃତି-କାନ୍ତିରେ
ଭାସ୍ୱର ।
ଅତି ସମୁଜ୍ଜ୍ୱଳ ।
ଉଦ୍‌ଗ୍ରୀବ ମୁଁ ତେଣୁ
ସେ ଭୁଷାଟା ନ ତାଂକେ ଯେପରି
ଖାଂଟି, ଖାସ୍
ବୁଦ୍ଧିମାନ,
ମନୀଷ ଲେନିନେ ।
କିଂବା ତା ପ୍ରବଳ ତନୁ ।
ମୋର ଡର,
ଶବାଧାର *
ସ୍ମୃତିର ମଂଦିର,

* ଲେନିନ୍‌ଙ୍କ Mousoleum

Digitized by srujanika@gmail.com

ଯେତେ ସବୁ
ସରକାରୀ
ଉତ୍ସବ ମୁଖର,
କଣଦେବ ତା
ପ୍ରଥମାର
ଦାସତ୍ୱ କାଏମ ।
ଯୋଡ଼ାଇ
ନରକ
ଅଭିଲେପ
ତାର ଲୋଭମନସ୍କ
ସରଳତା
ଏବଂ ଅଂତର୍ରୂପେ ?
ତା' ପାଇଁ ମୁଁ ଥରେ ।
ଯେମିତି ମୋ
ଆଖିର ତାରକା,
ନ କରେ ଯେପରି କଏ
ତାର ଅପମାନ
ଅତିରଂଜନରେ,
ରଂଗ-ଭରା
ସୌଂଦର୍ଯ୍ୟ
ପ୍ରଲେପେ ।
ମୋ ହୃଦୟ ତାର ସପକ୍ଷରେ ।
ଲେଖିବାକୁ ବାଧ୍ୟ ହେଲି
କର୍ତ୍ତବ୍ୟ ପାଳନେ ।

: ୩ :

ସମଗ୍ର ମସ୍କୋ

ଝୁମଜଡ଼;
ପୃଥିବୀ କଂପୁଛି ।
ଜାହାଜ-ବଂଶୀରେ ।

Digitized by srujanika@gmail.com

କେଉଁଠୁ ସେ ଆସିଥିଲା ?
କଏ ସେ ?
କଣ ବା କରଚ ?
କାହିଁକ ବା
ଏତେ ସଂଭ୍ରମେ
ଧୂମଧାମେ
ହେଉଚ ସତ୍କାର ।
ଶବ୍ଦ ପରେ ଶବ୍ଦ
ଟାଣି ଆଣେ
ସ୍ମୃତି-କୋଷ୍ଠ
କିଂତୁ କିଛି ତାହା
କରେ ନା ପ୍ରକାଶ,
ଲେପ ପାଏ ମନର ଚଟାଣେ ;
ପୃଥିବୀର ଶବ୍ଦ କାରଖାନା
ଏଡ଼େ ନା ଦୁର୍ବଳ !
ଯଥାଯୋଗ୍ୟ ଭାଷା
କେଉଁଠି ମିଳିବ ?
ଆମର ରହିଚ
ସାତ ଧନ,
ବାରଟି ଅଲ୍ପାୟୁ ଘଂଟା,
ବ୍ୟବହାର ପାଇଁ
ତା'ଠାରୁ ବେଶୀ ନୁହେ
ବଂଚିବାର ଆୟୁ ।
ମୃତ୍ୟୁ ଆସେ
କାରଣ ନ ଦେଇ ।
ଯଦି ସମସ୍ତ
ଘଣ୍ଟା ସଂଗେ ନାଇ ମଲେ !
କିଂବା ଯଦି ବର୍ଷ-ପଂକ୍ତି
ସଂଗେ
ଖାପ ଖାଏ ନାଇ-
ଆମେ ତାକୁ କହୁଁ

Digitized by srujanika@gmail.com

ଯୁଗସଂଧି
ବା 'ବିଶିଷ୍ଟ କାଳ'
କହୁଁ 'ଯୁଗାଂତର' ।
ଆମେ ଘଡ଼ିଗୁଡ଼ାକ
ଶୋଇଯାଉଁ ।
ଦିନମାନଂକରେ
କରୁଁ କର୍ତ୍ତବ୍ୟ ପାଳନ ।
କଳାକୁ ଚହ୍ନୁଁ
ଧଳା,
ଏବଂ କର୍ମହୀନତାକୁ
କରୁଁ ସମର୍ଥନ ।
କିଂତୁ ଆଉ ଜଣେ
ପଥ ନିର୍ଦ୍ଦେଶଂତା
ଆମ ପାଇଁ
ଘଟନାର ତୋଡ଼,
ବଦଳାଇ ଦିଅଂତା,
ସମୟର ମୋଡ଼,
ଆମେ କହୁଁ, ସେ 'ତ୍ରାତା'
"ସେ ଦେବଦୂତ" ।
କହୁଁ, ସେ ଏକ
"ପ୍ରତିଭା ଅଦ୍‌ଭୁତ ।"
ଆମେ କେବେ
ଭଂଡାମି କରୁନା,
ନ ଡାକିଲେ
ଠେଲ୍‌ପେଲ୍
ସଭାକୁ ଆସୁନା ।
ଷାର୍ଯାଂକ ସ୍ନେହର
ଦେଉଁ ସଦୁତ୍ତର ।
ବେଶ୍ ଥାଉ
ଚୁପଚୁପ,

Digitized by srujanika@gmail.com

ଆମେ ତ ଆମର'
ଯଦି
ଦେହ ଓ ଚେତନା
ଦ୍ୱୟ
ହୋଇଯାଂନ୍ତି ଏକ ।
ଉଚ୍ଛୁଳ ପଣ୍ଡିତେ
ସଚରାଚର
ଯାହା କି ହୁଏନା,
ଆମେ ତ କହନ୍ତେ
କରି ଉଚ୍ଚସ୍ୱର
"ପୁରୁଷସିଂହଟେ"
ଏକା ।
"ଈଶ୍ୱରଂକ ଦାନ"
କହୁଁ ଖୋଲ୍ କଂଠତଳ ।
ଏମିତ ତ କୁହାଯାଏ ।
ଏଥିରେ ଚତୁର୍ କିଂବା ବୋକା ପ୍ର
ନାଇ ।
ଏ ସବୁ ସ୍ୱଭାବ-ଜନ୍ତୁ
ନିଜ ଗୁଏଁ ଯାଏ ସେ ମିଳାଇ ।
ଅତି ସ୍ପଷ୍ଟ ।
ଏଭଳି ଅଂଡାଖୋଳ ତଳୁ
ଛୁଆ ଉଠାଇବା କଷ୍ଟ ।
ହାତଦ୍ୱାରା କରିବା କଚ୍ଛଟା
କିଂବା ମୁଂଡରେ ପାଂଚିବା
ଅସଂଭବ ।
ଏ ସମସ୍ତ ମାପକାଠି
କପରି ପାରିବ
ଲେନିନକୁ କଳି ?
କାହିଁକି—
କଏ ଏହା ଆଖିରେ ଦେଖିନି
ତାଂକ ଦରଜାରେ ଯେବେ 'ଯୁଗ' ଗଲ୍ ଗଲା ।

Digitized by srujanika@gmail.com

ଚକ୍ଷୁକାଠେ ମୁଂଡ ତାର
କେବେ ତ ବାଜନ ।
ନିଶ୍ଚୟ ଯେ
ଲେନିନ୍ କେବେ
ଜନତାର ହୋଇନ ଶିକାର ।
"ନେତା ସେ ଯେ
ଈଶ୍ୱରଂକ
କରୁଣାର ଦାନ ।"
ଯଦି ସିଏ
ହୋଇଥାଂତେ
ରାଜଭକ୍ତ କିଂବା ଧର୍ମପ୍ରାଣ,
ଶ୍ୱେତରକ୍ତ
ନିୂଜ ସ୍ନେହେ
ହୋଇ ଅଗ ବାଣ—
ଏ ଶୋଭାଯାତ୍ରାର
ଆଗେ
ବସିଥାଂନ୍ତ ଶ୍ୱେତ ମୁ ତ ବାଟ ।
ଶବବାହୀ ଗାଡ଼ି
ଆଉ
ଜନତାରେ କରଂନ୍ତ ବିଭାଟ
ମୋତେ ଯେଉଁମାନେ
ଟାଣିନେଇ
ବୁଜିଦେବା ଆଗରୁ ମୋ ପାଟି
ଅସମାନ ଆଡ଼େ
ମୁଁ ଗୁଡ଼ଥାଂନ୍ତି
ନିଂଦା-ବାଣ, ଘୃଣାର ଭ୍ରୁକୁଟି ।
ଉତ୍କର୍ଣ୍ଣ କାନଂକ ପାଇଁ
ନିଂଦା-ବାକ୍ୟ ଅଭାବ କି ଥିଲା ?
ଚିଂଗିଥାଂନ୍ତି
ମୁଁ ଯେ ବୋମା

Digitized by srujanika@gmail.com

କ୍ରେମଲିନ୍ ପରେ
"ଧ୍ୱଂସହେଉ" ସ୍ୱରେ ।
କିଂଶୁ କି ଦେଖୁଚ
କଫିନ୍ ଚୌହଦେ
ଜେରଜିନସ୍କି * ମୁଠା
ଅଛି ଟାଣ ।
ବର୍ତ୍ତମାନ ଚେକା
ଖୁଲିଯାଇ
ନିଗପଡେ ଗୁଡ଼ି ସେଇ ସ୍ଥାନ ।
କୋଟି ଆଖି
ମୋ ଯୁଗଲ ଚକ୍ଷୁ ପରି
କରେ ଅଶ୍ରୁ-ସ୍ନାନ ।
ବଢ଼ିଗଲେ ଲୁହ
ଲାଲ୍ ଗାଲେ ଅଶ୍ରୁ କଣା
ପାଲଟେ
ବରଫ ।
ଈଶ୍ୱର
ଅଭ୍ୟସ୍ତ ସେ
ପାଇବାରେ ସରକାରୀ ସ୍ତୁତି ।
ନାଃ
ଆଜି ପ୍ରିଏ
ଦେଇଛି୦ଥ ପ୍ରକୃତ ଶୋକ ।
ମର୍ମଂଭୁଦ, ହୃମଜଡ ଦୁଃଖ ।
ଆମେ ଏବେ
ଦେଉଛୁଁ କବର
ସବୁଠାରୁ ପାର୍ଥିବ ଯା
ସବୁଠାରୁ
ପ୍ରିଏ ବେଶୀ

---

* D'zerzhinsky—Chief of the Cheka ଯାହାର ଅର୍ଥ "Extraordinary Commission for Combating Counter Revolution. ପ୍ରତିବିପ୍ଳବ-ବିରୋଧକାରୀ କମିଟିର ମୁଖ୍ୟ କର୍ତ୍ତା ।

Digitized by srujanika@gmail.com

ବଂଚଥିଲ
ମଣିଷର ମେଳେ
ଏଇ ପୃଥିବୀରେ ।
ଯିଏ ପୃଥିବୀର
ଏଥିରେ ସଂଦେହ ନାଇଁ;
କିଂତୁ ନୁହେ ସେ-ପ୍ରକାର କିଛୁ—
ନାକ ଯାର
ନଜର ବଂଦୁକି ଗୁଡ଼ି
ଦେଖିପାରେ ନାଇ ଅନ୍ୟ କିଛୁ ।
ସମଗ୍ର ପୃଥିବୀ
ଥିଲ ଚେତନାରେ
ତାର ଯେ ବିଂବିତ ।
ଦୃଷ୍ଟିରେ ତା
ନୂତନ ଦୁନିଆ
ସୃଜିଥିଲ
ନୂତନ ସଂକେତ ।।
କାହିଁକି,
ଥିଲ ସେ ତ
ଏକଇ ମଣିଷ
ତୁମ ଆମ ପରି,
ଏତକ ତଫାତ୍ ଯେ
ବଡ଼ ଢଂଗା
ତାର ଆଖିପତା
ଦେଉଥିବ ଯାଉ ।।
ଓଠ ତାର ଟିକେ ବେଶୀ
ବକ୍ରୂପ-ଶାଣିତ
ଟିକେ ମାଂସଳ ତା' ।
କିଂତୁ ଏହା ବୋଲି
ଅତ୍ୟାଗ୍ରହୀ ଦୃଢ଼ତାର ଚିହ୍ନ
ସେଥିରେ ନ ଥିଲ ।

Digitized by srujanika@gmail.com

ଯାହା ଧରି ରକ୍ତ
        ଟାଣିବ ଆମକୁ
                ତା ରଥ-ଚକ୍ରରେ ।
            ଅକରୁଣ ପଥର ଘର୍ଦ୍ଦରେ ।
ସାଥୀଙ୍କ ସକାଶେ
        ଥିଲା ତାର ପ୍ରେମ
        ଅତ୍ୟନ୍ତ କୋମଳ ଆଉ
        ମାନବିକ ଅତି ।
ଶତ୍ରୁଗଣ ପ୍ରତି
        କ୍ଷମାହୀନ ଇସ୍ପାତର ଶକ୍ତି ।
ଠିକ ଆମ ପରି
        ଜାଣିଥିଲା ସିଏ
            ବ୍ୟର୍ଥତା ଦଂଶନ,
ଆମ ପରି
        ଭୋଗୁଥିଲା
            ବେଲ୍ମରେ
            ରୋଗେ ଅବସନ୍ନ ।
ଦେଉଚ ନଜର :
        ବଲ୍‌ଶଆର୍ଡ୍ରେ ପ୍ରାଣ ମୋ ଆତୁର
ତାଙ୍କ ଡ୍ରିପ୍ସ ଫେଲ ଟେମ୍
        ନେତାଙ୍କର ଯାହା
                ଦରକାର ।
ଶତ୍ରୁଙ୍କୁ ଯାଇ
        ସେ ଭେଟଇ
                ଆପଣା ଶତ୍ରୁରେ ।
            ଲୁପ୍ତ ଯେ ଆମ ମାଂସଡଲେ ।
ବନ୍ଧୁ ଲୋକ, ବନ୍ଧୁ ଶ୍ରେଣୀ—
        ମାନଙ୍କୁ ଚଳାଇ
ଛୁଡ଼ାକଲେ   ସେ ଏବ
        ଶ୍ରମଜୀବି-ମାନବିକ,
        ଏକଛତ୍ର ରାଜ ।

Digitized by srujanika@gmail.com

ଆମର ଏ ରାଜଧାନୀ ପରେ
 କୋଠାସବୁ ଥିଲା ଯାହା ନେଲି—
ତାହା ଭାଂଗି
 ସ୍ଥାପିଲେ ସେ ନୂଆ ଜନରାଜ୍ୟ ॥
ତାଂକୁ ଆଉ ମୋତେ
 ଭଲ ଲଗେ
 ଏକା କଥାମାନ,
ତଥାପି ମୁଁ
 ତାଂକ ସାନ୍ନିଧରେ
 ଆସିଚ ଯେ ସବୁଠାରୁ କମ।
ମୋ ଜୀବନ
 ଦେଇପାରେ ତାଳ
 ତାହାଙ୍କ ତଂଦ୍ରାରେ।
 ମୁଁ ଅଜାଡରେ
ନେବାକୁ ସେ ଗୋଟିଏ ନିଶ୍ୱାସ ।
କାହିଁକି, ମୁଁ ଏକା ନୁହେଁ,
 ମୁଁ କେଉଁ ସ୍ତର—
 କହିବାକୁ ଏ କଥା ଆରଂଭ ?
ଝାଳ ଟିକେ ଓଠର କଂପନେ
ଲୋଡ଼ା ନାଇ ଖୋଲିବାକୁ ପାଟି,
 କିଏ ତମ ମଧ୍ୟେ
ଗୁଣ୍ଡ ତମ ଗ୍ରାମ, ଖଣି,
 ଆଉ ତମ ନିଜ ଚମଡ଼ାଟି
ନ ଆସିବ ଛୁଟି
 ସହଜାତ ପ୍ରବୃତ୍ତିଗ୍ଭଳିତ,
 ସଂତର୍ପଣେ ଟ୍ରାମଓସ୍ତେ ତେଜି
ଯେମିତି ମାତାଲ ଲୋକେ
 ଦୁଃଖରେ ପୀଡ଼ାରେ ?
କିଂତୁ କିଏ ସେ
 କାଂଦଚ ତୁମେ
 ମୋର ଏକ କ୍ଷୁଦ୍ର ମୁଖ ପରି

Digitized by srujanika@gmail.com

ଘଟିଚ ଯା ଶୋକ କଣ
ତାର ସେଇ ମହାନ ମୃତ୍ୟୁରେ ?
ସମସ୍ତେ ପତାକା ଧରି
ଅବା ଖାଲି ହାତେ
କରୁଛନ୍ତି ଚଲାବୁଲା କେତେ !
ଯେମିତି ବା
ଅଗାତରେ
ଯାଯାବର ରୁଷ
ଏକାସଂଗେ କରିଚ ଆରଂଭ
ଯାତ୍ରା ତାର ଫେର ।
ସନ୍ଧି-କ୍ଷଣ ସ୍ତଂଭ
ଥରେ,
ଲୋକେ ଲୋକାରଣ୍ୟ ।
କ'ଣ ତା କାରଣ ?
କାହିଁକି ?
କ'ଣ ବା ହୋଇଚ ?
ଶବଯାତ୍ରା ତୁମେ
ଟେଲିଗ୍ରାଫ୍ କର୍କଶ ଧୁମ୍ରରେ ।
ଶ୍ରେଷ୍ଠ ଶ୍ରେଷ୍ଠ ପତାକା ପ୍ରାଂତରୁ,
କଷାୟିତ ଚକ୍ଷୁ-ତାରୁ
ହିମ-ଅଶ୍ରୁ ଝରେ ।
କେଉଁଠୁ ସେ ଆସିଥିଲା
କିଏ କିଏ ?
କରିଥିଲା କି
ସେ—
ସବୁ ମଣିଷଂକଠୁ ଯେ
ବେଶୀ ମାନବିକ—
କିଏ
ସେଇ ଜନ ।

Digitized by srujanika@gmail.com

ଆମର
　　ଗୋଟିଏ ଅଂଶ,
　　ଅଥଚ ଆମଠୁ ଭିନ୍ନ ।
ୟୁଲିନାଭ *
　　ଷଣ୍ଢାସ୍ଥୀ
　　　　ଜୀବନକୁ ଦେଖୁଁ
ମଣିଷଂକ
　　ସାମନାରେ
　　　　ହେଲା ନିର୍ବାପିତ ।
ମାତ୍ର ସାଥୀ
　　ଲେନିନ୍‌ର
　　　　ଜୀବନ ଅମର ।
ଲିଖିତ ପଠିତ
　　ହେବ
　　　　ତାହା ବାରଂବାର ।
ବହୁ ବର୍ଷ ତଳେ
　　ପ୍ରାୟ
　　　　ଦୁଇଶ ବର୍ଷରେ
ପ୍ରଥମେ ପ୍ରକାଶ
　　ପାଏ
　　　　ଲେନିନ୍ ଖବର ।

: ୫ :

ଶୁଣୁଚ କି,
　　ଅଦ୍ଭୁତ ରକେଟ
　　　　ଧାଏଁ ଗର୍ଜିକ, ଦ୍ରୁତ—
ଭେଦ କାଳ——

* ୟୁଲିନାଭ—ଲେନିନଙ୍କ ନାମର ସଂଜ୍ଞା ୟୁଲିନାଭ ଥିଲା । 'ଲେନିନ' ଏହି ଛଦ୍ମନାମରେ ସେ ପରେ ପ୍ରଖ୍ୟାତ ହୁଅନ୍ତି ।

Digitized by srujanika@gmail.com

ସୁପ୍ରାଚୀନ
ସମସ୍ତର ସଂଧି ।
ଶୁଭେ ସ୍ୱର
ପିତାମହ
ଷ୍ଟିଫେନ୍‌ସନଂକ—:
ପ୍ରଥମ ବାଷ୍ପୀୟ ଯାନ
ଇଂଜିନର ଡାକ ।
ମହାମାନ୍ୟବର
କ୍ୟାପିଟାଲ୍ *
ସେତେବେଳେ
ମୂଲ୍ୟ-ବିହୀନ,
ଗ୍ରାମ୍ୟ-ଶିଳ୍ପ କେଂଦ୍ର
ଏବେ
ବାଷ୍ପ-ସଂସ୍କୃତ ।
ନଗରୀ ଲୁଂଠନରତ,
ଯାହା ପାଏ
କରୁଛି ନଖାଘାତ ।
ଭରି ତାର ତଳପେଟ
ନଗଦ ଟଂକାରେ :
ତେଣେ ବେଂଚ୍ ପରେ
ଚର୍ମସାର କୁଳାଂକର ଭିଡ଼—
ଶ୍ରମଜୀବୀ ଶ୍ରେଣୀ ।
ଆକାଶକୁ ଧମକାଇ
ଗୁଡ଼ୁଂଚି ସେ
ଧୂଆଁର କୁଂଡଳୀ ।
"ଆମ ସଂଗେ
ବାଟ ଖୋଲ
ସ୍ୱର୍ଣ ଉଦ୍ୟମର ।
ଆମେ ଦେବୁଁ ଜନ୍ମ
ଜଣେ କଏ ହୋଇବ ସଂଭୂତ,

* Capital—ପୁଂଜିବାଦ

Digitized by srujanika@gmail.com

ଜଣେ ଲୋକ—
ବେତ୍ରଧାରୀ
ଲଢୁଆ ଓ
ପ୍ରତିଶୋଧକାରୀ ।
ସମସ୍ତଙ୍କୁ କରିବ ଯେ ମୁକ୍ତ ।”
ଆକାଶରେ ଧୂଆଁ
ଆଉ ମେଘ ଏକଜୁଟ ।
ଓ ବାଂଧି ଗୁଡ଼ିଛନ୍ତି
ଯଥା ପଦାତିକ ।
ପ୍ରତିଦିନ ହୁଏ ଦ୍ୱିଗୁଣିତ ।
ଧୂଆଁ କରେ ମେଘକୁ ସ୍ପଂଦିତ ।
ବଢ଼େ ମାଲ, ବଢ଼େ ଉତ୍ପାଦନ ।
ଦାରିଦ୍ର୍ୟ ବି ବଢ଼େ ।
ମାଲିକ ଏକ ଚାଲୁ ସମ୍ଭ୍ରାନ୍ତ
ଉଚ୍ଚ ପିଂଧି କାଳିଆ ପୋଷାକ ।
ଜନସର ଭାଷ୍ଣ
ବଢ଼େ ଛୁଟେ,
ଉଚ୍ଚାରେ “ସଂକଟ”—
ସୁଂଦର ମିଠେଇ ସବୁ
ମାଛିରେ ସଂକୁଳ ।
ଏଲ୍‌ଭେଟର
ଅଣଶ୍ୱାସ;
ପଶୁ ଶସ୍ୟ ବନ୍ଧ ।
ପ୍ରତିଟି ଝରକା
ପ୍ରତି ଓ୍ୱେଷ୍ଟ ଏଂଡ
ରାସ୍ତା ଘରେ—
ମଗ୍ନମତ ଅଭାବରୁ
ଜୀର୍ଣ୍ଣଶୀର୍ଣ୍ଣ
ଭାଂଗିଭୁଂଗି ପଡ଼େ ।
ଏବଂ ସହରତଳି, ବସ୍ତି ଓ

Digitized by srujanika@gmail.com

ଅଂଧାରେ
ଛୁଆଁପଲେ କରଂତ ଚିତ୍କାର :
"ଏଠି ବନ୍ଧୁ ଖାଲି ହାତ—
କରିବାକୁ କାମ;
ଧରିବାକୁ ବଂଧୁକ ସେ
ସର୍ବଦା ତତ୍ପର ।
ଶୀଘ୍ର ଆସ,
ରକ୍ଷାକାରୀ,
ପ୍ରତିଶୋଧ ନେବାର ଏ ବେଳ ।
ହୁଃ !
ତମେ ଯେତେ ଓଟ
ଛୁଟ
ଉପନିବେଶ ସଂଧାନେ,
ହୁଃ !
ମୃତ୍ୟୁ-ବୋଝାଇ
ଜାହାଜ ସବୁର
ମାସ୍ତୁଲ-ସମୂହ !
ମରୁଭୂମି ଦେଇ
ମାର୍ଚ୍ଚ କର,
ହେ ଲୁଂଠନକାରୀ !
ସଭ୍ୟତା
ବିସ୍ତାର କର,
ଉପଦଂଶ, ବାଇବେଲ ଓ
ଗ୍ରୁବୁକ ବତର ।
ଶୀଘ୍ର
ଯେତେ ତୃଣ-ଭୂଇଁ
ମରୁଭୂରେ ଅଛୁ
ଶାଂତ ତାର ହେଉ ବିଷମୟ
ବିଦେଶୀ ନିଶ୍ୱାସେ ।
ସେଠି ଟୂଆଁ ପଜ ବଲ
ଆଉ

Digitized by srujanika@gmail.com

ରବରର ନିଗ୍ରୋ ଜଂଗଲେ

ନିଗ୍ରୋ ଏକ
ସ୍ନବୁକରେ
ମାଡ଼ ଖାଇ ମରେ ।
"ଓଃ-ଓଃ-ଓଃ-ଓଃ-ଓଃ
ଓଃ-ଓଃ-ଓଃ
ନାଇଲ୍ ମୋ ନାଇଲ୍ !
ଭଲା
ଓ ଜୁଆର
କଳା ଧନ ଗୁଚ୍ଛ
କୃଷ୍ଣତର ହୁଏ—
ନେପର ଗୃହରେ ବଶେ ମୁହଁ ।
ଏବଂ ନିଆଁ
ଜଳେ ଲାଲତର
ରକ୍ତଠାରୁ ଢେର ବେଶୀ ଲାଲ୍ ।
ସେ ଏଇ କଳା କଫି
ଯାହା ତୋଳ,
ଯାହା ପିଅ ବସି
ସବୁ ମୋଟା ପେଟର ଭିତରେ
ଫାଟିବ, ଫୁଟିବ
ଟବ ଟବ ହୋଇ,
ଧଳା କଳା
ଭେଦ ସେଠ ନାଇ ।
ପ୍ରତି ଟୁଫିର
ହାଡ଼-ଦାନ୍ତ
ଗୋଳା ହୋଇ
ଫୋଡ଼ଦେବ
ସେମାନଂକ
ଅଂତବୁଜୁଲାକୁ
ଠିକ୍‌ଠିକ କରି ।

Digitized by srujanika@gmail.com

ମୋ ରକ୍ତ ବୋହିବ ଯେଣୁ
ଭବିଷ୍ୟତ ପାଇଁ ।
ବୃଥା ନୁହେଁ,
ଆସ ଯାତ୍ରା
ଲାଲ ସୂର୍ଯ୍ୟରଥେ ।
ମୁଁ ମରେ,—
ମୃତ୍ୟୁର ଦେବତା ପାଖେ,
ଡାକେ ମୋତେ ଯିଏ
ମନେରଖ
ମୋ ମୃତ୍ୟୁର ଅଭିଶାପ,
ନାଇଲ୍ ମୋ ନାଇଲ୍ ।"

: ୭ :

ଋଷିଆର ଶୁଭ୍ର ଊଷାରରେ,
ଟ୍ରପିକ୍ସର ରକ୍ତ ଆଉ ଝାଳେ ।
ଆସଂଖ୍ୟ ମିଠାଇବାଲା
ମୁନାଫା ଶିକାରୀ
ଆଇଭାନ୍ ଭନୋର *
ଇଟାର ଗାଁଥଣି
ହୁଏ ଯେ ବନ୍ଧ୍ୟ,ତ
ପଲ୍ଲିଗୀଡ଼ ଲମେଣ୍ଟ ତାନେ ।
ହେ କାରଖାନା !
ମୋ କାରଖାନା !
ହୃଦ୍‌ତନସ୍ୱନା !
"ସମସ୍ତଙ୍କ ପାଇଁ
ଆସେ
ନୂତନ ସମୟ ।"
ଫ୍ରେଂକା ଭେଜନ୍ ଗାଏ ।

* ଏକ ପୁରାତନ ଲିଲିନଗର ।

: ୮ :

ନାତିମାନେ ପଚାରନ୍ତି
"ପୁଞ୍ଜିପତି
କାହାକୁ କହନ୍ତି ?"
ଆମ ପିଲାଙ୍କୁ
ପଚାର ଏବେ
ପୁଲିଶମ୍ୟାନ୍ କିଏ,
ସେମାନେ ଜାଣନ୍ତି ?
ନାତିମାନଙ୍କ ପାଇଁ
ଲେଖେ ମୁଁ
ଶ୍ରେଷ୍ଠ ତାଲିକା ଏକ
ପୁଞ୍ଜିବାଦର
ବଂଶାବଳୀ
ସେଥିରେ ଉଲ୍ଲେଖି ।
ପୁଞ୍ଜିବାଦ
ପିଲାଦିନେ
ନ ଥିଲା ତ ମନ୍ଦ ।
ଜଣେ ବ୍ୟସ୍ତ ଲୋକ ।
ପ୍ରଥମେ ଜଣେ
କାମ କରିବା ବାଲା
ତାର ତେବେ ନ ଥିଲା କିଛି ଭୟ—
ମଧ୍ୟଯୁଗୀୟ
ଟଣା ପିନ୍ଧା
ତା ପକ୍ଷେ ଖୁବ ଟାଣ ।
ଯଦିଚ ଆଜିକାଲି
ପ୍ୟାଣ୍ଟଗୁଡ଼ା
ବେଶୀ ନୁହେ ଢିଲା ।
'ପୁଞ୍ଜିବାଦ'ର ଆସର
ବଢ଼ିଗଲା
ବିପ୍ଳବର ଦ୍ୱେରୁ

Digitized by srujanika@gmail.com

ଏପରିକି ଗାଇଲା ସେ
“ମାର୍ଶାଲିଜ୍”
ଉଡ଼ାଇ ଏକ କେତୁ ।
ସେଇ ପ୍ରଥମେ
ଉଦ୍‌ଭାବନ
କରିଲା ମେସିନ୍
ଲେକେ ଓ କଳମାନେ
ହୋଇଲେ ତାଙ୍କ କଣା ।
ସାରା ଦୁନିଆଯାକ ଏପରି,
ଜଣା ଓ ଅଜଣା ।
ରାଜ ରାଜୁଡ଼ି, ଜମିଦାରୀ
ସବୁ ସେ ଦିଏ ଗ୍ରାସି ।
ବଡ଼ ବଡ଼ ଇଗଲ୍-ଅଂକା
ଅଳଂକାର ରାଶି ।
ମୋଟା ବନ୍ଧେ ବାଇବେଲ୍‌ର
ସାତଟି କୁଣକାସ୍ତ୍ର
ଗାଇମାନଂକ ପରି ।
୫୦ ଗୃହେ—;
ପାର୍ଲିଆମେଂଟ
କାଭ ସେ ତାହାର ।
କଂଠୁ ତାର ଲୁହାର ପେଶୀ
କମେ ହୁଏ କ୍ଷୀଣ
ଅତଏବ ମୋଟା ଆଉ
ଫଂପା ବନିବାରୁ ।
ଶେଷେ ଦିନେ
ଦିଏ ସେ ଆସି ଦେଖା
ତାର ବଡ଼ ବଡ଼
ହିସାବଖାତା ଓଜନ ପରି ଖାଙ୍ଗ ।
ରାଜପ୍ରାସାଦ
ଉଠିଲା ଗଢ଼ି,
ଗୀର୍ଜା ହୁଏ ଛୁଡ଼ା ।

Digitized by srujanika@gmail.com

ଶିଳ୍ପୀମାନେ
ପ୍ରଭୁଂକ
ଖୁସି ଲାଗି
ଗଢ଼ିଲେ ଦନଗର।
ତା' ଗୃହଅଂଗେ
ବହୁତ ମୁହଁ
ମଣିଷ ଗଧ ମିଳି,
ସେ ମୁହଁ ପଛେ
ଗୋଇଂଦାଂକର
ଗୃହିଣୀ ଥିଲ ଜାଗି।
ମାଡ଼ ଓ ସୌଂଦର୍ଯ୍ୟକୁ
ଖାତର ସେତେ ନାଇ,
ସେସବୁ ଖାଲି
ମର୍କଟ-କଉଶଳ,
ଯେମିତି ତାର
ସଂଖ୍ୟାଧିକ
ରକ୍ଷିତାଂକ ଦଳ।
ଶେଷେ
ସେ ନିଜକୁ ଯାଏ ଝପି।
ବହୁତ ଉଠେ ଫୁଲି।
ଇତିହାସର ବାଟରେ ଖାଲି
ରହେ ସିଏ ପଡ଼ି,
ଯେମିତି ତାର ଦୋହଗ୍ର ଖଟେ
ରହିଥାଏ ପଡ଼ି।
ଦେଖିବା ତାକୁ ସୋଜା ନୁହେଁ
ବୃଥା ଅଟାଚ ପଣ,
ଗୋଟିଏ ରାସ୍ତା ରହିଚ ଖାଲି ଖୋଲା—
ବିସ୍ଫୋରଣ!
ଏ କଥା
ଶୁଣି କବିମାନେ
ଭୟରେ ଅନାଇବେ

Digitized by srujanika@gmail.com

ସମାଲୋଚକେ
    ଶୁଣିବେ ନାଇ,
        ଶିଖିବେ ନାଇ କେବେ ।
"ଏଥିରେ ଆତ୍ମା କାହିଁ
    ଏହା ଯେ ଗଦ୍ୟମୟ ।"
"କବିତା ନାଇ ଟିକେ ।
    ସ୍ରେ ଖବରକାଗଜ ବିଷୟ ।"
"ପୁଂଜିବାଦ" ଦେଖା
    ଜମା ନୁହେ
        ମିଠା
ଏହାଠୁ କେତେ ମଧୁରତର
    "ନାଇଟିଂଗଲ୍" ଶବ୍ଦଟା ।"
କିଂତୁ
    ମୁଁ ଆସିବି ଏ ପ୍ରସଂଗେ
        ବାରଂବାର ଫେର ।
ସ୍ଲୋଗାନ-ଲେଖନ-ପଟୁ
    ଲେଖନୀ ମୋ
        ମଣେ ସବୁ ମିଛ ।
ଏଟା ସେଟା ଲେଖିବ ମୁଁ କଷ୍ଟେ
    ବେଳେବେଳେ,
        କିଂତୁ ଏଇକ୍ଷଣି
ସବୁ
    ମୋ କବିତ୍ୱଶକ୍ତି
        ହେ ସଂଗ୍ରାମୀଶ୍ରେଣୀ !
ତୁମ ପଦେ କରୁଚ ଉତ୍ସର୍ଗ ।
'ସର୍ବହରା' ଶ୍ରୁତିକଟୁ ବଡ଼
    ଆଉ ଅଶୋଭନ
ସେମାନଂକ କାନେ ।
    "ସାମ୍ୟବାଦ" ତାଂକ ପାଖେ
        ରାତର ଦୁଃସ୍ୱପ୍ନ ।

Digitized by srujanika@gmail.com

ଆମ ପାଖେ
ସେ ଶବ୍ଦଟି
ସଂଗୀତର
ସତେ ଶୃଂଗ-ଚୂଡ଼ା ।
ସେଥିରେ ମିଶିଛି କେତେ
ମଣିଷର ସ୍ୱପ୍ନ ଆଉ
ଆଶାର ପାଖୁଡ଼ା ।
ଚଟାଣର ନମ୍ର ବୁକେ
ଥରେ ପଦଧ୍ୱନି,
ଦୋହଲୁଚି କବାଟ ଦୁଆର ।
ଭୂଇଁତଳ ଘରୁ ଆସେ ଗର୍ଜନ
ଭୀଷଣ
ସିଂହଚଢ଼ା କାଳପୁରୁଷର ।
"ଅଂଧାରକୁ ଡେଇଁ ଆମେ
ଛୁଇଁବୁ ଆକାଶ
ଉଦାର, ଉଜ୍ଜ୍ୱଳ ।
ବସ୍ତିର ଦୁର୍ଗଂଧ ଭେଦ
ଆମେ ଅଗ୍ରସର
ସୌରଭ-ପାଗଳ ।
କାଠ-ଖଟିଆରୁ ଜନ୍ମି
ଜଣେ କିଏ
ମୂଲିଆର ପୁଅ
ହେବ ସିଏ
ସର୍ବହରା ଦୁନିଆର
ଅଲିଭା ଆଲୁଅ ।
ନେତା ମଣିଷର ।
କିଂତୁ ସେମାନେ
ହୁସିଆର ଥିଲେ ।
ମୋଟା ପାସୁଲ
ଓ ଦାମୀ ମୃଦୁଗଂଧ
ପାଂଚ ଅଂଗୁଳିରେ

Digitized by srujanika@gmail.com

କ୍ୟାପିଟାଲର ଶବଟାକୁ
ଠେଲିଦେଲେ ଠିକେ,
ଏକ ମୁଠା ଲଂଙ୍ଗଅସେ
ଚପିବାକୁ ମଣିଷର ବେକେ ।
"ହତ୍ୟା କର ।"
ଦ'ଜଣ ମାନ୍‌କ ପାଇଁ
ହୋଇପାରେ ସବୁ ।
ପ୍ରତି ଗ୍ରାମ ଭ୍ରାତୃ-କନ୍ଦନର
କବର ଗ୍ରମସ୍ତି ;
ପ୍ରତିଟି ନଗରୀ
କୁଣର ଫ୍ୟାକ୍‌ଟରୀ ;
କାମ ଫଟେ ।
ଗ୍ୟ' ପାଇଁ ସଜଡ଼ା ଟେବୁଲ୍ ।
ବିଜୟର ଫଳ
ଯାଇ ତାଂକର ମୁଠାରେ
ହେଲା ସବୁ ଠୁଳ ।
ଶୁଣ,
କବରର
ବଡ଼ଂବଡ ଧ୍ୱନି,
ଆଶାବାଦୀମାନଂକର
ଗ୍ରମଚାଳି-ଚାଳ ।
ପୃଥ୍ୱୀ ଥରେ
ଦେଖା ହେବ
ଲଢ଼େଇ କ୍ଷେତ୍ରରେ
ସେତେବେଳେ
କରବୁଁ ନି କ୍ଷମା
ତୁମ ପାପ ଛଳେ ।
ସେ ଆସିବ
ବୁଝାଶୁଝା ହେବ,
କରିବ ସେ ତୁମ ମୁକାବିଲା ।

Digitized by srujanika@gmail.com

ତମେ ଆଉ
ତୁମର କଂକର
ବିରୋଧରେ ଘୋଷିବ ସମର ।
ଯୁଦ୍ଧ ସେ ସକଳ ଯୁଦ୍ଧର
କରିବାକୁ ଇତି,
କରିବାକୁ ଚିର ଫଇସଲା ।
ପୃଥିବୀର ଲୁହ ସବୁ
ହୁଅଂତୁ ଝରଣା ।
ରକ୍ତକୋଷ ହୋଇ
ଘନୀଭୂତ
କରୁଁ ପ୍ରତାରଣା
ପଳାତକ ସ୍ୱପ୍ନଭୁକ୍ ମନେ ।
ଯେ ଦେଖଂତି
ସୁଖସ୍ୱପ୍ନ
'ୟୁଟୋପିଆ'ର
ବାସ୍ତବକୁ ଭୁଲି ପ୍ରତିଦିନେ ।
କଂରୁ ଉଦାରପଂଥୀ
ବିଶ୍ୱପ୍ରେମୀମାନେ
ମୁଂଣ୍ଡରେ ଅଳଆ ଭର୍ତ୍ତି
ସ୍ୟାଲ୍ ଖୁର୍ପୀ ପରି ।
ସେମାନେ ଯାଆଂତି ଭୁଲି
କୋଟି କୋଟି ଲୋକ
ଦାସ୍ୟ ଏବଂ ମୁକ୍ତିଭିକ୍ଷା ପଥେ
ପାଇବେ କି କେବେ ନିଜ ପ୍ରାପ୍ୟ
ଏପରି କି
ପୁଂଜିପତି
ନିଜେ ନପୁଂସକ ।
ତାର ନିଜ
ଯଂତ୍ରମାନେ
ମାନଂତିନି ବଶ ।

Digitized by srujanika@gmail.com

ସତେ ଅବା ଭୂକଂପରେ
ହୋଇଅଛୁ ଛିନ୍ନ
ତା' ସମାଜ ।
ସଂକଟ ଓ ଧର୍ମଘଟେ ।
ସବୁ ଛିନ୍ନଭିନ୍ନ ।
କାହାର ପକେଟେ
ଯିବ ଏତେ ଆମ ସୁନା ?
କାହା ସଂଗେ ଯିବା ଆମେ
କାହା ପକ୍ଷ କରିବା କାମନା ?
ରାଜଧାନୀ
ଘଂଟା
ବଢ଼ିଚାଲେ ।
ଏହାର
ଅତୀତ ଲୁପ୍ତ
ଅଂଧାରରେ ।
ସମୟରୁ
ଜାତ
ଭାଇ କାର୍ଲ୍ ଏ ଜଗତେ ।
ଲେନିନ୍‌ର ବଡ଼ ଭାଇ
ମାର୍କସ ।
ମାର୍କସ !
ଚାହିଁ ଦେଖେଁ
ଶୁଭ୍ରଶ୍ମଶ୍ରୁ ଛବି-ଫ୍ରେମେ ଦୋଳେ ।
କଳ୍ପନାରୁ କେତେ ଦୂରେ
ଜୀବନ ସେ
ବିତାଇ ନ ଥିଲେ !
ଲୋକେ ଏବେ ଦେଖୁଛଂନ୍ତି
ମାର୍ବେଲର ମୂର୍ତ୍ତି ।
ତାଂକର ଭାସ୍କୃତ ରୂପ ।
ଏକ ବୃଦ୍ଧ, ଗଂଭୀର ମୂରତି ।
କଂତୁ ଯେବେ ବିପକ୍ଷୀ ଶ୍ରମିକେ

Digitized by srujanika@gmail.com

ଉଠାଇଲେ ଆଦ୍ୟ ପଦକ୍ଷେପ
ବିପ୍ଳବର,
କି ଆବେଗେ
ସେ ହୃଦ ବିରାଟ
ଦେଇ ନାଇ ଲଂଫ !
ଯେପରି କି ପ୍ରତି ଶ୍ରମିକର
ବେଂଚ୍ ପରେ ଉଠିପଡ଼ି
ଧରି ତାର ହାତ
ଦିଅଂନ୍ତି ସେ ଝାଂକି ।
କାଢ଼ିଲେ ସେ
'ବଳକା ମୂଲ୍ୟ'ର ତଥ୍ୟ
ଏବଂ ଯେତେ ଲୁଂଠନର ହାତ
ସବୁ କଲେ ପକଡ଼ାଉ
ଚକଟେ ତ୍ୱରିତ ।
ଶ୍ରୀ ବର୍ଦ୍ଧିତପେଟ
ମାଲିକର ନାଭି
ପର୍ଯ୍ୟଂତ ଯେ ହେଲେ ହେବେ ଉଚ୍ଚ,
ସେ ମାର୍କସ ମୁରବ୍ବି
ପରି କରଂନ୍ତି ଇଂଗିତ
ଶ୍ରେଣୀ-ଯୁଦ୍ଧ
ଚଲାଅ, ଚଲାଅ ।
ସୁନାର ବାକ୍ସରୁ ଯିଏ
ପାଲଟିଚି ଷଂଢ
କର ତାକୁ
ଲଂଡଭଂଡ ।
ଆମର ବୁଦ୍ଧିରେ
ଯାହା ରହସ୍ୟ-ଘଟଣା
ଇତିହାସେ କରେ ବାଟବଣା !
ମାର୍କସ କାଢ଼ିଦେଲେ ତାର
ସୂତ୍ର ବିକାଶର
ଆବିଷ୍କାର କଲେ ସେ ନିୟମ

ଇତିହାସଟାର ।
ସର୍ବହରା ଶ୍ରମିକର
ହାତେ ଦେଲେ କଳ ।
ତାଂକର ଲତାବମାନ
ନୁହେଁ ତ କେବଳ
ପ୍ରୁଫ୍ କଟା କଟା ।
କିଂବା ଖାଲି ଅଂକ ଆଉ ଅକ୍ଷରର
ନିର୍ଜୀବ ସିରସ୍ତା ।
ମାର୍କସ
ଶ୍ରମିକଙ୍କୁ
ଛିଡ଼ାକଲେ ଆପଣା ଗୋଡ଼ରେ ।
ଆଗେଇ
ନେଲେ ସେ ତାଂକୁ
ଅଢ ଦର୍ପଭରେ ।
କହିଲେ :
ସଂଗ୍ରାମ କର
ପୁଂଜି ବିରୋଧରେ ।
କର ତାକୁ ଧୂଳିସାତ୍
କାତ୍ ।
ସେ ଆସିବେ ।
କାର୍ଯ୍ୟର ମଣିଷ ।
ବହିର ଲଢ଼େଇ ନୁହେ
ସଂଗ୍ରାମରେ ଦେବେ ସେ
ନେତୃତ୍ୱ ।
ସେ ମାର୍କସେ ମୁଁ ଜାଣେ ।
ତାଂକ ଶେଷ ଯୁଦ୍ଧ
ହୋଇଚ ସମାପ୍ତ
କମ୍ୟୁନର୍ ଲାଲ୍-ଝଂଡା
ମସ୍କୋର ବୁକୁରେ
କ୍ରେମଲିନ୍ ପରେ
ଯେଉଁ ଦିନ ହୋଇଲା ପ୍ରୋତ୍ଥିତ ।

Digitized by srujanika@gmail.com

ସଙ୍କଟସ୍ଥ
ବଢ଼େ,
ହୁଏ ସାବାଳକ ।
ପୁଂଜିର ମୂଳ ଭିତ୍ତି
ସଢ଼େ ।
ବିପ୍ଳବର ଡାକ
କରୁଚି ଉତ୍‌ଖାତ ତାକୁ ।
ବଜ୍ର ଡାକ
· ଶୁଣ
ଆଗାମୀ ବର୍ଷର ।
ମଣିଷର
ବିବର୍ତ୍ତନ
ଢାଳେ ରୁଦ୍ର ରୋଷ ।
ତାର ଅଭ୍ୟୁତ୍‌ଥାନ
ଘୋଷେ
ନୂତନ ଆକାଶ !
ଆମର
ଅଗ୍ରଜ
ପ୍ୟାରିସ୍‌ର କମ୍ୟୁନାର୍ଡଗଣ
ପ୍ୟାରିସ୍
ପାଚେରି ତଳୁ
ଆସୁଛିଂତ ଗୁଡ଼ି ଯେ ଗର୍ଜନ ।
ଶୁଣ ଭାଇମାନେ !
ଶୁଣ ସାଥିଗଣ !
ରଖିବ ସ୍ମରଣ ।
ବ୍ୟକ୍ତିତ୍ୱବାଦୀଙ୍କ
ହେଉ
ଶୀଘ୍ର ହିଁ ମରଣ ।
ଏକ ହୁଅ
ହୁଅ
ଐକ୍ୟବଦ୍ଧ,

Digitized by srujanika@gmail.com

ନିଜ ପାର୍ଟି
କର ମଜବୁତ ।
ସମସ୍ତ
ଶ୍ରମିକ ମୈତ୍ରୀ
ହୋଇଯାଅ ଏକ ।
ଏକ ହାତମୁଠା ।

କେତେକ
କହୁଁଛ "ଆମେ ନେତା ।"
ସେମାନେ କଂଟେଇ ।
ଶବ୍ଦର ମୁଖା ତଳେ
ଦେଖ କଣ କହୁଛଂନ୍ତି ସେଇ ।
ଆମ ନେତା ଯିଏ
ବଡ଼ ଯିଏ ଶ୍ରେଷ୍ଠ ବକ୍ତୃତାରେ ।
ସିଧା ଯିଏ ରେଲ୍‌ଠାରୁ,
ସରଳ ଯେ ବୁଝି ତୁଳନାରେ ।
ଶ୍ରେଣୀର ବଦଳେ ଘଣ୍ଟ ।
ବଦଳେ ଯେ ଚନ୍ଦ୍ରପଣ୍ଟ,
ଧ୍ୟାନ ଓ ବିଶ୍ୱାସ ।
ବଦଳେ ଭ୍ରଷ୍ଟାର ମୂଲ,
ପୃଥ୍ୱୀ ପୃରେ ଅବ୍ବାଳେ
କେଉଁ ଏକ ସୁବର୍ଣ୍ଣ ଚବରେ ।
ବଦଳାଚ ଅସ୍ତ୍ରଶସ୍ତ୍ର
ବଦଳେ ସଂଗୀନ ।
ସମଗ୍ର ୟୁରୋପ ଯେବେ
ଭସ୍ମେ ବାକ୍‌ହୀନ ।
ସାମ୍ୟବାଦ ଭୂତ
ତରେ ସେ କାକୁସ୍ଥ ।
ତେବେ ଜନ୍ମେ ଏକ ଦୂର ଗ୍ରାମେ
ଶ୍ରେଷ୍ଠ ସେ ଲେନିନ୍ ।

Digitized by srujanika@gmail.com

(୯ମ, ୧୦ମ ଓ ୧୧ଶ କ୍ୟାଂଟୋମାନଙ୍କରେ ଲେନିନ୍‌ଙ୍କର ଜୀବନର ଘଟଣାବଳୀ ଓ କାର୍ଯ୍ୟାବଳୀ ବର୍ଣ୍ଣନା କରି ମାୟାକୋଭସ୍କି ଏମ୍ନୋକ୍ତ ପ୍ରକାରେ କହୁଁଛ...)

: ୧୨ :

ଏକ ମ୍ୟୁଜିୟମ୍
ଯଦି ଏକ ଅଶ୍ରୁସିକ୍ତ
ବଲଶେଭିକର ପ୍ରଦର୍ଶନୀ କରେ—
ତେବେ ଦିନସାରା
ବହୁ ଲୋକ
ଦେଖିବେ ତାହାରେ ।
ଏଭଳି ଗୋଟିଏ ଦୃଶ୍ୟ
ଶହେ ବର୍ଷ ମଧ୍ୟେ
ହେବନି ଗୋଚର ।
ପାଂଚଟି ମୁନିଆ ତାରା
ଅଂକା ଗଲା
ପିଠିରେ ଆମର ।
ହ୍ୱାଇଟ୍-ଗାର୍ଡ୍‌ସ ଦଳ
ଆମର ଜୀବନ୍ତ ଦେହେ
ଜାପାନୀ ଇଂଜିନ୍ ପେଟେ
ଭରିଲେ କୋଇଲା ।
ମ୍ୟାମାନ୍‌ଟଫ୍‌ର ଚର
ଆମକୁ ପୋତିଲେ
ଜୀଅଂତାରେ
ମୁଂଡକୁ ତଳକୁ କରି ବାଲୁକା
ଗର୍ଭରେ ।
ସୀସା ଓ ଲୁହାରେ ଆମ
ପାଟି ବୁଜି ଦେଲେ ।
"ବଦଳାଅ ମତ" ବୋଲି କହି
ଦେଲେ ସେ ହୁକୁମ ।
ମାତ୍ର ତିନୋଟି
ପଦ
ମୁହଁ ବାହାରିଲା—

Digitized by srujanika@gmail.com

"ଦୀର୍ଘଜୀବୀ
ହେଉ
କମ୍ୟୁନିଜିମ ।"

: ୧୩ :

ଧାଡ଼ି ପରେ ଧାଡ଼ି,
ଟାୱାର
ପରେ ଟାୱାର ।
ଲୁହାର ଧାଡ଼ି
ଲମ୍ବେ
ଇସ୍‌ପାତ ଟାଓ୍ୱାର ।
ଜାନୁଆରି ୨୨
ଦିନାଂକ ।
ସୋଭିଏତ କଂଗ୍ରେସର
ସପ୍ତମ ବର୍ଷ ।
କ୍ରମେ ହଲ୍ ଉଠେ ଭରି
ବସିଲେଣି ଡେଲିଗେଟ୍
ସ୍ଥାନ ପୂର୍ଣ୍ଣ କରି ।
ଗୁଲିଥିଲି ଖୁସି ଗପ,
କଥା ଏଣୁ-ତେଣୁ
ଆରଂଭର ସମୟ ହେଲଣି ।
କଅାଁ ଏତେ ଡେରି !
ସଭାମଂଚ ଶୂନଶାନ୍ ।
କ'ଣ ବା କାରଣ ?
ଆଖି ତାଂକ ଲାଲ ଲାଲ
ସାଲୁ-ଘୋଡ଼ା ବାକ୍‌ସଟି * ପରି
କ୍ୟାଲିନିନ୍‌ର କଣ ହେଲା ?
ଦଣେ ବୁଢିବଣା !

* Loges Plush.—ଥିଏଟରେ ବ୍ୟବହୃତ ସାଲୁ-ଘୋଡ଼ା ବାକ୍ସ ।

Digitized by srujanika@gmail.com

ଦୁର୍ଘଟଣା ?
କଣ ତାହା ?
କାହିଁକି ମୌନତା ?
ତେବେ କଣ ତାହା ?
ନାଃ
କିଂବା ତା କି ହୋଇପାରେ ?
ଗୃହ ଯେମିତି ଓଜାଡ଼ ହୋଇ ପଡ଼େ
ଭାଂଗିଛି ତା' ଡେଣା ।
ଆମେ
ତଳକୁ ନୋଇଲୁଁ ମଥା
ଝୁଂକି ପଡ଼ିଲୁଁ ଆଲୁଅର ତଳକୁ—
ପିତଳର
ଦୀପଦାନୀ
ଅଶ୍ରୁବିଂଦୁ ଢାଳେ,
କଳା କାଠ
ପଡ଼ି
ବେଦନା-ଆବୃତ ।
ଘଂଟାସବୁ
ବାଜି ଉଠେ
କଂଠରୁଦ୍ଧ ହୋଇ ।
ନିଜକୁ ସଂଭାଳି ନେଇ
କ୍ୟାଲିନିନ୍
ଉଠିଲେ ସଧୀରେ
ଦାଢ଼ି ଆଉ ଗାଲେ
ତାଂକ
ଲୁହଫୋଟା ଝରେ ।
ପୋଛିବାକୁ
ବେଳ ନାହିଁ
ଛନ୍ଦୁତାର ନାଇ ସେଠି ଗ୍ରୁଇ ।
ଚିଂତାରେ ବ୍ୟାକୁଳ
ତନୁ;

Digitized by srujanika@gmail.com

ଆଖିରେ ଉକୁଟେ
ନାଲି,
ତେଜର ଭ୍ରୂଭଂଗୀ ।
ଗତ କାଲି
ଛ'ଟା ପଚାଶ
ମିନିଟରେ
କମ୍ରେଡ଼ ଲେନିନ୍
ପ୍ରାଣତ୍ୟାଗ କଲେ । —

: ୧୪ :

ଏ ବର୍ଷ ଦେଖିଲା
ଶହେ ବର୍ଷ ଯାହା ନ ଜାଣିବ,
ଏ କେତୋଟି ଦିନ
ଗୁଂଥା ହୋଇ ରହିବ ଆମର
ବର୍ଷ ରତ୍ନ-ହାରେ ।
ଆତଂକ-ପିଚ୍ଛିଳ ଦିନ
ଲୌହ-ଆର୍ତ୍ତ ସ୍ୱର
ପ୍ରତି ବଲଶେଭିକ୍‌ର
ମୂର୍ଦ୍ଧନ୍ୟ ଭିତରେ
ସଂକ୍ଷଣାର ନେଲେ ।
ଦେଖ ଖୋଜି,
କଂପାଇଦେ କାତର
କି ମହା ପୀଡ଼ନେ ?
ରାସ୍ତାରେ ରାସ୍ତାରେ
ଶବମଂଚ
ହୁଏ ନିର୍ମାପିତ ।
ବଲଶୟ ଥିଏଟର *
ଆଜି ଲୋକରେ
ପ୍ଲାବିତ ।

* ବଲଶୟ ଥିଏଟର ମସ୍କୋର ବୃହତ୍ତମ ଅପେରା ହାଉସ । ଏଇଠାରେ ଲେନିନଙ୍କ ମୃତଦେହ କେତେଦିନ ମର୍ଯ୍ୟାଦା ସହିତ ରଖାଯାଇଥିଲା । କୋଟି କୋଟି ଲୋକ ଧାଡ଼ି ବାନ୍ଧି ପ୍ରିୟ ନେତାଙ୍କଠାରେ ବିଦାୟ ନେଇଥିଲେ ।

Digitized by srujanika@gmail.com

ଖୁସିର
 ପଲ୍ଲବିତଏ
 ସାପ ପରି ଖେଳେ ।
ଦୁଃଖର
 ଝଟିକା-ବେଗ
 ଧ୍ୱଂସ-ସ୍ତୂପ ମେଲେ ।
ସୃଷ୍ଟି ନାଇ
 ମଳିନ ତୁଷାର—
ଖବରକାଗଜମାନେ
 କରନ୍ତି ଘୋଷଣା ।
ଶ୍ରମିକ ଉପରେ ପଡ଼େ
 ସଂବାଦଟା ଖାଂଟି ।
ମୁଂଡରେ ତା'
 ଗୋଟାଏ ବୁଲେଟ୍ ।
ଏବଂ ତାର ହତ୍ୟାର ପରେ
 ଚାଲିଯାଏ
 ଗିଲ୍ଲସେ ଲୋକ ।
ଏକ କୃଷକ
 ବାପୁଡ଼ା
 ଲକ୍ଷିଛି ଅଂଗେ ଯେ
 ଅନେକ ।
ମୃତ୍ୟୁକୁ ସେ
 ଦେଖିଅଛି
 ମୁହାଁମୁହିଁ ହୋଇ ।
ବର୍ତ୍ତମାନ
 ମୁହଁ ବୁଲାଇ ନଏ
 ଘରଣୀ ଆଖିରୁ ।
କିଂତୁ ତାର
 ଧୂଳିମଖା
 ହାତମୁଠା ଦେଖି
 ବୁଝିହୁଏ ।

Digitized by srujanika@gmail.com

ମୃଗୁନି ପଥର ପର
ଅଛଂତି ଯେ ଯୋକେ
ଓଠ କାମୁଡଂତି,
ରକ୍ତ ଛୁଟିଯାଏ ।
ପିଲାଏ ହଠାତ୍
ଗଂଭୀର ବୁଢ଼ାଂକ ପରି ।
ଏବଂ ସବୁ ଧଳା ଦାଢ଼ି
କାଂଦଂତି ଯେ ଶ୍ରେଷ୍ଠ ପିଲାଂଭଳି ।
ସମଗ୍ର ପୃଥିବୀ 'ପରେ
ନିଦ୍ରାହୀନ
ବାୟୁ ବହିଯାଏ ।
ଗୋଟିଏ ବିଗ୍ରହ ସତ୍ୟ :
ଏଇ ଶବାଧାର
କୁହୁଡ଼ିଆ କକ୍ଷଭରି
ମସ୍କୋର ଗୃହରେ—
ଏକାଧାରେ ବିପ୍ଳବର
ସଂତାନ ଓ ପିତା ।
ଶେଷ
ଶେଷ
ଶେଷ ତେବେ କାର ?
କାହାକୁ ଭରସା ତେବେ ?
କାର—
ଏବଂ ଜଳେ ଧଣେ·
ଯେ ଅଛଂତି,
ତାଂକୁ ବହିନେଲେ
ରେଲ୍‌ଓ୍ୱେ କକ୍ଷୁ
ନଗରୀ ଭିତର ଦେଇ ।
ଉଦ୍‌ବେଳିକେ
ହାତତୋଳି କକ୍ଷୁ
ସାଲ୍ୟୁଟ କଲେ ।
ରାସ୍ତା,

Digitized by srujanika@gmail.com

କଂଗ୍ଲୁ ଘା' ପରି
ଆଁ କରେ ।

ଯଂତ୍ରଣାରେ
ଗଁ ଗଁ କରେ ।
ଏଠି ତ ପ୍ରତିଟି ଶିଳା
ଚିହ୍ନେ ଲେନିନ୍‌କୁ ।
ସେଇ ହଟ୍ଟଗୋଳ,
ସେଇ ଅକ୍‌ଟୋବର
ଆକ୍ରମଣ ଦିନୁ ।
ଏଠି ଲାଲ ରେଶମରେ
ସୀବନୀତ ପ୍ରତି ପଦ କଥା
ଲେନିନ୍‌ର ଚିଂତାରୁ ପ୍ରସୂତ,
ଲେନିନ୍-ଉଦ୍‌ବୁଦ୍ଧ ।

ଏଠି
ପ୍ରତ୍ୟେକ ଟାୱାର
ଶୁଣିଛ ତା କଥା ।
ପଛେ ମଛେ ଯିବେ
ତାର
ନିଆଁ ଓ ଧୂଆଁରେ ।
ଏଠି ପ୍ରତି କାରିଗର
ଲେନିନକୁ ଭଲକରି ଜାଣେ ।
ସେମାନେ ତା' ଶବାଧାର
ଆଚ୍ଛାଦନ ପରେ

ଡାଳଦେବେ
ଆପଣା ହୃଦୟସ୍ଥ
ଦେବଦାରୁ ମାଲ୍ୟ ପରି
ବାରେ ।

ସଂଗ୍ରାମରେ
ସିଏ ଥିଲେ ନେତା,
କହୁଥିଲେ, 'ଧ୍ୱଜସ୍ତୁ ଭ୍ରମର'।

Digitized by srujanika@gmail.com

ସର୍ବହରା
ମାଲିକ ଏଥର
ଜଳ ସ୍ଥଳ ନୀଳ ଆକାଶର ।

ଏଠାରେ
ପ୍ରତ୍ୟେକ ଗୃହୀ
ସଂଘଠାରୁ ତାକୁ ମଣେ ପ୍ରିୟ ।

ସବୁ ଭୂମି
କରିବାକୁ ଦାବୀ
ସେମାନଙ୍କୁ ଦେଲା ମନ୍ତ୍ର ସେ ଯେ—

ଯେଉଁଠାରେ
ତା ପିତୃପୁରୁଷ
ଲଭିଛନ୍ତି ମାଟିରେ କବର ।
ଏବଂ ଲାଲ୍ ସ୍କୋୟାରରେ
କମ୍ୟୁନାର୍ଡମାନେ *
ଫୁସୁଫାସ୍—
"ପ୍ରିୟ ବନ୍ଧୁ !
ବଞ୍ଚ ତୁମେ ।
କାହିଁକି ହୋଇବ ଶେଷ

ଏତେ ବଡ଼,
ସୁନ୍ଦର ଜୀବନ !
ଶହେ ଥର
ଲଢ଼ିବାକୁ
ଆମେ ଯେ ପ୍ରସ୍ତୁତ
ଶହେ ଥର ଲଭିବୁ କବର ।"

ତା' ପରେ
ଏକ ବାଳକର କଥା
ଯଦି ବା ଶୁଭନ୍ତା
ଗୁଲ ଆମେ ମରିଯିବା

* ରେଡ଼ ସ୍କୋୟାରରେ ପ୍ୟାରିସ୍ କମ୍ୟୁନ୍‌ର କେତେକ ବନ୍ଦୀଙ୍କର ମଧ୍ୟ ସମାଧି ରହିଛି ।

Digitized by srujanika@gmail.com

ତା ହେଲେ ତା
        ହେବ
                ଜୀବନ୍ୟାସ ।
ସମଗ୍ର ଗ୍ରହାର
        ସେତୁ
                ହୁଅଂତା ନକାଶ ।
ଛୁଟଂତା ଜନତା
        ସ୍ରୋତ
                ଦେବା ପାଇଁ ମରଣରେ ଝାସ ।
                ଗୀତ ଗାଇ ଗାଇ ।
କିଂତୁ ବିପ୍ଳବର କଥା
                କିଛୁ ତ ଘଟଣା
କୌଣସି ସ୍ୱପ୍ନ ତ ତାଙ୍କୁ
                ପାରିବନି କଦାପି ଫେରାଇ ।
ଲେନିନ୍—
        ଏକ କଫିନ ।
                କାଂଧସବୁ ନତ ।
ଶେଷ ଯାଏ
        ସବୁ ମଣିଷଠୁ
                ଥିଲେ ସେ ଯେ ବେଶୀ ପ୍ରାଣବଂତ ।
ଝରେ ଜଳ
        ବୋହିବାକୁ
                ମଣିଷର ଦୁଃଖ,
ଯାହା ମହାସାଗର
        ସକଳ
                ନ ପାରିବେ ବହି ।
ସବୁ ଯୁଗେ
        ସେ ଏପରି
                ଏକ ଯୋଡିବାହା
                ଅମୂଲ୍ୟ ମାଣିକ୍ୟ ।
ସେ ଲାଲ କଫିନ ଯାଏ

Digitized by srujanika@gmail.com

ହାଉସ୍ ଅଫ୍ ଅଲ ୟୁନିଅନରେ !
ଶୋକର ପିଠିରେ ବସି
ପଚ୍ଚୁଆର ଉପରେ ପହଁଚ,
ସେଂଟ୍ରି ମାନେ ସମ୍ମାନ ଦିଅଂଚ,
ଛିଡ଼ା ହୋଇ "ଆଟେନ୍‌ସନ୍"ରେ !
ଲୌହରକ୍ଷୀ ଦଳ ଯେତେ
ଲେନିନ୍ ଫାର୍ମର
ଆସଂଚ ଆଗେଇ !
ଲୋକେ ସବୁ ଜଟିଛଂଚ
ଜଙ୍ଗଂଠାରେ
ଚୌରାସ୍ତା ଆଗୁଳ
ଝଠଇ ଉଚ୍ଛୁଳି
ମସ୍କୋ
ଜମେ ଫୁଲ୍ ଫୁଲ୍ ।
ବିଯୁକ୍ତ ୧୭ ଡିଗ୍ରୀ
ଥଂଡା ଆଉ ଶୀତେ]
କେତେ ଜଣ ଲାଇନ୍ ଲଗାଇ
ରୁଟି ପାଇଁ ଛିଡ଼ା ହୋଇଥାଂତେ ?
ଆଉ କାଲି ଦେଖାଯିବ,
କହଂତେ ସମସ୍ତେ ।
କିଂତୁ ଏଇ ଭୟଂକର
କାଲମରା 'କ୍ୟୁ'ରେ ଏଠାରେ
କେହି ବାଦ ପଡ଼ିନାଇ
ଶିଶୁ ଓ ଅସୁସ୍ଥ ବି
ସାମିଲ୍ ସକଳେ ।
ଗ୍ରାମମାନେ ସହରଂଙ୍କ ପାଖେ
ଧାଡ଼ି ହୋଇ ଛିଡ଼ାହୋଇ
ଅଛଂଚ ଉତ୍ସୁକେ ।
ଶ୍ରମିକ-ଜଗତ ଗୋଟା
ଚାଲିଅଛି ପ୍ୟାରେଡ଼୍‌ରେ ଦେଖେ ।
ଲେନିନ୍‌ର ନିଜ ଜୀବନର

Digitized by srujanika@gmail.com

ଏହା ହିଁ ତ ଜମପରଣାମ ।
ପୀତ ସୂର୍ଯ୍ୟ ଦେଖେ ଥରେ
ଢର୍ଯିକ ଆଖିରେ
ରଶ୍ମିର ପାଖୁଡ଼ା ଲାଲ
ବିଛାଏ ସେ ଆମ ପାଦ ତଳେ ।
ରାତି ଭାସିଆସେ
ଧନଗୁଡ଼ାକର
ଠିକ୍ ପଛେ ପଛେ ।
ନୃତ୍ୟ ଓ ପ୍ରହର ମିଶେ,
ତାରକାଙ୍କ ବିଭ୍ରମ
ଉପୁଜେ ।
ସତେ ଯେମିତି
ରାତି ହୋଇ ନାଇ !
ଉଜ୍ଜ୍ୱଳ ନକ୍ଷତ୍ର ଅବା କାହିଁ ?
ଲେନିନ୍ ସକାଶେ
କାନ୍ଦୁଛନ୍ତି
ନିଗ୍ରୋମାନେ
ଷ୍ଟେଟ୍ସରୁ ଆଗତ ।
ବରଫ
ପଡ଼ୁଛି
ନାହିଁ-ନ-ଥିବା ବେଗରେ ।
ଗୋଡ଼ର ତଳିପାମାନ ଜଳେ ।
ତଥାପି ତ ଲୋକେ
ଠିଆ ହୋଇ ରହିଥାନ୍ତି
ଧନସାରି
ନିର୍ବେଦ
ନିର୍ବାକେ ।
ସ୍ଥିର ଅଂଗ, ହାତ ବି
ହାଲୁନ ।

Digitized by srujanika@gmail.com

ବରଫ ପଡ଼ୁଛି,
ପଡ଼ୁ ।
ହାଓ୍ୱା
ଝରଡର ।
ସତେ ଅବା
ପରୀକ୍ଷା କରୁଛି
ଆମ ପ୍ରେମ
କେତେ ମଜବୁତ !
ତା' ପରେ ଜନତା
ଦେଖିବେ
ପିଠି ହୋଇ
ହଲଏ ସଂବତ୍ ।
ମନେ ହୁଏ,
ନିଶ୍ୱାସ ବି
ହୋଇବ ସ୍ଥଗିତ ।
ମନେ ହୁଏ,
ଗୋଡ଼ ତଳେ
ପାହାଡ଼ର ଶୃଂଗ
ସେ ଶୃଂଗ କି
ଦାସତ୍ୱର ?
ହେ କମ୍ରେଡ !
ହେ ଲେନିନ୍ !
ଏବଂ ଦୂରେ
ଲାଲ କମ୍ୟୁନ୍
ସମଗ୍ର ଦୁନିଆ ଭରି ।
କଣ ଦେଖୁଁ ? ବିରାଟ ସେ ଉନ୍ନତ କପାଳ
ଏବଂ ନାଦେଝ୍ଦା କନଷ୍ଟାଂଟିନୋଭ୍ନା *
ତା' ପରେ ………
କୁହୁଡ଼ି ଭିତରେ !

* ଲେନିନଙ୍କ ଧର୍ମପତ୍ନୀ ।

Digitized by srujanika@gmail.com

ହୋଇପାରେ ଅଶ୍ରୁମ୍ଳାନ ଆଖି
ପାରୁଥିବ ଦେଖି
ଆଉ କିଛୁ ଦୂର ।
ଏଭଳି ଆଖିକି
ମୁହିଁ
କେବେ ଅନାଇନି ।
ଉଡ଼ଂତା ପତାକାମାନ
ନତ ହୁଏ ।
ଶେଷ ସାଲ୍ୟୁଟ୍
ଶେଷ ଥର ପାଇଁ ।
"ବିଦାୟ ତା ହେଲେ
ପ୍ରିୟ ସାଥି !
ଶେଷ ଥାକେ ତୁମେ ତ ଲଢ଼ିଚ ।
ତୁମ ନାମ ଚିରଦିନ ଆମ
ହୃଦୟରେ ରହିବ ଲିଖିତ ।"
ଭାୟୁ,
ବଂଦ କର ଆଖି,
ଧୀରେ ଗ୍ଲଲିଯାଅ ।
ଯେମିତି ବା
ତୁମେ ଗ୍ଲଲୁଥିଲ
ଦକ୍ଷିଡ଼ ଉପରେ ।
ଯେମିତିକା
ମିଳାଟ୍‌କ ପାଇଁ
ମୁହାଁମୁହିଁ ହୋଇ
ତୁମେ
ହୋଇଥିଲ ଛିଡ଼ା
ଅସୀମ ସତ୍ୟର ।

Digitized by srujanika@gmail.com

: ୧୫ :

ସୁଖୀ ମୁଁ
ଯେ ମାର୍ଚ୍ଚ ମୁଖର
ଗଭୀର ନଦୀଟି ପର ।
ତା' ଉପରେ
ମୋ ଦେହର
ରହୁଚ ହାଲୁକା ଫ୍ରେମ
ମୁଁ ଜାଣିଚ ଧ୍ରୁବ;
ଏକ୍ଷଣି ଓ ସବୁକାଳେ ।
ଯେ ମୁହୂର୍ତ୍ତ ଅଛୁ
ମୋ ଭିତରେ,
ହଁ, ଅବିକଳ ଏକା ।
ସୁଖୀ ମୁଁ
ଯେ
ମୁଁ ଅଟେ ଭଗ୍ନାଂଶ
ସେ ମହାଶକ୍ତିର ।
ସବୁ ଅଶ୍ରୁ
ଆମ ଦୁହିଂକର ।
ଏହାଠାରୁ ବେଶୀ
କିଂବା ଉଣା
ଆଉ କିଛୁ ନାଇ ପାଇବାର ।
ସବୁଠୁ ପବିତ୍ର ଆଉ ବଡ଼
ଯେ ଭାବନା
ସେ ହେଉଚି ଶ୍ରେଣୀ ।
ହେ ଅଗ୍ରଣୀ,
ହେ ସବୁ ପତାକା !
ଆଉ ଥରେ ମେଲିଅ ଡେଣାକୁ ।
କାଲି ପୁଣି
ହେବ ଉଡ଼ିବାକୁ
ସଂଗ୍ରାମରେ ।
ଆମେ ନିଜେ
ପ୍ରିୟ ସାଥୀ,
ଦେଉଅଛୁଁ ବୁଝି

Digitized by srujanika@gmail.com

ଶରଦ୍‌ଧନ
ଲାଗି
ତମ ଆଖି
ଇଗଲ୍ ଗୃହିଁଣୀ ।
ପତ୍ରିକାମାନ ଯେ ଧ୍ୱଂଶ କଲା ।
ଆମେ ତାର ଶବାଗାର କରୁ ପ୍ରଦକ୍ଷିଣ
ଇଲ୍ଲିଚଙ୍କୁ ଦେବା ପାଇଁ
ଏ ଶେଷ ମେଳଣି ।
ସେମାନେ ଉତ୍ସବ
କାମ ସାରି
ଭାଷଣ ପଢ଼ିଲେ,
କହିବାର ଯା ଥିଲା କହିଲେ,
ଭଲଇ କହିଲେ ।
କେଉଁ ମିନିଟ୍ ବା
ଏତେ ବଡ଼ ଶୋକେ ଧରିପାରେ ?
କେଉଁ ଶବ୍ଦ
ଏତେ ବଡ଼
ପ୍ରେମକୁ ଉଚାରେ ?
ସେମାନେ ଯାଆଁନ୍ତି ।
ଅନାଂଥ ଟିକିଏ
ସାବଧାନ ହୋଇ—
ବରଫ-ଛୁଟିକି-ପଡ଼ା
ମଣିଷର କଳା ବୃତ୍ତ
ଆଡ଼େ ।
କମିଥ ପାଗଳ ପରି
ଉର୍ଦ୍ଧେ ସେ କଂଟାଟା
ସ୍ପସ୍କି ଟାୱାର ଘଂଟାଟାରେ !
ମିନିଟେ ବି ହେଲେ ନାଇ—
ଛୁଡ଼ା ହୁଅ
ହଲ୍ ନାଇ ।
ମୃତ୍ୟୁର ପ୍ରହରେ ।
ସତ୍ୱ ଗଢ
ବଂଧ ହୁଅ

Digitized by srujanika@gmail.com

ସମସ୍ତ ଜୀବନ
ଏଇ ପୃଥିବୀରେ ।

ଉଦ୍ବେଳିତ
ହେ ହାତୁଡ଼ି !

ଖସିପଡ଼,
ମରିପଡ଼ ତଳେ ।

ପୃଥିବୀ,
ଦ୍ରେଜି ଯାଅ ।

ଘଡ଼ି ରହ, ରହ ।

ଦାଗଂତୁ କମାଣ
ତେଣେ

ଏକ ନୁହେଁ,
ସହସ୍ର ସହସ୍ର ।

ଭିକ୍ଷୁକର ଭିକ୍ଷାଥାଳେ
କୋପେକର *
ଶବ ପରି ପଡ଼େ ।

ମୁଁ ମୋର
କରୁଣ ନେତ୍ର ଖୋଲେ,
ପୃଥିବୀ ଉପରେ
କଫିନ୍ ଗୋଟିଏ,
ସ୍ଥିର ଓ ନିଶ୍ଚଳ ।

କଫିନ୍‌ରୁ ଘେର
ଆମେ ସବୁ ପ୍ରତିନିଧି
ମଣିଷ ଜାତିର ।

ଆଜି ଯା ଦେଖିଲୁଁ
ତାକୁ ବହୁ ଗୁଣ କର
ବିଦ୍ରୋହର ରୁଦ୍ର ଝଡ଼େ,
କର୍ମ ଅଉ କବିତା ମଧ୍ୟରେ ।

ତା'ପରେ
ବହୁ ଦୂରେ
ଯେଉଁଠାରେ ଲାଲ୍‌ଝଂଡା ଉଡ଼େ

---

* କୋପେକ—ରୁଷୀୟ ପଇସା ।

Digitized by srujanika@gmail.com

ବରଫ-ଝଡ଼ରେ
ଲଭି ଆସୁଥିବା
ଗୁଡ଼ୁମ୍ ଗୁଡ଼ୁମ୍
ତୋପ ଆଓ୍ୱାଜରେ !
କଏ କହେ
"ଫରଓ୍ୱାର୍ଡ ମାର୍ଚ୍ଚ ।"
କାଂରୁ ଏ ହୁକୁମ
ନାଇ ପ୍ରୟୋଜନ ।
ଲୋଡ଼ା ଖାଲି ଶ୍ରମ
କଠିନ୍ କଠିନ ।
ଲାଲଝଂଡା ଧରି ଦୃଢ଼ତର ଗତେ
ହେବା ଆଗୁଆନ ।
ବାମ୍ଭୂ-ବହ୍ନଜାତ
ନୂତନ ଆହ୍ୱାନ ।
ଶ୍ରମିକ
କୃଷକ
ସୈନିକ ସବୁ
ପ୍ରଭୃତି
ହୃଦୟ
ଏକ ଲାଲ ଡଂଗ୍ରୁ ।
କାହାର
ଗୁଲବ
ଲେନିନ ବ୍ୟତୀତ
ଏ ପ୍ରଜାତଂତ୍ର ?
କିଏ ହେବ
ତାଂକ ସ୍ଥାନେ
ଅଭିଷିକ୍ତ ?
ବନ୍ଧଣାରେ ଶୁଆ
ଘୁରୁପୋକଖିଆ
ଜଦୁଆ ଏସବୁ କଥା ।
"ଏଇ ଜଅ, ଶୁଣ,
ସାଥୀ ହେବେଶାଖ !

Digitized by srujanika@gmail.com

କର ଦଳଭୁକ୍ତ
ଯେତେ ନରନାରୀ
ଚଳାଅ ଗ୍ରନ୍ଥପୋତ ।
ହୋଇ ସମବେତ
ମିଳିତ ନେତୃତ୍ୱରେ ।"
ପ୍ରତିକ୍ରିୟା ଯେ ବସିଅଛି ଟାକି ।
ଥରହର ହୁଏ ଏହା ସବୁ ଦେଖି,
ଶୁଣି ପଦଧ୍ୱନି
ଅସଂଖ୍ୟ କୃଷକର ।
କଲଘର ବେଂଚ୍ ଅଯୁତ ଅଯୁତ
ପଠାଏ ତା'ର ମେହନତୀ ଦୂତ
କମରେଡ଼୍ ଯେତେ ଟାଣ !
ନୁଅ ସବୁ ଯେତେ ତରୁଣ ଅଣ—......
ସେମାନେ କହଂତି କରିବୁ ପୂରଣ
ଲେନିନ୍ ଶୂନ୍ୟ ସ୍ଥାନ ।
ମୁଁ ତ ଟିକେ ବୁଢ଼ା ......
ନାହିଁ ମୋର ଲେଡ଼ା
ନୁଅ ମୋର ନାତିଟିକ,
ଯୋଗ ଦେବ ସିଏ
ଅତି ତତ୍ପର
ଯାଇ ସେ କମ୍ସୋମଲ୍ *
ଉଠା ଲଂଗର !
ଲଲ୍ ପୋତର !
ଛୁଟାଅ କର୍ମସ୍ରୋତ ।
ଚଲା ଲଂଗଲ
ଚଷ ସାଗର
ଫଳାଅ ସ୍ୱର୍ଣ୍ଣ ଫଳ ।
ବଡ଼ବଡ଼ିଆ ପାଦଚିହ୍ନକୁ
ନୂଆଏ ଅନୁସର,
ଟ୍ରା-ଟା-ଟା-ଟା-ଟା
ଟ୍ରା-ଟା-ଟା-ଟା-ଟା ।

* Young Communist League.

ଏକ
ଦୁଇ
ତିନି
ଆଗୁଆ ଦଳ ଆମେ
ଫ୍ୟାସିଷ୍ଟଙ୍କୁ
ନ ଡରୁଁ
ମୁକ୍ତିଚର ଆମେ ।
ୟୁରୋପର ଟାଣ ମୁଠା
ଆମେ ଦେବା ଖୋଲି,
କରିବା ଧୂଳିସାତ୍
ଶିବିର ତାଂକ ଜାଳି ।
ମୃତ୍ୟୁ ହେଲା
ବୃହତ୍ତମ
କମ୍ୟୁନିଷ୍ଟର ଆଜି ।
ସର୍ବଶ୍ରେଷ୍ଠ
ପ୍ରତିଭା
ଗଲା ଝରି ।
ମୃତ୍ୟୁ ଆସେ
ଇଲ୍ୟିଚ ପାଖେ ବି !
ଅନ୍‌ଣ୍ୟ ପଡ଼େ ଭାଜି ।
ଅଦ୍ଭୁତ ସ୍ୱାତ
ଲାଲ୍ ଜ୍ୟୋତ୍ସ୍ନାରେ
ମିଳିତ ହୁଏ ଆଜି ।
ଲାଲ୍ ନିଶାଣ
ଉଡ଼େ ଫରଫର,
ପୁଣି ଥରେ
ଲେନିନ୍ ନିଏ ନେତୃତ୍ୱ ତାର ।
ଶ୍ରମିକମାନେ
ଜାଗ, ଜାଗ, ଜାଗ ।
ଶେଷ ଯୁଦ୍ଧ ଏଠା ।

Digitized by srujanika@gmail.com

ପିଠି କର ସୋଜା
ସଲଖ କର ଆଂଠୁ,
ସର୍ବହରା ସେନା !
ବେଳ ନାଇ
ନାଇ ବେଳ ।
ଦୀର୍ଘଜୀବୀ ହେଉ
ବିପ୍ଳବ
ଆମର ।
ସବୁଠୁ ବଡ
ଯୁଦ୍ଧ ଇଏ
ଇତିହାସରେ ପଢ଼ି
ମଣିଷ ଜାତିର ।

'VERY GOOD'

ବହୁତ ଆଚ୍ଛା

(୧୯୬୭)

('ଅକ୍‌ଟୋବର୍' ନାମକ ନାଟକରୁ)

ଦୁନିଆର

ଦେଖିବ ବହୁତ କିଛି
ଏବଂ ଦେଖିବ
ଏନ୍ୱାର ମାଲ୍‌ପତ୍ରମାନ ।
ବହୁତ ଅଚ୍ଛା ।
        ବହୁତ ଆଚ୍ଛା,
            ଏ ଜୀବନ ।

ଝିଂରୁ

ବିଂଶବାଠା
        ମାଲ୍‌ପତ୍ର ସମାନ ।
ହଟ୍ଟଗୋଳ
ବହୁ ଲଢ଼େଇ
ବହୁତ ଗୋଳମାଳ,
ଟଣା ଓଟରା ଭିଡ଼ାଭିଡ଼
        ଗୁଳିଚ ବେଲ୍ଟୁବେଲ ।
ସାପ ପରି ଗଳି, ଲେନ
ବଙ୍କା-ସିଧା-ବଙ୍କା ।
ଏକ ଘରେ ଯାଇ
        ପହଂଚେ ମୁଁଇ ଏକା.
ଗଳିଟା
        — ମୋର ।
ଘରଟା
        —ମୋ ନଜର ।

Digitized by srujanika@gmail.com

ଦୋକାନ ସବୁ
ଠିଆ ଧାଡ଼ିକ ଧାଡ଼ି,
ଆଁ କରି ଝିଡ଼ିକାଏ
ଗୁହିଁ ରହିଛନ୍ତି
ଖାଇବା ଚିଜ ଧରି ।
ମଦ ଓ ପୁଣି ଫଳ
କେତେ କି ପ୍ରକାର ।
ମସଲିନ୍,
ମାଛିଙ୍କୁ ରଖେ ଦୂରେ ।
ଛେନା
ଛଟକା, ଆଉ ସାଫ୍ ।
"ଦାମ
ହୋଇଚି ବହୁତ ଦେଖ କମ୍ ।"
ବଣାଖୁଂବ
ଆଳୁଅ ଢାଳେ ହରଦମ ।
ମୋର
କୋ-ଅପ୍ ଢଏ
ଲ୍ଂଫ ।
କୋପେକ୍ * ହୁଏ ସସ୍ତା ।
ବହୁତ ଆଚ୍ଛା,
ବହୁତ, ବହୁତ ଆଚ୍ଛା ।
କୁଂଚାଏ ମୁ
ଝିଡ଼ିକାଭରି ବନ୍ଧୁ
ମୋର ନିଜ ନାଁ
ଲେଖା ରହିଚି ସନ୍ଧି ।
ସ୍ୱର ଖୁସି—
ଏସବୁ ମୋର ଶବ୍ଦ ।
ମୋ ଜନଗ୍ରାଷ୍ଟ୍ରେ
ଅନ୍ୟ ସଂଗେ ମିଶି
ସେମାନେ ଛନ୍ତି ବସି ।

* କୋପେକ୍—ରୁଷୀୟ ପଇସା ।

Digitized by srujanika@gmail.com

"ବହୁତ ଅଛା" ('Very Good') କବିତାର ଲେଖକ ରୂପେ ମାୟାକୋଭସ୍କି ।

—ଅର. ଶାଷ୍ଟକରଙ୍କ ଅଙ୍କିତ ଚିତ୍ର— (ପୃ—୧୬୩)

Digitized by srujanika@gmail.com

ଧୂଳି ଉଡ଼େ
ଚେବର ଟାୟାରୁ ।
ମୋ ଅଟୋମୋବିଲ୍—
ଚଢ଼ି ମୋର ଡେପୁଟିମାନେ
ଯାଉଛନ୍ତି କାହିଁ
କରିବାକୁ ସଭା ଏକ
ସେ ଲାଲ୍ କୋଠାରେ
ସିଧା ଓ ସଳଖ ।
ବସ ।
କଂଗ୍ରୁ ଯାଅ ନାଇ ଜଡ଼
ମୋ’ ମସ୍‌ଶୋବିଏତେ *
ପିସ୍ତଲ-ଧରା ଅଫିସର କେତେ
ଅଙ୍ଗୁର-ଗାଲ ଲାଲ୍ ଲାଲ୍ ।
ଜଗୁଛନ୍ତି ମୋତେ
ଆଉ ଯା କିଛି ଆମର ।
ବ୍ୟାଟନ ସବୁ
ଟେକି ରଖା ଅଛେ !
ମୁଁ ଯାଏ ଡାହାଣେ ।
ବହୁତ ଆଚ୍ଛା ।
ଯାଅ ନିଜ ମନେ ।
ମୁଣ୍ଡ ଉପରେ
ଆକାଶଟା ଉଚ୍ଚା
ରେଶମୀ-ନୀଳ-ନୀଳ ।
ଜୀବନଟା ନ ଥିଲା ତ
ଏପରି କେବେ ଭଲ,
ଏମିତି ଆଚ୍ଛା, ଆଚ୍ଛା ।
ଆକାଶଯାନ
ଶଁ ଶଁ କରି
କରେ ଦୂର୍ ଫେରା ।

* ମସ୍କୋ ଶୋବିଏତ ।

Digitized by srujanika@gmail.com

ଏଭଏଟର

ଏ-ସବୁ ଉଡ଼ାଜାହାଜ
ମୋର ସବୁ ଡାହା ।
ମେଘ ମଉଡ଼ ବୃକ୍ଷଚୂଡ଼ା ପର
ଉଠିଲି ମୁଁ ବେଗେ ।
ଆଉ ସପ୍ତାହେ ସେମାନେ ଦେବେ
ସାବାଡ଼ କରି ଫଟେ
ମୋର ସବୁ ଶତ୍ରୁମାନଂକୁ ।
ଯେଉଁଠି ଅଛୁ ଯେତେ ।

ରେଜମେଂଟ

ଯାଆଂଡ ଗୁଲି
ଦେହକୁ ଘଷି ହୋଇ,
ଡ୍ରମମାନ ବାଜେ
ଦାଦାମ୍-ଦାମ୍ ।
ମୂଷା-ଥାଟ
ଆ – ଟାଟ୍—ଟ୍ୟାକ୍‌ଟ
ପିଟେ ତାର
ପାଦ ।
ଟେକି ଉଚ୍ଚେ
ନାକ ।
ପ୍ରତିରକ୍ଷା ପାଇଁ
ସେମାନେ ସଜ ।
ଲାଲ-ତାରି ଲୋକ
ସେମାନେ
ଆମର ଫଉଜ ।

ଘ୍ନ୍ରି
ଟ୍ନ୍ରି,
ଧାଡ଼ି
ପାଦ
ଲଗେ
ସମସ୍ବରେ ।

Digitized by srujanika@gmail.com

ମୋର ଶତ୍ରୁ
ପିଏ
ତମ
ଶତ୍ରୁ
ପିଏ ।
ତମର
ଶତ୍ରୁ
ପିଏ
ମୋର
ଶତ୍ରୁ
ପିଏ
ସେମାନେ
ଆସୁଛନ୍ତି
ଝଣ୍ଡା କରି ଉଁଚା ।
ବହୁତ ଆଚ୍ଛା !
ଦେଖ ସେମାନଙ୍କୁ—
ଦୁସମନ୍‌କା ବଚ୍ଚା ।
ଶିଫ୍‌-ଆ-ଶିଫ୍‌
—ଇଂଜିନମାନ ଛୁଟେ ।
ମୋର ସେତେ
କାର୍‌ ଓ ଟ୍ରାକ୍‌ଟର୍‌
ଫଫ୍‌-ଆ-ଫଫା ...
କାମ ଚାଲେ ଜୋର —
ସେତେ ସବୁ
ଫ୍ୟାକ୍‌ଟରିରେ ମୋର ।
କେବେ ତୁମେ ଦେଖ ନାଇ,
କରନା ମୁଣ୍ଡ ନୀଚୁ !
ବହୁତ ଆଚ୍ଛା ।
ମଧୁର
ବହେ ପବନ
ଅରଣ୍ୟ
ପଲ୍ଲବ ଛୁଇଁ ।

Digitized by srujanika@gmail.com

ପବନ
ସୁରଭିମସ୍ତ
ଓ
ବହୁତ
ଅଚ୍ଛା !
ସହର
ପ୍ରାଂତରେ ଗୁଡ଼
ଜଂଗଲ ଦାଢ଼ରେ
କୁଡ଼ିଆଘରେ
କୃଷକ-ବାଳକ,
ଆଉ ବୁଦା ବୁଦା ଦାଢ଼ିଆ
ସବୁ ଫୁଲ୍‌କୋବିର ମୁହଁ,
ଝୁବ୍ କାମିକା, ଖୁବ୍ ଘୁଲଖ ।
ଜମି କରଂଛ ଗୃଷ,
କରଂଛ କବିତା ।
ସକାଳୁ
ସଂଜଯାଏ,
ବ୍ୟସ୍ତ
ମହୁମାଛି,
ବୁଣା
କଣ୍ଠା,
ଛୁଟି ସେକା,
ରୁଟି ମୋ'ର ପାଇଁ ।
ଜମିଚଷା,
ଗାଈଦୁହାଁ,
ମାଛଧରା ।
ନୂଆ ପ୍ରଜାତଂତ୍ର ;
ଧନୀ ହଉଠେ ହୋଇ ।
ଅନ୍ୟ ଦେଶ
ପୁରୁଣା, ଉଦାସୀନ ।
ଇତିହାସ କରେ
ତାଂକର ଆଁ ।

Digitized by srujanika@gmail.com

ଖୁସି ଛୁଟେ ଖାଇ ।
ଗ୍ରହ୍ମା ବାଲ୍‌ଟିଏ ?
ଜୀବନ ମଧୁମୟ,
ସୁଂଦର—ନୁହେଁ ?
ହେବା
ଦୀର୍ଘଜୀବୀ
ମାନବା
ନାଇ କରା ।
ବର୍ଷକୁ
ବର୍ଷ
ଯିବ
କ୍ଷମତା ବଢ଼ି ।
ପ୍ରଶଂସା
କର ,
ହାତୁଡ଼ି ଓ
କବିତାର ଆଜ ।
ସମୃଦ୍ଧିର
ତରୁଣ ଦେଶ
ପ୍ରସ୍ଫୁଟିତ ଆଜ ।

Digitized by srujanika@gmail.com

TO COMRADE NETTE : MAN AND SHIP

କମ୍ରେଡ୍ ନେଟଙ୍କୁ : ମଣିଷ ଓ ଜାହାଜ

(୧୯୨୬)

(ଥିଓଡ଼ର ନେଟ୍ଟେ ଜଣେ ଲ୍ୟାଟଭିଆବାସୀ ବଲଶେଭିକ ଥିଲେ । ମାୟାକୋଭସ୍କିଙ୍କର ଜଣେ ବନ୍ଧୁ । ସେ ସୋଭିଏତ ସରକାରଙ୍କଦ୍ୱାରା କୂଟନୈତିକ ବାର୍ତ୍ତାବହ ରୂପେ ନିଯୁକ୍ତ ହୁଅନ୍ତି । ଥରେ ସେ ଏକ 'କୂଟନୈତିକ କ୍ୟୁପେ'ରେ ଲ୍ୟାଟଭିଆଠାରୁ କେତେକ ଜରୁରୀ କାଗଜପତ୍ର ନେଇ ରୁଷିଆ ଯାଉଥିବା ବେଳେ ବାଟରେ 'Whites' (ଶ୍ୱେତରକ୍ଷୀ)ମାନଙ୍କ ଦ୍ୱାରା ଆକ୍ରାନ୍ତ ହୁଅନ୍ତି । କଣ୍ଡ଼ର ଉପରେ ଏକ ରକ୍ତାକ୍ତ ଯୁଦ୍ଧ ହୁଏ । ନେଟ୍ଟେ ତାଙ୍କ ଆକ୍ରମଣକାରୀମାନଙ୍କୁ ପିସ୍ତଲ ଦ୍ୱାରା ହତ୍ୟା କରି ସ୍ୱଦେଶର ମୂଲ୍ୟବାନ କାଗଜପତ୍ର ରକ୍ଷା କରିବାକୁ ସମର୍ଥ ହୁଅନ୍ତି । କିନ୍ତୁ ଏହା କରିବାକୁ ଯାଇ ତାଙ୍କୁ ନିଜ ପ୍ରାଣ ବିସର୍ଜନ କରିବାକୁ ପଡ଼େ । ପରେ କୃଷ୍ଣସାଗରର ଏକ ସୋଭିଏତ ବାଷ୍ପୀୟ ପୋତ ତାଙ୍କ ନାମାନୁସାରେ ନାମିତ ହୁଏ ।]

ଏକ ଅପାର୍ଥିବ
ଚମକ ଏ ନୁହେଁ ।
ମୃତ୍ୟୁର ଦେହଳୀ ଗୁଛ
ନୁହେଁ ବି ତ ଏହା ।
ଜୁଲାଇମାନ,
ତରଳ ଗ୍ରୀଷ୍ମରେ ଜଳି
ହଠାତ୍ ସେ
ବନ୍ଦରେ ପହଞ୍ଚେ
ଏବଂ
ପୋତାଶ୍ରୟ ଆଡ଼କୁ
ମୁହାଁଏ ସଳଖେ ।
କମ୍ରେଡ୍ "ଥିଓଡ଼ର
ନେଟ୍ଟେ" ।

Digitized by srujanika@gmail.com

ନଷ୍ଟସ୍ନ ସେ ।
ସେଇ ତ ।
ମୁଁ ତାଙ୍କୁ ଚହ୍ନେ ।
ଜୀବନରକ୍ଷାର କଟିବଂଧେ,
ଆବୃତ ସେ ।
ପିଆଲ ସଦୃଶ
ନେଳୀ ଚଶମା ଆଖିରେ ।
"ସ୍ୱାଗତ ! ସ୍ୱାଗତ ନେଟ୍ଟେ !"
ହାଃ—
ମୁଁ ଖୁସି ଯେ ବଂଚଅଛ ତୁମେ,
ଫନେଲର ରକ୍ଷାକବଚ ଓ
କେବଲସ୍ ଡଂକା,
ଆସ, ଇଆଡ଼କୁ,
ନା ଏଟା ତମ ପକ୍ଷେ
ଅତ୍ୟଂତ ହାଲକା ?
କୁଆଡ଼ୁ ଆସୁଚ ?
ବାଟୁମରୁ ?
ଏଃ—!
ତମ ବୟଲରମାନେ
କେଉଁପରି
ଗୁଡ଼ୁଂଚ ଧୂଆଁ ?
ମନେ ପଡ଼ୁଅ, ନେଟ୍ଟେ—
ମଣିଷ ହୋଇ ଥିଲ
ଯେତେବେଳେ
ଡପ୍-କୁପେ *
ମୋ' ସଂଗରେ
ପିଇଥିଲ ଚୁଆ ।
ବହୁତ ସମୟ
କାଟିଥିଲେ
ଆଳାପେ ଉଭୟେ ।

* ଡପ୍-କୁପେ—Diplomatic Coupe

Digitized by srujanika@gmail.com

ଅନ୍ୟମାନେ
ଯେତେବେଳେ
ଶୁଣୁଥିଲେ
ଘୁଂଘୁଡ଼ି ସଭଏଁ ।
କଣେଇ କଣେଇ
ଦେଖୁଥିଲି
କୃଷ୍ଣନୀଳ ମୋହର ସବୁକୁ ।
ଗପୁଥିଲେ
ରୋମକ ଜ୍ୟାକ୍‌ବସନ୍ *
ବିଷୟରେ ଆମେ ।
କବିତାର
ବିଧିମାନ
ସକୌତୁକେ ଝିଂଗି ।
ତା'ପରେ
ଭୋର-ବେଳେ
ପଡ଼ିଥିଲେ ଶୋଇ ।
ଅଂଗୁଠି
ଜାବୁଡ଼ି ଥିଲି
ବଂଧୁକର ଘୋଡ଼ା ।......
କୁଂଦାଟା ଯେପରି—
ଯେଉଁମାନେ ଭଲପାଂନ୍ତି
ସମୁଦ୍ର-ଭ୍ରମଣ
ଜାଣେ ନା କଣ
ହେଲା ବର୍ଷକ ଆଗରୁ—
ମୁଁ ଭେଟିବି ତୁମକୁ
ପୁଣି
ଏକ ପୋତ ରୂପେ ।
ତୁମର ଉପରେ ଚଂଦ୍ର
ଦ୍ୱିଖଂଡିତ କରେ
ଆକାଶକୁ,

* ଜଣେ ରୁଷୀୟ ସାହିତ୍ୟ-ସମାଲୋଚକ ।

Digitized by srujanika@gmail.com

ବୀରମାନଂକର ପଥ
କର ସମୁଜ୍ଜ୍ୱଳ
କଣଡ଼ର ଲଢ଼େଇ
ବେଲରୁ ।
କଭାବରୁ ସାମ୍ୟବାଦ
ବୁଝିବା ସହଜ ।
(ବଖାଣିବା ବନ୍ଧୁରୁ ତା
ଗୋଟାଏ ଫ୍ୟାସନ !)
କଂତ୍ର ତ୍ରୁମ କଥା
ସ୍ୱତଂତ୍ର ସେଥିରୁ ।
ଥାପେ ତାହା ଜୀବନରେ
'ଜୀତ'ର ନିଶାଣ ।
କମ୍ୟୁନିଜମ୍‌କୁ
ରୂପ ଦିଏ
ଚକ୍ରମାଂସେ
ସେ ଯେ ଅନୁକ୍ଷଣ ।
ଟାଣ କର ମୁଠା
ଆମେ
ବଂଚପାରୁ ଲୌହ-ଶପଥରେ;
ସେଥିପାଇଁ
ହେଉ ନ୍ତ୍ରିବଦ୍ଧ,
ପିସ୍ତଲର ଗୁଳି ଖାଉଁ ହସି ।
କାରଣ,
ପୃଥିବୀ ହେବ
ମଣିଷର ଏକ
ରାଜ୍ୟଗୋଷ୍ଠୀ *
ସେଠାରେ ରହିବ ନାଇ
ରୁଷିଆ
ବା ଲ୍ୟାଟଭିଆ
ଉଷ୍ଟି ।

* ମଣିଷର ଏକ ରାଜ୍ୟଗୋଷ୍ଠୀ—Human Commonwealth ଅର୍ଥରେ ବ୍ୟବହୃତ ।

Digitized by srujanika@gmail.com

ଥିବ ଝାଳ
ମଣିଷର ରକ୍ତ ।
ରକ୍ତ ବୋହୁଥିବ
ପ୍ରତି ଶିରାରେ ଶିରାରେ
ନୁହେ, ନୁହେ ପାଣିର ସେ ଫେଣ ।
ଏବଂ
ମଣି,
ଆମେ ନେବା ରୂପ
ଜାହାଜରେ,
କବିତାରେ,
ଦୀର୍ଘଜୀବୀ ନାନା କୀର୍ତ୍ତି-ସ୍ତୂପ-
ମାନଙ୍କରେ ଚିର ।
ମୁଁ ଚାହେଁ
ରହିବ ବଂଚି,
କେବଳ ମୁଁ ବଂଚି—
ଚିରକାଳ ।
ଦୀର୍ଘ ବର୍ଷ ।
ସମସ୍ତର ରକ୍ତ ସଂଗେ
ଦେଇ ସମତାଳ ।
ଆଜି ମୃତ୍ୟୁବେଳେ
ଏକମାତ୍ର ଇଚ୍ଛା ମୋର—
(ଯେଉଁ ଇଚ୍ଛା ସର୍ବଦା ପ୍ରଜ୍ଜ୍ୱଳେ)
ମୃତ୍ୟୁକୁ ମୁଁ ସେଇପରି ଭେଟେ—
ଭେଟିଥିଲ ମରଣକୁ ଯେଉଁପରି
କମ୍ରେଡ୍ ନେଡ୍ରେ ।

Digitized by srujanika@gmail.com

ପ ରି ଶି ଷ୍ଟ

'ସପ୍ତମ ସ୍ୱରେ'

(ମାୟାକୋଭସ୍କିଙ୍କ ଜୀବନ ଓ କାର୍ଯ୍ୟାବଳୀର ଏକ ପ୍ରଦର୍ଶନୀ)

(୧୯୩୦)

କୋଡ଼ିଏ ବର୍ଷ

୧୯୩୦, ଫେବ୍ରୁଆରୀ ପହିଲାରେ "Club of the Authors' Federation" ଗୃହରେ ମାୟାକୋଭସ୍କିଙ୍କ ଜୀବନ ଓ କାର୍ଯ୍ୟାବଳୀର ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହୁଏ । ଏହି ଉଦ୍‌ଘାଟନ ଉତ୍ସବରେ ମାୟାକୋଭସ୍କି ପ୍ରଥମ ପଂଚବର୍ଷୀୟ ଯୋଜନା ଉପରେ ଲିଖିତ ତାଙ୍କର କବିତାର ଅଂଶବିଶେଷ "ସପ୍ତମ ସ୍ୱରେ" ('At the Top of My Voice' ପଢ଼ି ଶୁଣାନ୍ତି । ଅଥର୍ସ କ୍ଲବରେ ପ୍ରଦର୍ଶନୀଟିର ଉଦ୍‌ଘାଟନ ହେବା ପରେ ଏହା ବିଭିନ୍ନ ଶିଳ୍ପାଂଚଳମାନଙ୍କରେ ପ୍ରଦର୍ଶିତ ହୁଏ ଏବଂ ମାର୍ଚ୍ଚ ମାସରେ "ହାଉସ୍ ଅଫ୍ ଦି କମସୋମଲସ୍"ରେ ଅନୁଷ୍ଠିତ ହୁଏ । ମାର୍ଚ୍ଚ ତା ୨୫ରେ ମାୟାକୋଭସ୍କିଙ୍କର କବିଜୀବନର କୋଡ଼ିଏ ବର୍ଷ ପୂର୍ତ୍ତି ମହାସମାରୋହରେ ପାଳିତ ହୁଏ । ସର୍ବସାଧାରଣଙ୍କ ସଂବର୍ଦ୍ଧନା ସମାବେଶରେ ଏହା ମାୟାକୋଭସ୍କିଙ୍କର ପ୍ରଥମ ଆବିର୍ଭାବ । ଏହି ଉପଲକ୍ଷ୍ୟରେ 'କମସୋମଲସ୍ ପ୍ରାଭଦା'ର ଲିଟେରାରୀ ଗେଜେଟର ଏକ ବିଶେଷାଙ୍କ ପ୍ରକାଶ ପାଏ । ସେଥିରେ ଉକ୍ତ ସଂବର୍ଦ୍ଧନା ଉତ୍ସବ ଏବଂ କବିତାପାଠର ପୂର୍ଣ୍ଣ ବିବରଣୀ ମିଳେ ।

(ମାୟାକୋଭସ୍କିଙ୍କ ଭାଷଣ) ସାଥୀ ସଭାପତି ଖୁବ ଗୁରୁତ୍ୱପୂର୍ଣ୍ଣ ଭାଷାରେ ମୋର ପରିଚୟ ଦେଲେ । ମୁଁ କୌଣସି ବକ୍ତୃତା ଦେବାକୁ ଚାହେଁ ନାହିଁ । ମୁଁ ଜାଣେ ନା ମୁଁ ଯାହାସବୁ ଲେଖିଛି, ତାହାକୁ ଆପଣମାନେ ସୃଜନଧର୍ମୀ କଳା କହିବେ କି ନାହିଁ । ସାଥୀଗଣ ! ଏଇଟା କିଛି ବଡ଼ କଥା ନୁହେଁ । କୋଡ଼ିଏ ବର୍ଷ ଧରି ଲେଖିଲିଣି । ତେଣୁ ଗୋଟାଏ ଉତ୍ସବ ବା ସଂବର୍ଦ୍ଧନା ଅତି ସହଜ । କେତେ ଖଣ୍ଡ ବହି ଜମା କର । କେତେ ଜଣ ଦାଢିବାଲା ସଭାପତିଙ୍କୁ ନେଇ ଏକ ସଭାପତି-

Digitized by srujanika@gmail.com

ମଂଡଳ ଚଢ଼ । ତାପରେ ପତ୍ରପତ୍ରିକାମାନଂକରେ କାମ କରୁଥିବା ତମର ଡଜନେ ବଂଧୁବାଂଧବଂକୁ ଯାଇ ଧରାଧରି କର ଏବଂ ନିଜର କୃତିତ୍ୱ ସଂବଂଧରେ ବୁଝାଅ । ବେଶ୍ କାମ ଫଳେ । ତା ହେଲେ ତୁମେ ଜଣେ "ସ୍ୱୀକୃତ'' କବିରେ ପରିଣତ ହେଲ କିଂବା ତାଠାରୁ ଆହୁରି କିଛୁ ବେଶୀ ଆକର୍ଷକ ହୋଇଗଲ । ପତ୍ରପତ୍ରିକାରେ ତମକୁ ତାରିଫ କରି ଅନେକ କିଛୁ ବାହାରିବ ।

କିଂତୁ କବି ପକ୍ଷରେ ଏଇଟା ବଡ଼ କଥା ନୁହେଁ । ପୁରାତନ କାଳର କବି ଯେ କି ପ୍ରଧାନତଃ 'ତରୁଣୀ ମହଲ' ଓ 'ତରୁଣ' ମହଲରେ ପଠିତ ବା ଶ୍ରୁତ ହେଉଥିଲ, ସେ ଏବେ ଆଉ ନାଇଁ ।

ବର୍ତ୍ତମାନ ଶ୍ରମଜୀବୀ ଶ୍ରେଣୀ ବା ସର୍ବହରା ଶ୍ରେଣୀର ଲୋକେ ଯେଉଁମାନେ ନୂତନ ଜୀବନ ସୃଷ୍ଟି କରିବାରେ ଲାଗିପଡ଼ିଛଂତି, ସେଇମାନେ ହିଁ କେବଳ ଆମର ଶ୍ରୋତା, ପାଠକ ବା ଗ୍ରାହକ । ମୁଁ କେବଳ ସେଇମାନଂକର କବି ହୋଇପାରେ । ଯୋଡ଼ାଏ ବଡ଼ ଅସୁବିଧା ଏ କ୍ଷେତ୍ରରେ ବର୍ତ୍ତମାନ । କାହାରିକି ଉଦ୍ଧୃତ୍ତ ନ କଲି ଭଲ କବିତା ଲେଖିବା ସହଜ । "March, march again, You working men—Comrade Komsomo', builds a great mole'' ପରି କବିତାକୁ ଲୋକେ ସହଜରେ ପସଂଦ କରିବେ; କିଂତୁ ପରଦିନ ଭୁଲିଯିବେ । ମୁଁ ମୋର ସାରା ଜୀବନ ଲୋକଂକୁ କେବଳ ଦୁଇଟା ମଧୁର ପଦାବଳୀ ଶୁଣାଇବା ପାଇଁ ସଂଗ୍ରାମ କରି ନାଇଁ । ମୋର ପ୍ରଧାନ କାର୍ଯ୍ୟ ହେଉଛି—ଯାହା ମୁଁ ଅନ୍ୟାୟ ବୋଲି ଭାବେ ତାହାର ସମାଲୋଚନା କରିବା, ତା ବିରୋଧରେ ଲଢ଼େଇ କରିବା । ମୁଁ ବରାବର ସାଧାରଣଂକୁ ବିଚଳିତ କରିଛି, ଉତ୍ତେଜିତ କରିଛି । ମୋ' କବିଜୀବନର କୋଡ଼ିଏଟି ବର୍ଷକୁ ସାଂସାରିକ ଦୃଷ୍ଟିରୁ ଏକ ମଲ୍ଲଯୋଦ୍ଧାର ସମୟ ସଙ୍ଗେ ତୁଳନା କରାଯାଇପାରେ ।

ଆଜି ମୁଁ ଏଠିକି ଆସିନି । ମୋ ଦେହ ଜମା ଭଲ ନାଇଁ । ମୋ ଗଳାରେ ଭୀଷଣ ଦରଜ । କଣ ଗୋଟାଏ ଫେଟି ହେଉଛି । ଯଦି ଏମିତି ଗ୍ଲେ, ତେବେ ମୋତେ ବୋଧହୁଏ ଦୀର୍ଘ ଦିନ ଧରି କବିତା ଆବୃତ୍ତି ବଂଦ କରିଦେବାକୁ ପଡ଼ିବ । ମୁଁ ଯିମିତି ଭାବରେ କାମ କରିବାର ପକ୍ଷପାତୀ, ସେମିତି ଭାବରେ କାମ କରିବା ମୁଁଶ୍କିଲ । ଆଜି କେବଳ କେତୋଟି ନୂଆ କବିତା ପଢ଼ି ମୁଁ କର୍ତ୍ତବ୍ୟ ସାଂଗ କରିବି, ଏହା ଏଥି ପୂର୍ବରୁ ବଂଧୁମାନେ ଶୁଣି ନାହାଂତି । ମେହନତୀ ଜନତାର ଶ୍ରୋତୃମଂଡଳୀ ସଂଗେ କବିର ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ ଏକ ଦୁରୂହ କାର୍ଯ୍ୟ । ସେଥିରେ ପୁଣି କବିତାର ଉଚ୍ଚ ମାନ ବଜାୟ ରଖିବାକୁ ହେବ । ଏ ଦୁଇଟିଯାକ କାର୍ଯ୍ୟ ଏକା

Digitized by srujanika@gmail.com

ସାଂଗରେ କରିପାରିବା ପ୍ରକୃତରେ କଷ୍ଟ । କବିମାନେ ଅନେକ ସମୟରେ ଦୁର୍ବୋଧ କବିତାମାନ ଲେଖଂତି, ଯାହାକୁ କେହି ବୁଝିପାରଂତି ନାହିଁ । ଆମର ଅନେକ ପ୍ରଥିତଯଶା କବି ମଧ୍ୟ ଏ ଦୋଷରୁ ମୁକ୍ତ ନୁହଂତି । ଅନେକ ସମୟରେ କେତେକ କବି ଜାଣିଶୁଣି ଦୁର୍ବୋଧତାର ଆଶ୍ରୟ ନେଇଥାଂତି; କାରଣ ସେମାନେ ଭାବଂତି, କବିତା ଯଦି ସହଜରେ ବୁଝି ହୋଇଗଲା ତେବେ ତାହା ନନ୍‌ସେନ୍‌ସ । ମାତ୍ର କବିତା ଏଭଳି ଭାବେ ରଚିତ ହେବା ଉଚିତ, ଯେପରିକି କବିର ଚିଂତାର ଗାଂଭୀର୍ଯ୍ୟ ବ୍ୟାହତ ନ ହେବା ସଂଗେ ସଂଗେ ଜନସାଧାରଣଂକ ପକ୍ଷରେ ଏହା ପ୍ରୟୋଜନୀୟ ମନେ ହେବ । ଯେପରିକି ଏହାକୁ, ଧର, ପାଂଚ ଥର ପଢ଼ିସାରିଲା ପରେ ସେମାନେ କହିବେ, 'ପ୍ରଥମେ ବୁଝିବାକୁ କଷ୍ଟ ହେଉଥିଲା, କିଂତୁ ବୁଝିସାରିବା ପରେ ଏହା ଆମ ମସ୍ତିଷ୍କକୁ ଉର୍ବର କରିଛି, କଳ୍ପନାକୁ ପୁଷ୍ଟ କରିଛି ଏବଂ ସମାଜବାଦ ନିର୍ମାଣ କରିବା ଦିଗରେ ଆମର ଇଚ୍ଛା ଓ ସଂକଳ୍ପକୁ ଦୃଢ଼ ଓ ଶାଣିତ କରିଛି ।'

ଆମର ଶ୍ରୋତାମାନେ ବହୁଳାଂଶରେ ନିରକ୍ଷର । ସେମାନଂକ ବୋଧଗମ୍ୟ ହେଲା ଭଳି ଶବ୍ଦ ପ୍ରୟୋଗ ନିତାଂତ ଆବଶ୍ୟକ । ମୋର ମନେପଡ଼େ ୧୯୬୩ରେ ହମ୍ବେଡ୍ ଶାଫେର୍ ଷ୍ଟେରେନେକ୍ ଜିଲ୍ଲାର କୃଷକମାନେ ଯାହା ଯାହା ଜାଣଂତି ଏବଂ ବୁଝଂତି, ଠିକ୍ ସେଇସବୁ ବିଷୟରେ ଏକ ବହି ଲେଖଂତି । ଏକ କୃଷି-ପ୍ରଦର୍ଶନୀରେ "ପ୍ୟାଭେଲିୟାନ୍" ଶବ୍ଦଟା ଖୁବ ଚଳପ୍ରଚଳ ହେଉଥାଏ । ସେ 'ପ୍ୟାଭେଲିଆନ୍' ଶବ୍ଦର ଅର୍ଥ ପଚାରିଲେ । ଜଣାଗଲା ଯେ କେହି ତାର ଅର୍ଥ ବୁଝଂତି ନାହିଁ । କେବଳ ମାତ୍ର ଜଣେ କହିଲା, 'ମୁଁ ଜାଣେ । ସେ ଜଣେ ମାଲିକ ଯିଏ ଏ ପ୍ରଦର୍ଶନୀ ଚଳାଉଛି ।'

ଏଇ ଦୁଇଟା ହେଉଛି ବଡ଼ ଅସୁବିଧା । ବୁଦ୍ଧିଜୀବୀମାନଂକ ଭାଷାରେ ଲେଖିବା ହିଁ ଲେଖକମାନଂକର ଅଭ୍ୟାସ ହୋଇଯାଇଛି । ତାକୁ ଇ ସେମାନେ ସାହିତ୍ୟିକ ଭାଷା କହୁଛଂତି, ଅର୍ଥାତ୍, ବୈଠକଖାନାର ଭାଷା । ସେମାନଂକର ପ୍ରଧାନ ବିଷୟବସ୍ତୁ ହେଉଛି ପ୍ରେମ ଓ ଡ୍ରଇଂ-ରୁମ ନାଟକ । ଅପର ପକ୍ଷରେ ତୁମେ ଦେଖୁଛ, ସମାଜର ନିମ୍ନତମ ଶ୍ରେଣୀ ଯେଉଁମାନଂକ ସାଂସ୍କୃତିକ ମାନ ଅତି ନିମ୍ନରେ, କିଂତୁ ଯାହା ନିଶ୍ଚିତ ଭାବରେ ଖୁବ ଦ୍ରୁତ ବେଗରେ ଉପରକୁ ଉଠୁଛି । କିଂତୁ ବର୍ତ୍ତମାନ ଏହା ଖୁବ ତଳ ସ୍ତରରେ ରହିଛି । ଏହା ଆଂଶିକ ଭାବେ ପାଠକ ଓ ଲେଖକ ମଧ୍ୟରେ ବାଧା ସୃଷ୍ଟି କରୁଛି । ଅନେକ ସମୟରେ କବି ଯଥୋଚିତ ଗ୍ରାହକତା ପାଇ ପାରୁ ନାହିଁ । ତାର କାରଣ ପାଠକମାନେ ଠିକଭାବରେ ଧରିପାରୁ ନାହାଂତି, ସେ କଣ କହୁଛି ।

Digitized by srujanika@gmail.com

ତେଣୁ ସବୁବେଳେ ଏଇ ଦୁଇଟି ଅସୁବିଧା ରହିଯାଉଛି । ଗୋଟିଏ ହେଉଛି ଏପରି ଭାବେ ଲେଖିବାକୁ ହେବ ଯେ, ଯଦ୍ୱାରା ତମର ମାନ (Standard) କ୍ଷୁଣ୍ଣ ହେବ ନାହିଁ ଅଥଚ ପାଠକଂକ ନିକଟରେ ତାହା ନିର୍ମଳ ଏବଂ ପରିଷ୍କାର ଭାବେ ପ୍ରତିଭାତ ହେବ । ଦ୍ୱିତୀୟଟି ହେଉଛି, ଲେଖକକୁ ଠିକ୍‌ଭାବରେ ବୁଝିବାକୁ ହେବ ।

ଏଇ ପ୍ରଦର୍ଶନୀର ଉଦ୍ଦେଶ୍ୟ ହେଉଛି, ଲେଖକ ଯେ କ୍ଷୟିଷ୍ଣୁ (decadent) ନୁହେଁ, ଏହା ପ୍ରମାଣ କରିବା । ଲେଖକର କାବ୍ୟ କବିତା ଛପା ହେବା ପରେ ଧୂଳିରେ ନଷ୍ଟ ହେବା କାହାର ଅଭିପ୍ରେତ ନୁହେଁ । ଜଣେ ବିପ୍ଳବୀ ଲେଖକକୁ ଦୈନଂଦିନ ଜୀବନପ୍ରବାହ ତଥା ସମାଜବାଦ ନିର୍ମାଣ କାର୍ଯ୍ୟରେ ସକ୍ରିୟଭାବରେ ସାହାଯ୍ୟ କରିବାକୁ ହେବ ।

ସୌନ୍ଦର୍ଯ୍ୟବାଦୀମାନେ ମୋତେ ଆକ୍ଷେପ କରି କହଂତି, 'ତୁମେ ଖୁବ୍ ଚମତ୍କାର ଲେଖୁଥିଲ । "ଟ୍ରାଉଜର-ପିଂଧା ମେଘ ଖଂଡେ" ଏବଂ ସେଇପରି କେତେ କଣ ? କିଂତୁ ଏବେ ତୁମ ଲେଖା କି ବାଜେ !' ମୁଁ ସବୁବେଳେ କହେ, 'କବିତା ଦୁଇ ପ୍ରକାର । ଗୋଟିଏ ହେଉଛି ଗୀତମୂଳକ ଏବଂ ଅନ୍ୟଟି ହେଉଛି ଜନସାଧାରଣଂକ ପାଇଁ ଉଦ୍ଦିଷ୍ଟ । ଦ୍ୱିତୀୟ ପ୍ରକାର କବିତା ଶ୍ରମିକଶ୍ରେଣୀର ହାତହତିଆରରେ ସଜ୍ଜିତ ହେବା ଦରକାର । କାରଣ ଏହା ସେମାନଂକର କବିତା ।

ଅନେକ ସମୟରେ କୁହାଯାଇଥାଏ, କବି କାରଖାନାରେ ରହି କିପରି ଉତ୍ପାଦନ ହୁଏ, ତାହା ଶିଖିବା ଦରକାର । ତା' ନ ହେଲେ ସେ ଖାଲି ନୋଟ୍‌ବୁକ୍‌ରୁ ଯାହା ଲେଖିବ, ତାହା ବାସ୍ତବ ସଂଗେ ଖାପ ପାଇବ ନାହିଁ । ତାହା ଉପରଠାଉରିଆ ଏବଂ ସଂବାଦପତ୍ରୋପଯୋଗୀ ଉଦ୍‌ଗୀରଣରେ ପରିଣତ ହେବ । ମୋର ମନେ ହୁଏ, କବି କାରଖାନାରେ ଯାଇ ଉତ୍ପାଦନ କରୁ ବା ନ କରୁ ଅଂତତଃ କାରିଗରମାନଂକର ନିତିଦିନିଆ ଘଟଣାମାନଂକ ସଂଗେ ପରିଚିତ ହେବା ବାଂଛନୀୟ । କାରଖାନାରେ ଶ୍ରମିକମାନଂକର ନିରାପତ୍ତା, ଯଂତ୍ରପାତି ଭିତରେ ହାତ ନ ପୂରାଇବା ପାଇଁ ସାବଧାନତା ଏବଂ ବୈଦ୍ୟୁତିକ କରେଂଟ୍‌ରୁ ନିଜକୁ ନିରାପଦ ରଖିବା ବିଷୟରେ ଶ୍ରମିକର ଚେତନା ସଂବଂଧରେ ସେ ଭଲ ଭାବରେ ଜାଣିବା ଉଚିତ ।

ମୋର ଲେଖନୀର ଆବେଦନ କୌଣସି ଲଂବା-ବାଳ ରଖିଥିବା ଲିରିକ୍ ଲେଖକଠାରୁ କମ ନୁହେଁ । ମୁଁ କାହିଁକି ଖାଲି ଜ୍ୟାକ୍ ଏବଂ ଜିଲ୍‌ଂକ ପ୍ରେମ ବିଷୟରେ କବିତା ଲେଖୁଥିବି ? ନିଜକୁ କାହିଁକି ଏକ ନୂତନ ଜୀବନର ସ୍ରଷ୍ଟା ବୋଲି ମନେ

Digitized by srujanika@gmail.com

ନ କରିବ ? ଏ ପ୍ରଦର୍ଶନୀ ପ୍ରମାଣ କରିଦେବ ଯେ କବି କେବଳ ପ୍ରେମଗାଥାର ଗାୟକ ଏକ କୁଂଚୁକୁଂଚିଆ ଲୋମବିଶିଷ୍ଟ ମେଣ୍ଢାଶାବକ ନୁହେ । ସେ ତୀକ୍ଷ୍ଣ ଶ୍ରେଣୀ ସଂଘର୍ଷ ସମୟରେ ସର୍ବହରାର ଅଗ୍ନି-ଉତ୍ସବରେ ନିଜ ଲେଖନୀକୁ ଉତ୍ସର୍ଗ କରିଥାଏ ଏବଂ ଅପରିଷ୍କାର ବା କଠିନ ବୋଲି କୌଣସି ବିଷୟବସ୍ତୁକୁ ଫୋପାଡ଼ି ଦିଏ ନାହିଁ । ସେ ବିପ୍ଳବ ସଂବଂଧୀୟ ବିଷୟ ହେଉ କିଂବା କୃଷିସଂଗଠନ ବିଷୟକ ହେଉ, କୌଣସି ବିଷୟକୁ ଅପାଂକ୍ତେୟ ମନେକରେ ନାହିଁ ।

ମୋ ଜୀବନରେ ମୁଁ ମଝିରେ ମଝିରେ ଦୁଇ ତିନି ବର୍ଷ ପର୍ଯ୍ୟଂତ କବିତା ଲେଖାଲେଖି ବଂଦ କରି ଦେଇଛି । ସେଇ ସମୟ ଭିତରେ ମୁଁ ଚିତ୍ରବିଦ୍ୟା, ଅଂକନ ଆଦି କାର୍ଯ୍ୟରେ ନିଜକୁ ନିଯୁକ୍ତ କରିଛି । କେବଳ ୧୯୧୨-୧୩ ଠାରୁ ମୁଁ ମୋର ଲେଖାମାନ ପ୍ରକାଶ କରିବାକୁ ଆରଂଭ କରେ ।

୧୯୧୨ରେ ଲେଖା ବହୁତ କିଛି ମୁଁ ତୁମମାନଂକୁ ଆଗରୁ ପଢ଼ି ଶୁଣାଇଛି ।

ମୋର ବର୍ତ୍ତମାନ କାଳର ଲେଖାକୁ ଅନେକେ ପ୍ରଚାରମୂଳକ, ଶୁଷ୍କ ଏବଂ ବର୍ଣ୍ଣହୀନ ବୋଲି ମନ୍ତବ୍ୟ କରିଥାଂତି । ସେମାନେ କହଂତି, ଆଗାମୀ ବଂଶଧରମାନେ ମୋତେ ଗ୍ରହଣ କରିବେ ନାହିଁ । ମୁଁ ଅନାଗତ ପୁରୁଷମାନଂକ ସଂଗେ ପ୍ରତ୍ୟକ୍ଷ ଭାବରେ କଥା କହିବାକୁ ଚାହେଁ । ମୋର ସମାଲୋଚକମାନେ ସେମାନଂକୁ ଭବିଷ୍ୟତ ଯୁଗରେ କଣ ବୁଝାଇବେ, ସେଥିପାଇଁ ଅପେକ୍ଷା କରିବାକୁ ମୁଁ ରାଜି ନୁହେଁ ।

ମୋର ଏଇ କବିତାଟି "ସପ୍ତମ ସ୍ୱରେ" ('At the Top of My Voice') ଆଗାମୀ ପୁରୁଷମାନଂକୁ ମୋର ସଂବୋଧନ । (ଏହା ପରେ ମାୟାକୋଭସ୍କି କବିତାଟି ପାଠ କରି ଉପସ୍ଥିତ ଶ୍ରୋତୃମଂଡଳୀକୁ ଶୁଣାଂତି···)

• • •

Digitized by srujanika@gmail.com

'AT THE TOP OF MY VOICE'

ସପ୍ତମ ସ୍ୱରେ *

(୧୯୩୦)

(ପ୍ରଥମ ପଂଚବର୍ଷୀୟ ଯୋଜନା ଉପରେ ଲିଖିତ କବିତାର ଅଂଶ)

ଅତିମାନ୍ୟ
ସାଥିଗଣ, ବଂଶଧରଗଣ !
ହେ ଆଗାମୀ ପୁରୁଷ ସକଳ !
ଆମ ସମସାମୟିକ
ଶିଳାଭୂତ
ଆବର୍ଜନା ଖୋଳି
ହୁଏତ କରିବ ତୁମେ
ମୂଲ୍ୟାୟନ
ବହୁ ମୃତ ଶତାବ୍ଦୀର ଗର୍ଭେ—
ପଢ଼ିବ, ଥିଲା ବୋଲି
ମାୟାକୋଭସ୍କି ଜଣେ ।
ତମର ପଣ୍ଡିତମାନେ
ବହୁ ତଥ୍ୟ ପାଂତି
କରିବେ ପ୍ରକାଶ ।
ନାନା ପ୍ରଶ୍ନ, ତତ୍ତ୍ୱ, ଆଉ କିଂବଦନ୍ତୀ ସବୁ ।
ହୁଏତ କହିବେ—
"କେବା ଗାୟକ ଥିଲା ଜଣେ
ରକ୍ତ ଯାର ଟକ ଟକ ଫୁଟେ ।
ଘୃଣା କରେ ଯିଏ ଯାହା
ଥଣ୍ଡା ଆଉ କଂଚା ।"

* ଏ କବିତାଟି ୧୯୩୦ ସାଲରେ କବିଙ୍କର ଆତ୍ମହତ୍ୟା କରିବାର ଅଳ୍ପ ଦିନ ଆଗରୁ ଲେଖାଯାଇଥିଲା । ସେ ଏପ୍ରିଲ ତା୧୪ରେ ଆତ୍ମହତ୍ୟା କରନ୍ତି ।

Digitized by srujanika@gmail.com

ତମ ଅଧ୍ୟାପକେ
ଚଣମାର ବାଇସାଇକେଲ୍ ଫ୍ରେମ
କହିପିବେ କେତେ କଣ ।
ମୁଁ ନିଜେ ଦେଉଚ ବୁଝାଇ
ତୁମଂକୁ ମୁଁ କଣ ?
ମୁଁ ଏକ ସ୍ୟାନିଟାସ୍ଟ ଇନ୍‌ସପେକ୍‌ଟର ।
ଏବଂ ପାଣିବୁହାଳୀ
ଯୁଦ୍ଧକ୍ଷେତ୍ରେ ।
ବିପ୍ଳବ କରିଚ ମୋତେ ସୈନ୍ୟଶ୍ରେଣୀଭୁକ୍ତ ।
ମୁଁ କବିତାର ଉଦ୍ୟାନବିଦ୍ୟା
ଓ ଉପବନ ଛାଡ଼ି
ଆସିଅଛି ଚାଲି ।
କବିତା ସୁଂଦରୀ ବଡ଼େ ମେସ୍ତ
ଗୋଲାପଟି ପରି ।
ମେସ୍ତ ! ମେସ୍ତ !
କି ରକମ ବଢ଼ୁଚି ବଗିଚ୍ଚ !
କିଏ ଥିଂଚେ ସଂଗୀତର ପାଣି,
କିଏ କରୁଛି ଭଡ଼ ଭଡ଼ କରି
ଢିଏ ଚାଲି ଓଠ ।
କୁଂଚୁକୁଂଚୁ-କେଶ ମାତ୍ରାଇକ୍‌ମାନେ *
ମଥା ପାଗଳିଆ କୁଦ୍ରେଇକମାନେ „
ତାଇ—ତନା—ତାଇ—ତନା ।
ତ—ନା—ନା—
ସେ ସବୁ ଗୋଲାପଙ୍କୁ
ବେଶୀ କିଛି ସମ୍ମାନ ମିଳେନା ।
ମୋ ନିଜ ଭସ୍‌କର-ମୂର୍ତ୍ତି ଉଠେ ମୁଂଡ ଟେକି
ସ୍କୋୟାରେ, ପାର୍କରେ,
ଯକ୍ଷ୍ମାର ଜୀବାଣୁ ଯହିଁ,

---

* ମାତ୍ରାଇକ୍, କୁଦ୍ରେଇକ୍ ଦୁଇ ଜଣ ସମସାମୟିକ କବି ଯେ ଅଳ୍ପ ସ୍ୱଦୂର୍ବଳିଯେ ବିସ୍ମୃତ ।

Digitized by srujanika@gmail.com

ପତିତା ଓ ଗୁଂଡାଂକର ଆଡ୍ଡା,
ଉପଦଂଶ କୀଟ ।
ମୋର ଦାଁନ୍ତ
କଡ଼ମଡ଼ ହୁଏ ।
ତମ ପାଇଁ ଲେଖିବାକୁ ପ୍ରେମଗୀତ
ଇଚ୍ଛା ହୁଏ ।
ତେଂଣୁ ମୁଁ ନିଜକୁ ସଂଭାଳେ,
ମୋ ନିଜ ଗଳାକୁ ଚିପେ ନିଜ ଗୋଟେଡ଼ ଦଳି

ହୁଃ ! ଶୁଣ
ହାଥୀ ଆଉ ବଂଶଧର,
ଉତ୍ତରାଧିକାରୀ !
ମୁଁ ଜଣେ ଆଂଦୋଳନକାରୀ
ଲଜ୍ଜିତ୍ ସ୍ମୋକର-ଇନ୍-ଚିଫ୍ ।
ପ୍ରଳୟ-ପ୍ରଳାପରତ,
ବଧିର କୁହାଳୀ
ମୁଁ ବାଢ଼ିଚି କବିତା ଅଂଜଳି;
ଜୀଅଂତା ମଣିଷ ସଂଗେ
ଜୀଅଂତା ଲୋକର କଥା ପଣ ।
ମୁଁ ଆସିବ ତୁମ ପାଖେ
ସୁଦୂର ଦିଗଂତେ ।
କମ୍ୟୁନିଷ୍ଟ କାଳ-ସଂଧି ପ୍ରାଂତେ ।
ସ୍ପେସେନନ୍‌ଙ୍କ ଛଂଦୋବଦ୍ଧ ଯଥାପୂର୍ଣ୍ଣ
ରାଜପୁତ୍ର ନୁହେ
ମୋ କବିତା ।

ଅନେକ ଯୁଗର ଚୂଡ଼ା
ଛୁଇଁ ମୋର ଅଂତର୍ଲିପି ସଂଗୀତର ଧାରା
ଖେଳାଏ ମୂର୍ଚ୍ଛନା ।
ମୋ କବିତା ଅତନୁର
ପୁଷ୍ପଶର ନୁହେ ।
ଦଶରା·ରେଜିକ ପଣ

Digitized by srujanika@gmail.com

ଆସେ ନା ସେ ମୁଦ୍ରାବଦ୍ଧ ପାଖେ,
ମୃତ କେଉଁ ନକ୍ଷତ୍ରର
ଆଲୋକ ବି ନୁହେ ।
ମୋ କବିତା
ଶ୍ରମ ସାଥେ
ଉଛୁଳେ ଗଭୀରେ,
ସହସ୍ରାଂତ ବର୍ଷର ଝିଲ୍ଲଣେ ।
ଚଂତାକୁଳ
ଶିଳା-ରୁକ୍ଷ
କାଳର ଧୂସର
ଲିପି ପରି ।
ଯେଉଁପରି
ମାଟିତଳେ
ଜଳବାହୀ ନଳମାନ
ରୋମର
ଦାସମାନେ ପୋଢିଥିଲେ
ଦୃଢ଼େ କେଉଁ ଦିନ ।
ଅୟୁମାର ବନ୍ଧୁ କୂଢ଼େ
ଆବିଷ୍କାର କରିବ ବା ତୁମେ;
ଭୂଗର୍ଭେ ନିହିତ କେଉଁ କବିତାର
ଲୌହ ଗୀତ-ଛଂଦ ।
ଆସ୍ତେ କଂରୁ ଧରିବଟି ତାକୁ
ଅତି ଯତ୍ନେ
ଯେପରି ଯତ୍ନରେ ଧରାଯାଏ
ସୁପ୍ରାଚୀନ ଅଥଚ ଭୟଂକର ଅସ୍ତ୍ରଗଣେ ।
ମୋର ଶବ୍ଦମାନେ
ସୁଲଳିତ କାନେ ଅନଭ୍ୟସ୍ତ,
କିଛି ଅଶ୍ଳୀଳତା ଆଉ
ଉନ୍ମାଦନା ମିଶା କାବ୍ୟେ ଯାହା ମସ୍ତ ।
ତେଣୁ ମୋ ରଚନା
ନୁହଇ ଆମୋଦକର

Digitized by srujanika@gmail.com

ନୂର୍ଣ ଟେବୁଲରେ ଟଂକା ନସ୍ତୀହ୍ନ କାନକୁ ।
ମୁଁ ପ୍ୟାରେଡ୍‌ରେ
ସୈନ୍ୟଙ୍କର ପୃଷ୍ଠା ଖୋଲେ ।
ସେମାନଙ୍କ ଲାଇନ୍‌କୁ
ସମୀକ୍ଷଣ କରେ ।
ମୋ କବିତା ସୀସା ପରି
ଘଷ୍ଟ ଅକ୍ଷରରେ
ଛୁଡ଼ା ହୁଏ ।

ମୃତ୍ୟୁ ପାଇଁ
ଏବଂ ମୃତ୍ୟୁହୀନ ଗୌରବ ପାଇଁ
ପ୍ରସ୍ତୁତ ସେ ସିଏ ।
ସେମାନେ ବନ୍ଧୁକ ମୁହଁ
ନିର୍ଗତ ଧୂଆଁ ର
ତୀକ୍ଷ୍ଣ ଧୃତ୍‌କାର,
ମୋ କଳାର ଅଶ୍ୱାରୋହୀ
ବାହିନୀ ପଛରୁ
କହେ 'ହୁସିଆର' ।

ମୋର ଛନ୍ଦ, ଧ୍ୱନିମେଳ
ଏକ ଏକ ବର୍ଛାର ଫଳକ ।
ବିଂଶ ସାଲ ଅକ୍ଲାନ୍ତରେ
କରିଛନ୍ତି ସଂଗ୍ରାମ ଏକକ ।
ମୋର ଶେଷ ପୃଷ୍ଠା ଯାଏ
ପ୍ରତିଟି ଲାଇନ
ତୁମକୁ ଉତ୍ସର୍ଗ କରେ
ମୋ ଗ୍ରହର ସର୍ବହରା ଶ୍ରେଣୀ !
ଶ୍ରମିକ ଶ୍ରେଣୀର ଶତ୍ରୁ
ମୋର ସେ ତ ଆଗ ଦୁସମନ ।
ପ୍ରାଚୀନ, ବିସ୍ଥାନ ।
ରକ୍ତ-ଲାଲ ନିଶାଣରେ ତଳେ
ଚାଲିଛୁଁ ଆଗକୁ ।

Digitized by srujanika@gmail.com

ପଢ଼ିଅଛୁଁ ମାର୍କସ, ଇଂଗଲସ୍,
ପ୍ରତି ଗ୍ରଂଥ ଆମର ନିବାସ ।
ନ ପଢ଼ି ବୁଝିଛୁଁ ସବୁ କିତାବ କର୍ଯୀସ ।
ଆମେ କାହା ପଟେ ଏବଂ କାହା ବିପକ୍ଷରେ
ଏ ଦ୍ୱଂଦ୍ୱର ତତ୍ତ୍ୱ ଆମେ ନ ପଢ଼ି ହେଗେଲେ
ବୁଝିଅଛୁଁ ମର୍ମେ ମର୍ମେ ।
ଯେତେବେଳେ
ଶୋଷକର ଧୂମ୍ର ଆକ୍ରମଣେ
          ପଛଘୁଂଚୁ ଦେଲୁଁ ।
ସେମାନେ ବି ସେଇପରି ଦିନେ
          ଆମ ଆକ୍ରମଣେ ଛତ୍ରଭଂଗ ଦେଇଥିଲେ ଯେବେ ।

ଯଣ !
ସେ ଏକ ବିଧବା ପରି କ୍ଷୀଣା ଶୋକାତୁରା
ପ୍ରତିଭାର ମୃତ୍ୟୁ ପରେ ହୁଏ ଆତ୍ମହରା
ଗାଇ ଏକ କରୁଣ ଗୀତିକା ।
ହେ ମୋର କବିତା !
          ବରି ନିଅ ମରଣକୁ ଆଜି ।
          ସିପାହିଟି ପରି ।

ଅଜଣା ଓ ଅଗଣିତ ଆମର ଅଗ୍ରଣୀ
          ଯେଉଁପରି ମଲେ ଅକ୍ଷୌହିଣୀ ।
ନରକକୁ ଯାଉ
          ବ୍ରୋଂଜ ଓ ଧାତୁର ମୂର୍ତ୍ତି,
ସମ୍ମାନ ନେଉ
          ମାର୍ବଲର ଯାବତୀୟ କୀର୍ତ୍ତି ।
ଆମେ ସବୁ ଏକ ହେବା
          ଆମେ ସାଥୀ, ଆମେ ଯେତେ ଭାଇ

ଏକ ସ୍ମୃତିସ୍ତଂଭ ରହୁ
          ଯେତେ ଆମେ, ସମସ୍ତଂକ ପାଇଁ ।
          ସମାଜବାଦର ରଣେ ।

Digitized by srujanika@gmail.com

ହେ ଖ୍ରିଷ୍ଟ !
ତୁମ କ୍ରୁଶକାଠେ
ବ୍ଲୁରଣୀ କୂଳ ଝୁଲି ଝୁଲି
ଯେତେ ଶବ ଆଜି ଏଠି ଆସେ
'ବେଶ୍ୟା',
'ଯକ୍ଷ୍ମା',
"ବ୍ଲକେଡ୍" ଯେପରି,
ତମ ପାଇଁ
ଯିଏ ଏଡ଼େ ସ୍ୱାସ୍ଥ୍ୟବାନ,
ତୀକ୍ଷ୍ଣ, ଗତିଶୀଳ,
ଏକ କବି
ଗୃହିଥିଲା
ନବଜୀବନ ଏଠାରେ ଯକ୍ଷ୍ମାର,
ପ୍ଲ୍ୟାକାର୍ଡ଼ର ରୁକ୍ଷ ଆଉ ଅମାଜିତ ଜିଭେ
ଆଉ ସେଇ ଜିଭର ବାଣୀରେ ।
ବର୍ଷ-ଲାଂଗୁଡ଼ରେ;
ଦେଖାଯିବ ବହୁ ବର୍ଷ ପରେ
ଏକ ଦୀର୍ଘପୁଚ୍ଛ ରାକ୍ଷସ ପରି ମୁଁ
ପୁରାତନ ବରଫ ଯୁଗର ।
ତେଣୁ ଆସ,
କମ୍ରେଡ୍ ଜୀବନ !
ଗଳା ଫାଡ଼ି
କରିବା ଗର୍ଜନ
ପଂଚବର୍ଷ ଯୋଜନାର ଅବଶିଷ୍ଟ ଦିନ ।
ମୋର ନାହିଁ
ଏକ ବି ରୁବେଲ
କବିତାରୁ ବଂଚା ।
ବଢ଼େଇ ପଠାଏ ନାହିଁ
ଘରେ ଆସବାବ ।
ଏକମାତ୍ର ଲେଡ଼ା ମୋର
ଇସ୍ତୀକରା ଖଂଡେ
ସଫା-ସାର୍ଟ ।

Digitized by srujanika@gmail.com

ଆଉ କିଛୁ ପାଇଁ ମୁଁ
        କରେନା ଖାତିର ।
ମୁଁ ଯେବେ ଦେଖା ଦେବି
        ଆଗାମୀ କାଳର
ସି—କା—କାର * ଜଣେ,
ଯଥ ଅଭ ଯମଳର ଦ୍ୱନ୍ଦର ମେଲାର
        ଯୋଡ଼ାଚମ, ପଦଯୋଡ଼ା ଚୋଷ୍ଟୀର ଉପରେ
ମୁଁ ଟେକିବି ଉଚେ ଧରି
        ବଲଶେଭିକ ପାର୍ଟି-କାର୍ଡ଼ ପରି
                ଶତ ଶତ ଗ୍ରଂଥ ମୋର
                        କମ୍ପାର୍ଟି ପଦ୍ୟର ;

(ଶ୍ରୋତାମାନଙ୍କର ଉଚ୍ଛ୍ୱସିତ ପ୍ରଶଂସା ଏବଂ ତାଳିପ୍ କଣାଂତ । ତାପରେ ମାୟାକୋଭସ୍କି କହୁଂଛ :)

'ମୁଁ ତମ ଆଗରେ ମୋର ଶ୍ରେଷ୍ଠ ଏବଂ ସର୍ବାପେକ୍ଷା କଠିନ କବିତାଟି ପଢ଼ି ଶୁଣାଇଲି । ଏହା ତମର ପସଂଦ ହୋଇଛି ଜାଣି ମୁଁ ଅତ୍ୟଂତ ଖୁସି ଏବଂ ଗର୍ବିତ । ନିଜର କବିତାର ମାନକୁ ନିମ୍ନଗାମୀ ନ କରି ଯେ ଶ୍ରମିକ ଶ୍ରେଣୀର ପାଠକମାନଂକ ପାଇଁ କବିତା ଲେଖାଯାଇପାରେ, ଏ ବିଶ୍ୱାସ ଏହାଦ୍ୱାରା ଦୃଢ଼ତର ହୋଇଛି ।'

ସଭାପତି: ବଂଧୁଗଣ ! ମାୟାକୋଭସ୍କି ଖୁବ୍ କ୍ଲାଂତ । ତାଂକର ନିଶ୍ଚୟ ବିଶ୍ରାମ ଦରକାର । ସେ ବିଶ୍ରାମ ନିଅଂତୁ । ଆମେ ଆଲୋଚନା ଚଳାଇବା ।

(ତା'ପରେ କିଛି ସମୟ ଧରି ଅଲୋଚନା ଚାଲେ ଏବଂ କେତେକ ଶ୍ରୋତା କେତୋଟି ପ୍ରଶ୍ନ ପଚାରଂତି । ମାୟାକୋଭସ୍କି ସେଗୁଡ଼ିକର ଜବାବ ଦେବା ପାଇଁ ଉଠଂତି ।)

ମାୟାକୋଭସ୍କି: ଏ ପ୍ରଦର୍ଶନୀ ଏକ ଜୁବିଲି ନୁହେଁ । ଏହା ଏକ କର୍ମତାଲିକା । ମୁଁ ଆତ୍ମସମାଲୋଚନାର ବିରୋଧୀ ନୁହେଁ । ଜଣେ ସାଥୀ ଏଠି ମତ ପ୍ରକାଶ କଲେ ଯେ ମୁଁ କ୍ଲାସିକ୍‌ମାନଂକୁ ଧ୍ୱଂସ କରି ପକାଉଛି ।

* C.C.C. The Central Control Committee of the Communist Party of the Soviet Union.

Digitized by srujanika@gmail.com

ମୁଁ କେବଳ କହୁଚି ଯେ କୌଣସି କ୍ଲାସିକ୍ ସବୁ ଯୁଗ, ସବୁ କାଳ [illegible] ନୁହେ । ସେସବୁ ପଢ଼ି ଏବଂ ସେମାନଂକୁ ସେମାନଂକ କାଳ ଭିତରେ ଭଲ [illegible] । କଂରୁ ସେଇ ସବୁ କ୍ଲାସିକ୍ ଭିତରେ ଯେଉଁସବୁ ସ୍ତୂପାକାର ବ୍ରୋଂଜ୍ ଓ [illegible]ଳ ରହିଚି, ତାହା ଯେପରି ପଥରୁଦ୍ଧ ନ କରେ ନବାଗତ ତରୁଣ ଲେଖକମା[illegible]ନର; କାରଣ ସେମାନଂକ ଆଗରେ ସମସ୍ତ କିଛି ପଡ଼ି ରହିଚି । ଏକଥା ପ୍ରତି ସଚେତନ ରହି । ମୁଁ ଖାଲି ମୋ ପାଇଁ କହୁ ନାଇ । ଯେଉଁ ହଜାର ହଜାର କବି ଓ [illegible]ଲେଖକ ଏହା ପରେ ଆସିବେ, ମୁଁ ସେମାନଂକ ସମସ୍ତଂକ ପାଇଁ ଏ କଥା କହୁଚି । ଯେଉଁ ଶ୍ରମିକ ଆଜି ଲେଖାପଢ଼ା ଜାଣେ ନାଇ ଅଥଚ କୋଡ଼ିଏ ବର୍ଷ ପରେ ଯିଏ ଆମକୁ ବି ଟପି ଯାଇପାରେ, ତାକୁ କିଏ କହିବ ଯେ ତୁ ଲେଖି ପାରିବୁ ନାଇ । ସେସବୁ କାମ କରିବା ପାଇଁ ମାୟାକୋଭସ୍କି ରହିଚି । ଏହା କ'ଣ ଏକ ପ୍ରକାଂଡ ମିଛ ନୁହେଁ ? ମୁଁ ଯଦି କ୍ଲାସିକ୍ ବିରୋଧରେ ସ୍ୱର ଉଠାଇଥାଏ ତ ସେମାନଂକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ନୁହେଁ, ବରଂ ସେମାନଂକୁ ଭଲ କରି ବିଶ୍ଳେଷଣ କରି ଅଧ୍ୟୟନ କରିବା ଉଦ୍ଦେଶ୍ୟରେ, ଯାହାଦ୍ୱାରା କି ସେମାନଂକୁ ଶ୍ରମିକ ଶ୍ରେଣୀର ଉପକାରରେ ବ୍ୟବହାର କରାଯାଇ ପାରିବ ।"

ମାୟାକୋଭସ୍କି ଏହାପରେ ନିଜର ଆଉ କେତୋଟି କବିତା ପାଠ କରଂତି । ତାପରେ ସେ ଏହା କହି କ୍ଷାଂତ ହୁଅଂତି :

"ଏଇଠି ବଂଦ କରିବା ବୋଧହୁଏ ଭଲ ହେବ । କାରଣ ମୋ ଗଳାର ଅବସ୍ଥା ମୋତେ ଆଉ ବେଶୀ ଦୂର ଆଗେଇବାକୁ ଦେବ ନାଇ ।"

(ଶ୍ରୋତାମାନଂକ ମାୟାକୋଭସ୍କିଂକୁ ଘନ ଘନ କରତାଳି ଦ୍ୱାରା ଆଂତରିକ ଅଭ୍ୟର୍ଥନା ଜଣାଂତି) ।

———

Digitized by srujanika@gmail.com

ପରିଶିଷ୍ଟ

॥ ୨ ॥

ଫ୍ୟାସିବାଦ ବିରୋଧରେ ମାୟାକୋଭସ୍କି

ମାୟାକୋଭସ୍କି ୧୯୩୦ ଖ୍ରୀଷ୍ଟାବ୍ଦରେ ଆତ୍ମହତ୍ୟା କରନ୍ତି । ମାତ୍ର ସେ ୧୯୨୬ ସାଲରେ ଫ୍ୟାସିବାଦର ବିଭିଷିକାମୟ ରୂପ ସ୍ପଷ୍ଟ ଦେଖିପାରିଥିଲେ । ୧୯୨୭ରେ ଲିଖିତ ଜନୈକ କବିତାରେ ମାୟାକୋଭସ୍କି ଫ୍ୟାସିବାଦର ବର୍ଦ୍ଧମାନ ଶିବିର ବିରୋଧରେ ସ୍ୱର ଉଠାନ୍ତି ଏବଂ ମଣିଷ ଜାତିକୁ ଏହା ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ସ୍ପଷ୍ଟ ଘୋଷଣା କରନ୍ତି ।

"Wherever
the earth
by sun is lit—
The slogan for all
should be the same—
Speak
to the fascists
with beyonet wit,
with words of bullets
and tongues of flame."

ଅର୍ଥାତ୍ :

"ପୃଥିବୀର
ଯେଉଁଠାରେ
ସୂର୍ଯ୍ୟାଲୋକ ପଡ଼େ,
ସମସ୍ତଙ୍କ
ଧ୍ୱନି ହେଉ
ଏକଇ ଶବ୍ଦରେ ।
ଫ୍ୟାସିଷ୍ଟଙ୍କ
ସଂଗେ
କଥା କହ
ସଂଗୀନ୍-ମୁନରେ ।
ଗୁଳିର ଆବାଜେ
ଆଉ ଅଗ୍ନେୟ ଭାଷାରେ ।"

Digitized by srujanika@gmail.com

୧୯୫୬ ଡିସେମ୍ବର ମାସରେ ଲାଲବାହିନୀର ଏକ ସୈନିକ ଏ. ପି. ମଟୋର ମାୟାକୋଭସ୍କି ମ୍ୟୁଜିୟମକୁ ଖଣ୍ଡେ ଚିଠି ଲେଖି ଜଣାଏ ଯେ ଲେ... ପ୍ରତିରକ୍ଷା ବେଳେ ନାତ୍ସି ବୋମାର ଜଳନ୍ତା ଟୁକୁରା ବାଜି ତାର ପିଠିରେ ...ଧା ହୋଇଥିବା ଜିନିଷପତ୍ରର ପୁଟୁଳି ଖଣ୍ଡ ବିଖଣ୍ଡ ହୋଇଯାଏ । ସେ ପୁଟୁଳି... ଥିବା ମାୟାକୋଭସ୍କିଙ୍କ କବିତାର ବହି ମଧ୍ୟ ବହୁ ସ୍ଥାନରେ ଚିରିଯାଏ । କେଉଁ... ପୃଷ୍ଠା ଛିନ୍ନଛତ୍ର ହୋଇ ଯାଇଛି, ତାର ଏକ ତାଲିକା ଦେଇ ଅଭ... ବହି ପଠାଇଦେବା ପାଇଁ ସୈନିକଟି ମ୍ୟୁଜିୟମ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରେ । ସେ ଛିଣ୍ଡାଯାଇଥିବା ବହି ଖଣ୍ଡିକ ମ୍ୟୁଜିୟମରେ ମହାଯୁଦ୍ଧର ଏକ ସ୍ମାରକୀ ରୂପେ ରଖିବା ପାଇଁ ପଠାଇଥାଏ ।

୧୯୪୨ରେ କାଟାନ୍ୟାନ୍ ଏ ପ୍ରସଙ୍ଗରେ କହିଛନ୍ତି, "ଆଜି ପୃଥିବୀକୁ ଯେଉଁ ଦାରୁଣ ମହାମାରୀ ଗ୍ରାସ କରିଛି, ତାର ଗନ୍ଧ ଆଜିକି ସତର ବର୍ଷ ପୂର୍ବେ ମାୟାକୋଭସ୍କି ପାଇଥିଲେ ଏବଂ ସେ ଖାଲି ନିଜ ଦେଶବାସୀଙ୍କୁ ନୁହେଁ, ସମଗ୍ର ମଣିଷ ଜାତିକୁ ଏଇ ଆଶୁ ବିପଦ ସମ୍ବନ୍ଧରେ ସାବଧାନ କରି ଦେଇଥିଲେ ।"

ମାୟାକୋଭସ୍କି ୟୁରୋପ ଓ ଆମେରିକାର ବହୁ ଦେଶ ତଥା ରାଜ୍ୟମାନଙ୍କରେ ବ୍ୟାପକ ପରିଭ୍ରମଣ କରନ୍ତି । ସେଇ ସମୟରେ ସେ ଫ୍ୟାସିବାଦର ଘନାୟମାନ ମେଘଖଣ୍ଡମାନଙ୍କୁ ଲକ୍ଷ୍ୟ କରିବାର ସୁଯୋଗ ପାଆନ୍ତି ଏବଂ ଏହା ଯେ ଦିନେ ପ୍ରଳୟଙ୍କର ରୂପ ଧାରଣ କରିବ, ଏ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ପୋଷଣ କରନ୍ତି । ତାଙ୍କର ଅଗ୍ରଗାମୀ ଚେତନାର ଉଚ୍ଚାରଣ ଭବିଷ୍ୟତ କଣ୍ଠରେ ସମ୍ପୂର୍ଣ୍ଣ ସତ୍ୟ ରୂପେ ପ୍ରକାଶିତ ହୋଇଛି ।

● ● ●

Digitized by srujanika@gmail.com